# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, September 1/2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କନିଆଁ ବେଶରେ ଆଲିଆ**

ଅଭିନେତ୍ରୀ ଆଲିଆ ଭଟ୍ଟ ଏକ ବିଜ୍ଞାପନ ଶୁଟିଂ ସେଟ୍‌ରୁ ନିଜର ଦୁଇଟି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ପ୍ରଶଂସକଙ୍କୁ ଚମକାଇ ଦେଇଛନ୍ତି। **୦୨**

**୧୮**

**ମୁକୁନ୍ଦଙ୍କ ଶ୍ରେଷ୍ଠ ପ୍ରଦର୍ଶନ**

ଭାରତୀୟ ଟେନିସ୍ ଖେଳାଳି ଶଶୀ କୁମାର ମୁକୁନ୍ଦ ତାଙ୍କ କ୍ୟାରିୟରରେ ପ୍ରଥମ ଥର ଏକ ଏଟିପି ଚ୍ୟାଲେଞ୍ଜର ଟୁରରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି।



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

### ■ ପ୍ରକାଶ ପାଇଲା ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକା

# ବାଦ୍ ପଡ଼ିଲେ ୧୯ ଲକ୍ଷ

**ଗୁଆହାଟୀ,୩୧।୮(ଆଇଏଏନ୍‌ଏସ୍)**

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବହୁପ୍ରତୀକ୍ଷିତ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଚୂଡ଼ାନ୍ତ ତାଲିକା ଶନିବାର ସକାଳେ ପ୍ରକାଶ ପାଇଛି। ଏଥିରୁ ଆସାମର ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଦ୍ ପଡିଛନ୍ତି। ଏନ୍‌ଆର୍‌ସି କର୍ତ୍ତୃପକ୍ଷଙ୍କ ଘୋଷଣା ଅନୁଯାୟୀ ଚୂଡ଼ାନ୍ତ ତାଲିକାରେ ୩ କୋଟି ୧୧ ଲକ୍ଷ ୨୧ ହଜାର ୪ ଜଣ ସାମିଲ ହୋଇଥିବାବେଳେ ୧୯ ଲକ୍ଷ ୬ ହଜାର ୬୫୭ ଜଣଙ୍କ ନାମ ନାହିଁ। ଯେଉଁମାନେ ସାମିଲ ହୋଇନାହାନ୍ତି ସେମାନେ ନିଜକୁ ନାଗରିକ ଭାବେ ଦାବି ଉପସ୍ଥାପନ କରି ନ ଥିଲେ। ତେବେ ଏନ୍‌ଆର୍‌ସିରେ ସାମିଲ ହେବା ପାଇଁ ପରବର୍ତ୍ତୀ ସମୟରେ ସେମାନେ ଟ୍ରିବ୍ୟୁନାଲ ଓ ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇନିଜ ନାଗରିକତ୍ୱର ପ୍ରମାଣ ଦେଇପାରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ହେବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପରେ ଆସାମ ଏନ୍‌ଆର୍‌ସି ତାଲିକା ଦ୍ୱିତୀୟ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ୫୨ ହଜାର କର୍ମଚାରୀ ନିୟୋଜିତ ଥିଲେ। ନୂଆ ତାଲିକାକୁ ନେଇ ସମ୍ଭାବ୍ୟ ଉତ୍ତେଜନାକୁ ଦୃଷ୍ଟିରେ ରଖି ରାଜ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିପାଇଁ ୨୧୮ କମ୍ପାନୀ ଅତିରିକ୍ତ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଥିଲା। କୌଣସି ସ୍ଥାନରେ ୪ରୁ ଅଧିକ ଲୋକ ଏକତ୍ର ହେବା ଉପରେ କଟକଣା ଜାରି କରାଯାଇଥିଲା। ପ୍ରକାଶିତ ଚୂଡ଼ାନ୍ତ ତାଲିକାରୁ ଆସାମର ଦ୍ୱିତୀୟ ପ୍ରଭାବଶାଳୀ ବିରୋଧୀ ଦଳ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍)ର ବିଧାୟକ ଅନନ୍ତ କୁମାର ମାଲୋ ଏବଂ ଅବସରପ୍ରାପ୍ତ ସେନା ଅଧିକାରୀ ବାଦ୍ ପଡିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମହମ୍ମଦ ସନାଉଲ୍ଲା ନାମକ ଏହି ଅଧିକାରୀ ସେନାରେ ଥିବାବେଳେ କଶ୍ମୀର ଏବଂ ମଣିପୁରରେ ଆତଙ୍କବାଦୀଙ୍କ ସହ ଲଢ଼ିଆସିଥିଲେ। ତେବେ ଗତ ମେ ମାସରେ ଫରେନର୍ସ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଗିରଫ କରାଯାଇ ୧୨ ଦିନ ଅଟକ ରଖାଯାଇଥିଲା। ଗୁଆହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଜାମିନରେ ଛଡ଼ାଯାଇଥିଲା। ଏବେ ବି ତାଙ୍କ ନାମରେ ମାମଲା ଚାଲିଛି। ଦେଶ ପାଇଁ ସେବା କରି କ'ଣ ପାଇଲି। ଜଣେ ଭାରତୀୟ ହୋଇ ମଧ୍ୟ ମୋତେ ବିଦେଶୀ ଘୋଷଣା କରାଯିବ, ତାହା କେବେ ବି ଭାବି ନ ଥିଲି ବୋଲି ସନାଉଲ୍ଲା କହିଛନ୍ତି। ☞ପୃଷ୍ଠା-୪



ନିଜ ନାମ ଯାଞ୍ଚ ପାଇଁ ଗୁଆହାଟୀସ୍ଥିତ ଏକ ସେବାକେନ୍ଦ୍ରକୁ ଯାଇଥିବା ଦୁଇ ମହିଳା ଦସ୍ତାବିଜ ଦେଖାଉଛନ୍ତି।

- ■ ହିନ୍ଦୁଙ୍କୁ ତଡ଼ିବାକୁ ଷଡ଼ଯନ୍ତ୍ର ହୋଇଛି: ରାଜ୍ୟ ଭାଜପା
- ■ ଲୋକଙ୍କୁ ଭୁଆଁ ବୁଲାଇବାକୁ ଭାଜପା ଉଦ୍ୟମ କରୁଛି: କଂଗ୍ରେସ
- ■ ଟ୍ରିବ୍ୟୁନାଲ ଓ ଉଚ୍ଚ ଅଦାଳତଙ୍କ ଦ୍ୱାରସ୍ଥ ହୋଇପାରିବେ ବାଦ ପଡ଼ିଥିବା ବ୍ୟକ୍ତି

# କମ୍ପାନୀ ଅଧିକାରୀ ଏବେ ସରକାରୀ ବାବୁ

**ନୂଆଦିଲ୍ଲୀ,୩୧।୮**

**କେନ୍ଦ୍ର ସରକାରଙ୍କ ପ୍ରଥମ ପଦକ୍ଷେପ**

- ■ ଯୁଗ୍ମ ସଚିବ ପଦରେ ୯ ଜଣଙ୍କୁ ନିଯୁକ୍ତି

ସାଧାରଣତଃ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ଆଇଆର୍‌ଏସ୍ ଅଫିସରମାନଙ୍କୁ କେନ୍ଦ୍ରରେ ଯୁଗ୍ମ ସଚିବ ନିଯୁକ୍ତ କରାଯାଇଥାଏ। ଏହା ବ୍ୟତୀତ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ତିନିପର୍ଯ୍ୟାୟ ଚୟନ ପ୍ରକ୍ରିୟା ମାଧ୍ୟମରେ ମଧ୍ୟ କେତେଜଣଙ୍କୁ ଏହି ପଦବୀ ପାଇଁ ବଛାଯାଇଥାଏ। ତେବେ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ଶୁକ୍ରବାର ଘରୋଇ କମ୍ପାନୀର ୯ ଜଣ ବିଶେଷଜ୍ଞଙ୍କୁ ବିଭିନ୍ନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ସେମାନଙ୍କ ନିଯୁକ୍ତିକୁ ଅନୁମୋଦନ କରାଯାଇଛି। ସେମାନେ ୩ ବର୍ଷ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିବେ ବୋଲି ସରକାରୀ ବିଜ୍ଞପ୍ତିରେ କୁହାଯାଇଛି। ସପ୍ତମ ବେତନ କମିଶନଙ୍କ ପେ' ମାଟ୍ରିକ୍ସର ସ୍ତର ୧୪ରେ ସେମାନେ ରହିବେ।

ଘରୋଇ କମ୍ପାନୀରୁ ଆସି କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ ନିଯୁକ୍ତି ପାଇଥିବା ଅଧିକାରୀମାନେ ହେଲେ କାକୋଲି ଘୋଷ(କୃଷି ମନ୍ତ୍ରଣାଳୟ), ଅମ୍ବର ଦୁବେ (ବେସାମରିକ ବିମାନ ଚଳାଚଳ), ଅରୁଣ ଗୋଏଲ (ବାଣିଜ୍ୟ), ରାଜୀବ ସାକ୍‌ସେନା (ଆର୍ଥିକ ବ୍ୟାପାର), ସୁଜିତ କୁମାର ବାଜପେୟୀ (ପରିବେଶ ଓ ଜଙ୍ଗଲ), ସୌରଭ ମିଶ୍ର (ଆର୍ଥିକ ସେବା), ଦିନେଶ ଦୟାନନ୍ଦ ଜଗ୍‌ଦଲେ (ଅକ୍ଷୟ ଶକ୍ତି), ସୁମନ ପ୍ରସାଦ ସିଂ (ସଡକ ପରିବହନ ଓ ଜାତୀୟ ରାଜପଥ) ଏବଂ ଭୂଷଣ କୁମାର (ଜାହାଜ ଚଳାଚଳ)। ଲାଟେରାଲ ଏଣ୍ଟ୍ରି ପଦ୍ଧତି ବା ଘରୋଇ କମ୍ପାନୀରୁ ବିଶେଷଜ୍ଞମାନଙ୍କୁ ଯୁଗ୍ମ ସଚିବ ପଦବୀରେ ନିଯୁକ୍ତି ପାଇଁ ଗତବର୍ଷ ଜୁନ୍‌ରେ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ପ୍ରଶାସନିକ ବ୍ୟବସ୍ଥା ମଧ୍ୟକୁ ନୂଆ ମେଧାବୀମାନଙ୍କୁ ଆଣିବା ପାଇଁ ନରେନ୍ଦ୍ର ମୋଦି ସରକାରଙ୍କର ଏହା ଅଭିନବ ପଦକ୍ଷେପ ବୋଲି କୁହାଯାଉଛି।

**ଆଜିର ସମ୍ପାଦକୀୟ**

ଭାରତର ପ୍ରମୁଖ ସମସ୍ୟା

**ଆଜିର ମନ୍ତବ୍ୟ**

" କଶ୍ମୀର ପ୍ରସଙ୍ଗର ସମାଧାନ ପାଇଁ ବିକଳ୍ପ ନୁହେଁ ଯୁଦ୍ଧ ।

-ଶାହ ମେହମୁଦ୍ କୁରେଶୀ, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁଲାଇ ସମୟରେ ଦେଶରୁ ସୂତା ଏବଂ କଟନ କପଡା ରପ୍ତାନି ୨୪% ହ୍ରାସ ଘଟିଛି।

- କଟନ ଟେକ୍ସଟାଇଲ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍






# ଆଜିଠୁ ନୂଆ ମୋଟର ଯାନ ଆଇନ

- ■ ବହୁଗୁଣା ହେଲା ଜରିମାନା ରାଶି
- ■ ବିନା ହେଲ୍‌ମେଟ, ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଗଲେ ୧ ହଜାର ଟଙ୍କା ଜରିମାନା
- ■ ଫିଟ୍‌ନେସ ନ ଥିଲେ, ବିପଦପୂର୍ଣ୍ଣ ଗାଡ଼ି ଚଳାଇଲେ ଦେବାକୁ ପଡ଼ିବ ୧୦ ହଜାର

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ରାଜ୍ୟରେ ନୂଆ ମୋଟର ଯାନ ଆଇନ-୨୦୧୯ ରବିବାରଠାରୁ ଲାଗୁ କରାଯିବ। ମୋଟର ଯାନ ଆଇନ ୧୯୮୮କୁ କେନ୍ଦ୍ର ସରକାର ସଂଶୋଧନ କରିଛନ୍ତି। ସଡ଼କ ପରିବହନ ବିଭାଗ ଦ୍ୱାରା ଲୋକମାନଙ୍କୁ ଉତ୍ତମ ସୁବିଧା ଯୋଗାଇଦେବାକୁ ଏଥିରେ ବ୍ୟବସ୍ଥା କରାଯାଇଛି। ଦୁର୍ଘଟଣାର ଶିକାର ଲୋକଙ୍କୁ ଉଦ୍ଧାର କରୁଥିବା ବ୍ୟକ୍ତିଙ୍କ ପାଇଁ ଏଥିରେ କେତେକ ସଂଶୋଧନ କରାଯାଇଛି। ଗାଡି ଧକ୍କାରେ ମୃତାହତ ଲୋକଙ୍କ ପାଇଁ ମୋଟର ଯାନ ଦୁର୍ଘଟଣା ସହାୟତା ପାଣ୍ଠି ଗଠନ କରାଯାଇଛି। ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ବୀମାଭୁକ୍ତ ☞ପୃଷ୍ଠା-୪

## ଆରମ୍ଭ ହେଲା ୨୦୩୫ ୱାର୍ଡ ଅଫିସ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଲୋକସେବା ଭବନରୁ ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ କେତେକ ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଯୋଜନା ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ଜରିଆରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳ ପାଇଁ ଏକାଧିକ କଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସରକାର ରାଜ୍ୟ ସହରାଞ୍ଚଳର ସମସ୍ତ ୨୦୩୫ ୱାର୍ଡରେ ୱାର୍ଡ ଅଫିସ ଶୁଭାରମ୍ଭ କରିଛନ୍ତି। ପ୍ରତ୍ୟେକ ୱାର୍ଡରେ ଜଣେ ଅଧିକାରୀ କାର୍ଯ୍ୟ କରିବେ। ସ୍ଥାନୀୟ ପୌରସଂସ୍ଥାର ପ୍ରଶାସନିକ ମୁଖ୍ୟ ଏହି ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରିବେ ବୋଲି ଜଣାପଡ଼ିଛି। ସାମୁଦ୍ରିକ ଝଡ ଫନୀ ପ୍ରଭାବିତ ପୁରୀ ସହରର କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ଅନ୍‌ଲାଇନରେ ସହାୟତା ରାଶି ମଧ୍ୟ ପ୍ରଦାନ କରିଥିଲେ। ଏଥିସହିତ କ୍ଷୁଦ୍ର ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ର, ବିଡିଏର ଅନ୍‌ଲାଇନ ପ୍ଲାନ ଅନୁମୋଦନ ବ୍ୟବସ୍ଥା, ଅନ୍‌ଲାଇନ ବିବାହ ପ୍ରମାଣପତ୍ର ବ୍ୟବସ୍ଥା କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରାଯାଇଛି।

(ବିସ୍ତୃତ ରିପୋର୍ଟ ପୃଷ୍ଠା-୪)


NECC NATIONAL EGG CO-ORDINATION COMMITTEE | 31.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 51 | 94 | 104 |
| BHM | 50 | 93 | 103 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers





ଅଚ୍ଛେଦିନ୍ କଥା କହୁଥିବା ଭାଜପା ସରକାର ଅର୍ଥନୀତିକୁ ପଙ୍କଚର କରିଛି। ଜିଡିପି ଅଭିବୃଦ୍ଧି ହାରରୁ ଏହା ବେଶ୍ ଅନୁମେୟ।
-ପ୍ରିୟଙ୍କା ଗାନ୍ଧୀ ଭଦ୍ରା,
କଂଗ୍ରେସ ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ନାଳକୁ ବସ୍ ଖସି ୨୪ ମୃତ



**ପେଶାୱାର, ୩୧।୮(ପି.ଟି.):** ଉତ୍ତର-ପଶ୍ଚିମ ପାକିସ୍ତାନରେ ଏକ ଯାତ୍ରୀବାହୀ ବସ୍ ପୋଲ ଭାଙ୍ଗି ନାଳରେ ଖସିପଡ଼ିବାରୁ ଏଥିରେ ଥିବା ୨୪ ଜଣଙ୍କ ପ୍ରାଣହାନି ଘଟିଛି। ଅନେକ ଶିଶୁ ଓ ମହିଳା ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୋଟ ୩୫ ଯାତ୍ରୀଙ୍କୁ ନେଇ ବସ୍‌ଟି ବାଗ୍‌ରୁଠାରୁ କାଣ୍ଡିଆ ଅଭିମୁଖେ ଯାଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଦୁର୍ଘଟଣାର କିଛି ସମୟ ପରେ ପୋଲିସ ଓ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ।

### ବିବେକ ଜୋହ୍‌ରି ବିଏସ୍‌ଏଫ୍ ଡିଜି



**ନୂଆଦିଲ୍ଲୀ, ୩୧।୮(ପି.ଟି.):** ଆଇପିଏସ୍ ଅଫିସର ବିବେକ କୁମାର ଜୋହ୍‌ରି ଶନିବାର ବିଏସ୍‌ଏଫ୍‌ର ୨୫ତମ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଏସ୍‌ଏଫ୍ ମୁଖ୍ୟାଳୟଠାରେ ୧୯୮୪ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡର୍‌ର ଏହି ଅଫିସର୍ ରଜ୍‌ନୀକାନ୍ତ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ 'ର'(ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ)ରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅଫିସର ଇନ୍ ସ୍ପେଶାଲ ଡ୍ୟୁଟି(ଏସ୍‌ଓଡି)ଭାବେ ସେ କାର୍ଯ୍ୟ କରିଥିଲେ। ଭୋପାଳରେ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଥିବା ଜୋହ୍‌ରି ସିବିଆଇରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ଆସନ୍ତା ବର୍ଷ ସେପ୍ଟେମ୍ବରରେ ଅବସର ନେବେ।

## ■ ଧମକ କାମ ଦେଲାନି, ନରମିଲା ପାକିସ୍ତାନ

# ବିକଳ୍ପ ନୁହେଁ ଯୁଦ୍ଧ

ଇସ୍‌ଲାମାବାଦ/ୱାଶିଂଟନ, ୩୧।୮(ପି.ଟି.)



ଶାହ ମେହମୁଦ କୁରେଶୀ

କଶ୍ମୀର ପ୍ରସଙ୍ଗକୁ ନେଇ ଯୁଦ୍ଧ ବିକଳ୍ପ ନୁହେଁ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଶନିବାର କହିଛନ୍ତି। ୩୭୦ ଧାରା ଉଚ୍ଛେଦ ପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତ ବିରୋଧରେ ବାରମ୍ବାର ପରମାଣୁ ଯୁଦ୍ଧର ଧମକ ଦେଇ ଅନ୍ତର୍ଜାତୀୟ ସମୁଦାୟକୁ ଉସୁକାଉଥିବା ବେଳେ କୁରେଶୀ ଭିନ୍ନ କଥା କହିଛନ୍ତି। ଭାରତର କଡ଼ା ଆଭିମୁଖ୍ୟ ଆଗରେ ପାକିସ୍ତାନ ହାର୍ ମାନି ଶେଷରେ ନରମିଛି। ବିବିସି ଉର୍ଦ୍ଦୁକୁ ସାକ୍ଷାତ୍‌କାର ଦେଇ କୁରେଶୀ କହିଛନ୍ତି

**୩୭୦ ଧାରାର ପୁନର୍ବିଚାର ନ ହେଲେ ଭାରତ ସହ ଆଲୋଚନା ହେବନି: ଇମ୍ରାନ୍**

ଯେ, ପାକିସ୍ତାନ କୌଣସି ଆକ୍ରମଣାତ୍ମକ ମନୋଭାବ ରଖିନାହିଁ। ଏହା ସବୁବେଳେ ଶାନ୍ତିକୁ ଗୁରୁତ୍ୱ ଦେଇଥାଏ। ଦ୍ୱିପାକ୍ଷିକ ଆଲୋଚନା ଲାଗି ପାକିସ୍ତାନ ସରକାର ଭାରତକୁ ବହୁବାର ଅନୁରୋଧ କରି ବିଫଳ ହୋଇଛି। ଭାରତ ଆଲୋଚନା ଟେବୁଲକୁ ଆସୁନାହିଁ। ଦୁଇ ପରମାଣୁ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। କଶ୍ମୀର ଏବେ ଅନ୍ତର୍ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଥିବା ସେ କହିଛନ୍ତି। ତେଣୁ ଶାନ୍ତିରକ୍ଷା ଲାଗି ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ଅନ୍ତର୍ଜାତୀୟ ସମୁଦାୟ ଏଥିଲାଗି ଆଗେଇ ଆସିବାକୁ କୁରେଶୀ କହିଛନ୍ତି। ପ୍ରକାଶଥାଉ କି, ପାକ୍ ପ୍ରଧାନମନ୍ତ୍ରୀ ପୁଣି ଶୁକ୍ରବାର ପରମାଣୁ ବୋମାର ଧମକ ଦେଇ ବିଶ୍ୱ ସମୁଦାୟକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଅନ୍ତର୍ଜାତୀୟ ସମୁଦାୟ କଶ୍ମୀରକୁ ନେଇ ମୁଣ୍ଡ ନ ପୂରାଇଲେ ଦୁଇ ଅଣୁ ଶକ୍ତିସମ୍ପନ୍ନ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧହେବା ନିଶ୍ଚିତ ବୋଲି ସେ କହିଥିଲେ। ଏହି ଯୁଦ୍ଧ ଲାଗି ବିଶ୍ୱ ସମୁଦାୟ ଦାୟୀ ରହିବେ ବୋଲି ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏନେଇ ନ୍ୟୁୟର୍କ ଟାଇମ୍ସରେ ଖବର ପ୍ରକାଶ ପାଇଛି। ଭାରତ ୩୭୦ ଧାରା ଉଚ୍ଛେଦ ନିଷ୍ପତ୍ତିରୁ ନ ଓହରିବା ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ଆଲୋଚନା ଅସମ୍ଭବ ବୋଲି ଇମ୍ରାନ ପ୍ରକାଶ କରିଛନ୍ତି। ଭାରତ ଗ୍ରହଣ କରିଥିବା କଶ୍ମୀର ନୀତିରୁ ହଟିବା ଲାଗି ବିଶ୍ୱ ଚାପ ନ ପକାଇଲେ ପରିସ୍ଥିତି ଭୟଙ୍କର ରୂପ ଧାରଣ କରିବ ବୋଲି ସେ ଚେତାଇଛନ୍ତି।

## ସେନା ବନ୍ଧୁକ ଧରିଲେ ୫୭୫ କଶ୍ମୀର ଯୁବକ

**ନୂଆଦିଲ୍ଲୀ, ୩୧।୮(ପି.ଟି.):** ଜମ୍ମୁ-କଶ୍ମୀରର ୫୭୫ ଯୁବକ ଶନିବାର ଭାରତୀୟ ସେନାରେ ସାମିଲ ହୋଇଛନ୍ତି। ଶ୍ରୀନଗରରେ ଅନୁଷ୍ଠିତ ପାସିଂ ଆଉଟ୍ ପରେଡ୍‌ରେ ଏହି ଯୁବକମାନଙ୍କୁ ସେନାରେ ସାମିଲ କରାଯାଇଛି। ଦେଶ ମାତୃକାର ସେବା ଲାଗି ଏହି ଯୁବକମାନେ ଆଗେଇ ଆସିଥିବାବେଳେ ଦେଶ ଲାଗି ଜୀବନ ଦେବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଆଗାମୀ ଦିନରେ ଏଭଳି ଅଭିଯାନ ଜମ୍ମୁ-କଶ୍ମୀରରେ ଜାରି ରହିବ ବୋଲି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅଶ୍ୱିନୀ କୁମାର ପ୍ରକାଶ କରିଛନ୍ତି। ୩୭୦ ଧାରା ଉଚ୍ଛେଦ ପରେ ଭାରତୀୟ ସେନାରେ ସାମିଲ ହେବା ଲାଗି ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। କଶ୍ମୀରବାସୀ ଏବେ ଟେକା ବଦଳରେ ସେନା ବନ୍ଧୁକ ଧରିବାକୁ ପସନ୍ଦ କରିଥିବା ସେ ପ୍ରକାଶ କରିଛନ୍ତି। ପାକ୍ ସମର୍ଥିତ ଆତଙ୍କବାଦୀମାନେ ନିୟନ୍ତ୍ରଣରେଖା ନିକଟରେ ଅନୁପ୍ରବେଶ ଲାଗି ଅପେକ୍ଷାରେ ଥିବାବେଳେ କଶ୍ମୀର ଯୁବକମାନେ ଭାରତୀୟ ସେନାରେ ଯୋଗଦେବା ଦେଶ ଲାଗି ଉତ୍ସାହ ଆଣିଦେଇଛି।



## ■ କେମିକାଲ୍ ଫାକ୍ଟ୍ରିରେ ବିସ୍ଫୋରଣ

# ୧୩ ଶ୍ରମିକ ମୃତ, ୫୮ ଆହତ



ମୁମ୍ବାଇ, ୩୧।୮(ପି.ଟି.)

ମହାରାଷ୍ଟ୍ରର ଧୁଲେ ଜିଲାସ୍ଥିତ ୱାଘାଦି ଗ୍ରାମରେ ଏକ କେମିକାଲ୍ ଫାକ୍ଟ୍ରି (ରାସାୟନିକ କାରଖାନା)ରେ ଶନିବାର ନାଇଟ୍ରୋଜେନ୍ ଗ୍ୟାସ ଭର୍ତ୍ତି ସିଲିଣ୍ଡର ବିସ୍ଫୋରଣ ହେବା ଫଳରେ ୧୩ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହାଯୋଗୁ ୫୮ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି। ସିଲିଣ୍ଡରରୁ କେମିକାଲ ଲିକ୍ ହେବାରୁ ସିରିଜ୍ ବିସ୍ଫୋରଣ ହେବା ସହ ଅନେକ କ୍ଷତି ଘଟିଛି। ବିସ୍ଫୋରଣ ବେଳେ କାରଖାନାରେ ଶତାଧିକ ଶ୍ରମିକ କାମ କରୁଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ବିସ୍ଫୋରଣ ପରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିବା ଜଣାପଡ଼ିଛି। ପୋଲିସ, ଅଗ୍ନିଶମ ବିଭାଗ, ଏସ୍‌ଡିଆର୍‌ଏଫ୍‌ର ମିଳିତ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଛି। ଦୁର୍ଘଟଣାସ୍ଥଳରେ ଏସ୍‌ପି, ଜିଲାପାଳ ଓ ବରିଷ୍ଠ ଅଧିକାରୀମାନେ

**ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ମିଳିବ ୫ ଲକ୍ଷ ସହାୟତା**

ପହଞ୍ଚି ସମୀକ୍ଷା କରିଥିବା ଜଣାପଡ଼ିଛି। ଏନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଗଭୀର ଦୁଃଖ ପ୍ରକାଶ କରିଥିବାବେଳେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି। ସମ୍ପୃକ୍ତ ରୁମିତ୍ କେମ୍‌ସିନ୍ଥ୍ କାରଖାନାରେ ଅତ୍ୟଧିକ କେମିକାଲ ବ୍ୟାରେଲ ଓ ଗ୍ୟାସ ରହିଥିବାରୁ ଏହା ବିସ୍ଫୋରଣ ହୋଇ ଭୟଙ୍କର ରୂପ ଧାରଣ କରିଥିଲା। ଆହତଙ୍କୁ ଧୁଲେ ସିଭିଲ୍ ହସ୍ପିଟାଲ ଓ ଶିର୍‌ପୁର କଟେଜ୍ ହସ୍ପିଟାଲକୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

## ଆଜିଠୁ ଭୋଟର ତାଲିକା ସଂଶୋଧନ

**ନୂଆଦିଲ୍ଲୀ,୩୧।୮:** ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହେଉଛି। ଏହା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଗୋଟିଏ ମାସ ଚାଲିବ। ଏହି ମେଗା ଭୋଟର ଯାଞ୍ଚ କାର୍ଯ୍ୟକ୍ରମରେ ପ୍ରତି ପରିବାରର ଜଣେ ସଦସ୍ୟ ଗୋଟିଏ ୟୁଜର୍ ନେମ୍ ଓ ପାସ୍‌ୱାର୍ଡ ପାଇବେ, ଯାହା ସହାୟତାରେ ସେ ନିଜର ତଥା ପରିବାର ସଦସ୍ୟମାନଙ୍କର ଭୋଟର ପଞ୍ଜୀକରଣ ସମ୍ପର୍କିତ ତଥ୍ୟ ଅପ୍‌ଲୋଡ କରିପାରିବେ ବୋଲି ଜଣେ ନିର୍ବାଚନ ଅଧିକାରୀ କହିଛନ୍ତି। ଏହାକୁ ବ୍ଲକ୍ ସ୍ତରୀୟ ଅଧିକାରୀ ଯାଞ୍ଚ କରିବେ। ୨୦୧୯ ଜାନୁୟାରୀ ୧ ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ହୋଇଥିବ ସେମାନେ ଭୋଟର ତାଲିକାରେ ନାମ ପଞ୍ଜୀକୃତ କରିପାରିବେ। କୌଣସି ଭୋଟରଙ୍କ ମୃତ୍ୟୁ ହୋଇଥିଲେ ସେମାନଙ୍କ ନାମ ତାଲିକାରୁ କାଟିଦିଆଯିବ। ସେହିପରି କେହି ନିଜର ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଚାହିଁଲେ କରିପାରିବେ। ଏଥିପାଇଁ ଭୋଟର ହେଲ୍ପଲାଇନ ଆପ୍ କିମ୍ବା ଏନ୍‌ଭିଏସ୍‌ପି ପୋର୍ଟାଲର ସହାୟତା ନେଇପାରିବେ। ଅକ୍ଟୋବର ୧୫ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ।

# ଅନିଶ୍ଚିତତାରେ ୧୯ ଲକ୍ଷଙ୍କ ଭବିଷ୍ୟତ

ଗୁଆହାଟୀ,୩୧।୮(ପି.ଟି.)

ଦୀର୍ଘ ପ୍ରତୀକ୍ଷା ପରେ ଆସାମ ପାଇଁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି, ଯେଉଁଥିରେ ୩ କୋଟି ୧୧ ଲକ୍ଷ ୨୧ ହଜାର ୪ ଜଣ ସାମିଲ ହୋଇଛନ୍ତି। ତାଲିକାରେ ସ୍ଥାନ ପାଇଥିବା ଲୋକେ ଦେଶର ପ୍ରକୃତ ନାଗରିକ ଭାବେ ଗଣ୍ୟ ହେବେ। ମୋଟ ୩ କୋଟି ୩୦ ଲକ୍ଷ ୨୭ ହଜାର ୬୬୧ ଜଣ ଆବେଦନ କରିଥିବାବେଳେ ସେଥିରୁ ୧୯ ଲକ୍ଷ ୬ ହଜାର ୬୫୭ ଜଣ ବାଦ୍ ପଡିଥିବା ଏନ୍‌ଆର୍‌ସି ରାଜ୍ୟ ଆବାହକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏବେ ପ୍ରଶ୍ନ ଉଠୁଛି ଯେଉଁ ୧୯ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ବାଦ୍ ପଡିଛନ୍ତି ସେମାନଙ୍କ ଭବିଷ୍ୟତ କ'ଣ ହେବ। ସେମାନେ ଭାରତରେ ରହିବେ ନା ବହିଷ୍କୃତ ହେବେ। ଏଭଳି ଅନିଶ୍ଚିତତା ମଧ୍ୟରେ ଏବେ ଆସାମର ୧୯ ଲକ୍ଷ ଲୋକଙ୍କ ଭବିଷ୍ୟତ।

ଶନିବାର ପୂର୍ବାହ୍ନ ୧୦ଟାରେ ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକା ଅନ୍‌ଲାଇନରେ ପ୍ରକାଶ ପାଇଛି। ଏଥିସହିତ ଏନ୍‌ଆର୍‌ସି ସେବାକେନ୍ଦ୍ର, ଉପକମିଶନରଙ୍କ କାର୍ଯ୍ୟାଳୟ ଏବଂ ସର୍କଲ ଅଫିସରଙ୍କ କାର୍ଯ୍ୟାଳୟରେ ସଂଯୋଗ ତାଲିକାର ହାର୍ଡକପି ଉପଲବ୍ଧ ହେଉଛି। ତାଲିକା ପ୍ରକାଶ ପାଇବା ପରେ ଶହ ଶହ ଲୋକ ଏହିସବୁ କାର୍ଯ୍ୟାଳୟ ଯାଇଥିବାବେଳେ କେତେକ ଅସନ୍ତୋଷରେ ଫେରିଥିବା

**ଲୋକଙ୍କୁ ଭୁଆଁ ବୁଲାଉଛି ଭାଜପା: ତରୁଣ ଗୋଗୋଇ**



**ବଙ୍ଗାଳୀଙ୍କୁ ତଡ଼ିବା ପାଇଁ ଉଦ୍ୟମ କରୁଛି କେନ୍ଦ୍ର: ମମତା**



**ଆସାମ ଏନ୍‌ଆର୍‌ସି**

ଦେଖାଯାଇଥିଲା। ଚୂଡ଼ାନ୍ତ ତାଲିକାକୁ ନେଇ ଶାସକ ଭାଜପା ସମେତ ବିରୋଧୀ ଦଳ କଂଗ୍ରେସ, ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନେକ ପ୍ରକୃତ ନାଗରିକ ତାଲିକାରୁ ବାଦ୍ ପଡିଥିବା ଅଭିଯୋଗ ହୋଇଛି। ତେବେ ଯେଉଁମାନଙ୍କ ନାଁ ତାଲିକାରେ ନାହିଁ ସେମାନେ ଭୟ କରିବାର କୌଣସି କାରଣ ନାହିଁ ବୋଲି ସରକାର ଆଶ୍ୱାସନା ଦେଇଛନ୍ତି। କାରଣ ସେମାନଙ୍କୁ ସଙ୍ଗେ ସଙ୍ଗେ ବିଦେଶୀ ଘୋଷଣା କରାଯିବ ନାହିଁ କି ଅଟକ ରଖାଯିବ ନାହିଁ। ସେମାନେ ଆଇନ ଅଦାଲତର ଆଶ୍ରୟ ନେଇପାରିବେ। ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରିବା ଲାଗି ସେମାନଙ୍କୁ ୪ ମାସ ସମୟ ଦିଆଯିବ। ଟ୍ରିବ୍ୟୁନାଲ ରାୟରେ ସନ୍ତୁଷ୍ଟ ନ ହେଲେ ସେମାନେ ଆସାମ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମଧ୍ୟ ଆବେଦନ କରିପାରିବେ ବୋଲି ସରକାର କହିଛନ୍ତି। ତେବେ କେତେଜଣ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ଯାଇପାରିବେ। କେତେଜଣଙ୍କୁ ପ୍ରକୃତ ନ୍ୟାୟ ମିଳିବ, ସରକାର କେତେଜଣଙ୍କୁ ଆଇନଗତ ସହାୟତା ଯୋଗାଇଦେଇପାରିବେ, ତାକୁ ନେଇ ପ୍ରଶ୍ନ ଉଠିଛି। ହିଂସାକାଣ୍ଡ ସୃଷ୍ଟି ହେବା ଆଶଙ୍କାରେ ସରକାର ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ସମ୍ବେଦନଶୀଳ ଅଞ୍ଚଳଗୁଡିକରେ କଟକଣା ଲାଗୁ କରିଛନ୍ତି।

ସରକାରଙ୍କ ୩୪ ବର୍ଷର ଉଦ୍ୟମ ସତ୍ତ୍ୱେ ଚୂଡାନ୍ତ ତାଲିକା ଲୋକଙ୍କୁ ଖୁସି କରିପାରି ନାହିଁ। ଏହା ବିରୋଧରେ ବିଭିନ୍ନ ମହଲରୁ ସ୍ୱର ଉଠିଛି। ହିନ୍ଦୁ ଯୁବଛାତ୍ର ପରିଷଦ ରାସ୍ତାକୁ ଓହ୍ଲାଇବା ସହ ଏନ୍‌ଆର୍‌ସି ତାଲିକା ପୋଡିଛି। ଏନ୍‌ଆର୍‌ସି ପାଇଁ ଭାଜପା ଦୀର୍ଘଦିନରୁ ଦାବି କରିଆସୁଥିବାବେଳେ ଚୂଡ଼ାନ୍ତ ତାଲିକାରେ ତ୍ରୁଟି ଥିବାନେଇ ଉକ୍ତ ଦଳର ରାଜ୍ୟ ଶାଖା ସମାଲୋଚନା କରିଛି। ଅନେକ ପ୍ରକୃତ ନାଗରିକ ବାଦ୍‌ପଡିଥିବାବେଳେ ବେଆଇନ ଭାବେ ବସବାସ କରୁଥିବା ଅଧିକାଂଶ ତାଲିକାରେ ସ୍ଥାନ ପାଇଥିବା ମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି। ଅନ୍ୟପକ୍ଷରେ ଶାସକ ଭାଜପା ତ୍ରୁଟିଶୂନ୍ୟ ଏନ୍‌ଆର୍‌ସି ପ୍ରସ୍ତୁତ କରିବାରେ ବିଫଳ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ ଅଭିଯୋଗ କରିଛନ୍ତି। ଏନ୍‌ଆର୍‌ସି ପ୍ରକାଶ କରି ଗୈରିକ ଦଳ ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛି ବୋଲି ସେ ସମାଲୋଚନା କରିଛନ୍ତି। ଏଥିରୁ ପ୍ରକୃତ ନାଗରିକ ବାଦ୍ ପଡିଥିବାବେଳେ ବିଦେଶୀ ସାମିଲ ହୋଇଥିବା ସେ କହିଛନ୍ତି।

ଏନ୍‌ଆର୍‌ସି ନାମରେ ବଙ୍ଗାଳୀମାନଙ୍କୁ ଆସାମରୁ ବିଦା କରିବାକୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଉଦ୍ୟମ କରୁଥିବା ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି। ତାଲିକାରୁ ବାଦ୍ ପଡିଥିବା ୧୯ ଲକ୍ଷ ଲୋକଙ୍କ ଦାୟିତ୍ୱ କେନ୍ଦ୍ର ସରକାର ନିଅନ୍ତୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ କହିଛନ୍ତି।

## ପୂର୍ବତନ ମନ୍ତ୍ରୀଙ୍କୁ ୭ ବର୍ଷ ଜେଲ, ୧୦୦ କୋଟି ଜରିମାନା

ମୁମ୍ବାଇ,୩୧।୮(ପି.ଟି.)

ମହାରାଷ୍ଟ୍ରର ବହୁକୋଟି ଟଙ୍କାର ଘରକୁଲ୍ ହାଉସିଂ ଦୁର୍ନୀତି ମାମଲାର ବିଚାର କରି ଧୁଲେ ଜିଲାର ସେସନ୍ସ କୋର୍ଟ ପୂର୍ବତନ ମନ୍ତ୍ରୀ ସୁରେଶ ଜୈନ ଏବଂ ଏନ୍‌ସିପି ନେତା ଗୁଲାବ୍‌ରାଓ ଦେଓକରଙ୍କ ସମେତ ୪୮ ଜଣଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ବିଭିନ୍ନ ଦଣ୍ଡାଦେଶ ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତି ସୃଷ୍ଟି ନୀଳକଣ୍ଠ ପୂର୍ବତନ ମନ୍ତ୍ରୀ ଜୈନଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡାଦେଶ ସମେତ ୧୦୦ କୋଟି ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ସେହିପରି ଦେଓକରଙ୍କୁ ୫ ବର୍ଷ ଓ ଅନ୍ୟମାନଙ୍କୁ ୩ରୁ ୭ ବର୍ଷ ମଧ୍ୟରେ



ସୁରେଶ ଜୈନ

**ମହାରାଷ୍ଟ୍ର ହାଉସିଂ ଦୁର୍ନୀତି**

ଜେଲ୍‌ଦଣ୍ଡାଦେଶ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟିର କେତେଜଣ କାଉନସିଲର ଓ ଅଫିସର ଅଛନ୍ତି। କୋର୍ଟ ରାୟ ପ୍ରକାଶ ପାଇବା ପରେ ସେଠାରେ ଉପସ୍ଥିତ ଥିବା ଅପରାଧୀମାନଙ୍କୁ ଜେଲ୍ ପଠାଇଦିଆଯାଇଛି। ୯୦ ଦଶକରେ ଶିବସେନା ନେତା ଜୈନ ରାଜ୍ୟ ଗୃହମନ୍ତ୍ରୀ ଥିବାବେଳେ ୨୯ କୋଟି ଟଙ୍କାର ହାଉସିଂ ଦୁର୍ନୀତି ହୋଇଥିଲା। ଏହି ମାମଲାରେ ତାଙ୍କୁ ୨୦୧୨ ମାର୍ଚ୍ଚରେ ଗିରଫ କରାଯାଇଥିଲା। ବର୍ଷେ ପରେ ସେ ସୁପ୍ରିମକୋର୍ଟରୁ ଜାମିନ ପାଇଥିଲେ। ସେହିପରି ଏନ୍‌ସିପି ନେତା ଦେଓକରଙ୍କୁ ୨୦୧୨ ମେ'ରେ ଗିରଫ କରାଯାଇଥିଲା ଓ ସେ ୩ ବର୍ଷ ଜେଲ୍ କାଟିସାରିଛନ୍ତି। ଦୁର୍ନୀତି ସମୟରେ ସେ ଜଲଗାଓଁ ମ୍ୟୁନିସିପାଲିଟିର କାଉନସିଲର ଥିଲେ। ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରି ଜଣେ ବିଲ୍ଡରଙ୍କୁ ଉକ୍ତ ହାଉସିଂ ପ୍ରୋଜେକ୍ଟ କାମ ଦିଆଯାଇଥିଲା।

## 'ସିନେମାର କାହାଣୀ ଭଳି ମୋ ଜୀବନ'

**ମୁମ୍ବାଇ:** କୋଲକାତାର ରେଳଷ୍ଟେଶନ୍‌ରେ ସିନେମା ଗୀତ ଗାଇ ଭିକ ମାଗୁଥିବା ରାନୁ ମଣ୍ଡଳ ବର୍ତ୍ତମାନ ମୁମ୍ବାଇ ସଂଗୀତ ଜଗତର ଅନ୍ୟତମ ସେଲିବ୍ରିଟି। ତାଙ୍କ ଗାୟନ ଶୈଳୀକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହେଉଥିବାବେଳେ ତାଙ୍କ ଜୀବନୀକୁ ନେଇ ଫିଲ୍ମ ନିର୍ମାଣ କରାଯାଇପାରେ ବୋଲି ରାନୁ ପ୍ରକାଶ କରିଛନ୍ତି। ୧୯୬୦ ନଭେମ୍ବର ୫ରେ ସେ ଏକ ଧନିକ ପରିବାରରେ ଜନ୍ମ ହୋଇଥିଲେ ହେଁ ମାତାପିତାଙ୍କଠାରୁ ତାଙ୍କୁ ପୃଥକ୍ କରିଦିଆଯାଇଥିଲା। ବଲିଉଡ ଷ୍ଟାର ଫିରୋଜ ଖାନ୍‌ଙ୍କ ରୋଷେଇଆକୁ ସେ ବିବାହ କରିବା ପରେ ନିଜ ରାଜ୍ୟ ପଶ୍ଚିମବଙ୍ଗରୁ ମୁମ୍ବାଇ ଚାଲିଯାଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ରାନୁଙ୍କ ଜୀବନ ଆକାଶରେ କଳାବାଦଲ ଘୋଟି ଆସିବାରୁ ସେ ବଞ୍ଚିବା ପାଇଁ ସଂଗ୍ରାମ କରିଥିଲେ। ରାନାଘାଟ ଷ୍ଟେଶନ୍ ସିଙ୍ଗରରୁ ରାନୁ ଆଜି ପାଲଟିଯାଇଛନ୍ତି ବଲିଉଡ୍ ସିଙ୍ଗର। ରେଳୱେ ପ୍ଲାଟଫର୍ମରେ ନିଜର ସୁଲଳିତ କଣ୍ଠରେ ଲତା ମଙ୍ଗେସ୍‌କରଙ୍କ ବହୁଚର୍ଚ୍ଚିତ ସଂଗୀତ 'ଏକ ପ୍ୟାର କା ନଗ୍‌ମା ହେଁ' ସୋସିଆଲ ମେଡିଆରେ ଭାଇରାଲ ହେବାପରେ ବହୁ ସଂଗୀତ ପ୍ରେମୀ ଓ ଜନସାଧାରଣ ମନ୍ତ୍ରମୁଗ୍ଧ ହୋଇଥିଲେ। ସଂଗୀତ ନିର୍ଦ୍ଦେଶକ ହିମେଶ ରେଶମିଆ ବଲିଉଡର ପ୍ରଚ୍ଛଦପଟ ଗାୟିକା ଭାବରେ ତାଙ୍କୁ ସୁଯୋଗ ଦେଇଛନ୍ତି। ଆଜି ଯେଉଁ ସ୍ତରରେ ସେ ପହଞ୍ଚିଛନ୍ତି ତାହା ସ୍ୱପ୍ନ ଭଳି ଲାଗୁଛି ବୋଲି ରାନୁ କହିଛନ୍ତି। 'ମୁଁ ଫୁଟପାଥ୍‌ରେ ଜନ୍ମ ହୋଇ ନ ଥିଲି। ମୋ ପରିବାରର ବଂଶମର୍ଯ୍ୟାଦା ଥିଲା। ୬ ମାସର ହୋଇଥିବାବେଳେ ମାତାପିତାଙ୍କଠାରୁ ପୃଥକ୍ କରିଦିଆଯାଇଥିଲା। ଜେଜେ ମା'ଙ୍କ ଆଦରଯତ୍ନରେ ପ୍ରତିପାଳିତ ହୋଇଥିଲେ ବି ବଞ୍ଚିବା ଥିଲା ଖୁବ୍ କଷ୍ଟଦାୟକ। ବାହାଘର ପରେ ଦୁର୍ଭାଗ୍ୟ ପିଛା ଛାଡି ନ ଥିଲା। ପେଟ ପୋଷିବାକୁ ରେଳଷ୍ଟେଶନ୍‌ରେ ଗୀତ ଗାଇ ଭିକ ମାଗିବାକୁ ପଡୁଥିଲା। ଜୀବନ ଯୁଦ୍ଧରେ ସଂଗ୍ରାମ କଲାବେଳେ ସବୁବେଳେ ଈଶ୍ୱରଙ୍କ ଉପରେ ଭରସା ରଖୁଥିଲି। ଗୀତ ଗାଇବା ପାଇଁ ସୁଯୋଗ ନ ଥିଲା। ଗୀତ ଭଲଲାଗେ ବୋଲି ପରିସ୍ଥିତିରେ ପଡି ଗାଉଥିଲି। ଲତା ମଙ୍ଗେସ୍‌କରଙ୍କ ଗୀତ ଖୁବ୍ ପସନ୍ଦ। ତାଙ୍କର ଗୀତ ଗାଇବା ଶୈଳୀ ରେଡିଓ ଓ କ୍ୟାସେଟରୁ ଶିଖି ନେଉଥିଲି।' ରାନୁଙ୍କର ୫ରୁ ୬ଟି ଗୀତ ରେକର୍ଡିଂ ହୋଇସାରିଲାଣି। ରାନୁ ତାଙ୍କ ଯାତ୍ରାପଥରେ କେତେ ଦୂର ଯାଇପାରୁଛନ୍ତି ତାହା ଦେଖିବାକୁ ପ୍ରଶଂସକମାନେ ଚାହିଁ ରହିଛନ୍ତି।



ରାନୁ ମଣ୍ଡଳ

### ଇତିହାସର ଆଇନାରେ

**ସେପ୍ଟେମ୍ବର ୧ର ପ୍ରମୁଖ ଘଟଣା**

୧୯୮୫ ସେପ୍ଟେମ୍ବର ୧ରେ ଆମେରିକା ଓ ଫ୍ରାନ୍ସର ମିଳିତ ଅଭିଯାନ ଦ୍ୱାରା ସର୍ବବୃହତ୍ ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ଠାବ କରାଯାଇଥିଲା। ୧୯୧୨ରେ ବ୍ରିଟେନ୍‌ର ଏହି ଯାତ୍ରୀବାହୀ ଜାହାଜ ସାଉଥଆମ୍ପଟନ୍‌ରୁ ନ୍ୟୁୟର୍କ ସିଟି ଯାଉଥିବାବେଳେ ଏକ ବରଫ ଖଣ୍ଡ ସହ ପିଟିହୋଇ ଉତ୍ତର ଆଟଲାଣ୍ଟିକ୍ ମହାସାଗରରେ ବୁଡିଯାଇଥିଲା।

୧୯୯୧ ସେପ୍ଟେମ୍ବର ୧ରେ ସୋଭିଏଟ ସଂଘରୁ ଉଜ୍‌ବେକିସ୍ତାନ ସ୍ୱାଧୀନ ହୋଇଥିଲା। ଉଜବେକିସ୍ତାନ କେନ୍ଦ୍ରୀୟ ଏସିଆର ଏକ ରାଷ୍ଟ୍ର। ଏହା ଏକ ସାର୍ବଭୌମ, ଧର୍ମନିରପେକ୍ଷ, ସାମ୍ବିଧାନିକ ସାଧାରଣତନ୍ତ୍ର ରାଷ୍ଟ୍ର। ୧୨ଟି ପ୍ରଦେଶ, ଏକ ସ୍ୱୟଂଶାସିତ ଅଞ୍ଚଳ ଏବଂ ଗୋଟିଏ କ୍ୟାପିଟାଲ୍ ସିଟିକୁ ନେଇ ଏହା ଗଠିତ। ଉଜ୍‌ବେକିସ୍ତାନର ଉତ୍ତରରେ କାଜାଖସ୍ତାନ, ଉତ୍ତର-ପୂର୍ବରେ କିର୍‌ଗିଜସ୍ତାନ, ଦକ୍ଷିଣରେ ଆଫଗାନିସ୍ତାନ ଏବଂ ଦକ୍ଷିଣ-ପଶ୍ଚିମରେ ତୁର୍କମେନିସ୍ତାନ ରହିଛି।

## କନିଆଁ ରୂପରେ ଆଲିଆ

**ମୁମ୍ବାଇ:** ଅଭିନେତ୍ରୀ ଆଲିଆ ଭଟ୍ଟ କନିଆଁ ବେଶରେ ନିଜ ପ୍ରଶଂସକଙ୍କୁ ଚମକାଇ ଦେଇଛନ୍ତି। 'ରାଜି' ଫିଲ୍ମର ଏହି ଅଭିନେତ୍ରୀ ଶନିବାର ଏକ ବିଜ୍ଞାପନ ଶୁଟିଂ ସେଟ୍‌ରୁ ନିଜର ଦୁଇଟି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ କନିଆଁ ସାଜି ପ୍ରଶଂସକଙ୍କ ମନ ଜିଣିବାକୁ ଚେଷ୍ଟା କରିଛନ୍ତି। ଏକ ଲାଲ୍ ଲେହେଙ୍ଗା ପରିଧାନ କରି ଆଲିଆ ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। ସେ ଏକ ରତ୍ନହାର ପିନ୍ଧିବା ସହିତ ଖୁବ୍ ସୁନ୍ଦର ବେଶରେ ସଜେଇ ହୋଇଛନ୍ତି। ନିଜ ଫଟୋ ତଳେ ଲେଖିଛନ୍ତି 'କନିଆଁ ବେଶର ଅନୁଭବ'। ଆଲିଆ ସତେ ଯେମିତି କନିଆଁ ବେଶରେ ସଜେଇ ହୋଇ ବାହା ହେବାକୁ ଯାଉଥିବା ମନେହେଉଛି। ଅନେକ ସୋସିଆଲ ମିଡିଆ ୟୁଜର 'ରଣବୀର କୀ ଦୁଲ୍‌ହନ୍' ବୋଲି ମତାମତ ଦେଇଛନ୍ତି। ଆଉ ଜଣେ ୟୁଜର ଲେଖିଛନ୍ତି 'ରଣବୀର ଦୁଲ୍‌ହନ ଲେ ଜାଏଙ୍ଗେ'।



ସୂଚନାଯୋଗ୍ୟ ଯେ, ଆଲିଆ ଭଟ ଅଭିନେତା ରଣବୀର କପୁରଙ୍କ ନିବିଡ ସମ୍ପର୍କରେ ଥିବା ଚର୍ଚ୍ଚା ହୋଇଆସୁଛି। ରଣବୀର ସିଂ ଏବଂ ଦୀପିକା ପାଦୁକୋନ୍‌ଙ୍କ ଭଳି ରଣବୀର କପୁର ଓ ଆଲିଆ ଭଟ୍ଟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଲେକ୍ କୋମୋଠାରେ ବିବାହ କରିବେ ବୋଲି ଚଳିତବର୍ଷ ପ୍ରାରମ୍ଭରେ ଖୁବ୍ ଚର୍ଚ୍ଚା ହେଉଥିଲା। କିନ୍ତୁ ଏକ ସାକ୍ଷାତ୍‌କାରରେ ଆଲିଆଙ୍କ ମା' ସୋନି ରାଜଦାନ ଏହି ବିବାହକୁ ଅସ୍ୱୀକାର କରିବା ସହିତ ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଥିଲେ।



ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳକୁ ସ୍ଥିତି ସମୀକ୍ଷା ପାଇଁ ଶନିବାର ଭୁବନେଶ୍ୱରରୁ ବିଏସ୍ଏଫ୍ ଡିଆଇଜି ଅରୁଣ ସିଂ ରାଠୋର ଗସ୍ତ କରିଛନ୍ତି। ସେ ହେଲିକପ୍ଟର ଯୋଗେ ଆସି ଚିତ୍ରକୋଣ୍ଡାସ୍ଥିତ ବିଏସ୍ଏଫ୍ କ୍ୟାମ୍ପରେ ପହଞ୍ଚିଥିଲେ। ପରେ ସେ ୮ନଂ. ବିଏସ୍ଏଫ୍ କ୍ୟାମ୍ପରେ ମାଓବାଦୀ ମୁକାବିଲା ନେଇ ରଣନୀତି ପ୍ରସ୍ତୁତ କରିଥିଲେ। ମାଓବାଦୀଙ୍କ ଗତିବିଧି ଉପରେ କଡ଼ା ନଜର ରଖି ସେମାନଙ୍କ ଦୃଢ଼ ମୁକାବିଲା ପାଇଁ ଯବାନମାନଙ୍କୁ ମନ୍ତ୍ର ଦେଇଥିଲେ।

## ସଂକ୍ଷେପରେ

### ମାଈ ହାତୀର ଗଳିତ ମୃତଦେହ ଠାବ

ପରଜଙ୍ଗ ୩୧।୮(ଡି.ଏନ୍.ଏ.): ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ସାଆନ୍ଦା ବିଟ୍ ଅଧୀନ ବସନ୍ତପଡ଼ା ଗ୍ରାମ ନିକଟ ବାଙ୍କଧରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରମୁଣ୍ଡରେ ଥିବା ଖାଲରୁ ଶନିବାର ଏକ ମାଈହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଏହାର ଆନୁମାନିକ ବୟସ ୧୦ବର୍ଷ ହେବ। ହାତିପଲ ଆକ୍ରମଣରେ ପାଖାପାଖି ୭ଦିନ ତଳେ ହାତୀଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ରେଞ୍ଜର ହରମୋହନ ନାୟକ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବିଭୂଦାନନ୍ଦ ମିଶ୍ର, ଫରେଷ୍ଟର ରାମଚନ୍ଦ୍ର ରାଉତ ପ୍ରମୁଖ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଥିଲେ। ପ୍ରାଣୀଧନ ଅଧିକାରୀ ଡା. ରଞ୍ଜିତ କୁମାର ସାହୁଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ହାତୀର ମୃତଦେହକୁ ଗାତ ଖୋଳି ପୋତି ଦିଆଯାଇଛି।




# ଆଜିଠୁ ଆରମ୍ଭ ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥା

ଭୁବନେଶ୍ୱର,୩୧।୮(ବ୍ୟୁରୋ)



- ବିଏମ୍ସିରୁ ଆରମ୍ଭ ହେଲା ପାଇଲଟ୍ ପ୍ରକଳ୍ପ
- ସବୁ ପିଡିଏସ୍ କେନ୍ଦ୍ରରୁ ହିତାଧିକାରୀ ନେଇପାରିବେ ରାଶନ
- ଆଧାର ଲିଙ୍କ୍ ହେଲେ ୯୭ ପ୍ରତିଶତ ପରିବାର

ଆଧାରକାର୍ଡ ନ ଥିଲେ ମିଳିବନି ରାଶନ। ୱାନ ନେଶନ ୱାନ ରାଶନ ବ୍ୟବସ୍ଥା ରବିବାରଠାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଞ୍ଚଳରେ ଲାଗୁ ହେବ। ସେପ୍ଟେମ୍ବର ୧ ରୁ ୨୫ ତାରିଖ ମଧ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଓଏଫ୍ଏସ୍ଏସ୍) ହିତାଧିକାରୀ ଏକକାଳୀନ ଦୁଇମାସର ରାଶନ ନେଇପାରିବେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ରହୁଥିବା ୨ ଲକ୍ଷ ହିତାଧିକାରୀ ସହରର ଯେକୌଣସି ସାଧାରଣ ଖାଉଟି ବଣ୍ଟନ ଡିଲରଙ୍କ ପାଖରୁ ରାଶନ ନେଇପାରିବେ। ନିଜ ଅଞ୍ଚଳର ଡିଲର ନିକଟରେ ଆଉ ସେମାନେ ବନ୍ଧା ହୋଇ ରହିବେ ନାହିଁ। ଏଥିପାଇଁ ରାଶନ କାର୍ଡଧାରୀଙ୍କୁ ଆଧାର ଲିଙ୍କ କରିବା ବାଧ୍ୟତାମୂଳକ କରାଯାଇଛି। ଆଧାର ନ ଥିଲେ ଖାଦ୍ୟ ସାମଗ୍ରୀ ମିଳିବ ନାହିଁ। ବିଏମସି ଅଞ୍ଚଳର ୧୨୭ଟି ସରକାରୀ ପାଇକାରି ଦୋକାନରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ଅନ୍ଲାଇନ ଜରିଆରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିୟମିତ ମନିଟରିଂ କରିବ। ଏହି ସହରାଞ୍ଚଳରେ ଇଣ୍ଟରନେଟ ସୁବିଧା ଥିବାରୁ ପାଇଲଟ୍ ପ୍ରକଳ୍ପ ଭାବେ ଏଠାରୁ ଆରମ୍ଭ କରାଯାଇଛି। ଅଙ୍ଗୁଳିଛାପ କିମ୍ବା ଆଖି ସଙ୍କେତ ମାଧ୍ୟମରେ ହିତାଧିକାରୀଙ୍କୁ ଏହି ରାଶନ ଦିଆଯିବ। ପ୍ରତ୍ୟେକ ପାଇକାରି ବିକ୍ରେତାଙ୍କୁ ଆଖି ଚିହ୍ନ ନେବାକୁ ଆଇଆରଆଇଏସ୍ ମେଶିନ ଯୋଗାଇ ଦିଆଯାଇଛି। ତେବେ ଯେଉଁମାନଙ୍କର ଆଙ୍ଗୁଠି ଚିହ୍ନ ନେଉ ନ ଥିବ କିମ୍ବା ହିତାଧିକାରୀ ବୟସ୍କ, ଦୁରାରୋଗରେ ପୀଡ଼ିତ, କୁଷ୍ଠରୋଗୀମାନଙ୍କୁ ବିନା ଆଧାରକାର୍ଡରେ ଚାଉଳ ଯୋଗାଇ ଦିଆଯିବ। ମାର୍କେଟ ଇଣ୍ଟେଲିଜେନ୍ସ ଅଧିକାରୀ ସେହି ହିତାଧିକାରୀଙ୍କ ତାଲିକା ଯୋଗାଣ ବିଭାଗକୁ ପ୍ରଦାନ କରିବେ। ବିଭାଗ ଏହାକୁ ସନ୍ଦେହ ତାଲିକାରେ ରଖିବ। ମିଥ୍ୟା ପ୍ରମାଣିତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ୧୧୪ଟି ସହରାଞ୍ଚଳରେ ଲାଗୁ କରାଯିବ। ଯେଉଁଠି ଇଣ୍ଟରନେଟ୍ ସୁବିଧା ନାହିଁ ସେଠାରେ ପୂର୍ବ ଭଳି କାର୍ଡ ଦେଖାଇ ରାଶନ ନେଇ ପାରିବେ। ରାଜ୍ୟରେ ଏ ପର୍ଯ୍ୟନ୍ତ ୯୭ ପ୍ରତିଶତ ପରିବାର ଏବଂ ୯୩ ପ୍ରତିଶତ ଏନ୍ଏସ୍ଏସ୍ଏ ହିତାଧିକାରୀଙ୍କର ଆଧାର ସଂଯୋଗ କରାଯାଇଛି। ବାଟମାରଣା ରୋକିବାକୁ ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥା ଅନ୍ଲାଇନ୍ କରାଯିବ। ପର୍ଯ୍ୟାୟ କ୍ରମେ ସମଗ୍ର ରାଜ୍ୟରେ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ନୂତନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ବିଏମ୍ସି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଛି।

## ମଠ, ମନ୍ଦିର ଉଚ୍ଛେଦକୁ ନେଇ ବର୍ଷିଲେ ଜଗଦ୍‌ଗୁରୁ

# ଆଧ୍ୟାତ୍ମିକ ବାତାବରଣ ନଷ୍ଟ ଲାଗି ଚକ୍ରାନ୍ତ

ପୁରୀ ଅଫିସ, ୩୧।୮



- ଶଙ୍କରାଚାର୍ଯ୍ୟ ପୀଠକୁ ସରକାରଙ୍କ ଉପେକ୍ଷା
- ବି.ପି. ଦାସ କମିଟି ରିପୋର୍ଟରେ ବି ଅଣଦେଖା
- ଧାର୍ମିକ ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ବିକାଶ ହେବା ଉଚିତ

ଶ୍ରୀମନ୍ଦିରଠାରୁ ୭୫ମିଟର ପରିସରସ୍ଥ ମଠ, ମନ୍ଦିର ଉଚ୍ଛେଦ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠାଧୀଶ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶନିବାର ଗୋବର୍ଦ୍ଧନ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ବିକାଶ ଆଳରେ ବର୍ତ୍ତମାନ ପୁରାତନ ମଠ, ମନ୍ଦିରଗୁଡ଼ିକୁ ଭାଙ୍ଗିଦିଆଯାଉଛି। ଏହାଦ୍ୱାରା ପୁରୀର ଆଧ୍ୟାତ୍ମିକ ବାତାବରଣ ନଷ୍ଟ ଲାଗି ଚକ୍ରାନ୍ତ ଚାଲିଛି। ବିକାଶର ପରିଭାଷା ଆଧୁନିକତା କିମ୍ବା ଐତିହ୍ୟ, ସଂସ୍କୃତି ନଷ୍ଟ କରାଯିବା ନୁହେଁ। ଏଭଳି ପ୍ରକ୍ରିୟା ଜାରି ରହିଲେ ଏହାର ଅସ୍ତିତ୍ୱ ଲୋପ ପାଇଯିବ। ସେହିପରି ଶଙ୍କରାଚାର୍ଯ୍ୟ ପୀଠ ବିଶ୍ୱକୁ ମାର୍ଗଦର୍ଶନ କରୁଛି। ଅଥଚ ଏହି ଧାର୍ମିକ ତଥା ଐତିହାସିକ ପୀଠକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଶ୍ରୀମନ୍ଦିର ପରିଚାଳନା କିମ୍ବା ସଂସ୍କାରମୂଳକ ନିଷ୍ପତ୍ତି କ୍ଷେତ୍ରରେ ଶଙ୍କରାଚାର୍ଯ୍ୟଙ୍କ ମତାମତ ନେଉନାହାନ୍ତି। ଶ୍ରୀମନ୍ଦିର ସଂସ୍କାର ନେଇ ବି.ପି. ଦାସ କମିଟି ରିପୋର୍ଟ ପ୍ରସ୍ତୁତ ବେଳେ ମଧ୍ୟ ତାଙ୍କର ମତ ନିଆଯାଇ ନାହିଁ। ତାଙ୍କଠାରୁ ମତ ନ ନେବାକୁ କିଏ ମନା କରିଥିଲେ ତାହାର ତଦନ୍ତ ହେବା ଆବଶ୍ୟକ ବୋଲି କହିଛନ୍ତି ଜଗଦ୍‌ଗୁରୁ।

ରାଜ୍ୟ ସରକାର ଓ ପ୍ରଶାସନ ଉପରେ ପ୍ରବଳ ବର୍ଷିଛନ୍ତି ଶଙ୍କରାଚାର୍ଯ୍ୟ। ସେ କହିଛନ୍ତି, ଏବେ ସଂସ୍କୃତି ଓ ଐତିହ୍ୟର ବିଲୁପ୍ତ ଲାଗି ଷଡ଼ଯନ୍ତ୍ର ଚାଲିଛି। ଗୋବର୍ଦ୍ଧନ ପୀଠର ୪.୫ ଏକର ଜମି ହସ୍ତାନ୍ତର ଲାଗି ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେଉନାହିଁ। ସରକାର କ'ଣ ଶଙ୍କରାଚାର୍ଯ୍ୟଙ୍କ ପୀଠକୁ ଦୟା କରୁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା ରେଲୱେ ଟାଇମ ଟେବୁଲ ପରି ନୁହଁ, ବରଂ ଧାର୍ମିକ ଓ ଆଧ୍ୟାତ୍ମିକ ବିଚାରଧାରାରେ ହେବା ଉଚିତ। ଏହାର ପରିଚାଳନା ମୁଖ୍ୟ ପ୍ରଶାସକ ନୁହେଁ ବରଂ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ହେବା ଆବଶ୍ୟକ। କୌଣସି ଗଣତାନ୍ତ୍ରିକ ସରକାର ଧାର୍ମିକ କ୍ଷେତ୍ରରେ ହସ୍ତକ୍ଷେପ କରିପାରିବେ ନାହିଁ। ଶ୍ରୀକ୍ଷେତ୍ର ହେଉଛି ଏକ ଧାର୍ମିକ ତଥା ଆଧ୍ୟାତ୍ମିକ କ୍ଷେତ୍ର। ଏହି ତପୋଭୂମିକୁ ଭୋଗଭୂମି କରାଯିବା ଅନୁଚିତ ବୋଲି ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

### ମୃତ ମହିଳା ଜୀବିତ ଘଟଣା

# ଥାନା ଅଧିକାରୀ ନିଲମ୍ବିତ

ବାରିପଦା ଅଫିସ,୩୧।୮

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ପାହାଡ଼ପୁର ଜଙ୍ଗଲରୁ ଏପ୍ରିଲ ୨୭ରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ ଉକ୍ତ ମୃତଦେହ ପୁରୁଣାପଣି ଗ୍ରାମର ସଞ୍ଜୟ ନାୟକଙ୍କ ସ୍ତ୍ରୀ ବୋଲି ଦର୍ଶାଇ ତାଙ୍କୁ ଓ ତାଙ୍କ ବାପାଙ୍କୁ ବଧୂହତ୍ୟା ଅଭିଯୋଗରେ ଗିରଫ କରିଥିଲା। କିଛିଦିନ ପରେ ସଞ୍ଜୟଙ୍କ ସ୍ତ୍ରୀ ଘରକୁ ଫେରିଆସିଥିଲେ। ତଦନ୍ତ ପରେ ମୟୂରଭଞ୍ଜ ଏସ୍ପି ପରମାର ସ୍ମିଥ ପୁରୁଷୋତ୍ତମଦାସ ଶୁକ୍ରବାର ବାଦାମପାହାଡ଼ର ତତ୍କାଳୀନ ଥାନା ଅଧିକାରୀ ଶଶଧର ସେଠୀଙ୍କୁ ନିଲମ୍ବନ କରିଛନ୍ତି।

### କଳାଧନ ବିରୋଧରେ ଲଢ଼େଇ

# ଆଜିଠୁ ମିଳିବ ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ତଥ୍ୟ

ନୂଆଦିଲ୍ଲୀ,୩୧।୮

ମୋଦି ସରକାରଙ୍କ କଳାଧନ ବିରୋଧରେ ଲଢ଼େଇ ଆହୁରି ଜୋର୍‌ଦାର ହେବାକୁ ଯାଉଛି। ରବିବାରଠାରୁ ସୁଇସ୍ ବ୍ୟାଙ୍କରେ ଥିବା ଭାରତୀୟଙ୍କ ଆକାଉଣ୍ଟ ତଥ୍ୟ ସିଧାସଳଖ ଆୟକର ବିଭାଗ ନିକଟରେ ପହଞ୍ଚିବ। ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ବ୍ୟାଙ୍କିଙ୍ଗ୍ ସୂଚନା ସ୍ୱତଃ ଆଦାନପ୍ରଦାନ ଚୁକ୍ତି ସେପ୍ଟେମ୍ବର ପହିଲାରୁ କାର୍ଯ୍ୟକାରୀ ହେଉଛି। ଫଳରେ ସୁଇସ୍ ବ୍ୟାଙ୍କରେ ଥିବା ଭାରତୀୟଙ୍କ ଆକାଉଣ୍ଟ ଉପରୁ ପର୍ଦ୍ଦା ଉଠିବାକୁ ଯାଉଛି। କଳାଧନ ବିରୋଧରେ ଲଢ଼େଇ ଅଧିକ ଶକ୍ତିଶାଳୀ ହେବ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି)କହିଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଦୁଇ ଦେଶ ଭିତରେ ହୋଇଥିବା ଚୁକ୍ତିଅନୁଯାୟୀ ସେପ୍ଟେମ୍ବର ପହିଲାରୁ ସୁଇସ୍ ବ୍ୟାଙ୍କ ସହ ଜଡ଼ିତ ଗୋପନୀୟତା ଶେଷ ହୋଇଯିବ। ସିବିଡିଟି କହିଛି ଯେ, ସୂଚନା ଆଦାନପ୍ରଦାନ ସ୍ୱତଃ ଆରମ୍ଭ କରିବା ପୂର୍ବରୁ ସୁଇଜରଲାଣ୍ଡର ଏକ ପ୍ରତିନିଧି ଦଳ ଗତ ୨୯ ଓ ୩୦ରେ ଭାରତ ଗସ୍ତ କରି ରାଜସ୍ୱ ସଚିବ ଏ.ବି.ପାଣ୍ଡେ, ବୋର୍ଡ ଅଧ୍ୟକ୍ଷ ପି.ସି.ମୋଦି ଓ ବୋର୍ଡ ସଦସ୍ୟ(ଆଇନ) ଅଖିଳେଶ ରଞ୍ଜନଙ୍କୁ ଭେଟିଥିଲେ। ସୁଇଜରଲାଣ୍ଡର ଅନ୍ତଃରାଷ୍ଟ୍ରୀୟ ଅର୍ଥ ବ୍ୟାପାରର ଷ୍ଟେଟ୍ ସେକ୍ରେଟେରିଏଟ୍ ଟିକସ ବିଭାଗ ଉପମୁଖ୍ୟ ନିକୋଲାସ ମାରିଓ ଲୁସର୍ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ଭାରତ କ୍ୟାଲେଣ୍ଡର ବର୍ଷ ୨୦୧୮ ସୁଦ୍ଧା ସମସ୍ତ ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସେପ୍ଟେମ୍ବରରୁ ସ୍ୱତଃ ହାସଲ କରିବ। ଏହି ସମୟରେ ବନ୍ଦ ହୋଇଥିବା ଆକାଉଣ୍ଟ ତଥ୍ୟକୁ ମଧ୍ୟ ସାମିଲ କରାଯିବ।







# ୧୫କୁ ବଢ଼ିଲା ଆଧାର କାର୍ଡ ସଂଯୋଗ ଅବଧି

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ)ରେ ରାଶନ କାର୍ଡଧାରୀମାନଙ୍କ ପାଇଁ ଆଧାର ସଂଯୋଗ ଓ ସଂଶୋଧନ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପ୍ରକ୍ରିୟା ଅଗଷ୍ଟ ୩୧ ତାରିଖରେ ଶେଷ ହେବାର ଥିଲା। ଯେଉଁମାନେ ଆଧାର ସଂଯୋଗ କରିପାରିନାହାନ୍ତି ସେମାନେ ଏହି ସମୟ ମଧ୍ୟରେ କରିପାରିବେ। ଯେପରି କେହି ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ନ ହେବେ ତାହାକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନିଆଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏହି ସମୟ ମଧ୍ୟରେ ରାଶନ କାର୍ଡଧାରୀମାନେ ଆଧାର ସଂଯୋଗ କରି ସରକାରୀ ଖୁଚୁରା ଦୋକାନରୁ ରାଶନ ସାମଗ୍ରୀ ନେଇପାରିବେ। ରାଜ୍ୟରେ ଅଗଷ୍ଟ ୩୦ ଯାଏ ଏହି ଯୋଜନାରେ ଅନ୍ତର୍ଭୁକ୍ତ ୮୬ ଲକ୍ଷ ୩୬ ହଜାର ୫୪୪ ପରିବାର ମଧ୍ୟରୁ ୮୪ ଲକ୍ଷ ୩୬ ହଜାର ୩୯୪ ପରିବାର ଆଧାର ସଂଯୋଗ କରିଛନ୍ତି। ସେହିପରି ୯୩.୫ ପ୍ରତିଶତ ବ୍ୟକ୍ତିଙ୍କ ଆଧାର ସଂଯୋଗ କରାଯାଇଛି।

### ସେପ୍ଟେମ୍ବର ୧୦ ଯାଏ ଚାଷୀ ପଞ୍ଜୀକରଣ

୨୦୧୯-୨୦ ଖରିଫ ଋତୁରେ ଧାନ ସଂଗ୍ରହ ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷୀମାନଙ୍କ ନାମ ପଞ୍ଜୀକରଣ କାର୍ଯ୍ୟ ଅଗଷ୍ଟ ୩୧ରେ ଶେଷ ହୋଇଥିବାବେଳେ ଏହି ଅବଧି ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଧାର୍ଯ୍ୟ ତାରିଖ ମଧ୍ୟରେ ଯେଉଁ ଚାଷୀମାନେ ପଞ୍ଜୀକରଣ କରିପାରି ନାହାନ୍ତି ସେମାନେ ଏହି ସମୟ ମଧ୍ୟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି।

# ଢେଙ୍କାନାଳ ଜିଲା ଯୋଜନା କମିଟି ବୈଠକ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

ଢେଙ୍କାନାଳ ଜିଲା ଯୋଜନା କମିଟିର ପ୍ରଥମ ସୌଜନ୍ୟମୂଳକ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କମିଟିର ସଦସ୍ୟଗଣ ଜିଲାରେ ଜାରି ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।






ସମ୍ମାନଜନକ ପଦ୍ମ ପୁରସ୍କାର ୨୦୨୦ ପାଇଁ ଏ ପର୍ଯ୍ୟନ୍ତ ସରକାରଙ୍କ ପାଖରେ ୨୫ ହଜାର ଆବେଦନ ପହଞ୍ଚିଥିବା ସୂଚନା ମିଳିଛି। ସେପ୍ଟେମ୍ବର ୧୫ ଆବେଦନର ଶେଷ ତାରିଖ ଥିବା ବେଳେ ଆହୁରି କିଛି ଆବେଦନ ପତ୍ର ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ପଦ୍ମ ଆୱାର୍ଡସ ପୋର୍ଟାଲ ଅନ୍‌ଲାଇନ୍ ମାଧ୍ୟମରେ ଏହି ଆବେଦନ କରାଯାଉଛି। ତେବେ ସରକାରୀ କର୍ମଚାରୀ ଅବା ପବ୍ଲିକ୍ ସେକ୍ଟର ଅଣ୍ଡର ଟେକିଂ (ପିଏସୟୁ)ରେ କାମ କରୁଥିବା ବ୍ୟକ୍ତି ବିଶେଷ ଏଥିପାଇଁ ଆବେଦନ କରିପାରିବେ ନାହିଁ। ହେଲେ ଡାକ୍ତର ଓ ବୈଜ୍ଞାନିକମାନେ ଏଥିପାଇଁ ଆବେଦନ କରିପାରିବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରିୟୁ
ପରିବାରବର୍ଗ


ପଙ୍କଜିନୀ
ପରିବାରବର୍ଗ


ବଂଶିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ■ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ

# ଫନୀ କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା


ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ୱାର୍ଡ ଅଫିସ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୩୧।୮(ବ୍ୟୁରୋ)

■ ଅନ୍‌ଲାଇନ ବିଲ୍ଡିଂ ପ୍ଲାନ, ବିବାହ ପଞ୍ଜୀକରଣ
■ ସାରା ରାଜ୍ୟ ପାଇଁ ୩୪୨ ମାଇକ୍ରୋ କମ୍ପୋଜିଟ୍ ୟୁନିଟ୍

ରାଜ୍ୟସ୍ତରୀୟ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସହରାଞ୍ଚଳ ସେବା ପ୍ରଦାନ କ୍ଷେତ୍ରରେ ଏହା ଏକ ଐତିହାସିକ ଦିନ। ସାରା ରାଜ୍ୟର ସହରାଞ୍ଚଳବାସୀଙ୍କ ପାଇଁ ଲୋକକୈନ୍ଦ୍ରିକ ଯୋଜନାର ଆରମ୍ଭ ହେଲା। ଫନୀ କ୍ଷତିଗ୍ରସ୍ତ ପୁରୀର କ୍ଷୁଦ୍ର ବ୍ୟବସାୟୀଙ୍କୁ ୧୦,୦୦୦ ଟଙ୍କା ଲେଖାଏ ଅନ୍‌ଲାଇନ ଟ୍ରାନ୍ସଫର କରାଯାଇଛି। ଏଥିପାଇଁ ବହୁତ ଖୁସି, ରାଜଧାନୀ ପାଇଁ ଫାଷ୍ଟ ଟ୍ରାକ ବିଲ୍ଡିଂ ପ୍ଲାନ ମଧ୍ୟ ଅନୁମୋଦନ କରାଯାଇଛି। ନଗର ଉନ୍ନୟନ ବିଭାଗ ଏଥିପାଇଁ ମାତ୍ର ଏକମାସ ସମୟ ନେଇଥିବାରୁ ସେ ଧନ୍ୟବାଦ ଦେଇଛନ୍ତି। ସେହିପରି ପ୍ରତ୍ୟେକ କାର୍ଯ୍ୟରେ ୫' ଟି ମନ୍ତ୍ରର ପ୍ରୟୋଗ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ବର୍ଷକ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଆବର୍ଜନାମୁକ୍ତ ସହର କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କ ଯୋଗଦାନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ନାଗରିକ ସେବା, ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ମୂଳ ଲକ୍ଷ୍ୟ। ୫' ଟି ପଦ୍ଧତିକୁ ଅନୁଶୀଳନ କରିବା ଦ୍ୱାରା ଆମେ ଧାର୍ଯ୍ୟଲକ୍ଷ୍ୟ ହାସଲ କରିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ଶିଳାନ୍ୟାସଗୁଡିକ ମଧ୍ୟରେ ରହିଛି ୧୧୪ ପୌରସଂସ୍ଥାର ୩୪୨ଟି ମାଇକ୍ରୋ କମ୍ପୋଜିଟ୍ ୟୁନିଟ୍ । ୨୬ ପୌରାଞ୍ଚଳର ୭୦ କୋଟି ଟଙ୍କା ବ୍ୟୟରେ ୪୦ଟି ମଳପଙ୍କ ବିଶୋଧନ ବ୍ୟବସ୍ଥାର ଶିଳାନ୍ୟାସ। ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଲେ ୪ ଲକ୍ଷ ଲିଟର ମଳପଙ୍କ ବିଶୋଧିତ ହେବା ସହ ୮ ଲକ୍ଷ ଲୋକ ଉପକୃତ ହୋଇପାରିବେ। ଫନୀ ସମୟରେ କ୍ଷତିଗ୍ରସ୍ତ ପୁରୀର ୪୧୦୩ ରାସ୍ତାକଡ ବ୍ୟବସାୟୀଙ୍କ ମଧ୍ୟରୁ ୧୩୬୯ଜଣଙ୍କୁ ୧୦,୦୦୦ ଟଙ୍କା ଲେଖାଏ ସହାୟତା କରାଯାଇଛି। ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା ମୁଖ୍ୟମନ୍ତ୍ରୀ ପୁରୀ, ଭୁବନେଶ୍ୱର ଏବଂ ବ୍ରହ୍ମପୁର ସହରାଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଏପିସି ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ■ ତିନିମାସରେ ୯୧୨.୪ମିମି ବର୍ଷା

# ସ୍ୱାଭାବିକଠାରୁ ୧.୨% କମ୍

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

■ ୫ ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା
■ ମାଲକାନଗିରିରେ ସର୍ବାଧିକ ୧୫୪୮.୭ମିମି, ଗଜପତିରେ ସର୍ବନିମ୍ନ ୬୧୬.୬ମିମି

ରାଜ୍ୟରେ ନିଅଣ୍ଟିଆ ବର୍ଷା ରହିଛି। ଅଗଷ୍ଟରେ ପ୍ରବଳ ବର୍ଷା ଯୋଗୁ କିଛି ସ୍ଥାନରେ ବନ୍ୟା ପରିସ୍ଥିତି ଦେଖାଦେଇଥିବାବେଳେ ଆଉ କିଛି ସ୍ଥାନରେ ବର୍ଷାର ନାଁ ଗନ୍ଧ ନାହିଁ। ଏବେ ବି ରାଜ୍ୟରେ ୧.୨% କମ୍ ବର୍ଷା ହୋଇଛି। ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ ୯୧୨.୪ମିମି ବର୍ଷା ହେବା କଥା। କିନ୍ତୁ ୯୦୧ମିମି ବର୍ଷା ହୋଇଛି। ଏହି ତିନି ମାସରେ କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗୀର ଓ ଝାରସୁଗୁଡ଼ା ଆଦି ୫ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଅର୍ଥାତ୍ ୧୯%ରୁ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ସେହିପରି କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କଟକ, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି, ଯାଜପୁର, ଗଜପତି, କେନ୍ଦ୍ରାପଡ଼ା, ଭଦ୍ରକ, ନୂଆପଡ଼ା, ଜଗତ୍‌ସିଂହପୁର, ସମ୍ବଲପୁର, ବୌଦ୍ଧ, ଢେଙ୍କାନାଳ, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ୨୧ଜିଲାରେ ସ୍ୱାଭାବିକ ବର୍ଷା (+୧୯%ରୁ - ୧୯% ମଧ୍ୟରେ)ହୋଇଛି। ହାରାହାରି ବୃଷ୍ଟିପାତକୁ ତୁଳନା କଲେ କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଓ ଦେବଗଡ଼ ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ଏହି ତିନି ମାସରେ ମାଲକାନଗିରିରେ ସର୍ବାଧିକ ୧୫୪୮.୭ମିମି ବର୍ଷା ହୋଇଥିବା ବେଳେ ଗଜପତି ଜିଲାରେ ସର୍ବନିମ୍ନ ୬୧୬.୬ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାଲକାନଗିରିରେ ୩୪.୬% ଅଧିକ ବର୍ଷା ହୋଇଥିବା ବେଳେ ଗଜପତିରେ ୯.୮% କମ୍ ବର୍ଷା ହୋଇଛି।

ବ୍ଲକ୍ ସ୍ତରରେ ଦେଖିବାକୁ ଗଲେ ଏହି ତିନି ମାସରେ ୬୬ ବ୍ଲକ୍‌ରେ ଅଧିକ ବର୍ଷା ହୋଇଥିବା ବେଳେ ୧୬୯ ବ୍ଲକ୍‌ରେ ସ୍ୱାଭାବିକ ଓ ୬୮ବ୍ଲକ୍‌ରେ କମ୍ ବର୍ଷା ହୋଇଛି। ୧୧ଟି ବ୍ଲକ୍‌ରେ ଅତ୍ୟଧିକ କମ୍ ବର୍ଷା ହୋଇଛି। ବାଲେଶ୍ୱର ଜିଲାର ବାଲେଶ୍ୱର ବ୍ଲକ୍‌ରେ -୪୨.୦% ଓ ନୀଳଗିରିରେ -୪୨.୬%, ଦେବଗଡ଼ ଜିଲାର ରିଆମାଳ ବ୍ଲକ୍‌ରେ -୪୧.୮%, କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକ୍‌ରେ -୩୯.୯%, ଚମ୍ପୁଆରେ -୪୩.୬%, ଝୁମ୍ପୁରାରେ -୪୪.୫%, ଯୋଡ଼ାରେ -୪୭.୯%, କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ୍‌ରେ -୪୪.୫, ସମ୍ବଲପୁର ଜିଲାର ନାକଟିଦେଉଳ ବ୍ଲକ୍‌ରେ -୪୭.୭%, ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ବ୍ଲକ୍‌ରେ -୪୧.୦% ଓ ବଣାଇ ବ୍ଲକ୍‌ରେ -୪୪.୮% କମ୍ ବର୍ଷା ହୋଇଛି। ସେହିପରି ତିନି ମାସ ମଧ୍ୟରେ ହାରାହାରି ୪୦.୯ ବର୍ଷା ଦିନ ହେବା କଥା କିନ୍ତୁ ମୋଟ ୩୫.୭ ବର୍ଷା ଦିନ ହୋଇଛି। ଜୁନ୍‌ରେ ୭.୪, ଜୁଲାଇରେ ୧୩.୭ ଓ ଅଗଷ୍ଟରେ ୧୪.୬ ବର୍ଷାଦିନ ହୋଇଥିଲା।

ଅନ୍ୟପଟେ ଅଗଷ୍ଟ ମାସରେ କିନ୍ତୁ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଅଗଷ୍ଟରେ ୪୪୪.୩ ମିଲିମିଟର ବର୍ଷା ହୋଇଛି। ଅଗଷ୍ଟରେ ହାରାହାରି ୩୫୬ମିମି ବର୍ଷା ହେବା କଥା, କିନ୍ତୁ ଏଥର ୨୪.୫% ଅଧିକ ବର୍ଷା ହୋଇଛି। ମାଲକାନଗିରି ଜିଲାରେ ସର୍ବାଧିକ ୭୬୩.୩ମିମି ବର୍ଷା ହୋଇଛି। ଏଠାରେ ୬୧.୫% ଅଧିକ ବର୍ଷା ହୋଇଛି। ସେହିପରି ପୁରୀ ଜିଲାରେ ସର୍ବନିମ୍ନ ୨୮୭.୬ମିମି ବର୍ଷା ହୋଇଛି। ଏଠାରେ ୩.୪% କମ୍ ବର୍ଷା ହୋଇଥିବା ଜଣାପଡ଼ିଛି।

# ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ହଟିବ

ଭୁବନେଶ୍ୱର,୩୧।୮(ବ୍ୟୁରୋ)

**ଅକ୍ଟୋବର ୨ରୁ 'ସବ୍‌କୀ ଯୋଜନା ସବ୍‌କା ବିକାଶ' ଅଭିଯାନ**

ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରି ଆର୍ଥିକ ସ୍ୱଚ୍ଛଳ ବର୍ଗରେ ପରିଣତ କରିବାକୁ କେନ୍ଦ୍ର ସରକାର 'ସବ୍‌କୀ ଯୋଜନା ସବ୍‌କା ବିକାଶ' ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏ ନେଇ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ସଚିବ ଅମରଜିତ ସିହ୍ନା ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏହି ଅଭିଯାନ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଡିସେମ୍ବର ୩୧ ତାରିଖ ଯାଏ ଚାଲିବ। ଗ୍ରାମାଞ୍ଚଳରେ ସମ୍ବିଧାନର ଏକାଦଶ ପରିଚ୍ଛେଦରେ ଗ୍ରାମ ପଞ୍ଚାୟତକୁ ଦିଆଯାଇଥିବା ୨୯ ବିଭାଗ ଉପରେ ଏହି ଅଭିଯାନରେ ପଦକ୍ଷେପ ନିଆଯିବ। ଏଥିରେ ମୁଖ୍ୟତଃ କୃଷି, ଚାଷ ଜମିର ବିକାଶ, କ୍ଷୁଦ୍ର ଜଳସେଚନ, ପ୍ରାଣୀ ସମ୍ପଦ, ମତ୍ସ୍ୟ ଚାଷ, ଜଙ୍ଗଲ, କ୍ଷୁଦ୍ର ଶିଳ୍ପ, ଗ୍ରାମ୍ୟ ଖଦି ଉଦ୍ୟୋଗ, ଗ୍ରାମୀଣ ଗୃହ, ପାନୀୟ ଜଳ, ରାସ୍ତାଘାଟ, ଗ୍ରାମ୍ୟ ବିଦ୍ୟୁତୀକରଣ, ଅଣପାରମ୍ପରିକ ଶକ୍ତି, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ଧନ୍ଦାମୂଳକ ଶିକ୍ଷା, ଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ବଜାର ଓ ମେଳା, ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ସାଧାରଣ ବଣ୍ଟନ ବ୍ୟବସ୍ଥା ଇତ୍ୟାଦି ବିଷୟ ଅନ୍ତର୍ଭୁକ୍ତ କରାଯାଇଛି।

ସମସ୍ତ ବିଭାଗର ସଚିବମାନଙ୍କ ବୈଠକ ଡାକି ଏ ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଅଲଗା ବଜେଟ ପ୍ରସ୍ତୁତ କରିବା ସହ ପଞ୍ଚାୟତସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯିବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବମାନେ ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିବେ। ଉକ୍ତ ଅଭିଯାନକୁ କାର୍ଯ୍ୟକାରୀ କରିବାକୁ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା (ଜିପିଡିପି) ପ୍ରସ୍ତୁତ କରାଯିବ। ଏହି ସମୟ ମଧ୍ୟରେ ପଞ୍ଚାୟତ ଗୁଡ଼ିକର ଭୌଗୋଳିକ ସ୍ଥିତି ଏବଂ ଜନସଂଖ୍ୟା ଆଧାରରେ ର୍ୟାଙ୍କ କରିବାକୁ ପରାମର୍ଶ ଦିଆଯାଇଛି। ଏ ନେଇ ଅଗଷ୍ଟ ୨୭ରେ ମୁଖ୍ୟ ଶାସନ ସଚିବଙ୍କ ସହ ମନ୍ତ୍ରଣାଳୟ ସଚିବ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା କରିଛନ୍ତି। କେନ୍ଦ୍ରଠାରୁ ନିର୍ଦ୍ଦେଶ ପାଇବା ପରେ ପଞ୍ଚାୟତିରାଜ ବିଭାଗ ଏ ନେଇ ପ୍ରସ୍ତୁତି ଆରମ୍ଭ କରିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି।

### ■ ଦୁର୍ନୀତିଗ୍ରସ୍ତଙ୍କ ଉପରେ ପୁଣି କାର୍ଯ୍ୟାନୁଷ୍ଠାନ

# ୬ ଅଫିସର ବିଦା

ଭୁବନେଶ୍ୱର,୩୧।୮(ବ୍ୟୁରୋ)

■ ୪ ପୂର୍ବତନ ଅଧିକାରୀଙ୍କ ପେନ୍‌ସନ ବନ୍ଦ

ରାଜ୍ୟ ପ୍ରଶାସନରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଏହିକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ୬ ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ୪ ପୂର୍ବତନ ଅଧିକାରୀଙ୍କ ପେନ୍‌ସନ୍ ସୁବିଧା ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ଉପରୋକ୍ତ ସମସ୍ତ ଅଧିକାରୀ ଭିନ୍ନ ଭିନ୍ନ ମାମଲାରେ ରାଜ୍ୟ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୁଇ ସପ୍ତାହ ପୂର୍ବେ ମୁଖ୍ୟମନ୍ତ୍ରୀ ଅନୁରୂପ ଭାବେ ୧୫ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହିତ ୨ ପୂର୍ବତନ ଅଧିକାରୀଙ୍କ ପେନ୍‌ସନ୍ ବନ୍ଦ କରିଥିଲେ। ବର୍ତ୍ତମାନ ସୁଦ୍ଧା ମୋଟ ୨୧ ଅଧିକାରୀଙ୍କୁ ବରଖାସ୍ତ କରାଯାଇଥିବାବେଳେ ୬ ଜଣଙ୍କ ପେନ୍‌ସନ୍ ବନ୍ଦ ରଖାଯାଇଛି।

ସଦ୍ୟ ବରଖାସ୍ତ ହୋଇଥିବା ଅଧିକାରୀମାନେ ହେଉଛନ୍ତି ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ତହସିଲର କନିଷ୍ଠ କିରାଣି ସଞ୍ଜିତ କୁମାର ରାୟ। ସେ ପୂର୍ବରୁ ରାଉରକେଲା ଆରଟିଓ ଅଫିସରେ ମଧ୍ୟ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରିଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ଆଇଟିଡିଏର ପୂର୍ବତନ ସହକାରୀ ଯନ୍ତ୍ରୀ ବୈକୁଣ୍ଠ ବିହାରୀ ପ୍ରଧାନ। ସେ ବର୍ତ୍ତମାନ କୋରାପୁଟ ଜିଲା ଜୟପୁର ଆଇଟିଡିଏରେ କାର୍ଯ୍ୟରତ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଭେଟେରାରୀ ଡାକ୍ତର ଭାଗୀରଥି ବିଶ୍ୱାଳ। ସେ ସମ୍ବଲପୁର ନାକଟିଦେଉଳରେ କାର୍ଯ୍ୟରତ ଥିଲେ। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଢେଙ୍କାନାଳ ଜିଲା କାମାକ୍ଷାନଗରରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ପାତ୍ର, ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ କୁତ୍ରା ବ୍ଲକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିଲୋଚନ ସେଠ୍ ଏବଂ ବଣାଇଗଡ ବ୍ଲକର ପଞ୍ଚାୟତ କାର୍ଯ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଷ୍ଟମ ଚନ୍ଦ୍ର ପଟେଲଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ପେନ୍‌ସନ୍‌ବନ୍ଦ କରାଯାଇଥିବା ୪ ଅଫିସର ହେଲେ ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୌତମ ଚନ୍ଦ୍ର ପୃଷ୍ଟି, ଓସିସିର ପୂର୍ବତନ ଜେନେରାଲ ମ୍ୟାନେଜର ବିକ୍ରମ କେଶରୀ ପଟ୍ଟନାୟକ, କଟକ ଡ୍ରେନେଜ ମୁଖ୍ୟ ଯନ୍ତ୍ରୀ ତଥା କାର୍ଯ୍ୟାଳୟର ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ରବୀନ୍ଦ୍ର କୁମାର ଜେନା ଓ ବାରିପଦା ଆଇଟିଡିଏର ପୂର୍ବତନ କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ମହାନ୍ତି। ସେହିପରି ବିଭିନ୍ନ ଅଧିକାରୀଙ୍କ ବିରୋଧରେ ଥିବା ମାମଲାଗୁଡିକର ତଦନ୍ତ ସହ ତର୍ଜମା ଜାରି ରହିଛି। ତେଣୁ ଆଗକୁ ମଧ୍ୟ ବରଖାସ୍ତ ଅଧିକାରୀଙ୍କ ତାଲିକା ବୃଦ୍ଧି ପାଇବାର ସମ୍ଭାବନା ରହିଛି।


ପଶ୍ଚିମବଙ୍ଗର ନଦୀୟାସ୍ଥିତ ଏକ ପୋଖରୀରେ ମାଛ ଧରିବା ପାଇଁ ଜାଲ ବିଛାଉଛନ୍ତି ଜଣେ ଯୁବକ।

ପ୍ରଥମ ପୃଷ୍ଠାରୁ...

## ବାଦ୍ ପଡ଼ିଲେ...

ପ୍ରକାଶିତ ତାଲିକାକୁ ନେଇ ଭାଜପା ରାଜ୍ୟ ଶାଖାର ସଦସ୍ୟମାନେ କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ୧୯୭୧ ପୂର୍ବରୁ ବାଂଲାଦେଶରୁ ପଳାଇଆସିଥିବା ଶରଣାର୍ଥୀଙ୍କ ସମେତ ଅନେକ ପ୍ରକୃତ ନାଗରିକ ବାଦ୍ ପଡିଥିବା ସେମାନେ କହିଛନ୍ତି। ଶରଣାର୍ଥୀମାନଙ୍କ ପ୍ରମାଣପତ୍ରକୁ ଏନ୍‌ଆର୍‌ସି ଗ୍ରହଣ କରି ନ ଥିବା ଆସାମ ମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଟୁଇଟ୍ କରିଛନ୍ତି। ତଥ୍ୟ ଜାଲିଆତି କରାଯାଇ ଅନେକଙ୍କୁ ତାଲିକାରେ ସାମିଲ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ହିନ୍ଦୁମାନଙ୍କୁ ବାଦ୍ ଦେବା ଏବଂ ମୁସଲମାନଙ୍କୁ ସହାୟତା କରିବା ଷଡ଼ଯନ୍ତ୍ରର ଏହା ଅଂଶବିଶେଷ ବୋଲି ଭାଜପା ବିଧାୟକ ଶିଳାଦିତ୍ୟ ଦେବ କହିଛନ୍ତି। ଏନ୍‌ଆର୍‌ସି ସଫ୍ଟୱେର ତ୍ରୁଟିଯୁକ୍ତ ଏବଂ ନାଗରିକ ତାଲିକା ପ୍ରସ୍ତୁତି ପ୍ରଣାଳୀ ଦୁର୍ନୀତିପୂର୍ଣ୍ଣ ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏନ୍‌ଆର୍‌ସି ଜରିଆରେ ଭାଜପା ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛି ବୋଲି ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ତରୁଣ ଗୋଗୋଇ ସମାଲୋଚନା କରିଛନ୍ତି। ଯେଉଁମାନେ ଚୂଡାନ୍ତ ଏନ୍‌ଆର୍‌ସିରୁ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ଅଟକ ରଖାଯିବନି ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି। ସେମାନେ ଫରେନର୍ସ ଟ୍ରିବ୍ୟୁନାଲ୍ ଓ ପରେ ଆବଶ୍ୟକ ପଡ଼ିଲେ ଉଚ୍ଚତର ଅଦାଲତଙ୍କ ଆଶ୍ରୟ ନେଇପାରିବେ। ଏଥିପାଇଁ ରାଜ୍ୟରେ ୪୦୦ ଟ୍ରିବ୍ୟୁନାଲ ଖୋଲାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ଗରିବ ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ଆଇନଗତ ସହାୟତା ଯୋଗାଇଦିଆଯିବ। ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ସହାୟତା ଯୋଗାଇଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ବେଆଇନ ଭାବେ ରହିଥିବା ବାଂଲାଦେଶୀଙ୍କୁ ବହିଷ୍କାର କରିବା ଏନ୍‌ଆର୍‌ସିର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ୧୯୭୯ରୁ ୧୯୮୫ ପର୍ଯ୍ୟନ୍ତ ୬ ବର୍ଷ ଧରି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଜୋରଦାର ଆନ୍ଦୋଳନ ହୋଇଥିଲା। ଶେଷରେ ୧୯୮୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ, ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିୟନ ଏବଂ ଅଲ୍ ଆସାମ ଗଣ ସଂଗ୍ରାମ ପରିଷଦର ନେତାମାନଙ୍କ ମଧ୍ୟରେ ଆସାମ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ୨୦୧୩ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ଏନ୍‌ଆର୍‌ସି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୨୦୧୫ ମେ'ରୁ ଆବେଦନପତ୍ର ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ୩ କୋଟି ୩୦ ଲକ୍ଷ ୨୭ ହଜାର ୬୬୧ ଜଣ ଆବେଦନ କରିଥିଲେ। ଗତବର୍ଷ ଜୁଲାଇ ୩୦ରେ ଏନ୍‌ଆର୍‌ସି ଚିଠା ପ୍ରକାଶ ପାଇଥିଲା, ଯେଉଁଥିରେ ୨,୮୯,୮୩,୬୭୭ ଜଣଙ୍କୁ ଯୋଗ୍ୟବିବେଚିତ କରାଯାଇଥିବାବେଳେ ୪୧ ଲକ୍ଷ ବାଦ୍ ପଡିଥିଲେ। ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଏଥିରେ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ବାଦ୍ ପଡିଥିବା ୩୬, ୨୬,୬୩୦ ଜଣ ଏନ୍‌ଆର୍‌ସିରେ ସାମିଲ ପାଇଁ ପୁନର୍ବାର ଆବେଦନ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ ନୂଆ...

କରିବା ପାଇଁ ଏହି ଆଇନରେ ବ୍ୟବସ୍ଥା ହୋଇଛି। ସଡକ ସୁରକ୍ଷାରେ ଉନ୍ନତି, ପରିବହନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା, ଗ୍ରାମାଞ୍ଚଳ ପରିବହନ ବ୍ୟବସ୍ଥାରେ ଉନ୍ନତି, ଅଟୋମେଶନ ଓ କମ୍ପ୍ୟୁଟରୀକରଣ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ତେବେ ଆଇନ ଉଲ୍ଲଂଘନକାରୀଙ୍କ ପାଇଁ ଏଥିରେ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି। ଅପ୍ରାପ୍ତ ବୟସ୍କ ପିଲା ଗାଡି ଚଳାଇଲେ ସେମାନଙ୍କ ମାତାପିତା ଓ ଯାନବାହନ ମାଲିକଙ୍କୁ ଜରିମାନା ଦେବା ସହିତ ଜେଲ ଯିବାକୁ ପଡିବ। ଦ୍ରୁତ ଗତିରେ ଗାଡି ଚଳାଇବା, ବିନା ହେଲ୍‌ମେଟ ଓ ମୋବାଇଲରେ କଥା ହୋଇ ଗାଡି ଚଳାଇଲେ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବ। ସଂଶୋଧିତ ଆଇନରେ ଜରିମାନା ରାଶିକୁ ବହୁଗୁଣା ବୃଦ୍ଧି କରାଯାଇଛି। ସାଧାରଣ ନିୟମ ଉଲ୍ଲଂଘନ କଲେ ପୂର୍ବରୁ ପ୍ରଥମ ଥର ପାଇଁ ୧୦୦ ଟଙ୍କା ଜରିମାନା କରାଯାଉଥିବା ବେଳେ ଦ୍ୱିତୀୟ ଥର ପାଇଁ ୩୦୦ ଟଙ୍କା ହେଉଥିଲା। ସେପ୍ଟେମ୍ବର ପହିଲାରୁ ଏହା ଯଥାକ୍ରମେ ୫୦୦ ଓ ୧୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଡ୍ରାଇଭିଂ ନିୟମ ଉଲ୍ଲଂଘନ କଲେ ୧ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ବିନା ଟିକେଟରେ ଯାତ୍ରା କଲେ ୨୦୦ରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ପରିବହନ କର୍ତ୍ତୃପକ୍ଷଙ୍କ ନିୟମକୁ ଅବମାନନା କଲେ ୫୦୦ ବଦଳରେ ୨ ହଜାର, ଜାଣିଶୁଣି ସୂଚନା ନ ଦେଲେ ୫୦୦ରୁ ୨ ହଜାର, ଅନ୍ୟକୁ ଗାଡି ଚଳାଇବାକୁ ଦେଲେ ୧ ହଜାରରୁ ୫ ହଜାର, ବିନା ଲାଇସେନ୍ସରେ ଗାଡି ଚଳାଇଲେ ୫୦୦ରୁ ୫ ହଜାର, ଅଯୋଗ୍ୟ ଘୋଷିତ ପରେ ଗାଡି ଚଳାଇଲେ ୫ରୁ ୧୦ ହଜାର ଟଙ୍କାର ଜରିମାନା ବ୍ୟବସ୍ଥା କରାଯାଇଛି। କଣ୍ଡକ୍ଟର ଲାଇସେନ୍ସ ଅପରାଧ ମାମଲା ପାଇଁ ୧୦୦ରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଏହି ସଂଶୋଧିତ ଆଇନରେ କେତେକ ନୂତନ ଜରିମାନାର ବ୍ୟବସ୍ଥା କରାଯାଇଛି। ମୋଟର ଯାନ ଆଇନ ସପ୍ତମ ପରିଚ୍ଛେଦକୁ ଉଲ୍ଲଂଘନ କରି ଯାନବାହନ ବିକ୍ରି କଲେ ନିର୍ମାତା, ଡିଲରଙ୍କ ଉପରେ ପ୍ରତ୍ୟେକ ଗାଡି ପିଛା ୧ ଲକ୍ଷ ଟଙ୍କାର ଜରିମାନା କରାଯିବ। ସେହିପରି ଯଦି ଗାଡି ନିର୍ମାତା ଆଇନକୁ ଉଲ୍ଲଂଘନ କରିବେ ତେବେ ତାଙ୍କୁ ୧୦୦ କୋଟି ଟଙ୍କା, ବିପଦପୂର୍ଣ୍ଣ ଗାଡିକୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ବିକ୍ରି କଲେ ୧ ଲକ୍ଷ, ଆଇନ ବିରୋଧରେ ଗାଡିର କୌଣସି ଯନ୍ତ୍ରାଂଶକୁ ବଦଳାଇଲେ ପ୍ରତିବଦଳ ଅଂଶ ପାଇଁ ୫ ହଜାର, ଅଣପଞ୍ଜୀକୃତ ଏବଂ ଗାଡିର ଫିଟ୍‌ନେସ ନ ଥିଲେ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ହାଲୁକା ଯାନକୁ ଦ୍ରୁତ ଗତିରେ ଚଳାଇଲେ ୧ ହଜାର ବଦଳରେ ୨ ହଜାର, ଯାତ୍ରୀବାହୀ ଗାଡିକୁ ଅତ୍ୟଧିକ ବେଗରେ ଚଳାଇଲେ ୪ ହଜାର, ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା କଲେ ୧ ହଜାର ପରିବର୍ତ୍ତେ ୧୦ ହଜାର, ଟ୍ରାଫିକ୍‌ରେ ନାଲିବତି ଉଲ୍ଲଂଘନ, ବନ୍ଦ ଥିବା ବେଳେ ଯିବା, ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର, ନୋ ଓଭର ଟେକିଂ ଜୋନରେ ଓଭରଟେକ କରିବା, ଯାନବାହନର ବିପରୀତ ଦିଗରୁ ଗାଡି ଚଳାଇବା, ବିପଦପୂର୍ଣ୍ଣ ଭାବେ ଗାଡି ଚଳାଇଲେ ପ୍ରଥମ ଥର ପାଇଁ ୫ ହଜାର ଓ ଦ୍ୱିତୀୟ ଥର ପାଇଁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ସେହିପରି ମଦ୍ୟପାନ କରି ଗାଡି ଚଳାଇଲେ ୩ ହଜାର ବଦଳରେ ୧୫ ହଜାର, ମାନସିକ ଓ ଶାରୀରିକ ଅସୁସ୍ଥ ବ୍ୟକ୍ତି ଗାଡି ଚଳାଇବା ପାଇଁ ୫୦୦ରୁ ୨ ହଜାର, ଦୁର୍ଘଟଣା ଘଟାଇବା ପାଇଁ ୧ ହଜାରରୁ ୧୦ ହଜାର, ରେସିଂ ସ୍ପିଡ୍‌ରେ ଗାଡି ଚଳାଇଲେ ୫୦୦ରୁ ୧୦ ହଜାର, ଅସୁରକ୍ଷିତ ଯାନକୁ ଚଳାଇବା ପାଇଁ ୧ ହଜାରରୁ ୧୫୦୦, ବାୟୁ ଓ ଶବ୍ଦ ପ୍ରଦୂଷଣ ପାଇଁ ୨ ହଜାରରୁ ୧୦ ହଜାର, ଶରୀର କିମ୍ବା ସମ୍ପତ୍ତିକୁ କ୍ଷତି ପହଞ୍ଚାଇଲେ ୧ ହଜାରରୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ହେବ। ସେହିପରି ଯାନବାହନରେ ବିସ୍ଫୋରକ ସାମଗ୍ରୀ ନେବା ପାଇଁ ୫ ହଜାରରୁ ୧୦ ହଜାର, ବିନା ସିଟ୍‌ବେଲ୍‌ଟରେ ଗାଡିଚଳାଇଲେ ୧ ହଜାର, ଦୁଇଚକିଆ ଯାନରେ ଦୁଇଜଣରୁ ଅଧିକ ଗଲେ ୧ ହଜାର, ବିନା ହେଲ୍‌ମେଟରେ ଗାଡି ଚଳାଇଲେ ୧ ହଜାର, ବିନା ପଞ୍ଜୀକରଣରେ ଗାଡି ଚଳାଇଲେ ୧୦ ହଜାର, ବିନା ଅନୁମତିରେ ଗାଡି ଚଳାଇଲେ ୧୦ ହଜାର ଟଙ୍କା ଜରିମାନା ଗଣିବାକୁ ପଡିବ। ସେହିପରି ଗାଡି ପଞ୍ଜୀକରଣ ପାଇଁ ଆବେଦନ ନ କରି କିମ୍ବା ଜାଲ କାଗଜପତ୍ର କରି ଗାଡି ବିକିଲେ ଡିଲରଙ୍କୁ ୧୫ଗୁଣା ଟିକସ ଆକାରରେ ଜରିମାନା ଦେବାକୁ ହେବ। ଓଭର ଲୋଡିଂ ପାଇଁ ୨୦ ହଜାର ଏବଂ ପ୍ରତି ଟନ ପିଛା ୨ ହଜାର, ଅଧିକ ଯାତ୍ରୀ ନେଲେ ପ୍ରତି ଯାତ୍ରୀ ପିଛା ୨୦୦ ଟଙ୍କା ଜରିମାନା ଆକାରରେ ଦେବାକୁ ପଡିବ। ଏହିପରି ଆହୁରି ଅନେକ ଜରିମାନା ବ୍ୟବସ୍ଥା ମଧ୍ୟ ରହିଛି। କେନ୍ଦ୍ର ସରକାରଙ୍କ ଏହି ସଂଶୋଧିତ ମୋଟର ଯାନ ଆଇନ ସେପ୍ଟେମ୍ବର ପହିଲାରୁ କଡାକଡି ଭାବେ ଲାଗୁ ହେବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଶନିବାର ସଚିବାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଶୁଭଚନ୍ଦ୍ର କାର୍ଯ୍ୟ ସିଦ୍ଧି ସହ ଯାତ୍ରାକୁ ସୁଗମ କରିବ। କର୍ମକ୍ଷେତ୍ରରେ ଆପଣଙ୍କ ଅପ୍ରିୟ ସତ୍ୟ କଥା ସହକର୍ମୀ କିମ୍ବା ନିକଟ ସମ୍ପର୍କୀୟଙ୍କ ମନରେ ଦୁଃଖ ଦେଇପାରେ। ଅବହେଳାରୁ ପୁରାତନ ରୋଗପୀଡ଼ା ଯୋଗୁ ମାନସିକ ସୁସ୍ଥତା ହରାଇପାରନ୍ତି। ଫେରନ୍ତା ବାଟରେ ଜଣେ ବ୍ୟକ୍ତିଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ।

**ବୃଷ**
ଯାହାକୁ କିଛି କହିବେ ବୋଲି ମନରେ ଭାବୁଥିଲେ ଆଜି ହଠାତ୍ ପାଖରେ ପାଇଲା ସମୟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ଆଜକୁ କେତେ ଦିନ ହେଲା ଭଲ ନ ଥିବା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**
ଭାଗ୍ୟସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟି ସୌଭାଗ୍ୟପ୍ରଦ ହେବ। କିନ୍ତୁ ପାପଗ୍ରହ ପ୍ରଭାବରେ ମୃଗଶିରା ନକ୍ଷତ୍ର ଯେତେ ଚେଷ୍ଟା କଲେ ମଧ୍ୟ ସମସ୍ୟା ସୁଧୁରିବା କଷ୍ଟକର ହୋଇପଡିବ। ଅଧିକାଂଶ ସମୟରେ ଭାବପ୍ରବଣତା ବୃଦ୍ଧି ପାଇବ, ଯାହାକି ଅଶାନ୍ତିର ହେତୁ ସ୍ୱରୂପ ହେବାର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ।

**କର୍କଟ**
ଧନଭାବର ସୁପ୍ରଭାବରେ ଆକସ୍ମିକ ଅର୍ଥଲାଭ ସହ ସମସ୍ୟା ସମାଧାନରୁ ଆଶ୍ୱସ୍ତି ଅନୁଭବ କରିବେ। କେତେକ କାମ ଅଟକି ରହିଥିବା କାରଣରୁ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଅଫିସରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ଆଲୋଚନା କାଳରେ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବନ୍ଧୁ ଅଭିମାନ କରିପାରନ୍ତି।

**ସିଂହ**
ଆଜିର ଗ୍ରହସ୍ଥିତି ସମସ୍ତ ସମସ୍ୟାକୁ ପ୍ରତିହତ କରି କର୍ମପ୍ରବାହକୁ ଅଗ୍ରଗାମୀ କରାଇନେବ। ପରିବାରରେ ଭୁଲ୍ ବୁଝାମଣା ହେତୁ ନିକଟ ସମ୍ପର୍କୀୟମାନେ ପାଖ ମାଡି ନ ପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଗବେଷଣା, ଅନୁସନ୍ଧାନ, ରାଜନୀତି ଓ ସଭାସମିତିରେ ଚେଷ୍ଟା ସଫଳ ହେବ।

**କନ୍ୟା**
ପ୍ରତିକୂଳ ଗ୍ରହସ୍ଥିତି ସମସ୍ତ ଅନର୍ଥର କାରଣ ହୋଇପାରେ। ଅତଏବ ପ୍ରତ୍ୟେକ ପରିସ୍ଥିତିରେ ଜଗି ରଖି ଚଳିବା ଭଲ ହେବ। ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡିବା ସହଜସାଧ୍ୟ ହୋଇ ନ ପାରେ।

**ତୁଳା**
ଦ୍ୱାଦଶସ୍ଥ ଚନ୍ଦ୍ର ଯୋଗୁ ଦୂରଯାତ୍ରା କରିବାକୁ ପଡିପାରେ। ବହୁତ ଦିନହେଲା ବାରମ୍ବାର ଚେଷ୍ଟା କରୁଥିବା କାମଗୁଡିକ ସୁବିଧାରେ ନ ହେବା କାରଣରୁ ମନ ଭଲ ରହିବ ନାହିଁ । ଏପରି କି ସାମାଜିକ କ୍ଷେତ୍ରରେ ଭଲ କହିଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଦିନ ଭିତରେ ବିଶେଷ ଭ୍ରମଣ ଯୋଗୁ କ୍ଲାନ୍ତ ଅନୁଭବ କରିବେ।

**ବିଛା**
ରାଶିରେ ବୃହସ୍ପତି ଏକାଦଶ୍ରୁ ଚନ୍ଦ୍ର ଲକ୍ଷ୍ୟହାସଲରୁ ମାନସିକ ସ୍ତରରେ ପ୍ରସନ୍ନତା ଆସିବ। କିନ୍ତୁ ଶନି ଦୃଷ୍ଟ ଚନ୍ଦ୍ର ହେତୁ ଉପସ୍ଥିତ ପରିବେଶରେ କ'ଣ କରିବେ କିମ୍ବା ନ କରିବେ, ସେହି ନିଷ୍ପତ୍ତି ନେବା ମଧ୍ୟ ସହଜ ନ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ । ବ୍ୟବସାୟ ଓ ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି।

**ଧନୁ**
ରାଶିରେ ଶନିଙ୍କ ଅବସ୍ଥିତି କାରଣ ଯୋଗୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଏଣେ ଯେତେ ନେହୁରା ହେଲେ ମଧ୍ୟ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ପାରିବାରିକ କ୍ଷେତ୍ର ବିଶେଷ ଖରାପ ରହିବ ନାହିଁ । ଶିକ୍ଷା, ଲେଖାପଢ଼ା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ମକର**
ଦଶମ ଚନ୍ଦ୍ର ପ୍ରଭାବରେ ବନ୍ଧୁମାନଙ୍କ କଥାରେ ପ୍ରଭାବିତ ହୋଇ ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଏଣୁତେଣୁ ବିଗତ କଥାକୁ ମନରେ ସ୍ଥାନ ଦେଇ ସାୟାହ୍ନେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ । ଶ୍ରବଣା ନକ୍ଷତ୍ର ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମରେ କିମ୍ବା ଖେଳକୁଦରେ ପ୍ରଶଂସା ପାଇବେ।

**କୁମ୍ଭ**
ରାଶ୍ୟାଧିପତିଙ୍କ ସୁଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କରିଚାଲନ୍ତୁ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। କିନ୍ତୁ ତାହା ବେଶିକ୍ଷଣ ତିଷ୍ଠି ରହିବ ନାହିଁ ।

**ମୀନ**
ପାରିବାରିକ ଅଶାନ୍ତି କାରଣରୁ ମନରେ ଦୁର୍ଭାବନା ବଢ଼ିଚାଲିବ ଏବଂ ଆପଣ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ବାଲିତୃତୀୟା ରବିବାର, ଗୌରୀବ୍ରତ, ଶ୍ରୀମନ୍ଦିରରେ ନିକୁଳୀଳା ଓ ଅନ୍ଧପ୍ରସ୍ତାବ, ଖୁଦୁରୁକୁଣୀ ଓଷା ତୃତୀୟପାଳି, ମୁସ୍‌ଲିମ୍ ନବବର୍ଷ, ଅଲ୍-ହିଜରା, ମହରମ୍ ମାସ ଆରମ୍ଭ, ସେପ୍ଟେମ୍ବର ୧ ତାରିଖ, ୧୪୪୧ ସାଲ ପ୍ରବେଶ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ,ରାଶି-ନକ୍ଷତ୍ର ଦିବା ଘ୧୧ ।୪୭ମି. ଗତେ, ହସ୍ତା/କନ୍ୟା, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୪ ।୫୬ମି. ଗତେ, ଘ୬ ।୧୭ମି. ମଧ୍ୟେ ଅମୃତବେଳା। ସକାଳ ଘ୫ ।୩୪ମି. ଗତେ ଘ୬ ।୨୪ମି. ମଧ୍ୟେ ମାହେନ୍ଦ୍ରବେଳା ।



ପାକିସ୍ତାନରେ ଅପହରଣ ପରେ ଧର୍ମ ପରିବର୍ତ୍ତନ କରି ବଳପୂର୍ବକ ଶିଖ୍ ଯୁବତୀ ଜଗଜିତ୍ କୌର(୧୯)ଙ୍କୁ ବିବାହ ମାମଲାରେ ନାନ୍‌କାନା ସାହିବ୍ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅପହର୍ତ୍ତା ମୁଖ୍ୟ ଅଭିଯୁକ୍ତ ଜେୟୁଡି ମୁଖ୍ୟ ହାଫିଜ୍ ସୟିଦଙ୍କ ସହଯୋଗୀ ବୋଲି ଜଗଜିତ୍ ଶନିବାର ଫେରିବା ପରେ ଜଣାପଡ଼ିଛି।





## ଜିଲ୍ଲା ଚିଠି
## ମାଲକାନଗିରି

# କାହା ପାଖରେ ତଥ୍ୟ ନାହିଁ

ଦେଶରେ ଶିଶୁମାନଙ୍କ ସୁରକ୍ଷା, ଯତ୍ନ, ଖାଦ୍ୟପେୟ, ଶିକ୍ଷାଦାନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଜିଲାରେ ଶିଶୁମାନଙ୍କ ସୁରକ୍ଷା ପାଇଁ ଚାଇଲ୍ଡଲାଇନ୍, ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟ କରୁଛି। ହେଲେ ଏହି ବିଭାଗଗୁଡିକର କାହା ସହିତ କାହାର ସମନ୍ୱୟ ନାହିଁ। ବିଭିନ୍ନ ସମୟରେ ଉଦ୍ଧାର ହେଉଥିବା ଶିଶୁମାନେ କେଉଁଠାରେ କେଉଁ ପରିସ୍ଥିତିରେ ଅଛନ୍ତି ତାହାର ତଦାରଖ ହେଉନାହିଁ। ତଥ୍ୟ ଅନୁଯାୟୀ, ଜିଲା ଚାଇଲ୍ଡଲାଇନ ପକ୍ଷରୁ ୨୦୧୭ରୁ ୨୦୧୯ ଜୁନ୍ ମଧ୍ୟରେ ୮୬୧ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇ ଜିଲା ଶିଶୁ ସୁରକ୍ଷା ଅଧିକ୍ଷଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିଲା। କାଉନସେଲିଂ ପରେ ସେମାନଙ୍କ ମଧ୍ୟରୁ କେତେଜଣ ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣାପଡିବା ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏବେ ସେହି ଯୁବତୀ ଯୁବକମାନେ ନିଜ ଅଞ୍ଚଳରେ ଶିକ୍ଷା ଗ୍ରହଣ କରୁଛନ୍ତି ନା ଡ୍ରପ୍ ଆଉଟ୍ ହୋଇଛନ୍ତି ତାହା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଯଦି ସେହି ଯୁବତୀଯୁବକମାନେ ଅଳ୍ପ ଶିକ୍ଷିତ ଥିଲେ ସେମାନଙ୍କ ପାଠପଢ଼ା ଦାୟିତ୍ୱ ସରକାର ବହନ କରିବାର ନିୟମ ରହିଛି। ଜିଲା ଶିଶୁ ମଙ୍ଗଳ ସମିତି ଏବଂ ଜିଲା ଶିଶୁ ସୁରକ୍ଷା ସମିତିର ତଥ୍ୟ ଅନୁଯାୟୀ, ୨୦୧୭-୧୮ରେ ୧୧୧ଜଣ ଶିଶୁ ଶ୍ରମିକ ଏବଂ ୨୦୧୮-୧୯ରେ ୬୦ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଯେଉଁମାନେ ଅଳ୍ପ ପାଠ ପଢିଥିଲେ ସେହି ପିଲାଙ୍କୁ ଜିଲାର ବିଭିନ୍ନ ବିଦ୍ୟାଳୟ ଛାତ୍ରାବାସରେ ରଖି ଶିକ୍ଷାଦାନ କରାଯାଉଛି। ଖାଦ୍ୟପେୟ ଦାୟିତ୍ୱ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ କରାଯାଇଛି। ଉଦ୍ଧାର ଶିଶୁଙ୍କ ମଧ୍ୟରୁ ଯେଉଁମାନେ ପାଠ ପଢିନାହାନ୍ତି ସେମାନଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ହେଲେ ଏବେ ସେମାନେ କ'ଣ କରୁଛନ୍ତି ସେ ଖବର କାହା ପାଖରେ ନାହିଁ। ସେହି ଶିଶୁମାନେ ହୁଏତ ପୁଣି ଥରେ ଶିଶୁଶ୍ରମିକ ଭାବେ କାମ କରିବାକୁ ଜିଲା ବାହାରକୁ ଯାଇଥାଇପାରନ୍ତି, ତା'ର ହିସାବ କାହା ପାଖରେ ନାହିଁ। ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟରୁ ଜଣାପଡିଛି, ଜିଲାରେ ଏଯାଏ ୩୨ହଜାର ୯୨୦ଜଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଶିଶୁ ମଙ୍ଗଳ, ଶିଶୁ ସୁରକ୍ଷା ଏବଂ ଶ୍ରମ ବିଭାଗ ଜିଲାର ୧୬ଟି ସ୍ଥାନରେ ଚଢାଉ କରି ୪୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିବାବେଳେ ଏଥିରେ ସମ୍ପୃକ୍ତ ଦଲାଲ ଏବଂ ସଂସ୍ଥାର ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଛି। ଜଣଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୫ ଜଣଙ୍କୁ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷେ ଜିଲାର ସ୍ୱାଭିମାନ ଅଞ୍ଚଳରେ ଅନେକ ଅଙ୍ଗନୱାଡି କେନ୍ଦ୍ରରେ ୦ ରୁ ୫ ବର୍ଷର ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁନାହିଁ। କେନ୍ଦ୍ରଗୁଡିକ ବନ୍ଦ ଥିବା ନେଇ ଗତ ୨୬ ତାରିଖରେ ୪ଟି ପଞ୍ଚାୟତର ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲା ଶିଶୁ ଗୃହରେ ଏବେ ୪୮ ଜଣ ଅନାଥ ଝିଅ ପୁଅ ରହୁଛନ୍ତି। ସେମାନଙ୍କ ପାଇଁ ଏପର୍ଯ୍ୟନ୍ତ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଖାଦ୍ୟପେୟ, ପୋଷାକ, ପାଠ୍ୟ ପୁସ୍ତକ ଆଦି ଯୋଗାଇ ନାହାନ୍ତି। ସମ୍ପୃକ୍ତ ସଂସ୍ଥା ନିଜସ୍ୱ ଅର୍ଥ ଏବଂ ଧାର କରଜ କରି ଏହି ପିଲାମାନଙ୍କୁ ଚଳାଉଛନ୍ତି। ଏଥିରୁ ସ୍ପଷ୍ଟ ଯେ, ସରକାରଙ୍କ ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ଉଦ୍ଧାର ଯୋଜନା ପ୍ରହସନ ପାଲଟିଛି।

– ଦୁର୍ଯ୍ୟୋଧନ ପାତ୍ର

# ୪ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

■ ସତର୍କ ରହିବାକୁ ସମସ୍ତ ଜିଲାପାଳଙ୍କୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

■ ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ରହିଛି। ଏହା ପ୍ରଭାବରେ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୨ ତାରିଖରେ ଉତ୍ତରପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଲଘୁଚାପ ବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏଥିଯୋଗୁ ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ରେ ୪ରୁ ୫ ଦିନ ଧରି ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ତେବେ ୧ ତାରିଖରୁ ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବ। ସ୍ଥାନେ ସ୍ଥାନେ ୭୦ରୁ ୮୦ ମିମି ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ମୟୂରଭଞ୍ଜ, ପୁରୀ ଓ ନୟାଗଡ଼ ଆଦି ୧୧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ୨ ତାରିଖ ଦିନ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଗଜପତି ଓ ରାୟଗଡ଼ାରେ ୬ ଜିଲାକୁ ଅରେଞ୍ଜ ଏବଂ କନ୍ଧମାଳ, ପୁରୀ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଅନୁଗୋଳ, ଦେବଗଡ଼, କେନ୍ଦୁଝର, ସମ୍ବଲପୁର ଓ ମୟୂରଭଞ୍ଜ ଆଦି ୧୩ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ୩ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଆଦି ୧୪ ଜିଲା ଏବଂ ୪ ତାରିଖରେ ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୋନପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କଟକ ଆଦି ୮ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ କରାଯାଇଛି। ଯେଉଁମାନେ ଯାଇଛନ୍ତି ସେମାନେ ୧ତାରିଖ ରାତି ସୁଦ୍ଧା ଫେରି ଆସିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ଲଘୁଚାପ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଶନିବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ବୋଲି ସତର୍କ କରାଇଛନ୍ତି। ଯେଉଁସବୁ ଜିଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି ହୋଇଛି ସେସବୁ ଜିଲାର ଜିଲାପାଳମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରି ଆବଶ୍ୟକ ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପାଇଁ ଆଗୁଆ ପଦକ୍ଷେପ ନିଆଯିବା ସହ ଆବଶ୍ୟକ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, ଆଲୋକ, ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ କରାଇବାକୁ କୁହାଯାଇଛି। ପ୍ରତ୍ୟେକ ଜିଲା ମୁଖ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ନିମନ୍ତେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ସ୍ୱର୍ଣ୍ଣ ବିଜେତା ଅଶ୍ୱତ୍ଥଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୮(ବ୍ୟୁରୋ)

ରୁଷିଆସ୍ଥିତ କାଜାନ୍‌ରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ଏସ୍. ଅଶ୍ୱତ୍ଥ ନାରାୟଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସମ୍ବର୍ଦ୍ଧିତ କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାରାୟଣଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଛି। ଏଥିସହିତ ତାଙ୍କ ପ୍ରଶିକ୍ଷକ ରଜତ କୁମାର ସାମନ୍ତରାୟଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅଶ୍ୱତ୍ଥ ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ସି.ଭି. ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ପାଇଁ ୫ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି। ଏହି ଅର୍ଥରେ ସେଠାରେ ବିଜୁ ପଟ୍ଟନାୟକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା କରାଯିବ। ଏହି ଉତ୍ସବରେ ଉପସ୍ଥିତ ଥିବା ସେହି ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ସଞ୍ଜୀବ ରାଉତ, ପ୍ରଶିକ୍ଷକ ରଜତ କୁମାର



ଅଶ୍ୱତ୍ଥ ନାରାୟଣ, ତାଙ୍କ ପ୍ରଶିକ୍ଷକ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଏବଂ ଅନ୍ୟ ଦୁଇ ପ୍ରତିଯୋଗୀ(ଜେନୋଫୋନ୍ ଦାସ ଏବଂ ଅବିନାଶ ସ୍ୱାଇଁ)ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦକ୍ଷତାକୁ ଆୟୁଧ କରି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୁବବର୍ଗଙ୍କ ପାଇଁ ଅଶ୍ୱତ୍ଥ ପ୍ରକୃତ ରୋଲ୍ ମଡେଲ। ତାଙ୍କୁ ବିଶ୍ୱ ଦରବାରରେ ମିଳିଥିବା ଏହି ସମ୍ମାନ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ପ୍ରେରଣା ଯୋଗାଇବ। ସେହିପରି ରାଜ୍ୟର ବିଭିନ୍ନ ଆଇଟିଆଇ, ପଲିଟେକ୍‌ନିକ ଏବଂ ଅନ୍ୟ ଦକ୍ଷତା ପ୍ରଶିକ୍ଷଣ ସଂସ୍ଥାର ଛାତ୍ରୀଛାତ୍ରଗଣ ୨୦୨୧ରେ ହେବାକୁ ଥିବା ଇଣ୍ଡିଆ ସ୍କିଲ୍ସ ଏବଂ ୱାର୍ଲ୍ଡ ସ୍କିଲ୍ସରେ ଭାଗ ନେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗଚୀ, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟା



ସତ୍ୟଜିତ୍ ମହାନ୍ତି | ମନୋଜ କୁମାର ଛାବ୍ରା | ସୁରେନ୍ଦ୍ର ପନ୍ୱାର

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

ରାଜ୍ୟ ସରକାର ୩ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଡାଇରେକ୍ଟର ଜେନେରାଲ (ଡିଜି) ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ସେମାନେ ହେଲେ ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ପୂର୍ବତନ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ୧୯୮୮ ବ୍ୟାଚ୍‌ର ମନୋଜ କୁମାର ଛାବ୍ରା ଓ ୧୯୮୭ ବ୍ୟାଚ୍‌ର ସୁରେନ୍ଦ୍ର ପନ୍ୱାର। ଏନେଇ ସରକାରଙ୍କ ପକ୍ଷରୁ ଶନିବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ୨୦୧୬ ଆଇପିଏସ୍ ପେ' ରୁଲ୍ ୮ ଏବଂ ସବ୍ ରୁଲ୍ ୫ ଅନୁଯାୟୀ ଗୃହ ବିଭାଗ ସତ୍ୟଜିତ ମହାନ୍ତି ଓ ମନୋଜ କୁମାର ଛାବ୍ରାଙ୍କୁ ପଦୋନ୍ନତି ଦେଇଛି। ସେହିଭଳି କେନ୍ଦ୍ରୀୟ ଡେପୁଟେଶନରେ ଥିବା ସୁରେନ୍ଦ୍ର ପନ୍ୱାରଙ୍କ କାର୍ଯ୍ୟଦକ୍ଷତା ଅନୁସାରେ ପଦୋନ୍ନତି ଦିଆଯାଇଥିବା ଜଣାପଡିଛି। କେନ୍ଦ୍ର ସରକାର ପ୍ରତି ରାଜ୍ୟ ପାଇଁ ଆଇପିଏସ୍ ଅଫିସରଙ୍କର ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ଧାର୍ଯ୍ୟ କରିଛନ୍ତି। ଓଡ଼ିଶାରେ ଆଇପିଏସ୍ ଅଫିସରଙ୍କ ସଂଖ୍ୟା ୮୮ ରହିଛି। ଏହାସହ ସବୁ ରାଜ୍ୟର କ୍ୟାଡର ସଂଖ୍ୟା ମଧ୍ୟ ନିର୍ଦ୍ଧାରିତ ହୋଇଥାଏ। ଏହାକୁ ମନଇଚ୍ଛା ବଦଳ କରାଯାଇପାରିବ ନାହିଁ। ୨୦୦୯ରୁ ଏହି ନିୟମ ଲାଗୁହୋଇ ଆସୁଛି। ବର୍ତ୍ତମାନ ୩ଜଣଙ୍କୁ ଡିଜି ର୍‍ୟାଙ୍କ୍ ମିଳିବା ପରେ ଓଡ଼ିଶାରେ ଏହି ସଂଖ୍ୟା ୫ରେ ପହଞ୍ଚିଛି। ସେମାନେ ହେଲେ ପୋଲିସ ଡିଜି ବି.କେ. ଶର୍ମା, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ ରୟ, ଜେଲ୍ ଏଡିଜି ସତ୍ୟଜିତ୍ ମହାନ୍ତି, ଓଏସ୍‌ଏପି ଆଡିଶନାଲ ଡିଜି ମନୋଜ କୁମାର ଛାବ୍ରା ଓ କେନ୍ଦ୍ରୀୟ ଡେପୁଟେଶନରେ ଥିବା ସୁରେନ୍ଦ୍ର ପନ୍ୱାର।


LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

**ଭାରତୀୟ ଜୀବନ ବୀମା ନିଗମ**
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
'ଜୀବନ ଦୀପ', ଏକ୍‌ଜିବିଶନ୍ ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.: ୦୬୧୨-୨୫୦୧୧୧୮/୨୫୦୩୦୧୪/୨୫୦୧୧୦୩
ଇମେଲ୍: ecz_engg@licindia.com; ୱେବ୍‌ସାଇଟ୍: www.licindia.in/tenders
ଏକ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

**ପଦମପୁରଠାରେ ପ୍ରସ୍ତାବିତ ଶାଖା କାର୍ଯ୍ୟାଳୟ ବିଲ୍‌ଡିଂ ଏବଂ ଅଫିସର୍ସ କ୍ୱାର୍ଟର୍ ନିର୍ମାଣ ନିମନ୍ତେ ପ୍ରତିଯୋଗିତାମୂଳକ ବିଡିଂ**

ଭାରତୀୟ ଜୀବନ ବୀମା ନିଗମ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡର୍‌ମାନଙ୍କଠାରୁ ୱେବ୍‌ସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ-ବିଡ୍ ଆହ୍ୱାନ କରୁଛନ୍ତି।

| | |
|---|---|
| ବିଡ୍ ନଂ. | ଏଲ୍‌ଆଇସିଆଇ/ଇସିଜେଡ୍‌ଓ/୨୦୧୯-୨୦/୨୪ ତାରିଖ: ୦୧।୦୯।୨୦୧୯ |
| କାର୍ଯ୍ୟର ବିବରଣୀ | ସମ୍ବଲପୁର ଡିଭିଜନାଲ୍ କାର୍ଯ୍ୟାଳୟ, ଓଡ଼ିଶା ଅଧୀନରେ ପଦମପୁରଠାରେ ଆଧୁନିକୀକରଣ ସହିତ ପ୍ରସ୍ତାବିତ ଶାଖା କାର୍ଯ୍ୟାଳୟ ବିଲ୍‌ଡିଂ, ୪ ଗୋଟି ଅଫିସର୍ସ କ୍ୱାର୍ଟର୍ ନିର୍ମାଣ ଏବଂ ତତ୍‌ସମ୍ପର୍କିତ ନିର୍ମାଣ କାର୍ଯ୍ୟ। ଅଟକଳ ମୂଲ୍ୟ: **ଟ.୪୪୧.୩୪ ଲକ୍ଷ** (ଆନୁମାନିକ) |
| ବିକ୍ରୟ ଅବଧି (ଡାଉନ୍‌ଲୋଡିଂ) | ୦୧।୦୯।୨୦୧୯ରୁ ୨୩।୦୯।୨୦୧୯ |
| ବିଡ୍ ଦାଖଲର ସମାପ୍ତି ତାରିଖ ଓ ସମୟ | ୨୩।୦୯।୨୦୧୯ ୧୫.୦୦ ଘଟିକାରେ |
| ଯୋଗାଯୋଗ ବ୍ୟକ୍ତିଙ୍କ ଇ-ମେଲ୍: | umeshkumar@licindia.com; goutam.karmakar@licindia.com |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡର ସଂକ୍ରାନ୍ତରେ ଯେକୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରି ତାରିଖ ବୃଦ୍ଧି ସମ୍ପର୍କିତ ସୂଚନା କେବଳ ୱେବ୍‌ସାଇଟ୍: http://www.tenderwizard.com/LICରେ ଜାରି କରାଯିବ ଏବଂ ପ୍ରେସ୍‌ରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ। ତେଣୁ ନିଜକୁ ସୂଚିତ ରଖିବା ପାଇଁ ନିୟମିତ ଭାବେ କଥିତ ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ବିଡର୍‌ମାନଙ୍କୁ ଅନୁରୋଧ କରାଯାଉଛି।
ତାରିଖ: ୦୧।୦୯।୨୦୧୯ ମୁଖ୍ୟ ଯନ୍ତ୍ରୀ





ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।
–ଶ୍ରୀଅରବିନ୍ଦ



# ଭାରତର ପ୍ରମୁଖ ସମସ୍ୟା



ଆକାର ପଟେଲ

ଚଳିତ ବର୍ଷର ଦ୍ୱିତୀୟ ତ୍ରିମାସୀରେ ଭାରତର ଜିଡିପି ଅଭିବୃଦ୍ଧି ୫ ପ୍ରତିଶତକୁ ଖସିଯାଇଛି, ଯାହା ଗତ ଛଅବର୍ଷ ଭିତରେ ସର୍ବନିମ୍ନ। ନିର୍ମାଣ ଶିଳ୍ପ, ଯାହା ମେକ୍ ଇନ୍ ଇଣ୍ଡିଆର ମୁଖ୍ୟ, ତାହାର ଅଭିବୃଦ୍ଧି ୧ ପ୍ରତିଶତରୁ ତଳେ ରହିଛି। ଏହି ତ୍ରିମାସୀରେ ଆମେ ୬ ପ୍ରତିଶତ ବି ଛୁଇଁ ପାରିଲୁନି ଏବଂ ସରକାର ଯେଉଁ ସଂଶୋଧିତ ପଦ୍ଧତିରେ ଅଭିବୃଦ୍ଧି ହିସାବ କରୁଛନ୍ତି, ତାହା ତ୍ରୁଟିପୂର୍ଣ୍ଣ ବୋଲି ଖୋଦ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତାଙ୍କ ସମେତ ଅନେକେ ମନେକରୁଛନ୍ତି। ସରକାରଙ୍କ ଆଗରେ ଅନେକ ଆହ୍ୱାନ ରହିଛି, ଯାହାକୁ ଆଗ ଦେଖିବାକୁ ହେବ ଏବଂ ତା'ପରେ ଏଥିରୁ ବାଟ ବାହାର କରିବାକୁ ହେବ। ଯଦି ଅଭିବୃଦ୍ଧିରେ ଉନ୍ନତି ନ ଆସେ, ତେବେ ଦାରିଦ୍ର୍ୟ ଓ ପରନିର୍ଭରଶୀଳତା ଦୂରକରିବା ଲାଗି ଭାରତ ଯେଉଁ ଆଶା ବାନ୍ଧିଛି ତାହା ମଉଳିଯିବ। ଏହା ଆମ ସମସ୍ତଙ୍କୁ ବିଚଳିତ କରୁଛି।

କିଛିଦିନ ତଳେ ଆମେ ଜାଣିବାକୁ ପାଇଥିଲୁ ଯେ ଭାରତର ବେକାରି ହାର ଗତ ୫୦ ବର୍ଷ ଭିତରେ ସର୍ବାଧିକ ରହିଛି। ଏହା ବାସ୍ତବରେ ଆହୁରି ବୃଦ୍ଧି ପାଇଲାଣି ଏବଂ ଅନୁକୂଳ ଦିଗରେ ଯିବାର କୌଣସି ଲକ୍ଷଣ ଦେଖିବାକୁ ମିଳୁନି। ଆମ ଅର୍ଥନୀତିର ଦୁରବସ୍ଥା ବିଷୟରେ ଭାବିବା ଓ ସମସ୍ୟାର ନିରାକରଣ ଲାଗି ଚିନ୍ତାକରିବା ନିମନ୍ତେ ଆମ ହାତରେ ବହୁତ କମ୍ ସମୟ ଅଛି। ବିଭିନ୍ନ ଜାତୀୟ ଆହ୍ୱାନ ସହ ଜଳବାୟୁ ପରିବର୍ତ୍ତନ ପ୍ରଭୃତି ବହୁତ ସମସ୍ୟା ରହିଛି। ଦୁଃଖର କଥା ସରକାର ଏସବୁ ସମସ୍ୟାର ନିରାକରଣ ବିଷୟରେ ଚିନ୍ତା ନ କରି ଅନ୍ୟ ଜିନିଷ ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ଏଥିରୁ ଭବିଷ୍ୟତ ଯାହା ହେବ ତାହା ଜଳ ଜଳ ଦେଖାଯାଉଛି। କାରଣ ସରକାର ଏବେ ଆସାମ, କଶ୍ମୀର ଓ ଅଯୋଧ୍ୟା ବିଷୟରେ ବେଶି ଚିନ୍ତା କରୁଛନ୍ତି। ରାଷ୍ଟ୍ରୀୟ ନାଗରିକ ରେଜିଷ୍ଟର (ଏନ୍ଆର୍ସି) ପ୍ରକାଶ ପାଇଛି ଏବଂ ଏଥିରୁ ୧୯ ଲକ୍ଷ ଲୋକ ବାଦ୍ ପଡ଼ିଛନ୍ତି। ଏହି ଲୋକମାନଙ୍କୁ ଭୋଟର ପରିଚୟପତ୍ର ଥିଲେ ମଧ୍ୟ ଭୋଟଦାନର ଅଧିକାର ମିଳିବ ନାହିଁ। ଭାରତରେ ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ପରି ଭାଜପା ଏମ୍ପି ଅଛନ୍ତି ଯେଉଁମାନେ ଅନେକ ବର୍ଷ ହେଲା ଓକିଲାତି କରିଆସୁଛନ୍ତି ଯେ ଭାରତରେ ମୁସଲମାନମାନଙ୍କୁ ଭୋଟଦାନର ଅଧିକାର ମିଳିବା ଉଚିତ ନୁହେଁ। ଦ୍ୱିତୀୟ କଥା ହେଲା ଆସାମରେ ପୂର୍ବରୁ ପ୍ରାୟ ୧୦୦୦ ଲୋକଙ୍କୁ ଯେପରି ବିଦେଶୀ ଘୋଷଣା କରି ଜେଲରେ ରଖାଯାଇଛି, ସେହିପରି ଏହି ୧୯ ଲକ୍ଷ ଲୋକ କୌଣସି ଅପରାଧ କରି ନ ଥିଲେ ମଧ୍ୟ ସେମାନଙ୍କୁ ଜେଲରେ ଭର୍ତ୍ତି କରାଯିବ। ପରିବାରଗୁଡ଼ିକ ଅଲଗା ଅଲଗା ହୋଇଯିବେ ଏବଂ ମହିଳାମାନେ (ଝିଅ, ଭଉଣୀ, ମାଆ ଓ ସ୍ତ୍ରୀ) ପୁରୁଷଙ୍କଠାରୁ ଅଲଗା ଅଲଗା ଜେଲରେ ରହିବେ। ପରସ୍ପର ସହ ସେମାନଙ୍କର ଯୋଗାଯୋଗ ହୋଇପାରିବ ନାହିଁ। ପିଲାମାନେ ବି ଜେଲରେ ରହିବେ। ପ୍ରଥମ ୧୦୦୦ ଲୋକଙ୍କୁ ଜେଲରେ ଭର୍ତ୍ତି କରାଗଲାବେଳେ ଅବଶିଷ୍ଟ ଭାରତୀୟମାନେ ତା' ଉପରେ ବିଶେଷ ଧ୍ୟାନ ଦେଇ ନ ଥିଲେ। କିନ୍ତୁ ଏବେ ୧୯ ଲକ୍ଷ ଲୋକଙ୍କ ଦୁର୍ଗତି ଦେଶବାସୀଙ୍କ ନଜରକୁ ଏଡ଼ାଇ ଯାଇପାରିବ ନାହିଁ।

କଶ୍ମୀରରେ ସମଗ୍ର ଜନସଂଖ୍ୟାକୁ ଜେଲରେ ଭରିବା ଲାଗି ଆମେ ନିଷ୍ପତ୍ତି ନେବାର ଇତିମଧ୍ୟରେ ଏକମାସ ବିତିବାକୁ ବସିଲାଣି। ସ୍ଥାୟୀ କର୍ଫ୍ୟୁ ଜାରି କରି, କୌଣସି ଯୋଗାଯୋଗ ବା ପ୍ରତିବାଦ କରିବାର ସୁଯୋଗ ନ ଦେଇ ଆମେ ଶତ୍ରୁମାନଙ୍କୁ ଜଣାଇଦେବାକୁ ଚାହୁଁ ଯେ ଆମେ ହେଉଛୁ ଏକ ଦଖଲକାରୀ ଶକ୍ତି। ଆମେ ପ୍ରତ୍ୟେକ ଲୋକଙ୍କୁ ଏପରିକି ଭାରତକୁ ଏକଦା ସମର୍ଥନ କରୁଥିବା ଲୋକଙ୍କୁ ବି ନଜରବନ୍ଦୀରେ ରଖିବାର କାରଣ ହେଉଛି, ଆମେ ଭୟ କରୁଛୁ ଯେ ସେମାନଙ୍କୁ ଖୋଲା ଛାଡ଼ିଲେ କିଛି ଭଲ ଘଟିବ ନାହିଁ। ହୁଏତ ଅନେକ ବର୍ଷ ଧରି ଆମକୁ ହିଂସାତ୍ମକ ପ୍ରତିବାଦ ଦେଖିବାକୁ ମିଳିବ। କିନ୍ତୁ କଶ୍ମୀରର ଆଭ୍ୟନ୍ତରୀଣ ହିଂସା ଆମ ଭିତରେ ଉଦ୍‌ବେଗ ସୃଷ୍ଟି କରିବ ନାହିଁ, କାରଣ ଏହା ଦୀର୍ଘକାଳ ଧରି ଚାଲିଆସିଛି।

ତୃତୀୟ କଥା ହେଲା ଅଯୋଧ୍ୟାରେ ମନ୍ଦିର ବାବଦରେ ନିଷ୍ପତ୍ତି ନେବା ପାଇଁ ସରକାର ବାଧ୍ୟ ହେବେ। ଚଳିତ ବର୍ଷ ଶେଷ ହେବା ପୂର୍ବରୁ କୋର୍ଟ ଏ ସମ୍ପର୍କରେ ରାୟ ଶୁଣାଇଦେବେ। କୋର୍ଟଙ୍କ ପ୍ରାରମ୍ଭିକ ମତିଗତିରୁ ରାୟ କେଉଁ ଦିଗରେ ଯିବ ତାହା ଅନୁମାନ କରିବା କଷ୍ଟକର ନୁହେଁ। ରାୟ ଯାହା ହେଉନା କାହିଁକି ଅଯୋଧ୍ୟାକୁ ନେଇ ଅନେକ ହିଂସାକାଣ୍ଡ ଅତୀତରେ ଘଟିଯାଇଛି ଏବଂ ତାକୁ ପୁଣି ଉଖାରିବା ସାଂଘାତିକ ହେବ। ଆସାମ ଓ କଶ୍ମୀର ପରି ଅଯୋଧ୍ୟା ଦୀର୍ଘକାଳ ଧରି ଲୋକଙ୍କ ବିସ୍ମୃତି ଭିତରେ ହଜିଯାଇଥିଲା ଏବଂ ତାକୁ ଏକ ଗୁରୁତ୍ୱହୀନ ପ୍ରସଙ୍ଗ ପରି ମନେକରାଯାଉଥିଲା। ସେ ପରିସ୍ଥିତି ଏବେ ବଦଳିଯିବ।

ଉକ୍ତ ତିନୋଟି ବିରାଟ ପ୍ରସଙ୍ଗ ଏବେ ଆମ ଆଗରେ ଉଭା ହୋଇଛି। ଜାତୀୟ ଧ୍ୟାନ ଓ ଆବେଗ ଦୃଷ୍ଟିରୁ ଏଥିପାଇଁ ସରକାରଙ୍କୁ ବହୁ ଅର୍ଥ ନିବେଶ କରିବାକୁ ପଡ଼ିବ। ଯେଉଁମାନେ ସରକାରଙ୍କ କାର୍ଯ୍ୟଧାରାକୁ ବିରୋଧ କରି ଆସୁଛନ୍ତି, ସେମାନେ ନିରବଚ୍ଛିନ୍ନ ଉତ୍ପୀଡ଼ନ ଦେଖିବେ ଏବଂ ଯେଉଁମାନେ ସମର୍ଥନ କରିଆସୁଛନ୍ତି ସେମାନେ ଉଲ୍ଲସିତ ହେବେ। ଅବଶିଷ୍ଟ ବିଶ୍ୱ ଆଗରେ ଆମେ ସମସ୍ତ ଉତ୍ପୀଡ଼ନକୁ ଆମର ଆଭ୍ୟନ୍ତରୀଣ ବ୍ୟାପାର ଓ ନ୍ୟାୟୋଚିତ କହି ଛଳନା କରିବା କଷ୍ଟକର ହୋଇପଡ଼ିବ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୯୪

- ଦକ୍ଷିଣ ଫିଲିପାଇନ୍ସର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟିବା ଫଳରେ ୧୦୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ନୂତନ ସରକାର ଦେଶରେ ଜାତିଗତ ସଂଘର୍ଷ ସମାଧାନର ପ୍ରାଥମିକ ପଦକ୍ଷେପସ୍ୱରୂପ ଏଲଟିଟିଇ ନିୟନ୍ତ୍ରଣାଧୀନ ଜାଫନାରୁ ଅର୍ଥନୈତିକ କଟକଣା ଉଠାଇ ନେଲେ।

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲି ପ୍ରକାଶିତ ଉତ୍ତର

# ସତ୍ୟପଥର ବିରଳ ଯାତ୍ରୀ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଦୁଇ ବନ୍ଧୁଙ୍କର ଯୁକ୍ତିଯୁଦ୍ଧକୁ ମନ ଓ ବିବେକର ଯୁଦ୍ଧ ବୋଲି ଧରି ନିଆଯାଉ। 'ସତରେ ଥିଲେ ରାତିଅଧରେ ଭାତ ମିଳେ'– ଏମିତି ଏକ ଗାଉଁଲି ଢଗ ଉପରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ପ୍ରଥମ ବନ୍ଧୁ କହିଲେ, ''ଏ ସବୁ ନିହାତି ବାଜେ କଥା। କେବଳ ଅଯୋଗ୍ୟ ନିକମା ଲୋକ ହିଁ ସତ୍ୟଧର୍ମ କଥା କହି ନିଜ ଦାୟିତ୍ୱରୁ ଖସିଯିବାକୁ ଚାହାନ୍ତି। ସତ୍ୟ, ଧର୍ମ ଆଦି ମିଥ୍ୟା ଆଦର୍ଶବାଦକୁ ଅଣ୍ଟିରେ ବାନ୍ଧି ଏମାନେ ବହୁ ପଛରେ ପଡିଯାଉଥିଲା ବେଳେ ଏମାନଙ୍କ ପ୍ରତିପକ୍ଷ ଅସଦାଚାରୀମାନେ ସତ୍ୟ ସଦାଚାରକୁ ଅବଜ୍ଞା କରି ନାନାପ୍ରକାର ଅସତ୍ୟ ଅଧର୍ମରେ ଲିପ୍ତ ରହି ବହୁ ଉପରକୁ ଉଠିଯାନ୍ତି।'' ଦ୍ୱିତୀୟ ବନ୍ଧୁ ପ୍ରତିବାଦ କଲେ। କହିଲେ, ''ସବୁକାଳରେ ଅସତ୍ୟ ଅଧର୍ମରେ ଓ ଅନାଚାରରେ ଆତଯାତ ହେଉଥିବା ଲୋକମାନେ ବେଶି ଆଲୋକିତ ବୋଲି ପ୍ରତୀୟମାନ ହୁଅନ୍ତି ସିନା, ମାତ୍ର ପ୍ରକୃତ ପକ୍ଷେ ଘନ ଅନ୍ଧକାର ମଧ୍ୟରେ ନିପତିତ ହୋଇ ସେମାନେ ଚିରକାଳ ପରାଭବ ଭୋଗୁଥାନ୍ତି। କିନ୍ତୁ ସତ୍ୟ ଓ ଧର୍ମ ପଥରେ ଚାଲିବାକୁ ଜୀବନର ବ୍ରତ କରିଥିବା ଲୋକ ଲାଭକ୍ଷତିର ହିସାବ ରଖେନା କି ଅନ୍ଧାର ଆଲୋକର ପ୍ରଭେଦ ଦେଖେନା। କେବଳ ସତ୍ୟ ଓ ଧର୍ମ ପଥରେ ଚାଲିବାରେ ହିଁ ତାଙ୍କର ଆନନ୍ଦ, ତେଣିକି ଲାଭ ହେଉ କି କ୍ଷତି, ଅନ୍ଧାର ମିଳୁ କି ଆଲୋକ!'' ଅସତ୍ୟ, ଅନାଚାର ରାସ୍ତାରେ ଦ୍ରୁତ ଗତିରେ ବାଟ ଚାଲୁଥିବା ଲୋକ ଯାବତୀୟ ପ୍ରାପ୍ତିର ପାହାଚ ପରେ ପାହାଚ ଅତିକ୍ରମ କରି ଉତ୍ତରଣର ଉତ୍ତୁଙ୍ଗ ଶିଖରରେ ପହଞ୍ଚି ପାରୁଥିବା ବେଳେ ସକଳ ଅପ୍ରାପ୍ତିର ବୋଝ ମୁଣ୍ଡାଇ କଣ୍ଟକିତ ପଥରେ ଧୀର ଗତିରେ ପାଦ ପକାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଆଶା ହରାଇ ବସନ୍ତି ସତ୍ୟ ଓ ଧର୍ମକୁ ଛାଡିପାରୁ ନ ଥିବା ଲୋକମାନେ। ଏ ଯୁକ୍ତି ସପକ୍ଷରେ ବହୁ ଦୃଷ୍ଟାନ୍ତ ଥାଇପାରେ। ମାତ୍ର ଏହାର ବିପକ୍ଷ ଦୃଷ୍ଟାନ୍ତ ସଂଖ୍ୟାରେ ଯେତେ କମ୍ ହେଲେ ବି ମାନବୀୟ ଚେତନାକୁ ଏକ ମୁଗ୍ଧ ଅନୁଭବରେ ଜଡସଡ କରିଦିଏ। ସେମିତି ଦୃଷ୍ଟାନ୍ତ ମଧ୍ୟରୁ ଛୋଟ ଦୁଇଟି ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଉ।

ପ୍ରଥମ ଦୃଷ୍ଟାନ୍ତଟି ଆମ ଓଡିଶାର, ଯାହା ଅବିଶ୍ୱସନୀୟ ମନେ ହେଲେ ବି ଏକାନ୍ତ ସତ୍ୟ। ଉତ୍ତର ବାଲେଶ୍ୱର ଅଞ୍ଚଳର ଚାଳିଶବର୍ଷ ତଳର ଜଣେ ଗରିବ ବାଳକ ଏବେ କଲିକତା ମହାନଗରୀରେ ଜଣେ ବଡ଼ ହୋଟେଲ ବ୍ୟବସାୟୀ। ନିଜ ପରିବାର ଭୋଗୁଥିବା ଚରମ ଦାରିଦ୍ର୍ୟରୁ ମୁକ୍ତି ପାଇବା ପାଇଁ ପନ୍ଦରବର୍ଷର ବାଳକ ଜୀବନ ଦାସ ଚାଳିଶବର୍ଷ ତଳେ ଦିନେ ଘର ଛାଡି କଲିକତା ଚାଲିଯାଇଥିଲା। ପେଟ ପାଇଁ ଖାଦ୍ୟ ଖୋଜୁ ଖୋଜୁ ଭାଗ୍ୟ ତାକୁ ପହଞ୍ଚାଇ ଦେଇଥିଲା ଗୋଟିଏ ହୋଟେଲରେ। ହୋଟେଲ ମାଲିକ ତାକୁ ଦୟା ଦେଖାଇ ନିଯୁକ୍ତି ଦେଇଥିଲେ ଅଇଁଠା ବାସନ ମାଜୁଥିବା ହୋଟେଲର କନିଷ୍ଠତମ କର୍ମଚାରୀ ପଦରେ। ନିଜର କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରି ଦୁଇବର୍ଷ ମଧ୍ୟରେ ଜୀବନ ପରିବେଷଣକାରୀ ଭଳି ଅପେକ୍ଷାକୃତ ଏକ ସମ୍ମାନଜନକ ପଦବୀକୁ ପଦୋନ୍ନତି ପାଇଥିଲା। ମାସ ଶେଷରେ ବେତନକୁ ତା' ଘରକୁ ପଠାଇଦେଲା ପରେ ତା' ଜୀବନର ଆଉ କିଛି ସ୍ୱପ୍ନ ଅଛି ବୋଲି ସେ କେବେ ବି ମନେ କରୁ ନ ଥିଲା।

ଏହି ସମୟରେ ସେଇ ଘଟଣାଟି ଘଟିଗଲା, ଯାହା ଜୀବନ ଦାସର ଜୀବନକୁ ଏକ ଭିନ୍ନ ମୋଡରେ ପହଞ୍ଚାଇ ଦେଲା। ଥରେ ହୋଟେଲ ମାଲିକ ଜୀବନ ଓ ଅନ୍ୟ ଦୁଇ କର୍ମଚାରୀଙ୍କ ଜିମାରେ ତାଙ୍କ ଘର ଛାଡି ସପରିବାର ଦିଲ୍ଲୀ ଯାଇଥିଲା ବେଳେ ଘରୁ ସବୁକିଛି ଲୁଟିନେବା ପାଇଁ ଯୋଜନା କଲେ ଅନ୍ୟ ଦୁଇଜଣ। ମାତ୍ର ସତ୍ୟପଥରୁ ବିଚ୍ୟୁତ ହେବାକୁ ଚାହିଁଲାନି ଜୀବନ। ସେ ଏହାର ବିରୋଧ କଲା ଓ ବଦଳରେ ସାଥୀ ଦୁହିଁଙ୍କଠାରୁ ଭୋଗିଲା ରକ୍ତାକ୍ତ ପରିଣତି। ତାକୁ ଆକ୍ରମଣ କରି ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥାରେ ଛାଡି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଣ୍ଠନ କରି ସେମାନେ ଚାଲିଗଲେ। ପରଦିନ ହୋଟେଲ ମାଲିକ ଫେରିଆସି ଜୀବନର ଜୀବନ ପ୍ରତି ଭିନ୍ନ ଦୃଷ୍ଟିକୋଣ ସମ୍ପର୍କରେ ଅବଗତ ହେଲେ। ନିଜ ସତ୍ୟନିଷ୍ଠା ଓ ପ୍ରଭୁପ୍ରୀତି ପାଇଁ ଗୃହସ୍ୱାମୀଙ୍କ ହୃଦୟ ଜୟ କରି ହୋଟେଲ ବୟ ସହ ଜୀବନ ପାଲଟିଗଲା ସେଇ ପରିବାରର ଜଣେ ସଦସ୍ୟ। ପରେ ପରେ ହୋଟେଲଠୁ ଆଉ ଏକ ବଡ ବ୍ୟବସାୟ ଆରମ୍ଭ କରି ହୋଟେଲକୁ ଜୀବନର ପରିଚାଳନାରେ ଛାଡିଦେଲେ ସେଇ ମାଲିକ। ଦୁଇବର୍ଷ ପରେ ପରିଚାଳକ ଜୀବନ ମୁଣ୍ଡରେ ମାଲିକର ମୁକୁଟ ପିନ୍ଧାଇ ନିଜେ ଅବ୍ୟାହତି ନେଇଥିଲେ ସେ।

ନିଜ ମଇଳା ଅତୀତର ସେଇ ଉଜ୍ଜ୍ୱଳ ଅଧ୍ୟାୟଟି ପଢି ସେଦିନ ଜୀବନ ତାଙ୍କର ଜଣେ ବାଲ୍ୟବନ୍ଧୁଙ୍କୁ କହୁଥିଲେ। ସେଦିନ ସେ ଦୁହିଁଙ୍କ କଥାରେ ପଡି ଲୁଣ୍ଠନରେ ସାମିଲ ହୋଇଥିଲେ ମୋ ଭାଗରେ ଅତି ବେଶିରେ ଚାଳିଶ ପଚାଶ ହଜାର ଟଙ୍କା ପଡିଥାନ୍ତା। ସେଇ କେଇ ହଜାରକୁ ପୁଞ୍ଜି କରି ଅସତ୍ୟ ଓ ଅଧର୍ମର ଜୟଯାତ୍ରା ମୋତେ କେବେ ବି ଏଠି ଆଣି ପହଞ୍ଚାଇ ପାରି ନ ଥାନ୍ତା।'' ସମସ୍ତ ଅର୍ଥ ବହନ କରି ନିଜ ଗାଁରେ ଗଢାଇଥିବା ଏକ ମନ୍ଦିରକୁ ଲକ୍ଷ୍ୟ କରି ସେ କହୁଥିଲେ ଏ କଥା। ସମସ୍ତ ପ୍ରତିକୂଳ ପରିସ୍ଥିତିରେ ବି ସତ୍ୟପଥରୁ ବାଟ ଭାଙ୍ଗି ଚାଲିଯାଉ ନ ଥିବା ସବୁ ଯାତ୍ରୀଙ୍କ କାହାଣୀ ଏହିଭଳି। ଏ ପ୍ରସଙ୍ଗରେ ଆଉ ଏକ ବଳିଷ୍ଠ ଦୃଷ୍ଟାନ୍ତ।

ଅଜିତ ଦତ୍ତ କଲିକତା ଟ୍ରାଫିକ୍ ପୋଲିସର ଜଣେ ନିମ୍ନ ବେତନଭୋଗୀ ଗୃହରକ୍ଷୀ। ବୟସ ବୟାଳିଶ, ବେତନ ଦିନକୁ ମାତ୍ର ଚାରିଶହ ପଚାଶ ଟଙ୍କା। ପୋଷିବାକୁ ବଡ଼ ଏକ ପରିବାର। ବାପା, ମାଆ, କ୍ୟାନ୍ସର ଭୋଗୁଥିବା ପତ୍ନୀ, ଜନ୍ମ ବେଳେ ହୃତ୍‌ପିଣ୍ଡରେ ଏକ ଛିଦ୍ର ନେଇ ସଂସାରକୁ ଆସିଥିବା କୋଡିଏ ବର୍ଷର କନ୍ୟା ଓ ପ୍ରଚଣ୍ଡ ମେଧା ନେଇ ଜନ୍ମ ହୋଇଥିବା ଷୋଳ ବର୍ଷର ପୁଅ। ପ୍ରତିଦିନ ପ୍ରାୟ ୫୦ କିମି ଯିବା ଆସିବା କରି ସେ କଲିକତାରେ ଟ୍ରାଫିକ୍ ସେବାରେ ନିୟୋଜିତ ଥିଲାବେଳେ ଥରେ ରାସ୍ତା ଉପରେ ଗୋଟିଏ ବ୍ୟାଗ୍ ପଡିଥିବାର ଦେଖିଲେ। ଖୋଲି ଦେଖିଲେ ତା' ଭିତରେ ବଣ୍ଡଲ ବଣ୍ଡଲ ପାଞ୍ଚଶହ ଟଙ୍କିଆ ନୋଟ୍। ମୁହୂର୍ତ୍ତକ ମଧ୍ୟରେ ସେ ନିଜ କର୍ତ୍ତବ୍ୟ ସ୍ଥିର କରିନେଲେ। ଥାନାରେ ଯାଇ ବ୍ୟାଗ୍‌ଟିକୁ ଜମା ଦେଲା ପରେ ଗଣନା କରି ଦେଖାଗଲା ପାଞ୍ଚଲକ୍ଷ ଟଙ୍କା, ଅଜିତଙ୍କ ପ୍ରାୟ ଚାରିବର୍ଷର ଦରମା।

ବ୍ୟାଗ୍ ଭିତରେ ଥିବା ପ୍ରମାଣ ସନ୍ତକରୁ ତା' ମାଲିକଙ୍କୁ ଠାବ କରାଗଲା। ସର୍ଦ୍ଦାର ପ୍ରତାପ ସିଂହ ନାମକ ଜଣେ ବ୍ୟବସାୟୀ ସ୍କୁଟରରେ ଯାଉଥିଲା ବେଳେ ଟଙ୍କା ବ୍ୟାଗ୍‌ଟି ରାସ୍ତାରେ ଖସି ପଡିଥିଲା। ଫେରି ପାଇବାର ଆଶା ହରାଇ ବସିଥିବା ସର୍ଦ୍ଦାର ଅଜିତଙ୍କ ନିର୍ଲୋଭତା ଦେଖି ତାଙ୍କୁ ଆଲିଙ୍ଗନ କରି କହିଲେ, ''ମୁଁ ବିଶ୍ୱାସ କରିପାରୁନି ଏ ସଂସାରରେ ତୁମ ପରି ସାଧୁଲୋକ ଅଛନ୍ତି ବୋଲି!'' ପ୍ରକୃତରେ ସାଧୁତାର ସ୍ୱୀକୃତି ଚିରକାଳ ଏମିତି। ସାମ୍ପ୍ରତିକ ଅସୁସ୍ଥ ସମାଜରେ ଧନଧାନ୍ୟ ମାନସମ୍ମାନ ଓ ପଦପଦୀର ଉଚ୍ଚ ଆସନରେ ଥାଇ ବି ଲକ୍ଷେ ଟଙ୍କିଆ ମଣିଷଙ୍କର ତଥାପି ଶହେ କି ହଜାରେ ହାତେଇ ନେବା ପାଇଁ କି ବ୍ୟାକୁଳତା! ଅଥଚ ସେହି ତୁଳନାରେ ନାହିଁ ନାହିଁର ଜୀବନ ବଞ୍ଚୁଥିବା ଟିକି ବାମନଟି ଟ୍ରାଫିକ୍ ହୋମଗାର୍ଡ ଅଜିତ ଦତ୍ତ। ମାତ୍ର କି ସ୍ୱାର୍ଥତ୍ୟାଗ ତାଙ୍କର! କି ଅବିଶ୍ୱସନୀୟ ନିର୍ଲୋଭତା!!

ସହଜଲବ୍ଧ ସେହି ବିପୁଳ ଧନରାଶି ଅଜିତଙ୍କୁ ଯଥେଷ୍ଟ ପରିମାଣରେ ବୋଝମୁକ୍ତ କରିପାରିଥାନ୍ତା। ଅସୁସ୍ଥ ପତ୍ନୀ ଓ କନ୍ୟାଙ୍କର ଚିକିତ୍ସା କରି ପାରିଥାନ୍ତା। କଲେଜରେ ପଢି ପାରୁ ନ ଥିବା ପୁଅଟିର ଶିକ୍ଷା ଅଧାବାଟରେ ବନ୍ଦ ହୋଇଯାଇ ନ ଥାନ୍ତା। ଅଥଚ ସେ କଥା ଆଦୌ ଚିନ୍ତା ନ କରି ନିଜ ବିରଳ ସାଧୁତାରୁ ସେ ପାଇଲେ କ'ଣ? କିନ୍ତୁ ଏହା ମଧ୍ୟରେ ବହୁତ କିଛି ପାଇ ପାରିଛନ୍ତି ଅଜିତ। ତାଙ୍କ ସାଧୁତାର ଖବର କଲିକତାର ପ୍ରମୁଖ ଖବରକାଗଜରେ ପ୍ରକାଶ ପାଇଲା ପରେ ଜଗତଯାକର ସମ୍ମାନ ଓ ସମ୍ବେଦନା ଅଜାଡି ପଡିଛି ତାଙ୍କ ଉପରେ। ପଶ୍ଚିମବଙ୍ଗ ସରକାର ତାଙ୍କୁ ପଦୋନ୍ନତି ଦେବାପାଇଁ ଘୋଷଣା କରିଛନ୍ତି। ଦେଶର ଏକ ପ୍ରମୁଖ ବ୍ୟବସାୟିକ ସଂସ୍ଥା ତାଙ୍କ ରୁଗ୍‌ଣ ପତ୍ନୀ ଓ ଝିଅଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି କଥା ଦେଇଛି। କଲିକତାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତାଙ୍କ ପୁଅର ପଢା ଶେଷ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ସଙ୍କଳ୍ପ କରିଛନ୍ତି। ସାଧୁତାର ପରାକାଷ୍ଠା ପାଇଁ ପୁଣି ଏତେ ପୁରସ୍କାର!

ଅଜିତଙ୍କ ପାଇଁ ଏ ସବୁ ପୁରସ୍କାର କିନ୍ତୁ ମହତ୍ତ୍ୱହୀନ, ଯେମିତି କି ଏ ସବୁର ହକ୍‌ଦାର ନୁହନ୍ତି ସେ। ପରବର୍ତ୍ତୀ ଖବରରେ ପ୍ରକାଶ ପାଇଥିଲା ତାଙ୍କ ବିନମ୍ର ପ୍ରତିକ୍ରିୟା। ସେ କହିଥିଲେ, ମୁଁ କ'ଣ ଗୋଟାଏ ବଡ଼ କାମ କରିଛି ଯେ! ବାସ୍, ଯାହାଙ୍କ ଟଙ୍କା ତାହା ସେ ଫେରିପାଇଲେ, ଏତିକରେ ମୁଁ ଖୁସି। କେବଳ ଗୋଟିଏ କଥା ମୋତେ ସବୁଠୁ ବେଶି ଆନନ୍ଦ ଦେଇଛି। ମୋ ଭଳି ଜଣେ ମାମୁଲି ଗୃହରକ୍ଷୀ ସହ କଲିକତାର ପୋଲିସ କମିଶନର ସାହେବ ହାତ ମିଳାଇବା ଓ ମୋ ପିଠି ଥାପୁଡାଇଦେବା ସାରା ଜୀବନ ପାଇଁ ମୁଁ ଭୁଲିପାରିବି ନାହିଁ।'' ଛୋଟ ମଣିଷଟିର କେଡେ ଛୋଟ ସନ୍ତୋଷଟିଏ ସତେ!

ସତ୍ୟପଥର ଅଭିଯାତ୍ରୀ ଅଜିତଙ୍କ ସାଧୁତା ଓ ସ୍ୱାର୍ଥତ୍ୟାଗର ଖବର ସମଗ୍ର ରାଜ୍ୟରେ ବ୍ୟାପିଗଲା ପରେ କଲିକତାର ଜଣେ ଯୁବ ଇଞ୍ଜିନିୟର ପୋଲିସ କମିଶନରଙ୍କ ନିକଟକୁ ପାଞ୍ଚହଜାର ଟଙ୍କାର ଏକ ଚେକ୍ ପଠାଇ ବିଚିତ୍ର ଅନୁରୋଧଟିଏ କରିଛନ୍ତି। ସେ ଲେଖିଛନ୍ତି, ''ମହାଶୟ! ଏଇ ଟଙ୍କାରେ ଅଜିତଙ୍କ ସାଧୁତା ଓ ପରବର୍ତ୍ତୀ କାଳରେ ସେଥିପାଇଁ ପାଇଥିବା ବିରଳ ପୁରସ୍କାର ସମୂହର ଖବର ପ୍ରକାଶ ପାଇଥିବା ଖବରକାଗଜଗୁଡ଼ିକ କିଣି, ରାଜ୍ୟର ସମସ୍ତ ଥାନାକୁ ଖଣ୍ଡିଏ ଲେଖାଏ କପି ଯୋଗାଇଦେବେ।'' ମାତ୍ର କେବଳ ପଶ୍ଚିମବଙ୍ଗ ପୋଲିସ କାହିଁକି, ଯେତେ ପ୍ରଚାର କଲେ ବି, ଯେତେ ପୁରସ୍କାରର ପ୍ରଲୋଭନ ଦେଖାଇଲେ ମଧ୍ୟ ଏବକାର ସମାଜରେ, ଯେକୌଣସି ବୃତ୍ତିରେ ଅଜିତଟିଏ ଖୋଜି ପାଇବା ଏତେ ସହଜ ନୁହେଁ। ଅଜିତଙ୍କର ଜୟ ହେଉ! ତାଙ୍କ ସଂଖ୍ୟା ଏକରେ ସୀମିତ ନ ରହୁ!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣୀ, ଭୁବନେଶ୍ୱର,
ମୋ–୮୮୯୫୬୨୪୧୦୫

# ଯୁଦ୍ଧ ବିମାନ ରାଣୀ

ନବମ ଶ୍ରେଣୀରେ ପଢୁଥିବା ବେଳେ ନୋଟ୍‌ବୁକ୍‌ରେ ସେ ଲେଖିଥିଲେ ବଡ଼ ହେଲେ ପାଇଲଟ ହେବେ। ଶ୍ରେଣୀ ଭିତରେ ଜଣେ ଛାତ୍ରୀଙ୍କ ଏଭଳି ଦୁଃସାହସିକତା ଶିକ୍ଷକ ଓ ସହପାଠୀଙ୍କୁ ସେତେବେଳେ ଖୁସି ଦେଇଥିଲା। ନିଜ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସମ୍ପୃକ୍ତା ଛାତ୍ରୀଙ୍କୁ କଠୋର ପରିଶ୍ରମ କରିବାକୁ ପଡ଼ିଥିଲା। ଆଜି ସେ ଲକ୍ଷ୍ୟଠାରୁ ବହୁ ଉଚ୍ଚକୁ ଉଡ଼ିବାରେ ସକ୍ଷମ ହୋଇଛନ୍ତି। କେବଳ ସେତିକି ନୁହେଁ, ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ଏବେ ଫ୍ଲାଇଂ ୟୁନିଟ୍‌ର ପ୍ରଥମ ମହିଳା ଫ୍ଲାଇଟ୍ କମାଣ୍ଡର ହୋଇ ଇତିହାସ ରଚିଛନ୍ତି। ସେହି ସାହସୀ ମହିଳା ହେଲେ ଶାଳିଜା ଧାମି। ଅଗଷ୍ଟ ୨୮ରେ ତାଙ୍କ ପଦୋନ୍ନତି ନେଇ ଖବର ପ୍ରକାଶ ପାଇବା ପରେ ଶାଳିଜାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ବ୍ୟକ୍ତିତ୍ୱ



ଶାଳିଜା ଧାମି

ଯୁଦ୍ଧ କ୍ଷେତ୍ରରେ ନିୟୋଜିତ ବିମାନଗୁଡ଼ିକୁ ପରିଚାଳନା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର। ଏକାଥରକେ ପାଖାପାଖି ୬ଟି ଏୟାରକ୍ରାଫ୍ଟ ଆକାଶମାର୍ଗରେ ଉଡ଼ିଥାଆନ୍ତି। ସେତେବେଳେ ସେଗୁଡ଼ିକୁ ଚଳାଉଥିବା ପାଇଲଟ୍‌ଙ୍କୁ କମାଣ୍ଡ୍ ବା ନିର୍ଦ୍ଦେଶ ଦେବାକୁ ପଡ଼ିଥାଏ। ଫ୍ଲାଇଟ୍ କମାଣ୍ଡର ଏମାନଙ୍କ ନେତା ହୋଇଥିବାରୁ ଶତ୍ରୁପକ୍ଷକୁ ମୁକାବିଲା କରିବା ଲାଗି ସେ ଅନ୍ୟମାନଙ୍କୁ ଆଦେଶ ଦେଇ ଏୟାରକ୍ରାଫ୍ଟକୁ ଆଗକୁ ନେଇଥାଆନ୍ତି। ଏବେ ସେହି ଫ୍ଲାଇଟ୍ କମାଣ୍ଡର ଭୂମିକାରେ ଶାଳିଜା ଅବତୀର୍ଣ୍ଣ ହୋଇଥିବାରୁ ତାଙ୍କ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ। ପୁରୁଷଙ୍କଠାରୁ ଜଣେ ମହିଳା କୌଣସି ଗୁଣରେ କମ୍ ନୁହେଁ ବୋଲି ଶାଳିଜା ଜୀବନରେ କରି ଦେଖାଇଛନ୍ତି। ହେଲିକପ୍ଟର ପାଇଲଟ ଭାବେ ୧୫ ବର୍ଷ ଉଡ଼ାଣ କରିବା ପରେ ସେ ଆଜି ଫ୍ଲାଇଟ୍ କମାଣ୍ଡର ହୋଇପାରିଛନ୍ତି। ୯ ବର୍ଷ ବାଳକର ଜଣେ ସଫଳ ମା' ହୋଇପାରିଥିବା ଶାଳିଜାଙ୍କ ନାମରେ ୨,୩୦୦ ଘଣ୍ଟା ବିମାନ ଉଡ଼ାଇବାର ରେକର୍ଡ ରହିଛି। ନିକଟ ଅତୀତରେ ଦିଲ୍ଲୀ ହାଇକୋର୍ଟରେ ଲମ୍ବା ସମୟର ଆଇନଗତ ଯୁଦ୍ଧ ଜିତିଥିବା ବାୟୁ ସେନାର ମହିଳା ଅଧିକାରୀଙ୍କ ପାଇଁ ଶାଳିଜା ପାଲଟି ଯାଇଛନ୍ତି ଆଇକନ୍। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ବାୟୁସେନାରେ ପ୍ରଥମେ ୧୯୯୪ରେ ମହିଳାଙ୍କୁ ଅଣ–ଯୁଦ୍ଧ ଦିଗରେ କାର୍ଯ୍ୟ କରିବା ସକାଶେ ଶର୍ଟ ସର୍ଭିସ କମିଶନ ପଦବୀରେ ନିଯୁକ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ସ୍ଥାୟୀ ଭାବେ ଯୁଦ୍ଧ ବିମାନ ଉଡ଼ାଇବା ଲାଗି ଅନୁମତି ଦେବା ପାଇଁ ସେମାନେ ଅଦାଲତର ଆଶ୍ରୟ ନେଇଥିଲେ। ଏବେ ଯୁଦ୍ଧ ବିମାନ ଉଡ଼ାଇବା ଦିଗରେ ଭାରତୀୟ ବାୟୁସେନାର ପ୍ରଥମ ବ୍ୟାଚ୍‌ର ମହିଳା ପାଇଲଟମାନେ ସେବା ଯୋଗାଇ ଚାଲିଛନ୍ତି। ତେବେ ଶାଳିଜାଙ୍କ ଦକ୍ଷତା ତାଙ୍କୁ ପ୍ରଥମେ ଫ୍ଲାଇଂ ବ୍ରାଞ୍ଚର ପର୍ମାନେଣ୍ଟ କମିଶନ ହେବାର ସୁଯୋଗ ଦେଇଥିଲା। ପଞ୍ଜାବର ଲୁଧିଆନାରେ ଜନ୍ମିତ ଏହି ସାହସୀ ମହିଳା କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟ ବେଳର କଥା କହିବା ବେଳେ ଭାବବିହ୍ୱଳ ହୋଇଯାଇଥାଆନ୍ତି। ୨୦୦୩ରେ ସେ ଯେତେବେଳେ ହାଇଦ୍ରାବାଦର ଏକାଡେମୀରୁ ପ୍ରଥମ ସୋଲୋ ଫ୍ଲାଇଟ୍ 'ଏଚ୍‌ପିଟି–୩୨ ଦୀପକ' ଉଡ଼ାଇଥିଲେ ସେତେବେଳେ ପବନ ବହୁଥିବା ଦିଗରୁ ତାଙ୍କୁ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହି ସମୟରେ ସେ ତାଙ୍କ ପ୍ରଶିକ୍ଷକଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ ମଧ୍ୟ ତାହା ପାଇବା ସମ୍ଭବ ହୋଇ ନ ଥିଲା। ସେ ଧରି ନେଇଥିଲେ ନିଜକୁ ନିୟନ୍ତ୍ରଣ ମଧ୍ୟକୁ ଆଣି ସଫଳତା ପାଇବାକୁ ପଡ଼ିବ। ସେହି ସମୟକୁ କିପରି ସାମ୍ନା କରିଥିଲେ ତାହା ଅବର୍ଣ୍ଣନୀୟ ଥିଲା ବୋଲି ସେ କହିଥାଆନ୍ତି। ହେଲେ ନିରନ୍ତର ଚେଷ୍ଟା ତାଙ୍କୁ ଦୃଢ଼ମନା କରିଦେଇଛି। ସେ ହସି ହସି କହିଥାଆନ୍ତି, ଆଜି କାର୍ ଚଳାଇବା ଅପେକ୍ଷା ହେଲିକପ୍ଟର ଉଡ଼ାଇବାରେ ନିଜକୁ ସହଜ ମଣିଥାଆନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦରଖାସ୍ତ ଭଲ ଭାବେ ନ ପଢ଼ି ତାକୁ ମଞ୍ଜୁର କରିଦେଲେ କେତେ ଯେ ହଟହଟା ହେବାକୁ ହୁଏ ତା'ର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶରେ। ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ନିଜର ଦେହାନ୍ତ ହୋଇଥିବା ବିଷୟ ଦରଖାସ୍ତରେ ଲେଖି ପ୍ରିନ୍ସିପାଲଙ୍କୁ ଆବେଦନ କରିଥିଲେ। ପ୍ରିନ୍ସିପାଲ ମଧ୍ୟ ଉକ୍ତ ଦରଖାସ୍ତକୁ ଭଲଭାବେ ନ ପଢ଼ି ତାକୁ ମଞ୍ଜୁର କରିଦେଇଥିଲେ। ଏଥିପାଇଁ ପ୍ରିନ୍ସିପାଲଙ୍କୁ ହଟହଟା ହେବାକୁ ପଡିଛି। ଏଭଳି ଏକ ଦରଖାସ୍ତ ମଞ୍ଜୁର କରିବା ଘଟଣା ଯେତିକି ବିସ୍ମୟ ସୃଷ୍ଟିକରିଛି ସେତିକି ହାସ୍ୟରୋଳର ଖୋରାକ ଯୋଗାଇଛି। ଉତ୍ତରପ୍ରଦେଶରେ ଏହି ଛାତ୍ରଙ୍କର କାରନାମା ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚା ହେଉଛି। କାନପୁରର ଏକ ସ୍କୁଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ନିଜର ମୃତ୍ୟୁ ହୋଇଥିବା ଦର୍ଶାଇ ପ୍ରିନ୍ସିପାଲଙ୍କୁ ଅଧାଦିନ ଛୁଟି ନେବାକୁ ଅନୁମତି ଲୋଡ଼ିଥିଲେ। ଅଗଷ୍ଟ ୨୦ ପୂର୍ବାହ୍ଣ ୧୦ଟାରେ ଛାତ୍ରଙ୍କର ଦେହାନ୍ତ ହୋଇଥିବା ଦରଖାସ୍ତରେ ଦର୍ଶାଯାଇଛି। ବ୍ୟସ୍ତରେ ଥିବା ପ୍ରିନ୍ସିପାଲ ଦରଖାସ୍ତ ଭଲଭାବେ ନ ପଢ଼ି ଏଥିରେ ଲାଲ୍ ପେନ୍‌ରେ ଦସ୍ତଖତ କରି ମଞ୍ଜୁର ମଧ୍ୟ କରିଛନ୍ତି। ତେବେ ଏ ସମ୍ପର୍କରେ ଛାତ୍ର ଜଣକ କୌତୂହଳର ସହ ନିଜ ସାଙ୍ଗମାନଙ୍କୁ ଜଣାଇଥିଲେ। ଧୀରେ ଧୀରେ ଏହି ବିଷୟ ଶିକ୍ଷକମାନେ ମଧ୍ୟ ଜାଣିବାକୁ ପାଇଲେ। ଏବେ ସେଇ ଛାତ୍ରକୁ ଡକାଯାଇ ଏ ସମ୍ପର୍କରେ ପଚରାଉଚରା କରାଯାଉଛି।

### ଚିରନ୍ତନୀ

ଅର୍ଥହୀନ ବୋଲି ମଣେ ବୁଦ୍ଧିହୀନ ମାନବ ସନ୍ତାନ
ନୟନର ପଥେ ତା'ର ଏ ଭୁବନେ ନାହିଁ ଯା'ର ସ୍ଥାନ,
ନ ବୁଝେ କମ୍ପିତ କରେ ସଧୀର ତରଙ୍ଗ
ମହା ନୀଳିମାର ସର୍ବ ଅଙ୍ଗ। (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକର ନିରାପତ୍ତା

ମହାଶୟ,

କେବଳ ଉତ୍ପାଦିତ ଶସ୍ୟର ସହାୟକ ମୂଲ୍ୟବୃଦ୍ଧି କୃଷି ଓ କୃଷକର ସବୁ ସମସ୍ୟାର ସମାଧାନ କରିପାରିବ ନାହିଁ। କୃଷି କ୍ଷେତ୍ରରେ କୃଷିଜୀବୀମାନଙ୍କର ଯଥେଷ୍ଟ ନିରାପତ୍ତା ଦରକାର। ବଜ୍ରପାତ, ପରିବହନଜନିତ ସମସ୍ୟା, ପ୍ରତିକୂଳ ପାଣିପାଗ ସେମାନଙ୍କ ଜୀବନଶୈଳୀରେ ଗଭୀର ପ୍ରଭାବ ପକାଇଥାଏ। ଫଳରେ ସେମାନେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏପରିକି ଜୀବନ ହାନି ଭଳି ପରିସ୍ଥିତି ମଧ୍ୟ ଜୁଟିଥାଏ। ନିରାପତ୍ତା ଦୃଷ୍ଟିରୁ ବିସ୍ତୀର୍ଣ୍ଣ ଅଞ୍ଚଳ ବ୍ୟାପ୍ତ କୃଷିକ୍ଷେତ୍ରଗୁଡିକରେ ବଜ୍ରପାତ ନିରୋଧୀ ଗୃହ ନିର୍ମାଣ ହେବା ସହିତ ପକ୍କା ରାସ୍ତା ଦ୍ୱାରା ବିସ୍ତୀର୍ଣ୍ଣ ଅଞ୍ଚଳକୁ ସହଜରେ କିପରି ଅତିକ୍ରମ କରିହେବ ତାହାର ସୁବନ୍ଦୋବସ୍ତ କରାଯିବା ଉଚିତ।

ମଙ୍ଗୁଳି ଚରଣ ନିଶଙ୍କ, ରାମଚଣ୍ଡୀ,
ନରଣଗଡ଼, ଖୋର୍ଦ୍ଧା

### ଡାକ୍ତର ଅଛନ୍ତି, ଔଷଧ ନାହିଁ

ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସାତ/ଆଠ ଜଣ ଆୟୁଷ ଡାକ୍ତର ନିଯୁକ୍ତ କରିଛନ୍ତି। ଏମାନଙ୍କ ମଧ୍ୟରେ ହୋମିଓପାଥି ଓ ଆୟୁର୍ବେଦ ଡାକ୍ତର ଅଛନ୍ତି। ଏମାନଙ୍କ ଦରମା, ଭତ୍ତା ବାବଦରେ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏମାନଙ୍କ ପାଇଁ କାମ ନାହିଁ। ଏହାର କାରଣ ରାଜ୍ୟ ସରକାର ହୋମିଓପାଥି ଓ ଆୟୁର୍ବେଦ ଔଷଧ ଯୋଗାଉନାହାନ୍ତି। ଔଷଧ ଉପଲବ୍ଧ ନ ଥିବାରୁ ରୋଗୀମାନେ ହୋମିଓପାଥି ଓ ଆୟୁର୍ବେଦ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ନିରାମୟ ଯୋଜନାରେ ଔଷଧ ସରକାର ଯୋଗାଉଥିବା ବେଳେ ହୋମିଓପାଥି ଓ ଆୟୁର୍ବେଦ ଔଷଧ ଆଦୌ ଯୋଗାଇ ନ ଦେବା ଦୁର୍ଭାଗ୍ୟଜନକ। ରୋଗୀମାନେ ଯେପରି ହୋମିଓପାଥି ଓ ଆୟୁର୍ବେଦ ଚିକିତ୍ସା ଆୟୁଷ ଡାକ୍ତରଙ୍କ ପାଖରୁ ପାଇପାରିବେ, ସେଥିପାଇଁ ଏହି ଦୁଇ ପ୍ରକାରର ଔଷଧ ସରକାର ଯୋଗାଇଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ସୁମନ୍ତ ସାହୁ

ଆସନ୍ତା ୬ରେ ହେବାକୁ ଥିବା ନୂଆଦିଲ୍ଲୀର ଜେଏନ୍‌ୟୁ ଛାତ୍ରସଂସଦ ନିର୍ବାଚନରେ ୨ ଜଣ ଓଡ଼ିଆ ପ୍ରାର୍ଥୀ ହୋଇଛନ୍ତି। କଳାହାଣ୍ଡିର ଜିତେନ୍ଦ୍ର ସୁନା ଛାତ୍ରସଂସଦ ସଭାପତି ପଦ ପାଇଁ ଲଢୁଥିବାବେଳେ ବଲାଙ୍ଗୀରର ସୁମନ୍ତ ସାହୁ ଯୁଗ୍ମ ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସ୍କୁଲ୍ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ର ପିଏଚ୍‌ଡି ଛାତ୍ର ସୁମନ୍ତ ଏବିଭିପିରୁ ନିର୍ବାଚନ ଲଢୁଥିବା ଜଣାପଡିଛି। ତାଙ୍କ ଘର ବଲାଙ୍ଗୀର ଆଗଲପୁର ବ୍ଲକର ରାମପୁର ଗାଁରେ।

# ରାଜ୍ୟରେ ଆସିବ ନୂଆ ଟେଲି ମେଡିସିନ ନୀତି

- ଜିଲା ମୁଖ୍ୟ ଚିକିତ୍ସାଳୟରେ ସେବା ଯୋଗାଇବେ ବିଶେଷଜ୍ଞ
- ମେଡିକାଲ କଲେଜରେ ହେବ ଇ-କ୍ଲାସ୍ ରୁମ୍ ବ୍ୟବସ୍ଥା

ଭୁବନେଶ୍ୱର, ୩୧।୮ (ବ୍ୟୁରୋ)

ରାଜ୍ୟ ସରକାର ଖୁବ୍‌ଶୀଘ୍ର ନୂତନ ଟେଲି ମେଡିସିନ ନୀତି ଆଣିବାକୁ ଯାଉଛନ୍ତି। ରାଜ୍ୟରେ ଟେଲି ମେଡିସିନି ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। କଟକ ଏସ୍‌ସିବି ମେଡିକାଲ କଲେଜରେ ଟେଲି ମେଡିସିନର ନୋଡାଲ ସେଣ୍ଟର ଥିବାବେଳେ ନୂତନ ନୀତି କାର୍ଯ୍ୟକାରୀ ହେଲେ ଏହାକୁ ରାଜ୍ୟର ଅନ୍ୟ ଚିକିତ୍ସାଳୟକୁ ସମ୍ପ୍ରସାରିତ କରାଯାଇପାରିବ। ବୈଠକରେ ଓଡ଼ିଶା ଟେଲି ମେଡିସିନ ନେଟ୍‌ୱର୍କର ବର୍ତ୍ତମାନ ସ୍ଥିତି ସମେତ ଇ-ଆଇସିୟୁ ଏବଂ ଭାରତ ସଞ୍ଚାର ନିଗମର ଯୋଗାଯୋଗ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଟେଲି ମେଡିସିନର କାର୍ଯ୍ୟକାରିତା ଫଳରେ ୨୦୧୭ ଏବଂ ୨୦୧୮ରେ ରୋଗୀଙ୍କର ୪ କୋଟି ଟଙ୍କାରୁ ଅଧିକ ପକେଟ ଖର୍ଚ୍ଚ ବଞ୍ଚିଯାଇଥିବା ସୂଚନା ଦିଆଯାଇଛି।

ତେବେ ନୂତନ ନୀତି ନେଇ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଟେଲି ମେଡିସିନି ନେଟ୍‌ୱର୍କକୁ ସମସ୍ତ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନା, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ୱେଲ୍‌ନେସ୍ ସେଣ୍ଟର ସହିତ ଯୋଡ଼ିଦିଆଯିବ। ଏହା ଫଳରେ ଗାଁ ଗହଳିରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ସିଧାସଳଖ ବିଶେଷଜ୍ଞ ଚିକିତ୍ସକଙ୍କ ସେବା ପାଇପାରିବେ। ଏହା ବ୍ୟତୀତ ସମସ୍ତ ମେଡିକାଲ କଲେଜରେ ଇ-କ୍ଲାସ୍ ରୁମ୍ ବ୍ୟବସ୍ଥା ଆରମ୍ଭ ହେବ। ଏଥିପାଇଁ ଆବଶ୍ୟକ ପଡୁଥିବା ମାନବସମ୍ବଳ ନିଯୁକ୍ତି ଲାଗି ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି। ଟେଲି ମେଡିସିନ କାର୍ଯ୍ୟକାରିତା ଲାଗି ଇଣ୍ଟରନେଟ୍ ଅତ୍ୟନ୍ତ ଜରୁରୀ ହୋଇଥିବା ଯୋଗୁ ନିରବଚ୍ଛିନ୍ନ ବେଗଗାମୀ ଇଣ୍ଟରନେଟ୍ ପାଇଁ ଅପ୍ଟିକାଲ ଫାଇବର ସଂଯୋଗ ଦେବାକୁ ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ବିଭାଗର ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ଓଡ଼ିଶା ଟେଲି ମେଡିସିନର ଅବୈତନିକ ପରାମର୍ଶଦାତା ଡା. ପ୍ରଫେସର ବି.ଏନ୍. ମହାନ୍ତି ଏବଂ ଅନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଚିକିତ୍ସା ସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ, ଉନ୍ନତ ଯନ୍ତ୍ରପାତି ଏବଂ ବିଶେଷଜ୍ଞ ଚିକିତ୍ସକଙ୍କ ଦ୍ୱାରା ସେବା ଯୋଗାଇବା ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

# ରୁଷିଆରୁ ଫେରିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ଉର୍ଜା, ଇସ୍ପାତ, ତୈଳ, ଗ୍ୟାସ ପ୍ରସଙ୍ଗରେ ଆଲୋଚନା

ଭୁବନେଶ୍ୱର, ୩୧।୮ (ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇଦିନିଆ ରୁଷିଆ ଗସ୍ତ ଶନିବାର ଶେଷ ହୋଇଛି। ଗସ୍ତକାଳରେ ଧର୍ମେନ୍ଦ୍ର ଉର୍ଜାରୁ ଇସ୍ପାତ, ତୈଳ ଏବଂ ଗ୍ୟାସ ଓ ଅନ୍ୟାନ୍ୟ କ୍ଷେତ୍ରରେ ରୁଷିଆ ସରକାର ଏବଂ ଘରୋଇ କମ୍ପାନୀଗୁଡିକର ଅଧିକାରୀଙ୍କ ସହ ଦ୍ୱିପାକ୍ଷିକ ସହଯୋଗ ଓ ଆର୍ଥିକ ଗତିବିଧି ସମ୍ପର୍କରେ ଆଲୋଚନା କରିଥିଲେ।

କେନ୍ଦ୍ରମନ୍ତ୍ରୀଙ୍କ ସମେତ ଏକ ୨୫ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳୀ ରୁଷିଆ ଗସ୍ତରେ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭ୍ଲାଡିଭୋଷ୍ଟୋକ ଗସ୍ତର ସପ୍ତାହେ ପୂର୍ବରୁ ଧର୍ମେନ୍ଦ୍ରଙ୍କ ଏହି ଗସ୍ତ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। କେନ୍ଦ୍ରମନ୍ତ୍ରୀ ଗସ୍ତ ସମୟରେ ସେଠାକାର ଉପପ୍ରଧାନମନ୍ତ୍ରୀ ୟୁରି ତୃଟନେଭ, ଶକ୍ତିମନ୍ତ୍ରୀ ଆଲେକଜାଣ୍ଡର ନୋଭାକ ଏବଂ ଶିଳ୍ପ,ବାଣିଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଇସ୍ପାତ କ୍ଷେତ୍ରର ପ୍ରଭାରୀ ଭିକ୍ଟର ଏଭତୁକୋଭଙ୍କୁ ସାକ୍ଷାତ କରିଥିଲେ। ଉପପ୍ରଧାନମନ୍ତ୍ରୀ ତୃଟନେଭଙ୍କ ସହ ଆଲୋଚନା କରି ଧର୍ମେନ୍ଦ୍ର କହିଥିଲେ, ଉର୍ଜା ଏବଂ ଇସ୍ପାତ କ୍ଷେତ୍ରରେ ଉଭୟ ଦେଶ ସହଯୋଗୀ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ। ସେହିପରି ଭାରତ ରୁଷିଆ ସହ ମିଶି ଉର୍ଜା କ୍ଷେତ୍ରକୁ ବଢାଇବା ସହ କୋଇଲା କ୍ଷେତ୍ରରେ ଦୀର୍ଘକାଳୀନ ସହଯୋଗୀ ହେବା ପାଇଁ ଇଚ୍ଛା ରଖିଛି।

ଅନୁରୂପ ଭାବେ ଶକ୍ତିମନ୍ତ୍ରୀ ନୋଭାକଙ୍କ ସହ ସାକ୍ଷାତ ସମୟରେ ଦୁଇଦେଶ ମଧ୍ୟରେ ସହଯୋଗ ତଥା ସାମ୍ପ୍ରତିକ ସ୍ଥିତିର ସମୀକ୍ଷା କରିବା ସହ ଦ୍ୱିପାକ୍ଷିକ ପୁଞ୍ଜିନିବେଶ, ଉର୍ଜା ସମ୍ପର୍କିତ ବିକାଶ, ଉତ୍ପାଦନ, ବ୍ୟବହାରକାରୀଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଦୁଇ ପ୍ରତିପକ୍ଷଙ୍କ ବୈଠକ ପରେ ଉଭୟ ଦେଶର ତୈଳ ଓ ଗ୍ୟାସ କ୍ଷେତ୍ରରେ ଘରୋଇ ଏବଂ ସାର୍ବଜନୀନସ୍ତର ଉପରେ ଆଲୋଚନା କରିଥିଲେ। ଏଥିରେ ରୁଷିଆର ୪୦ଟି ବଡ କମ୍ପାନୀର ଅଧିକାରୀ ଅଂଶଗ୍ରହଣ କରିଥିଲେ। ଧର୍ମେନ୍ଦ୍ରଙ୍କ ଏହି ଗସ୍ତ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଏକ ପ୍ରସ୍ତୁତି ଥିଲା। ନିକଟ ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିମନ୍ତ୍ରଣରେ ପଞ୍ଚମ ବାର୍ଷିକ ପୂର୍ବାଞ୍ଚଳ ଆର୍ଥିକ ଫୋରମ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେବେ।


ରୁଷୀୟ ନେତୃବୃନ୍ଦଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ସଂକ୍ଷେପରେ

### ଟିଟିଲାଗଡ଼ରେ ମହିଳା ଏସ୍ଏଚ୍‌ଜି ସାପ୍ତାହିକ ହାଟ

ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୩୧।୮ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ହାଇସ୍କୁଲ ପଡ଼ିଆରେ ରାଜ୍ୟର ପ୍ରଥମ ମହିଳା ଏସ୍ଏଚ୍‌ଜି ସାପ୍ତାହିକ ହାଟକୁ ମହିଳା ଶିଶୁ ବିକାଶ ଓ ମିଶନ୍ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରିଛନ୍ତି। ଏହି ହାଟରେ ଶହେରୁ ଊର୍ଦ୍ଧ୍ୱ ଷ୍ଟଲରେ ମହିଳା ଏସ୍ଏଚ୍‌ଜି ପକ୍ଷରୁ ବିଭିନ୍ନ ସାମଗ୍ରୀ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ରଖାଯାଇଛି। ଆଗକୁ ପ୍ରତି ଶୁକ୍ରବାର ଟିଟିଲାଗଡ଼ର ମହାରାଜା ସାଗର ଆଡି ଉପରେ ହାଟ ବସିବ ବୋଲି ସୂଚନା ଦିଆଯାଇଛି।

### ନବାନ୍ନ ଭୋଗ ଲାଗି ନୂଆ ଧାନ ଆସିଲା

ସମ୍ବଲପୁର, ୩୧।୮ (ବ୍ୟୁରୋ): ସମ୍ବଲପୁରର ଇଷ୍ଟ ଦେବୀ ମା' ସମଲେଇଙ୍କୁ ନବାନ୍ନ ଲାଗି ପରମ୍ପରା ଓ ରୀତିନୀତି ଅନୁସାରେ ଶନିବାର ଗୋଧୂଳି ଲଗ୍ନରେ ନୂଆ ଧାନ ପହଞ୍ଚିଛି। ସମଲେଇ ମନ୍ଦିର ମୁଖଶାଳା ସମ୍ମୁଖରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ବଲବସପୁର ଗ୍ରାମର ଚାଷୀ ସୁବାସ ବେହେରାଙ୍କଠାରୁ ଏହି ନୂଆ ଧାନକୁ ଗ୍ରହଣ କରିଛନ୍ତି। ନୂଆଁଧାନକୁ ନେଇ ମୁଖ୍ୟ ପୂଜକ ନିଜ ଠାକୁର ଘରେ ରଖିଛନ୍ତି।

### ହୀରାକୁଦ ଡ୍ୟାମ୍‌ର ୨ ଗେଟ୍ ଖୋଲା

ସମ୍ବଲପୁର, ୩୧।୮ (ବ୍ୟୁରୋ): ହୀରାକୁଦ ଡ୍ୟାମ୍‌ର ଶନିବାର ଜଳସ୍ତର ୬୨୨.୯୧ ଫୁଟ୍ ରହିଛି। ୨ଟି ଗେଟ୍ ଖୋଲା ରହିଛି। ଏହି ଦୁଇ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୫୩ ହଜାର ୮୨୦ କ୍ୟୁସେକ ପାଣି ନିଷ୍କାସନ କରାଯାଉଛି। ଅନ୍ୟପକ୍ଷେ ପ୍ରତି ସେକେଣ୍ଡରେ ଡ୍ୟାମ୍‌କୁ ୫୩ ହଜାର ୮୨୦ କ୍ୟୁସେକ ପାଣି ପ୍ରବେଶ କରୁଛି। ପାୱାର ଚ୍ୟାନେଲରେ ୧୯ ହଜାର ୨୪୩, ବିଭିନ୍ନ କେନାଲରେ ୨ହଜାର ୬୧୯ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡାଯାଉଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ ତଳ ମୁଣ୍ଡ ବେଲଗାଁରେ ୧୫ ହଜାର ୨୦୦, ପଥରିଆରେ ୪୪ ହଜାର ୪୮୦, ଖଇରମାଲରେ ୧ଲକ୍ଷ ୮୨ ହଜାର, ବଡ଼ମୂଳରେ ୧ଲକ୍ଷ ୪୮ ହଜାର ୮୭୫ ଓ ମୁଣ୍ଡଳିରେ ୧ଲକ୍ଷ ୯୩ ହଜାର ୦୭୯ ଜଳ ପ୍ରବାହିତ ହେଉଛି। ଡ୍ୟାମ ଉପର ମୁଣ୍ଡରେ ୧୭.୪ ମି.ମି. ବର୍ଷା ହୋଇଥିବା ବେଳେ ତଳ ମୁଣ୍ଡରେ ୩.୦ ମି.ମି. ବର୍ଷା ହୋଇଛି ଥିବା ରେକର୍ଡ କରାଯାଇଛି।

### ପ୍ରଶାସନିକ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୩୧।୮(ବ୍ୟୁରୋ)- ରାଜ୍ୟ ସରକାର ଶନିବାର ପ୍ରଶାସନିକ ସ୍ତରରେ ଅଦଳବଦଳ କରିଛନ୍ତି। କାର୍ଯ୍ୟରତ ସଂଖ୍ୟାଧିକ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ଏବଂ ରାଜସ୍ୱ ବିଭାଗରେ କାର୍ଯ୍ୟରତ କେତେକ ଅଧିକାରୀଙ୍କୁ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପ୍ରଦୀପ କୁମାର ସାହାଣୀ ଓଏସ୍‌ଆଇସି ଏମ୍‌ଡି, ବିଶ୍ୱଜିତ ବିଶ୍ୱାଳ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ, ବିଶ୍ୱନାଥ ସାହୁ ବୁର୍ଲାସ୍ଥିତ ଭିମସାର ପ୍ରଶାସନିକ ଅଧିକାରୀ, ପ୍ରତାପ କେଶରୀ ମିଶ୍ର ଜଳସମ୍ପଦ ଯୁଗ୍ମ ସଚିବ, ଅଜୟ ଜେନା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଏବଂ ଜିତେନ୍ଦ୍ର ସାହୁ ନୀତି ପ୍ରଶାସକ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ରାଜସ୍ୱ ବିଭାଗରେ କାର୍ଯ୍ୟରତ ୩୮ ଜଣ ଅଧିକାରୀଙ୍କୁ ବଦଳି କରାଯାଇଛି। ଏମାନଙ୍କ ମଧ୍ୟରେ ରହିଛନ୍ତି-କୁଳମଣି ପଟେଲ, ମାନସ ରାୟ, ସସ୍ମିତା କୁମାର ଜେନା, ଗୀତାଞ୍ଜଳି ବେହେରା ଏବଂ ମିହିର ରଞ୍ଜନ ବେହେରା ପ୍ରମୁଖ।

### ୭ରେ 'କାଳିଆ' ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା

ଭୁବନେଶ୍ୱର,୩୧।୮(ବ୍ୟୁରୋ)- ସେପ୍ଟେମ୍ବର ୭ରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ 'କାଳିଆ' ଅଯୋଗ୍ୟ ହିତାଧିକାରୀଙ୍କ ନାମ ଘୋଷଣା କରାଯିବ। ଏଥିପାଇଁ ଆବଶ୍ୟକ ବ୍ଲକ ଏବଂ ଜିଲାସ୍ତରୀୟ ତାଲିକା ପ୍ରସ୍ତୁତ ହୋଇସାରିଛି। ରାଜ୍ୟବ୍ୟାପୀ ତାଲିକା ଏବଂ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ଏବଂ ପ୍ରମୁଖ ସଚିବ ସୌରଭ ଗର୍ଗ ଗଣମାଧ୍ୟମକୁ ଅବଗତ କରାଇବେ ବୋଲି ଜଣାପଡିଛି। ସେହିପରି ଅଯୋଗ୍ୟ ହିତାଧିକାରୀଙ୍କଠାରୁ କିପରି ଶତପ୍ରତିଶତ ସହାୟତା ରାଶି ଫେରସ୍ତ କରାଯିବ, ସେ ନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନୀ ଲୋକ ପାଦେ କଣ୍ଟକ ବାଜିଲେ**
**ସମସ୍ତେ ପୁଚ୍ଛନ୍ତି ବ୍ୟଥା**
**ଦରିଦ୍ର ପାହାଡ଼ୁ ଗଡ଼ି ପଡ଼ିଗଲେ**
**କେହି ନ କହନ୍ତି କଥା ।**

ଧନୀ ଲୋକଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଏପରି କି ଭଲରେ ମନ୍ଦରେ ସେମାନଙ୍କ ପଛେ ଛିଡ଼ା ହୋଇଥାନ୍ତି। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ପୂରାପୂରି ଓଲଟା ଚିତ୍ର ଦେଖିବାକୁ ମିଳିଥାଏ। ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ତାଙ୍କୁ ଆଡ ଆଖିରେ ମଧ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖିବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧର୍ମର ଜୟ,**
**ପାପର କ୍ଷୟ ।**

ଧର୍ମ ଓ ଭଲ କର୍ମ ପଥରେ କଣ୍ଟାଥାଏ ତଥାପି ତାହା ଆଲୋକିତ। ଧର୍ମ ହିଁ ଜୀବନର ପରମ ବନ୍ଧୁ, ଏହାର ବିଲୋପ ଘଟି ନ ଥାଏ। ଯିଏ ସତ୍ୟନିଷ୍ଠ ରହିଥାଏ, ଧର୍ମପଥରେ ଚାଲିଥାଏ ତା'ର ବିଜୟ ସୁନିଶ୍ଚିତ। ସେହିପରି ପାପ ବା କୁକର୍ମ ପଥ ସର୍ବଦା ସଂକୀର୍ଣ୍ଣ ଓ ଅନ୍ଧକାରମୟ। ପାପୀ ବା କୁକର୍ମୀର ପରାଜୟ ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଅନୁଗୋଳ ପୌରପାଳିକା, ଅନୁଗୋଳ
ନଂ. ୮୧୦୨ / ତା. ୩୦.୮.୨୦୧୯
ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୧୯ ଅବସରରେ
ଅନୁଗୋଳ ପୌରପାଳିକା
ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ଜେନା (ଓ ଆର ଏସ୍), କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା
ଶ୍ରୀଯୁକ୍ତ ମନୋଜ କୁମାର ମହାନ୍ତି, (ଓ.ପ୍ର.ସେ) ଏସ୍ ଏ ଜି, ଜିଲାପାଳ, ଅନୁଗୋଳ ତଥା ପ୍ରଶାସକ, ଅନୁଗୋଳ ପୌରପାଳିକା

CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ। ୧% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସମ୍ପର୍କ କରନ୍ତୁ
8278077123
8607378206

ଦଶହରା ଉତ୍ସବ ପୂର୍ବରୁ
ଓଡ଼ିଶାର ସମସ୍ତ ଜିଲ୍ଲାର ଯେକୌଣସି ପେସାଧାରୀ ଯେକୌଣସି ବ୍ୟକ୍ତିଙ୍କୁ ଆମେ 1-20 ଲକ୍ଷ ଟଙ୍କାର ଋଣ ଯୋଗାଉଛୁ
ନ୍ୟୁନତମ କାଗଜପତ୍ର।
ସୁଧ ହାର 6% ଏବଂ ଋଣ ପ୍ରକ୍ରିୟାକରଣ ସମୟ ୨ ଦିନ।
9674563354

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No: 9437425759, 8280476992
Email : maataratarinison@gmail.com

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

!!ଋଣ ଋଣ ଋଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ଋଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office : Rajhat, Gujurat - 360001

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ୍, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004611
8394004898

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ ଋଣ ଋଣ!!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

EDUCATION

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ରକ୍ତସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅପରିଣାମଦର୍ଶିତାର ଫଳ
ସର୍ବଦା ବିଷମୟ ହୋଇଥାଏ।
- ସେନେକା

# ଏ ସପ୍ତାହର କାର୍ଯ୍ୟକ୍ରମ

## ୧।୯।୨୦୧୯(ରବିବାର)

### ଭୁବନେଶ୍ୱର

- ଲେଖାଲେଖି ପକ୍ଷରୁ ୮ମ ସାହିତ୍ୟ ମେଳା, ଭେଟେନାରୀ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ କନଫରେନ୍ସ ହଲ, ଲକ୍ଷ୍ମୀସାଗର ଜେଲ ନିକଟ, ପୂର୍ବାହ୍ନ ୧୦ଟା।
- ୧୧ତମ କଟକ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଏନଭାଇରନମେଣ୍ଟ ସୋସାଇଟି (ଓଇଏସ୍) ପକ୍ଷରୁ ସେମିନାର, ଓଇଏସ୍ ପରିସର, ଏନ୍‌ଡି-୪, ଭିଆଇପି ଏରିଆ, ଆଇଆର୍‌ସି ଭିଲେଜ, ପୂର୍ବାହ୍ନ ୧୦ଟା ୩୦।
- ଅଖିଳ ଭାରତ କୃଷକ ସଭା ପକ୍ଷରୁ ରାଜ୍ୟସ୍ତରୀୟ କନଭେନସନ, ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ, ୟୁନିଟ-୯, ପୂର୍ବାହ୍ନ ୧୧ଟା।
- ଓଜସ୍ୱୀ ଫାଉଣ୍ଡେଶନ ପକ୍ଷରୁ ସେମିନାର, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୪ଟା।
- ଆସୋସିଏଶନ ଫର ଇଣ୍ଡିଆନ ଗ୍ରାମୀଣ କ୍ରିକେଟ ଲିଗ ପକ୍ଷରୁ ଉଦ୍‌ଘାଟନୀ ଉତ୍ସବ, ପଦ୍ମଜା ପ୍ରିମିୟମ, ଚନ୍ଦ୍ରଶେଖରପୁର, ଅପରାହ୍ନ ୫ଟା।
- ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଗାନ୍ଧୀଗାଥା ଓ ଗାନ୍ଧୀ ସାହିତ୍ୟ ଉତ୍ସବ, ଗୀତ ଗୋବିନ୍ଦ ସଦନ, ସୂଚନା ଭବନ, ଅପରାହ୍ନ ୫ଟା ୪୫।
- ସାରସ୍ୱତ ସମାଜ ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ-୩, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ସମିତି ପକ୍ଷରୁ ପ୍ରଥମ ପ୍ରସ୍ତୁତିମୂଳକ ସଭା, ଆଇବା କନଫିଡେନ୍ସ ହଲ, ମଞ୍ଚେଶ୍ୱର, ସନ୍ଧ୍ୟା ୬ଟା।

### କଟକ

- କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଦୁର୍ଗାପୂଜା ଓ ଭସାଣି ଉତ୍ସବ ନିମନ୍ତେ ପ୍ରସ୍ତୁତି ସଭା, ଦରଖାପାଟଣା ଦୁର୍ଗା ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦ ।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୨୭ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ଉଦ୍‌ଘାଟନ ଉତ୍ସବ, ସାରଳା ଭବନ, ସନ୍ଧ୍ୟା ୬ଟା ୩୦।

### ପୁରୀ

- ଏଲଆଇସିର ଇନ୍‌ସ୍ୟୁରାନ୍ସ ସପ୍ତାହ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ବୀମା କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଅନନ୍ୟା କଳା ମନ୍ଦିର, ଘୁଙ୍ଗୁର କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୫ଟା ୩୦।

## ୨।୯।୨୦୧୯(ସୋମବାର)

### ଭୁବନେଶ୍ୱର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗଣେଶ ପୂଜା, ପ୍ଲଟ ନଂ ୧୦୨୩, ଖାରବେଳ ନଗର, ରିଜର୍ଭ ବ୍ୟାଙ୍କ ପଛ, ସକାଳ ୯ଟା।
- ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ପକ୍ଷରୁ ଗଣେଶ ପୂଜା, ଶ୍ରୀ ଗୁରୁଜୀ ବିହାର, ଅକ୍ସଫୋର୍ଡ ଛକ, ଏନ୍‌ଏଚ-୧୬, ସକାଳ ୯ଟା।
- ମା' କୋଟିଲେଇ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଗଣେଶ ପୂଜା, ରସୁଲଗଡ, ସକାଳ ୯ଟା।
- ନୂଆ ସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ମିଳିତ ଆନୁକୂଲ୍ୟରେ ଗଣେଶ ପୂଜା, ଉଠା ଜଳସେଚନ ନିଗମ ସମ୍ମୁଖ, ନୂଆସାହି, ନୂଆପଲ୍ଲୀ, ପୂର୍ବାହ୍ନ ୧୦ଟା।
- ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ଲେଖାଲେଖି ପକ୍ଷରୁ ୮ମ ସାହିତ୍ୟ ମେଳା, ଭେଟେନାରୀ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ କନଫରେନ୍ସ ହଲ, ଲକ୍ଷ୍ମୀସାଗର ଜେଲ ନିକଟ, ପୂର୍ବାହ୍ନ ୧୦ଟା।
- ୧୧ତମ କଟକ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଭିଏସ୍ଏସ୍ ନଗର ସରସ୍ୱତୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗଣେଶ ପୂଜା, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଗଣେଶ ପୂଜା, ଭୌମନଗର, ୟୁନିଟ-୪, ପୂର୍ବାହ୍ନ ୧୧ଟା।
- ସୋମନାଥ ଯୁବ ପରିଷଦ ପକ୍ଷରୁ ଗଣେଶ ପୂଜା ଓ ବାର୍ଷିକ ଉତ୍ସବ, ସମେଇଗଡ଼ିଆ, ମଧ୍ୟାହ୍ନ ୧୨ଟା।
- ଭୁବନେଶ୍ୱର ନ୍ୟୁଜପେପର ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ଦିନଦୟାଲ ଭବନ ପରିସର, ମଧ୍ୟାହ୍ନ ୧୨ଟା।
- ଅଲ ନ୍ୟୁଜପେପର ସପ୍ଲାୟର୍ସ ସୋସିଆଲ ୱେଲଫେୟାର ଆସୋସିଏଶନ ପକ୍ଷରୁ ବିଘ୍ନରାଜ ପୂଜା, ସିବିଆଇ କଲୋନୀ ପଛପାଖ, ୟୁନିଟ-୮, ମଧ୍ୟାହ୍ନ ୧୨ଟା ୩୦।
- ମା' ତାରିଣୀ କ୍ଲବ ପକ୍ଷରୁ ଗଣେଶ ପୂଜା, ପ୍ରାଚୀ ବିହାର ଛକ, ମଧ୍ୟାହ୍ନ ୧୨ଟା ୩୦।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ଇନ୍ଦିରା ପାର୍କ ପଛପଟ, ଶହୀଦ ନଗର, ମଧ୍ୟାହ୍ନ ୧୨ଟା ୩୦।
- ଗଡ଼େଶ୍ୱର ହାଟ ବଣିକ ସଂଘ ପକ୍ଷରୁ ଗଣନାଥଙ୍କ ପୂଜା ଓ ପାଲା ପରିବେଷଣ, ଗଣେଶ ପୂଜା ମଣ୍ଡପ, ଭିଏସଏସ ନଗର, ଗାଡକଣ, ସକାଳ ୮ଟା ୩୦ ଏବଂ ସନ୍ଧ୍ୟା ୬ଟା।
- ଭାରତୀୟ ବିଦ୍ୟାଭବନ କେନ୍ଦ୍ର ଭୁବନେଶ୍ୱର ଓ ଭଞ୍ଜଶ୍ରୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଲୁପ୍ତପ୍ରାୟ କଳା ପ୍ରଦର୍ଶନ, ମୁନ୍‌ସିହଲ, ଭାରତୀୟ ବିଦ୍ୟା ଭବନ, ସନ୍ଧ୍ୟା ୬ଟା।

### ପୁରୀ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା, ଘୋଡାବଜାର ଦେବାର୍ଚ୍ଚନା, ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା, ମଧୁବନ ଦେବାର୍ଚ୍ଚନା,ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା, ହରଚଣ୍ଡି ସାହି ଦେବାର୍ଚ୍ଚନା, ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା, ମାରୁତି ନଗରଦେବାର୍ଚ୍ଚନା ସକାଳ ୮ଟା
- ଭଗବତୀ ବିଦ୍ୟା ନିକେତନରେ ଗଣେଶ ପୂଜା, ଅଠରନଳା, ପୂଜାରମ୍ଭ ୮ଟା।
- ଉତ୍କଳମଣି ଶିଶୁ ମନ୍ଦିରରେ ବିନାୟକ ପୂଜା, ଶ୍ରୀରାମ ନଗର,ପୂଜାରମ୍ଭ ୮ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତିର ଗଣେଶ ପୂଜା, ପଥୁରିଆ ସାହି,ପୂଜାରମ୍ଭ ୮ଟା।
- ଶ୍ରୀଗୋପାଳଜୀ ବିଦ୍ୟାନିକେତନରେ ଗଣେଶ ପୂଜା, ଲୋକନାଥ ରୋଡ, ସକାଳ ୮ଟା।
- ସାରସ୍ୱତ ବିଦ୍ୟାମନ୍ଦିରରେ ଗଣେଶ ପୂଜା, କରତି ସାହି, ପୂଜାରମ୍ଭ ସକାଳ ୯ଟା।
- ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ କଲେଜରେ ବିନାୟକ ପୂଜା, ସ୍ୱର୍ଗଦ୍ୱାର, ପୂଜାରମ୍ଭ ୧୦ଟା।

## ୩।୯।୨୦୧୯(ମଙ୍ଗଳବାର)

### ଭୁବନେଶ୍ୱର

- ୧୧ତମ କଟକ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।

### ବାଲିଅନ୍ତା

- ୫ମ ବାର୍ଷିକ ଗୀତା କର୍ମଶାଳା ସରସ୍ୱତୀ ଶିକ୍ଷାମନ୍ଦିର ପରିସର, ନହରକଣ୍ଟା।

## ୪।୯।୨୦୧୯(ବୁଧବାର)

### ଭୁବନେଶ୍ୱର

- ୧୧ତମ କଟକ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ୪୫ତମ ପ୍ରତିଷ୍ଠା ଦିବସ, ଅନୁଷ୍ଠାନ ପରିସର, ସଚିବାଳୟ ମାର୍ଗ, ଅପରାହ୍ନ ୫ଟା।

## ୫।୯।୨୦୧୯(ଗୁରୁବାର)

### ଭୁବନେଶ୍ୱର

- ୧୧ତମ କଟକ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଶିବାନନ୍ଦ ସେଣ୍ଟନାରୀ ବଏଜ୍ ହାଇସ୍କୁଲର ଏକାଡେମିକ ବିଲ୍ଡିଂ ଓ ହଷ୍ଟେଲ ବିଲ୍ଡିଂ ଉଦ୍‌ଘାଟନ, ସ୍କୁଲ ପରିସର, ଖଣ୍ଡଗିରି, ପୂର୍ବାହ୍ନ ୧୧ଟା।
- ଶ୍ରୀଜନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାଷ୍ଠାନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

### ବାଲିଅନ୍ତା

- ଗୁରୁଗୌରବ ସମ୍ମାନ ସମାରୋହ, ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ପୂର୍ବାହ୍ନ ୧୦ଟା।

## ୬।୯।୨୦୧୯(ଶୁକ୍ରବାର)

### ଭୁବନେଶ୍ୱର

- ୧୧ତମ କଟକ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଜନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାଷ୍ଠାନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

## ୭।୯।୨୦୧୯(ଶନିବାର)

### ଭୁବନେଶ୍ୱର

- ଶ୍ରୀଜନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାଷ୍ଠାନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।।

# ଶ୍ରୀରାମାନୁଜଙ୍କୁ ନେଇ ଘଟିଥିଲା ବିସ୍ମୟକର ଘଟଣା

**ପୁରୀ ଅଫିସ, ୩୧।୮**

ଦ୍ୱାଦଶ ଶତାବ୍ଦୀର ଏମାର ମଠ ଭଙ୍ଗାଯାଉଛି। ଆଉ ଅଳ୍ପ ଦିନ ପରେ ଏହାର ନାଁ ରହିବ ସିନା ହେଲେ ଚେହେରା ସମ୍ପୂର୍ଣ୍ଣ ବଦଳିଯିବ। ବିରାଟ କୋଠାର ଆକାର ସୀମିତ ରହିବ ଠାକୁରଙ୍କ ବିଜେସ୍ଥଳୀ, ପୂଜକ ଏବଂ ମହନ୍ତଙ୍କ ଛୋଟିଆ କୋଠରୀ ଭିତରେ। ତେବେ ମଠକୁ ନେଇ ଏବେ ନାନା ପ୍ରକାର ଚର୍ଚ୍ଚା ଚାଲିଥିବାବେଳେ ଏହାର ପ୍ରତିଷ୍ଠାତା ଶ୍ରୀରାମାନୁଜଙ୍କୁ ନେଇ ଶ୍ରୀଜଗନ୍ନାଥ ପୁରୀରେ ଘଟିଥିଲା ଏକ ବିସ୍ମୟକର ଘଟଣା।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଏମାର ମଠର ପ୍ରତିଷ୍ଠାତା ଶ୍ରୀରାମାନୁଜାଚାର୍ଯ୍ୟ ଭାରତରେ ବୌଦ୍ଧିକ ଦିଗ୍‌ବିଜୟ ଯାତ୍ରା କରି ପୁରୀରେ ପହଞ୍ଚିଥିଲେ। ଶ୍ରୀପ୍ରପନ୍ନାମୃତମ୍ ଗ୍ରନ୍ଥରୁ ଜଣାଯାଏ, ତାଙ୍କର ପ୍ରଥମ ଦିଗ୍‌ବିଜୟ ଯାତ୍ରା କାଞ୍ଚିରୁ ଆରମ୍ଭ ହୋଇଥିଲା। ଏହି ଯାତ୍ରାରେ ତାଙ୍କ ସହିତ ୧୪ଜଣ ଶିଷ୍ୟ ଥିଲେ। ସେମାନଙ୍କ ମଧ୍ୟରେ ଜଣେ ଥିଲେ ଶ୍ରୀ ଉତ୍କଳାଚାର୍ଯ୍ୟ ଏବଂ ଆଉ ୨ଜଣ କଳିଙ୍ଗ ଦେଶର ଶ୍ରେଷ୍ଠ ଶିଷ୍ୟ। ଏଥିରୁ ଜଣାପଡୁଛି ଶ୍ରୀରାମାନୁଜ ଜଗନ୍ନାଥ ଧାମ ଆସିବା ପୂର୍ବରୁ ଉତ୍କଳ-କଳିଙ୍ଗ ରାଷ୍ଟ୍ର ସହ ତାଙ୍କର ସମ୍ପର୍କ ଥିଲା। ସେ କେରଳ ପହଞ୍ଚିବା ପରେ ସେଠାରୁ ଦ୍ୱାରକା, ବଦ୍ରିକା ଆଶ୍ରମ, ମଥୁରା, ଅଯୋଧ୍ୟା, ବୃନ୍ଦାବନରେ ଶାସ୍ତ୍ରାର୍ଥ କରି ବିଜୟ ଲାଭ କରିବା ପରେ କଶ୍ମୀରର ଶ୍ରୀଶାରଦା ପୀଠକୁ ଯାଇଥିଲେ। କଶ୍ମୀରରୁ ଫେରି ଜଗନ୍ନାଥ ଧାମରେ ପହଞ୍ଚିଥିଲେ। ଏହାଥିଲା ତାଙ୍କ ଦିଗ୍‌ବିଜୟ ଯାତ୍ରାର ୧୬ତମ ସ୍ଥାନ। ଶ୍ରୀଜଗନ୍ନାଥ ଧାମକୁ ଆସି ଯେଉଁଠି ପ୍ରଥମେ ଶିଷ୍ୟମାନଙ୍କ ସହ ଡେରା ପକାଇଥିଲେ ତାହା ହିଁ ଆଜିର ଏମାର ମଠ। ପ୍ରତିଦିନ ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଉପାସନାର ରହସ୍ୟକୁ ବୁଝିବା ପରେ ଶ୍ରୀମନ୍ଦିରରେ ନିଜ ସମ୍ପ୍ରଦାୟର ପୂଜା ପ୍ରଚଳନ ପାଇଁ ଚେଷ୍ଟା କରିଥିଲେ। ଏଥିରେ

## ଏମାର ମଠର କଥା

ମହାରାଜା ଚୋଡ଼ଗଙ୍ଗଦେବ ସହମତି ହୋଇଥିଲେ ମଧ୍ୟ ପୂଜାପଣ୍ଡା ସେବକମାନେ ରାଜି ହୋଇ ନ ଥିଲେ। ରାଜସଭାରେ ସେବକ ଏବଂ ରାମାନୁଜାଚାର୍ଯ୍ୟଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଚାର୍ଯ୍ୟ ମହାଶୟ ଯେଉଁ ଅନୁରୋଧ କରିଥିଲେ ତାହା କାଟ୍ ଖାଇଥିଲା। ରାଜସଭାରୁ ଫେରିବା ପରେ ସେବକମାନେ ମହାପ୍ରଭୁଙ୍କ ଶରଣାଗତ ହୋଇଥିଲେ। ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଜୀବନୀ ଗ୍ରନ୍ଥ ଅନୁଯାୟୀ, ସେବକମାନେ ମହାପ୍ରଭୁଙ୍କୁ ଗୁହାରି କରି ଫେରିବା ପରେ ରାମାନୁଜାଚାର୍ଯ୍ୟ ଦର୍ଶନ କରିବାକୁ ଯାଇ ନିଜ ମନକଥା ମହାପ୍ରଭୁଙ୍କୁ ଜଣାଇଥିଲେ। କିନ୍ତୁ ମହାପ୍ରଭୁ ଏହା ଅଙ୍ଗୀକାର କରି ନ ଥିଲେ। ସେତେବେଳେ ତାଙ୍କୁ ଯେଉଁ ନିର୍ଦ୍ଦେଶ ମିଳିଥିଲା ତଦନୁଯାୟୀ ସୂଚନା ଦେଇଥିଲେ ଯେ, ଅନ୍ୟ ସମସ୍ତ କ୍ଷେତ୍ରକୁ ଆପଣ ପାଞ୍ଚରାତ୍ର ଉପାସନା ଦୃଷ୍ଟିରୁ ଅଧୀନ କରିଥିଲେ ମଧ୍ୟ ଏହି କ୍ଷେତ୍ରକୁ ମୋ ଅଧୀନରେ ରହିବାକୁ ଦିଅନ୍ତୁ। ମୋ' ଇଚ୍ଛା ଅନୁସାରେ ମୁଁ ଏହି ସେବକମାନଙ୍କ ସହିତ ସୁଖ ପୂର୍ବକ ରହିପାରିବି। ଶ୍ରୀରାମାନୁଜାଚାର୍ଯ୍ୟ ଏହି ସୂଚନା ପାଇବା ପରେ ମନ୍ଦିରରୁ ଫେରିଆସି ପୁନଃ ମହାରାଜାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସ୍ପଷ୍ଟ ଭାବେ ଉକ୍ତ ପୁସ୍ତକରେ ବର୍ଣ୍ଣନା କରାଯାଇଛି ଶ୍ରୀମନ୍ଦିରରୁ ସେ ମଠକୁ ଫେରିଥିଲେ। ମଠ ଶବ୍ଦ ବ୍ୟବହାରରୁ ଜାଣିହୁଏ ଯେ, ସେ ଯେଉଁଠି ଛତା ପୋତି ରହିଥିଲେ ତାହା ସେତେବେଳେ ମଠ ଭାବେ ପ୍ରସିଦ୍ଧି ପାଇ ସାରିଥିଲା। ଶ୍ରୀମନ୍ଦିରର ଉପାସନା ବିଧି ବଦଳାଇବା ପାଇଁ ବହୁଦିନ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିଥିଲେ ମଧ୍ୟ ଶ୍ରୀରାମାନୁଜାଚାର୍ଯ୍ୟ ସଫଳ ହୋଇ ନ ଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ଯେଉଁଦିନ ମହାପ୍ରଭୁଙ୍କୁ ତାଙ୍କ ଇଚ୍ଛା ଜଣାଇବାକୁ ଯାଇଥିଲେ ସେହିଦିନ ରାତିରେ ମଠରେ ଏକ ଘଟଣା ଘଟିଥିଲା। ସକାଳୁ ଉଠି ଦେଖିଲେ ସେ ଯେଉଁଠି ଅଛନ୍ତି ତାହା ଶ୍ରୀଜଗନ୍ନାଥ ପୁରୀ ନୁହେଁ, ତାହା ଥିଲା ଶ୍ରୀକୂର୍ମ ପୀଠ। ବର୍ତ୍ତମାନ ଏହି ପୀଠ ଆନ୍ଧ୍ରପ୍ରଦେଶରେ ରହିଛି।

ଶ୍ରୀପ୍ରପନ୍ନାମୃତମ୍ ଗ୍ରନ୍ଥରେ ଉଲ୍ଲେଖ ରହିଛି– ଶ୍ରୀଜଗନ୍ନାଥ ମହାପ୍ରଭୁ ଯୋଗମାୟାଙ୍କ ଦ୍ୱାରା ଶ୍ରୀରାମାନୁଜାଚାର୍ଯ୍ୟଙ୍କୁ ଶ୍ରୀଜଗନ୍ନାଥ ପୀଠରୁ ନେଇ ଶ୍ରୀକୂର୍ମ ପୀଠରେ ପହଞ୍ଚାଇ ଦେଇଥିଲେ। ଈଶ୍ୱରୀୟ ଲୀଳା ସହିତ ଘଟଣାକ୍ରମ ସମ୍ବନ୍ଧିତ ହୋଇଯାଇଛି। ପୁରୀରେ ସବୁ ଉପାସନାର ମିଶ୍ରଣ ଘଟିଛି। ଏଠାରେ କୌଣସି ସମ୍ପ୍ରଦାୟର ଉପାସନା ବିଧିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯାଏ ନାହିଁ। ଏହା ହିଁ ଘଟିଥିଲା ଏମାର ମଠ ପ୍ରତିଷ୍ଠାତା ଶ୍ରୀରାମାନୁଜାଚାର୍ଯ୍ୟଙ୍କ କ୍ଷେତ୍ରରେ ବୋଲି ଡ. ମିଶ୍ର ମତବ୍ୟକ୍ତ କରିଛନ୍ତି।

# ଜନ୍ମପୀଠରେ ଗୁରୁ କେଳୁଚରଣଙ୍କ ପ୍ରତିମୂର୍ତ୍ତି ଅନାବରଣ



**ସାକ୍ଷୀଗୋପାଳ, ୩୧।୮(ଡି.ଏନ୍.ଏ.)**

ଓଡ଼ିଶୀ ନୃତ୍ୟ ସଙ୍ଗୀତ ସାଧକ ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ତାଙ୍କ ଜନ୍ମପୀଠ ପୁରୀ ଜିଲାର ଐତିହ୍ୟ ଗ୍ରାମ ରଘୁରାଜପୁରରେ ଶନିବାର ଅନାବରଣ କରାଯାଇଛି। ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପର୍ଯ୍ୟଟନ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ଯୋଗଦେଇ ପାରମ୍ପରିକ ଓଡ଼ିଶୀ ନୃତ୍ୟ ସଙ୍ଗୀତ ପ୍ରଚାର ପ୍ରସାର କ୍ଷେତ୍ରରେ ଗୁରୁ କେଳୁ ଚରଣଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ତାଙ୍କରି ଓଡ଼ିଶୀ ନୃତ୍ୟ ନିର୍ଦ୍ଦେଶନା ଏବେବି ଦେଶ ବିଦେଶରେ ଜୀବନ୍ତ ସ୍ମୃତି ଭଳି ରହିଛି। ଓଡ଼ିଶା କଳା ସଂସ୍କୃତିର ଅନନ୍ୟ ପରିଚୟ ଭାବରେ ତାଙ୍କର ସ୍ମୃତି ସାଇତି ରଖିବା ଆମର କର୍ତ୍ତବ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବରେ ପୁରୀ ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶିକା ତଥା ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ, ମାଳତୀପାଟପୁର ସରପଞ୍ଚ ପୁଷ୍ପାରାଣୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ନାଟ ମଣ୍ଡପରେ ସ୍ଥାପନ କରାଯାଇଥିବା ପୁଣ୍ୟାତ୍ମାଙ୍କ ପ୍ରତିମୂର୍ତ୍ତି ଓ ମଣ୍ଡପ ନିର୍ମାଣ ନିମନ୍ତେ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ କ୍ୟୁରେଟର ଅଶ୍ୱନୀ କୁମାର ଶତପଥୀ, ସଂରକ୍ଷଣ ସହକାରୀ ଯନ୍ତ୍ରୀ ସରୋଜ କୁମାର ନନ୍ଦ, ସଂରକ୍ଷଣ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ଓ ସୁବାଶିଷ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ପ୍ରତିମୂର୍ତ୍ତି ଓ ଆକର୍ଷଣୀୟ ମଣ୍ଡପ ନିର୍ମାଣ କରାଯାଇଛି। ରଘୁରାଜପୁର ଗ୍ରାମ କୋଠ ସଭାପତି ବିଶ୍ୱନାଥ ସ୍ୱାଇଁ ଓ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ପୁତ୍ର ରତିକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପାରମ୍ପରିକ ବାଦ୍ୟ ନୃତ୍ୟ ସହିତ କଳାକାରମାନେ ଅତିଥିମାନଙ୍କୁ ପଛୋଟି ନେଇଥିବା ବେଳେ ବର୍ଷା ସତ୍ତ୍ୱେ ଗ୍ରାମବାସୀ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

**୭୫ ମିଟର ଉଚ୍ଛେଦ ପ୍ରସଙ୍ଗ**

# ଖୁବ୍‌ଶୀଘ୍ର ସରକାରଙ୍କୁ ରିପୋର୍ଟ ଦିଆଯିବ

**ପୁରୀ ଅଫିସ, ୩୧।୮**

ଶ୍ରୀମନ୍ଦିରର ସୁରକ୍ଷା ଏବଂ ପୁରୀର ବିକାଶ ପାଇଁ ମେଘନାଦ ପ୍ରାଚୀର ଚତୁଃପାର୍ଶ୍ୱସ୍ଥ ୭୫ ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ କରାଯିବ। ଏହି ପରିସୀମା ମଧ୍ୟରେ ଥିବା ମଠ, ମନ୍ଦିରର ଗାଦିଘର ଏବଂ ଦେବଦେବୀଙ୍କ ବିଜେସ୍ଥଳୀକୁ ସୁରକ୍ଷିତ ରଖିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ଏହା ପୂର୍ବରୁ ଅସୁରକ୍ଷିତ ଥିବା ମଠକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି। ଅନ୍ୟପକ୍ଷରେ ୭୫ମିଟର ଉଚ୍ଛେଦ ପାଇଁ ସର୍ଭେ କାର୍ଯ୍ୟ ଜାରି ରହିଛି। ତେବେ ଏହି ଉଚ୍ଛେଦର ରୂପରେଖ, କ୍ଷତିଗ୍ରସ୍ତଙ୍କ ଥଇଥାନ ସମ୍ପର୍କିତ ପ୍ୟାକେଜ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଖୁବ୍‌ଶୀଘ୍ର ରିପୋର୍ଟ ଦିଆଯିବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ଶନିବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ୭୫ମିଟର ଉଚ୍ଛେଦର ଥଇଥାନ ପ୍ୟାକେଜ ପ୍ରସ୍ତୁତ କରି ତାହାର ରିପୋର୍ଟ ଦେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ବର୍ତ୍ତମାନ ଏହାର କାମ ଚାଲିଛି। ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ଥଇଥାନ ପ୍ୟାକେଜ ରିପୋର୍ଟ ପ୍ରଦାନ କରାଯିବ। କୌଣସି କ୍ଷତିଗ୍ରସ୍ତ ଯେପରି ଥଇଥାନରୁ ବଞ୍ଚିତ ନ ହେବେ ତାହା ଉପରେ ଗୁରୁତ୍ୱ ଦିଆଯାଇ ତାଲିକା ପ୍ରସ୍ତୁତ ହେଉଛି। ତେବେ ବର୍ତ୍ତମାନ ଏମାର ମଠ ଉଚ୍ଛେଦ କାର୍ଯ୍ୟ ଚାଲିଛି। ହେଲେ ମଠ ମହନ୍ତ ଅସୁରକ୍ଷିତ କୋଠାରେ ରହିଥିବା ପ୍ରଶ୍ନରେ ଜିଲାପାଳ କହିଥିଲେ, ଉଚ୍ଛେଦ ସମୟରେ ଦେବଦେବୀଙ୍କ ବିଜେସ୍ଥଳୀ ଏବଂ ଗାଦିଘରକୁ ସୁରକ୍ଷିତ ରଖାଯିବ। ଲଙ୍ଗୁଳି ମଠରେ ଯେପରି ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦିଆଯାଇ ଭଙ୍ଗାଗଲା ଏମାର ମଠ କ୍ଷେତ୍ରରେ ତାହା ହିଁ ହେବ। ଏମାର ମଠରେ ଠାକୁର ପୂଜା ପାଉଥିବା ସ୍ଥାନ ଅଧିକ ଅସୁରକ୍ଷିତ ଥିବାରୁ ତାହାକୁ ସତର୍କତାର ସହ ଭାଙ୍ଗିବାକୁ ପଡ଼ିବ। ମହନ୍ତଙ୍କ ବ୍ୟକ୍ତିଗତ ଜୀବନ ରହିଛି। ତେଣୁ ମୁଖ୍ୟ କୋଠା ଭଙ୍ଗାଯିବା ପୂର୍ବରୁ ଠିକ୍ ନିଷ୍ପତ୍ତି ନିଆଯିବ। ଏମାର ମଠରେ ପୂଜା ପାଉଥିବା ଦେବଦେବୀଙ୍କ ବିଜେସ୍ଥଳୀ ଯେଭଳି ସୁରକ୍ଷିତ ରଖାଯିବ ସେଥିନେଇ ବୈଷୟିକ କମିଟି ଭଳ ଭାବେ ଯାଞ୍ଚ କରିବା ପରେ ଭଙ୍ଗାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

**ଦେବଦେବୀଙ୍କ ବିଜେସ୍ଥଳୀ, ଗାଦିଘର ସୁରକ୍ଷିତ ରଖାଯିବ**

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ସ୍ନେହାଶିଷ



ସର୍ମିଷ୍ଠା



ସତ୍ୟ



ଶୈଳେସ



ଚନ୍ଦନ



ଗୌରବ



ପ୍ରତୀକ୍ଷା



ଐଶ୍ୱର୍ଯ୍ୟା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



"ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା
ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଓଏମ୍‌ସି କର୍ମଚାରୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ଓଏମ୍‌ସି କଲୋନୀରେ ରହୁଥିବା ଜଣେ କର୍ମଚାରୀ ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସଞ୍ଜୟ କୁମାର ପାଢ଼ଶାଣୀ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ଶନିବାର ଅପରାହ୍ନରେ ସଞ୍ଜୟ ଅଫିସରୁ ଫେରିଥିଲେ। ଘରେ କେହି ନ ଥିବାବେଳେ ନିଜ ରୁମ୍‌ର ଭିତରପଟୁ ବନ୍ଦ କରି ରଶିକୁ ବେକରେ ବାନ୍ଧି ଝୁଲି ପଡ଼ିଥିବା ପୋଲିସ ଅନୁମାନ କରୁଛି। ତେବେ ପରିବାର ଲୋକେ ଘରକୁ ଆସି ଭିତରପଟୁ କବାଟ ବନ୍ଦଥିବା ଦେଖି ବାଡେଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ସନ୍ଦେହ ହେବାରୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଝୁଲନ୍ତା ମୃତଦେହକୁ ଜବତ କରିଥିଲା। ପାରିବାରିକ ସମସ୍ୟାକୁ ନେଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶିତ

**କଟକ ଅଫିସ,୩୧।୮:** ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ବିଭିନ୍ନ ସ୍ନାତକୋତ୍ତର ବିଭାଗର ୪ର୍ଥ ସେମିଷ୍ଟର ପରୀକ୍ଷା ଫଳ ସମେତ ବି.ଇଡି ପରୀକ୍ଷାଫଳ ଏକସଙ୍ଗରେ ଘୋଷଣା ହୋଇଥିଲା। ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ର ପରୀକ୍ଷାଫଳ ଘୋଷଣା କରିଥିଲେ। ହିନ୍ଦୀ, ଓଡ଼ିଆ, ଦର୍ଶନଶାସ୍ତ୍ର, ରାଜନୀତି ବିଜ୍ଞାନ, ସମାଜ ବିଜ୍ଞାନରେ ଫଳାଫଳ ଶତ ପ୍ରତିଶତ ହୋଇଛି। ଅର୍ଥନୀତିରେ ସାଦିୟା ଫିର୍ଦୋଷ, ଶିକ୍ଷାରେ ଏସ୍. ଖାନୁମ, ଇଂଲିଶରେ ଏସ୍. ସ୍ୱାତୀ, ହିନ୍ଦୀରେ ଆଫରିନ ପରୱିନ, ଇତିହାସରେ ପ୍ରଣତୀ ନାୟକ, ଗୃହ ବିଜ୍ଞାନରେ ପ୍ରିୟଦର୍ଶିନୀ ସାହୁ, ଓଡ଼ିଆରେ ରୀନା ଦାସ, ଦର୍ଶନରେ ମୋନାଲିସା ପ୍ରଧାନ, ରାଜନୀତି ବିଜ୍ଞାନରେ ପ୍ରିୟଦର୍ଶିନୀ ପୁଣ୍ୟତୋୟା, ମନସ୍ତତ୍ତ୍ୱରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର, ସଂସ୍କୃତରେ ଶାଶ୍ୱତିକା ମିଶ୍ର, ସମାଜ ବିଜ୍ଞାନରେ ଇପ୍‌ସିତା ସ୍ୱାଇଁ ଟପ୍ପର ହୋଇଛନ୍ତି। ସେହିପରି ବି.ଇଡି ପାଠ୍ୟକ୍ରମରେ ମୋଟ୍ ୪୩ ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଇପ୍‌ସିତା ପ୍ରିୟଦର୍ଶିନୀ ପ୍ରଥମ ହୋଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

---

ଏଣିକି ଛୋଟ ଜାଗା ପାଇଁ ବିଲ୍ଡିଂ ପ୍ଲାନ୍

# ୪୮ ଘଣ୍ଟାରେ ଅନ୍‌ଲାଇନରେ ମିଳିବ ଅନୁମୋଦନ





**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ସହରବାସୀଙ୍କ ପାଇଁ ଖୁସି ଖବର। ଛୋଟ ଜାଗା (୫୦୦ ବର୍ଗ ମିଟରରୁ କମ୍)ରେ ଘର କରିବାକୁ ଚାହୁଁଥିଲେ ବିଡିଏ ପକ୍ଷରୁ ଆବେଦନର ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନ୍‌ରେ ବିଲ୍ଡିଂ ପ୍ଲାନ୍ ମିଳିଯିବ। ମୁଖ୍ୟମନ୍ତ୍ରୀ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିବା ସହ ଜଣେ ଆବେଦନକାରୀ ଅଂଶୁମାନ ରଥଙ୍କୁ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପତ୍ର ପ୍ରଦାନ କରିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ଭୁବନେଶ୍ୱରର ନାଗରିକମାନେ ୧୦୦ଟି ପୂର୍ବ ଅନୁମୋଦିତ ନକ୍ସାକୁ ଭିତ୍ତିକରି ଆବେଦନ କରିପାରିବେ।

**ସ୍ୱାୟତ୍ତ ଶାସନ ଦିବସ ପାଳିଲା ବିଏମ୍‌ସି**

**ସହରବାସୀଙ୍କ ପାଇଁ ଶତାଧିକ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ**

### ଖୋଲିଲା ୱାର୍ଡ କାର୍ଯ୍ୟାଳୟ

ବିଏମ୍‌ସି ଉପୁଜୁଥିବା ସମସ୍ୟାର ସମାଧାନ ଲାଗି ସମସ୍ତ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟର ଖୋଲିଛି। ୱାର୍ଡ ପାଇଁ ନିଯୁକ୍ତ ୱାର୍ଡ ଅଫିସରଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଥିବାବେଳେ ଜଣେ ସାନିଟାରି ଇନ୍ସପେକ୍ଟର, ଜଣେ ସିଓ, ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ନିଯୁକ୍ତ କରାଯାଇଛି। ୱାର୍ଡ ସ୍ତରରୁ ହିଁ ସହରକୁ ସ୍ୱଚ୍ଛ କରିବା ସହ ପରିମଳ ବ୍ୟବସ୍ଥା ସୁଧାରିବା, ବିଭିନ୍ନ ଯୋଜନାର

### ଡିସେମ୍ବର ସୁଦ୍ଧା ୪୩ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର

ବିଏମ୍‌ସି ସହରର ୪୩ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର କରିବ। ଏଥିପାଇଁ ଶିଳାନ୍ୟାସ କରାଯାଇଥିବାବେଳେ ୧୭ଟି ଟେଣ୍ଡର ପ୍ରକ୍ରିୟା ଅନ୍‌ଲାଇନ୍‌ରେ ଆରମ୍ଭ ହୋଇଛି। ଅବଶିଷ୍ଟ ଚଳିତ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ଟେଣ୍ଡର ହେବ ବୋଲି ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି। ସେ କହିଛନ୍ତି, ଆସନ୍ତା ଡିସେମ୍ବର ମଧ୍ୟରେ ନିର୍ମାଣ ସାରିବା ଲାଗି ବିଏମ୍‌ଓଇ ଲକ୍ଷ୍ୟ ରଖିଛି। ପ୍ରତ୍ୟେକ ପ୍ଲାଣ୍ଟରେ ବର୍ଜ୍ୟବସ୍ତୁକୁ ଦହି ଓ ଗୁଡ଼ ଦିଆଯାଇ ଖତ କରାଯିବ। ଏଥିପାଇଁ ଆଧୁନିକ କୌଶଳ ଆପଣାଯିବ।

### ଡ୍ରେନ ନିର୍ମାଣ, ପୁନରୁଦ୍ଧାର ଲାଗି ଭିତ୍ତିପ୍ରସ୍ତର ସ୍ଥାପନ

ସହରବାସୀଙ୍କୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ଦେବା ଲାଗି ବିଏମ୍‌ସି ଚଳିତ ବର୍ଷ ସହରରେ ୯ଟି ସ୍ଥାନରେ ନୂଆ ଡ୍ରେନ ନିର୍ମାଣ ଓ ୨ ସ୍ଥାନରେ ଡ୍ରେନ୍ ପୁନରୁଦ୍ଧାର କରିବ। ଏଥିଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାବେଳେ ମୋଟ ୭ କୋଟି ୨୬ଲକ୍ଷ ୯୨ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୱାର୍ଡ ନଂ.୪୪ରୁ ଗଙ୍ଗୁଆ, ନୀଳାଦ୍ରିବିହାର ଫାୟାର ଷ୍ଟେଶନଠାରୁ ଡ୍ରେନ ନଂ.୧ ଯାଏ ଡ୍ରେନ ନିର୍ମାଣ, ୱାର୍ଡ ନଂ.୫୦ସ୍ଥିତ ପାଇକନଗରରେ ନୂଆ ଡ୍ରେନ, ୱାର୍ଡ ନଂ.୧୨ ଲକ୍ଷ୍ମୀବିହାରରେ ନୂଆ ଡ୍ରେନ ନିର୍ମାଣ ହେବ। ପୁରୁଣା ଡ୍ରେନର ପୁନରୁଦ୍ଧାର, ଡ୍ରେନ ନଂ. ୩ ଯାଇଥିବା ୱାର୍ଡ ନଂ.୨୨ସ୍ଥିତ ପ୍ଲଟ ନଂ. ୧୭୦ ନିକଟରେ ଦୁଇ ପାର୍ଶ୍ୱରେ କାନ୍ଥ ନିର୍ମାଣ, ୱାର୍ଡ ନଂ. ୧୨ରେ ଥିବା ୟାମାହା ଶୋ'ରୁମ ନିକଟରେ ଥିବା ଡ୍ରେନର ପୁନରୁଦ୍ଧାର, ୱାର୍ଡ ୬୩ରେ ଆଭ୍ୟନ୍ତରୀଣ ଡ୍ରେନ ନିର୍ମାଣ, ୱାର୍ଡ ନଂ.୨୨ ସ୍ଥିତ ମହାଲକ୍ଷ୍ମୀ ବିହାରରେ ନୂଆ ଆଭ୍ୟନ୍ତରୀଣ ଡ୍ରେନ ନିର୍ମାଣ, ୱାର୍ଡ ନଂ. ୨୪ସ୍ଥିତ ଜଗନ୍ନାଥ ବିହାର ଲେନ୍-୧୨ରେ ଆଭ୍ୟନ୍ତରୀଣ ଡ୍ରେନ ସହ ସ୍ଲାବ ନିର୍ମାଣ, ୱାର୍ଡ ନଂ. ୫୫ସ୍ଥିତ ନାଗେଶ୍ୱର ଟାଙ୍ଗୀଠାରୁ ମୁଖ୍ୟ ଡ୍ରେନ ନଂ. ୭ ଓ କେଦାରଗୌରୀ ମନ୍ଦିରରୁ ଡ୍ରେନ ନଂ.୭ ଯାଏ ନୂଆ ଡ୍ରେନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

## ସମନ୍ୱିତ ଜନସେବା କେନ୍ଦ୍ର ଉଦ୍‌ଘାଟିତ



**ସ୍ମାର୍ଟ କିଓସ୍କ: ଗୋଟିଏ ସ୍ଥାନରେ ସବୁ ସୁବିଧା**

ବିଏମ୍‌ସି ପକ୍ଷରୁ ଶହୀଦନଗରରେ ଏକ ସମନ୍ୱିତ ଜନସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଥିରେ ଏକ ୱାର୍ଡ ଅଫିସ୍, ବିଲ୍ ପିଠ କେନ୍ଦ୍ର (ସ୍ମାର୍ଟ କିଓସ୍କ), ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସଞ୍ଚାଳନ କେନ୍ଦ୍ର, ସମ୍ମିଳନୀ କକ୍ଷ, ପାଠାଗାର, କୌଶଳ ବିକାଶ କେନ୍ଦ୍ର, ଶିଶୁ ଗୃହ ଓ ବରିଷ୍ଠ ନାଗରିକ ମନୋରଞ୍ଜନ କେନ୍ଦ୍ରର ବ୍ୟବସ୍ଥା ରହିଛି। ଏଠାରୁ ଲୋକଙ୍କୁ ସହରର ପରିବ୍ୟାପ୍ତ ୱାଇ-ଫାଇ ସେବା ଅନ୍ତର୍ଗତ ବିଭିନ୍ନ ଡାଟା ପ୍ଲାନ ବିଷୟରେ ସବିଶେଷ ତଥ୍ୟ ମିଳିବ। ମୋ ବସ୍ ସେବା ସଂକ୍ରାନ୍ତ ସବିଶେଷ ତଥ୍ୟ ମିଳିବା ସହ କ୍ରୁଟ ୱେବ୍‌ସାଇଟ ଓ ମୋ ବସ୍ ହେଲ୍ପଲାଇନ ନମ୍ବର ସହ ସଂଯୋଗ କରିହେବ। ଭୁବନେଶ୍ୱର ଲାଗି ଉଦ୍ଦିଷ୍ଟ ଓଡ଼େଶୀ ସ୍ମାର୍ଟ କାର୍ଡ ପାଇଁ ଆବେଦନ ଓ ବିଭିନ୍ନ ସୁବିଧା ସୁଯୋଗକୁ ଉପଲବ୍ଧ କରାଯିବ। ସେହିପରି ଭିଜିଟ୍ ଭୁବନେଶ୍ୱର, ସିଟିଜେନ ସର୍ଭିସ, ସହର ଉତ୍ସବ, ମୌଳିକ ସୁବିଧା, ସହରର ମାନଚିତ୍ର, ଆନୁଷ୍ଠାନିକ ସଂଯୋଗୀକରଣ ଉପରେ ସବିଶେଷ ତଥ୍ୟ ମିଳିପାରିବ।

ଏହି ବ୍ୟବସ୍ଥା ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ସବୁ ସହରରେ କାର୍ଯ୍ୟକାରୀ ହେବ। ଏଥିପାଇଁ ଇ-ବିପାସ୍ ଅନ୍‌ଲାଇନ୍ ସେବା ଚଳିତବର୍ଷଠାରୁ ଉପଲବ୍ଧ ହେବ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ଭିଡିଓ କନ୍‌ଫରେନ୍ସିଂରେ ବିଡିଏରେ ଅନ୍‌ଲାଇନ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ବ୍ୟବସ୍ଥା ସମେତ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରେ ଶହୀଦନଗରରେ ଏକ ସମନ୍ୱିତ ଜନସେବା କେନ୍ଦ୍ର ଓ ୬୬ ୱାର୍ଡ ଅଫିସ୍ ଉଦ୍‌ଘାଟନ, ୪୩ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରର ଶିଳାନ୍ୟାସ ସମେତ ଅନ୍‌ଲାଇନ୍ ବିବାହ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା ରହିଛି। ସହରବାସୀଙ୍କୁ ଅଧିକରୁ ଅଧିକ ମୌଳିକ ସେବା ଯୋଗାଇବା ସହ ସ୍ୱଚ୍ଛ ଭୁବନେଶ୍ୱର, ସୁସ୍ଥ ଭୁବନେଶ୍ୱର ଲକ୍ଷ୍ୟରେ ଶତାଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିଲା। ବିଭିନ୍ନ ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା, ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଏମ୍‌ସି ପ୍ରଶାସକ ସଂଗ୍ରାମଜିତ ନାୟକ, କମିଶନର ପ୍ରେମଚନ୍ଦ୍ର ଚୌଧାରୀ, ଅତିରିକ୍ତ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର, ଶୁଭେନ୍ଦୁ ସାହୁ, ଶ୍ୟାମସୁନ୍ଦର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଆବେଦନ ଫର୍ମ ପରି ହୋଲ୍ଡିଂ ଟିକସ ନିୟମିତ ଆଦାୟ କରିବା, ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ଅନ୍ୟାନ୍ୟ କାର୍ଯ୍ୟ ୱାର୍ଡ ଅଫିସରେ କରିବା ଲାଗି ବିଏମ୍‌ସି ସ୍ଥିର କରିଛି।

### ୧୩ ପାର୍କ ଉଦ୍‌ଘାଟିତ

ବିଏମ୍‌ସି ଦ୍ୱାରା ସହରରେ ବିଭିନ୍ନ ସ୍ଥାନରେ ଅମୃତ ଯୋଜନାରେ ୧୨ ଓ ରାଜୀବ ଆବାସ ଯୋଜନା (ଆର୍‌ଏୱାଇ)ରେ ଗୋଟିଏ ପାର୍କର ଉଦ୍‌ଘାଟନ କରାଯାଇଛି। ପ୍ରଶାନ୍ତି ବିହାରରେ ୨, ଶୈଳଶ୍ରୀ ବିହାରରେ ୩, ୱାର୍ଡ ନଂ.୧୩ ଚନ୍ଦ୍ରଶେଖରପୁର ବିଡିଏ ଇଡବ୍ଲ୍ୟୁଏସ୍, ନୀଳାଦ୍ରିବିହାର ସେକ୍ଟର-୩, ରେଣ୍ଟାଲ କଲୋନୀ, ମୈତ୍ରିବିହାର, ଭରତପୁର ଜିଏ ପ୍ଲଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ ବ୍ରିଟ କଲୋନୀ ଓ ଆଇଗଣିଆ ରାଜୀବ ନଗରରେ ଅମୃତ ଯୋଜନାରେ ଗୋଟିଏ ଲେଖାଏ ପାର୍କ ରହିଛି। ଆର୍‌ଏୱାଇରେ ରଙ୍ଗମାଟିଆରେ ରଙ୍ଗନାଥ ଦେବ ପାର୍କ ଉଦ୍‌ଘାଟିତ ହୋଇଛି। ରଙ୍ଗମାଟିଆରେ ପ୍ରାଥମିକ ବିଦ୍ୟାଳୟର ପୁନରୁଦ୍ଧାର, ୱାର୍ଡ ନଂ.୧୩ରେ ନୂତନ ହୋମେପାଥିକ ଡିସ୍‌ପେନ୍‌ସାରୀ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ଓ ବିଭିନ୍ନ ସ୍ଥାନରେ କମ୍ୟୁନିଟି ସେଣ୍ଟରର ଉଦ୍‌ଘାଟନ କାର୍ଯ୍ୟ ବିଏମ୍‌ସି ଦ୍ୱାରା କରାଯାଇଛି।



---

ସୂଚନା ଭବନ ପାଠାଗାରକୁ ମନ୍ତ୍ରୀଙ୍କ ଅଚାନକ ପରିଦର୍ଶନ

## ଗୀତଗୋବିନ୍ଦ ସଦନ ପାଠାଗାରକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ପୂର୍ବାହ୍ନରେ ହଠାତ୍ ସୂଚନା ଭବନସ୍ଥିତ ପାଠାଗାରରେ ପହଞ୍ଚିଥିଲେ। ସେଠାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ପାଠାଗାରରେ ରହିଥିବା ପୁସ୍ତକ, ପତ୍ରପତ୍ରିକା ଓ ଖବରକାଗଜ କଥା ମଧ୍ୟ ପଚାରିଥିଲେ। ତେବେ ପାଠାଗାରରେ ଅଧ୍ୟୟନ ପାଇଁ ସ୍ଥାନାଭାବ ହେଉଥିବା ପାଠିକାପାଠକ ମନ୍ତ୍ରୀଙ୍କୁ ଜଣାଇଥିଲେ। ଏହାକୁ ହୃଦୟଙ୍ଗମ କରି ଖୁବ୍‌ଶୀଘ୍ର ସୂଚନା ଭବନ ପରିସର ଗୀତଗୋବିନ୍ଦ ସଦନଠାରେ ନବ ନିର୍ମିତ ପାଠାଗାରକୁ କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ସୂଚନା ଭବନଠାରେ କାର୍ଯ୍ୟ କରୁଥିବା ପାଠାଗାର ବହୁ ପୁରୁଣା। ପ୍ରତିଦିନ ଛାତ୍ରୀଛାତ୍ରମାନେ ଏଠାକୁ ଆସି ଜ୍ଞାନବୃଦ୍ଧି ଓ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇଥାନ୍ତି। କିନ୍ତୁ ବର୍ତ୍ତମାନ ସୂଚନା ଭବନ ପାଠାଗାରରେ ବସି ପଢ଼ିବା ପାଇଁ ଯେତିକି ସଂଖ୍ୟକ ସିଟ୍ ରହିଛି, ତା'ଠାରୁ ବହୁ ଅଧିକ ଛାତ୍ରୀଛାତ୍ର ଆସୁଛନ୍ତି। ସ୍ଥାନାଭାବରୁ ସେମାନଙ୍କୁ ତଳେ ବସି ପଢ଼ିବାକୁ ପଡୁଛି। ଅନ୍ୟପକ୍ଷରେ ଗୀତଗୋବିନ୍ଦ ସଦନର ୨ୟ ମହଲାରେ ନୂତନ ପାଠାଗାର ନିର୍ମାଣ କାର୍ଯ୍ୟ ସରିଛି। ତେଣୁ ଶୀଘ୍ର ପାଠିକାପାଠକଙ୍କ ନିମନ୍ତେ ଗୀତଗୋବିନ୍ଦ ସଦନକୁ ପଢ଼ିବା ପାଇଁ ଉପଲବ୍ଧ କରାଇବାକୁ ମନ୍ତ୍ରୀ ଏ ଦିଗରେ ପାଠାଗାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଏକ ସଚିବସ୍ତରୀୟ ସମୀକ୍ଷା ବୈଠକ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଗୀତଗୋବିନ୍ଦ ସଦନରେ ମଧ୍ୟ କାର୍ଯ୍ୟକାରୀ ହେବାକୁ ଥିବା ଇ-ଲାଇବ୍ରେରୀ ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ପାଠାଗାରର ସୂଚନା ଅଧିକାରୀ ମାନସ ରଞ୍ଜନ ଖୁଣ୍ଟିଆ, ଗ୍ରନ୍ଥାଗାରିକା ମନୋରମା ସେଠୀ ଓ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

---

ସିଏମ୍‌ସିର ସ୍ୱାୟତ୍ତ ଶାସନ ଦିବସ ସମାରୋହ

## ରାଜ୍ୟ ସରକାର ଉନ୍ନତିମୂଳକ କାର୍ଯ୍ୟ ପାଇଁ ପଦକ୍ଷେପ ନେଇଛନ୍ତି

**କଟକ ଅଫିସ, ୩୧।୮**



ଶହୀଦ ଭବନରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

- ଗଛ ଲଗାଇବା, ପ୍ଲାଷ୍ଟିକ ବର୍ଜନକୁ ଗୁରୁତ୍ୱ
- ୨୦ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏହି ଅବସରରେ ସିଏମ୍‌ସି ବିଜୁ ଭବନ ପରିସରରେ ପତାକା ଉତ୍ତୋଳନ ସହ ସହରରେ ୨୦ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରାଯାଇଥିଲା। ୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏହି ପ୍ରକଳ୍ପ ମଧ୍ୟରେ ରମାଦେବୀ ପାର୍କ, ସାରଙ୍ଗଧର ପାର୍କ, ଶିଶୁଭବନ ପାର୍କ, ହେଲ୍‌ଥ ସେଣ୍ଟର, ପୁଷ୍କରିଣୀ, ଶୌଚାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ଭେଣ୍ଡିଂଜୋନ ରହିଛି। ଏଥିସହ ସନ୍ଧ୍ୟାରେ ଶହୀଦ ଭବନଠାରେ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ପ୍ରଶାସକ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ ଓ ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସ୍ୱାଇଁ କହିଥିଲେ, ରାଜ୍ୟ ସରକାର ବହୁ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି। ପରିମଳ, ପାନୀୟଜଳ, ରାତ୍ରି ଆଶ୍ରୟସ୍ଥଳ ଓ ସହରର ଉନ୍ନତି କ୍ଷେତ୍ରରେ ସରକାର ପ୍ରାଧାନ୍ୟ ଦେଉଛନ୍ତି। ୫-ଟିକୁ ବ୍ୟବହାର କରି ସମସ୍ତ କାର୍ଯ୍ୟ କିଭଳି ସୁଚାରୁରୂପେ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯାଉଛି। ପ୍ରଶାସନିକ ଅଧିକାରୀ ସାମଲ କହିଛନ୍ତି, ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ସ୍ୱାୟତ୍ତ ଶାସନ ଦିବସରେ ସହରବାସୀଙ୍କ ନିମନ୍ତେ ୨୦ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ସହରକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଦୃଢ଼ ନିଷ୍ପତ୍ତି ନିଆଯାଇଛି। ଏମ୍‌ପି ମହତାବ କହିଛନ୍ତି, ପ୍ରଧାନମନ୍ତ୍ରୀ ଅକ୍ଟୋବର ୨ରୁ ପ୍ଲାଷ୍ଟିକ ବର୍ଜନ କରିବାକୁ କହିଛନ୍ତି। ହେଲେ ଏହା ପୂର୍ବରୁ ସିଏମ୍‌ସି ଏହି ପଦକ୍ଷେପ ଗ୍ରହଣ କରିଥିବାରୁ ଏହାକୁ ପ୍ରଶଂସା କରିଛନ୍ତି। ସହରର ଆବର୍ଜନାକୁ ସଫା କରିବା ନିମନ୍ତେ ଟେକ୍ନୋଲୋଜି ଓ ମେଶିନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ମୋକିମ କହିଥିଲେ, ସହରରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କ ସହ ଲୋକପ୍ରତିନିଧି ଏବଂ ସିଏମ୍‌ସି କର୍ମଚାରୀ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ପଡ଼ିବ। ଆଗାମୀ ସ୍ୱାୟତ୍ତ ଶାସନ ଦିବସରେ ଯେଉଁ ୱାର୍ଡ ସଫେଇ କାର୍ଯ୍ୟରେ ପ୍ରଥମ ସ୍ଥାନରେ ରହିବ ତାକୁ ୧ଲକ୍ଷ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୱାର୍ଡକୁ ୭୫ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୱାର୍ଡକୁ ୫୦ହଜାର ଟଙ୍କା ଦେଇ ପୁରସ୍କୃତ କରିବା ନିମନ୍ତେ ସେ ଘୋଷଣା କରିଥିଲେ। ବିଧାୟକ ବିଶ୍ୱାଳ କହିଥିଲେ, ସହରରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ନିମନ୍ତେ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ଜରୁରୀ ହୋଇପଡ଼ିଛି। ସିଏମ୍‌ସି କମିଶନର ଅନନ୍ୟା ଦାସ କହିଥିଲେ, ସହରରେ ଆବର୍ଜନାକୁ ଖତରେ ପରିଣତ କରିବା ପାଇଁ ମିନି କମ୍ପୋଷ୍ଟ ପ୍ଲାଣ୍ଟ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ଏହାକୁ ପ୍ରତି ୱାର୍ଡରେ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସହରରେ ପ୍ଲାଷ୍ଟିକ ବ୍ୟବହାର ବଢୁଥିବାରୁ ଡ୍ରେନ୍ ଜାମ୍ ହୋଇ ଜଳବନ୍ଦୀ ସମସ୍ୟା ଦେଖାଦେଉଛି। ସେଥିପାଇଁ ପ୍ଲାଷ୍ଟିକ ବ୍ୟାନ୍‌କୁ ଜୋରଦାର କରିବା ସହ ଏଥିରେ ସମସ୍ତେ ସହଯୋଗ କରିବାକୁ ସେ କହିଥିଲେ। ଶେଷରେ ସହରର ଉନ୍ନତିରେ ନିଜକୁ ଉତ୍ସର୍ଗ କରିଥିବା ବ୍ୟକ୍ତିଙ୍କୁ ଗଛ ଦେଇ ସମ୍ମାନିତ କରାଗଲା। ଏଥିସହ ଏସ୍‌ସିବି ମେଡିସିନ ବିଭାଗର ପ୍ରଫେସର ବିଦ୍ୟୁତ କୁମାର ଦାସ, ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସ, ଆଶିଷ କୁମାର ଦାସ, ଗୀତିକାର ରଜନୀକାନ୍ତ ନାୟକ, ଚିତ୍ରକାର ଶ୍ରୀହର୍ଷ ଶୁକ୍ଳା, ସାମାଜିକ କର୍ମୀ ଅଭିଜିତ ଦାସ, ଆଲୋକ ସାହୁ, କ୍ରୀଡାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶେଖ୍ ଫାୟାଜ, କୁନି ନୃତ୍ୟଶିଳ୍ପୀ ମହଷଧି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

---

**ବାତ୍ୟା କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ସହାୟତା ପ୍ରଦାନ**

## ୧୩୬୯ ଜଣଙ୍କୁ ମିଳିଲା, ଆହୁରି ପାଇବେ ୨୦୦୦

**ପୁରୀ ଅଫିସ,୩୧।୮:** ବାତ୍ୟାରେ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ମିଳିଛି ସହାୟତା। ଶନିବାର ଟାଉନ ହଲ୍ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୩୬୯ ଜଣଙ୍କୁ ଏହି ସହାୟତା ରାଶି ମିଳିଥିବାବେଳେ ଆହୁରି ୨୦୦୦ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଉଠାଦୋକାନୀ ସହାୟତା ପାଇବେ। ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ ବିଲ୍ଡିଂ ପ୍ଲାନ ମଞ୍ଜୁର, ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ, ପ୍ରତି ୱାର୍ଡରେ ୱାର୍ଡ କାର୍ଯ୍ୟାଳୟର ଉଦ୍‌ଘାଟନ କରିବା ସହ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ସହାୟତା ରାଶି ପାଇଥିବା ୧୩୬୯ ଉଠାଦୋକାନୀଙ୍କ ମଧ୍ୟରୁ ୯୪୩ ଜଣ ବଡ଼ଦାଣ୍ଡରେ ବ୍ୟବସାୟ କରିଆସୁଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଲୱନ୍ତ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପୌରସଂସ୍ଥା ଦ୍ୱାରା ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ପାର୍କକୁ ପୁରୀବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଏଥିସହ ପୌରସଂସ୍ଥା ଦ୍ୱାରା ଏକ୍ସପ୍ରେସ୍ ସଫେଇ ସେବାର ଶୁଭାରମ୍ଭ ହୋଇଛି।



"ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ


















କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ତିଆରି ହେଉଥିବା ଭିନ୍ନ ଆକୃତିର ଗଣେଶଙ୍କ ମୃଣ୍ମୟ ପ୍ରତିମା (୧,୨,୩)।

ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଗଣେଶଙ୍କ ମୃଣ୍ମୟ ପ୍ରତିମା (୪,୫)।

### ଟ୍ରାଫିକ ଉଲ୍ଲଂଘନକାରୀ ଗାଡ଼ି ଚାଳକ ସାବଧାନ

# ଆଜିଠାରୁ ନୂଆ ଆଇନ, ୧୦ ଗୁଣା ଜରିମାନା

ଭୁବନେଶ୍ୱର, ୩୧।୮ (ବ୍ୟୁରୋ)

- ଡାକବାଜି ଯନ୍ତ୍ରରେ ସଚେତନତା କଲା ପୋଲିସ
- ପୋଲିସ, ଆର୍‌ଟିଓ ପକ୍ଷରୁ କଡ଼ାକଡି ଯାଞ୍ଚ ହେବ

ଗାଡ଼ି ଚାଳକମାନେ ସାବଧାନ। ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ଆଉ ବରଦାସ୍ତ କରାଯିବ ନାହିଁ। ରବିବାରଠାରୁ ସାରା ଦେଶରେ ଲାଗୁ ହେଉଛି ସରକାରଙ୍କ ନୂଆ ମୋଟରଯାନ ଆଇନ। ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ଦେବାକୁ ହେବ ୧୦ ଗୁଣା ପର୍ଯ୍ୟନ୍ତ ଅଧିକ ଜରିମାନା। ଏହାପୂର୍ବରୁ ଶନିବାର ରାତିରେ ଟ୍ରାଫିକ ପୋଲିସ ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଇଛି। କେଉଁ ଆଇନ ଉଲ୍ଲଂଘନ କଲେ କେତେ ଜରିମାନା ଦେବାକୁ ହେବ ସେ ସଂକ୍ରାନ୍ତରେ ବ୍ୟାନର ଲଗାଯାଇଥିବା ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ ସୂଚନା ଦେଇଛନ୍ତି। ରବିବାର ନୂଆ ଆଇନ ଲାଗୁ ସହ କମିଶନରେଟ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି ହେବ। ବିଶେଷକରି ଏଜି ଛକ, ଆଚାର୍ଯ୍ୟବିହାର, ଜୟଦେବ ବିହାର, ରାମମନ୍ଦିର ଛକ, ରାଜମହଲ ଓଭରବ୍ରିଜ୍ ତଳ, ପଟିଆ ଛକ, ଡମଣା ଛକ ଏବଂ ନୟାପଲ୍ଲୀ ଛକ ଆଦି ସହରର ବହୁ ସ୍ଥାନରେ ଯାଞ୍ଚ କରାଯିବ। ଜରିମାନା ନ ଦେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଆର୍‌ଟିଓ ପକ୍ଷରୁ ମଧ୍ୟ ଜାତୀୟ ରାଜପଥରେ ଯାଞ୍ଚ କରାଯିବ। ଏଥିପାଇଁ ଇ-ଚାଲାଣ ମେଶିନ ସହ ଆବଶ୍ୟକ ବ୍ୟବସ୍ଥା ସହିତ ପ୍ରସ୍ତୁତ ରହିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ନୂଆ ଆଇନକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ସଚେତନ କରା ନ ଯାଇ ନିୟମ କଡାକଡି କରାଗଲେ ଲୋକେ ହଇରାଣ ହେବେ। ବହୁ ସହରବାସୀ ଏନେଇ ଜାଣିନାହାନ୍ତି ବୋଲି ସାମାଜିକ କର୍ମୀ ରଞ୍ଜନ ବେହେରା କହିଛନ୍ତି।

#### କେଉଁ ନିୟମ ଉଲ୍ଲଂଘନ କଲେ କେତେ ଜରିମାନା

ଅଧିକ ବେଗରେ ଗାଡି ଚଳାଇଲେ ୧ ହଜାରରୁ ୪ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ବିନା ବୀମାରେ ଗାଡି ଚଳାଇଲେ ୨ହଜାରରୁ ୪ ହଜାର ବା ଜେଲ୍ ଦଣ୍ଡ। ହେଲମେଟ ନ ପିନ୍ଧିଲେ ୧ ହଜାର ଜରିମାନା ସହ ୩ମାସ ପାଇଁ ଲାଇସେନ୍ସ ରଦ୍ଦ। ଗାଡି ଚାଳକ ନାବାଳକ/ନାବାଳିକା ହୋଇଥିଲେ ୨୫ ହଜାର ଜରିମାନା ଓ ୩ବର୍ଷ ପର୍ଯ୍ୟନ୍ତ ଜେଲ। ଟ୍ରାଫିକ ପୋଲିସ ନିର୍ଦ୍ଦେଶ ନ ମାନିଲେ ୨ ହଜାର ଟଙ୍କା, ବିନା ଲାଇସେନ୍ସରେ ଗାଡି ଚଳାଇଲେ ୫ ହଜାର ଟଙ୍କା, ଲାଇସେନ୍ସ ପରୀକ୍ଷା ବିଫଳ ହୋଇ ମଧ୍ୟ ଗାଡି ଚଳାଇଲେ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ବିପଦପୂର୍ଣ୍ଣ ଗାଡି ଚାଳନା ପାଇଁ ୫ ହଜାର, ମଦ ପିଇ ଗାଡି ଚଳାଇଲେ ୧୦ ହଜାର, ଓଭରଲୋଡିଂ ପାଇଁ ୨୦ ହଜାର ଟଙ୍କା ଦେବାକୁ ପଡିବ। ନୂଆ ଆଇନରେ ଥିବା ବ୍ୟବସ୍ଥା ଅନୁସାରେ. ଆମ୍ବୁଲାନ୍ସ ପରି ଜରୁରିକାଳୀନ ସେବା ଯୋଗାଉଥିବା ଯାନକୁ ବାଟ ନ ଛାଡିଲେ ମଧ୍ୟ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବା ସହ ଜେଲ ଯିବାକୁ ପଡିପାରେ କିମ୍ବା ଉଭୟ ଜେଲ ଦଣ୍ଡ ସହ ଜରିମାନା ଦେବାକୁ ପଡିପାରେ। କାର ବା ଅନ୍ୟ ଗାଡି ଚାଳନାବେଳେ ସିଟ୍ ବେଲ୍ଟ ନ ଭିଡିଲେ ୧ ହଜାର ଟଙ୍କା ଦେବାକୁ ପଡିବ ବୋଲି ସୂଚନା ଦିଆଯାଇଛି।

### ଟ୍ୟୁଶନ ଯିବାବେଳେ ଛାତ୍ରୀଙ୍କୁ ଅସଦାଚରଣ ମାମଲା

# ପୋଲିସକୁ ଡେମୋ ଦେଖାଇଲେ ଅଭିଯୁକ୍ତ

କଟକରୋଡ,୩୧।୮ (ଡି.ଏନ୍.ଏ.)



- ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି
- ଟିଆଇ ପରେଡ ପରେ ପୁଣି ରିମାଣ୍ଡରେ ଅଣାଯିବ

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘଟିଥିବା ଏକ ଅସଦାରଚରଣ ଘଟଣାରେ ପୋଲିସ ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ବାଙ୍କୀ ଥାନା ଗୋପାଳପୁର ଅଞ୍ଚଳର ଦୀପକ ସାହୁ। ସେ ଶହୀଦ ନଗର ଥାନା ଅଧୀନ ଗଡଡ ସାହି ବସ୍ତିରେ ରହୁଥିବାବେଳେ ଜଣେ ଫଳ ବ୍ୟବସାୟୀ ଏବଂ ଏକ ପ୍ରତିଷ୍ଠିତ ହାଟର ସଭ୍ୟ ଥିଲେ। ପ୍ରଥମେ ଛାତ୍ରୀଙ୍କ ପରିବାର ଅଭିଯୋଗକ୍ରମେ ପୋଲିସ ୨୩୦/୧୯ରେ ମାମଲା ରୁଜୁ କରି ଚୁପ ହୋଇଯାଇଥିଲା। ଏପରିକି ଅସଦାଚରଣ ସମୟର ସିସିଟିଭି ଫୁଟେଜ ପୋଲିସ ପାଇ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଯୋଗୁ ପରିବାର ଲୋକେ ଚିନ୍ତାରେ ଥିଲେ। ଘଟଣାକୁ ୭ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଧରା ନ ପଡି ଖୁଲମଖୁଲା ବାହାରେ ବୁଲୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଅଭିଯୁକ୍ତ ଫେରାର ହେବାସହ ପୋଲିସ ତତ୍ପରତା ହୋଇ ତାଙ୍କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ଫଟୋ ସହ ସେ ଅସଦାଚରଣ ବେଳେ ବ୍ୟବହାର ସ୍କୁଟି ନଂ ଠାବ ପାଇଁ ପୋଲିସ ଛାତ୍ରୀଙ୍କ ପରିବାର ସହ ସ୍ଥାନୀୟ ଲୋକଙ୍କୁ ଅଭିଯୁକ୍ତଙ୍କ ବାବଦରେ ପଚରାଉଚୁରା କରିଥିଲା। ଛାତ୍ରୀଜଣଙ୍କ ଅଭିଯୁକ୍ତ ବ୍ୟବହାର କରିଥିବା ସ୍କୁଟିର ସମ୍ପୂର୍ଣ୍ଣ ନଂ କହିପାରି ନ ଥିବାବେଳେ କେବଳ ୪ଅଙ୍କ ବିଶିଷ୍ଟ ନଂ ଥିବା ପୋଲିସକୁ କହିଥିଲେ। ପରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉକ୍ତ ନଂ ଥିବା ବିଭିନ୍ନ ଗାଡିର କାଗଜପତ୍ର ଯାଞ୍ଚ ପରେ ଦୀପକଙ୍କ ପତ୍ତା ମିଳିଥିଲା ବୋଲି ଲକ୍ଷ୍ମୀସାଗର ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି। ପରେ ପୋଲିସ ଓ ଅଭିଯୁକ୍ତଙ୍କ ଲୁଚକାଳି ଖେଳ ପରେ ଶୁକ୍ରବାର ରାତିରେ ଦୀପକ ଖୋର୍ଦ୍ଧା ସହରରୁ ଧରାପଡିଥିଲେ। ତେବେ ଟିଆଇ(ଟେଷ୍ଟ ଆଇଡେଣ୍ଟିଫିକେଶନ) ପରେଡ କରିବା ପାଇଁ ପୋଲିସ ଅଭିଯୁକ୍ତଙ୍କ ବାବଦରେ କୌଣସି ତଥ୍ୟ ଦେଇ ନ ଥିଲେ। ଅନ୍ୟପକ୍ଷରେ ଶନିବାର ଅପରାହ୍ଣ ସାଢ଼େ ୧ଟାରେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା ଓ ଥାନାଧିକାରୀ ଦୟାନିଧି ନାୟକ ଅଭିଯୁକ୍ତଙ୍କୁ ଧରି ଅସଦାଚରଣ ହୋଇଥିବା ସ୍ଥଳକୁ ନେଇଥିଲେ। ଆରମ୍ଭରୁ ଛାତ୍ରୀଙ୍କୁ ପିଛା କରିବାଠାରୁ ଶେଷ ଘଟଣା ପର୍ଯ୍ୟନ୍ତ ହୋଇଥିବା ସମସ୍ତ ସୂଚନା ସେ ପୋଲିସ ଆଗରେ ମାନିଥିଲେ। ପ୍ରାୟ ୧୦ମିନିଟରୁ ଊର୍ଦ୍ଧ୍ୱ ସମୟ ପାଇଁ ଅଭିଯୁକ୍ତ ଡେମୋ ଦେଖାଉଥିବାବେଳେ ତାଙ୍କୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ ଜମିବା ସହ ଉତ୍ତେଜିତ ହୋଇଥିଲେ। ଦୀପକଙ୍କ ମୁହଁରେ ଘୋଡ଼ା ଯାଇଥିବା କପଡ଼ାକୁ ଖୋଲିବା ପାଇଁ ଲୋକେ ପୋଲିସକୁ କହିବା ସହ ଏହି ଘଟଣାର କଡ଼ା କାର୍ଯ୍ୟାନୁଷ୍ଠାନ ସହ କଠୋର ଦଣ୍ଡ ଦେବା ପାଇଁ ପ୍ରତିକ୍ରିୟା ରଖିଥିଲେ। ଉତ୍ତେଜିତ ଲୋକଙ୍କଠାରୁ ଅଭିଯୁକ୍ତଙ୍କୁ ପୋଲିସ ନେବାରେ ନାକେଦମ ହୋଇପଡିଥିଲା। ଭିଡ ସ୍ଥାନରୁ ପୋଲିସ ଭ୍ୟାନକୁ ଚାଳକ ବାହାର କରି ନ ପାରିବାରୁ ଏସିପି ଓ ଥାନାଧିକାରୀ ଅଭିଯୁକ୍ତଙ୍କୁ ଏକ ଅଟୋରେ ଥାନାକୁ ନେଇଥିଲେ। ଅଭିଯୁକ୍ତଙ୍କ ଟିଆଇ ପରେଡ ପାଇଁ କୋର୍ଟଙ୍କ ଅନୁମତି ମଗାଯାଇଛି। ପରେଡ ପରେ ଦୀପକ ଅନ୍ୟକୌଣସି ଅପରାଧରେ ଜଡିତ ଅଛନ୍ତି କି ନାହିଁ ସେନେଇ ତାଙ୍କୁ ପୁଣି ରିମାଣ୍ଡରେ ଅଣାଯିବ ବୋଲି ଥାନାଧିକାରୀ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୧ତାରିଖ ଭୋର ପ୍ରାୟ ୫ଟା ୪୫ରେ ଜଣେ ଛାତ୍ରୀ ଟ୍ୟୁଶନ ଯିବାବେଳେ ଦୀପକ ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରିବା ସହ ଟଣାଓଟରା କରିଥିଲେ।

### ଉଦ୍ଧାର ଗାଡ଼ି ଛାଡ଼ିବାକୁ ଲାଞ୍ଚ ଦାବି

# ନୟାପଲ୍ଲୀ ଥାନା ଏସ୍‌ଆଇ ନିଲମ୍ବିତ

ଭୁବନେଶ୍ୱର, ୩୧।୮ (ବ୍ୟୁରୋ)

ଉଦ୍ଧାର ହୋଇଥିବା ଚୋରି ଗାଡ଼ି ଦେବା ପାଇଁ ମାଲିକଠାରୁ ୭ହଜାର ଟଙ୍କା ଲାଞ୍ଚ ଦାବି କରି ନିଲମ୍ବିତ ହୋଇଛନ୍ତି ନୟାପଲ୍ଲୀ ଥାନାର ଏସ୍‌ଆଇ ସୁଧାଂଶୁ ଶେଖର ପରିଡ଼ା। ଏନେଇ ଶନିବାର କମିଶନରେଟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମିଳିଥିବା ସୂଚନାନୁଯାୟୀ, ନିକଟରେ ନୟାପଲ୍ଲୀ ଥାନା ପୋଲିସ ବାଇକ ଚୋରି ରାକେଟ ଠାବ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ ସେମାନେ ଚୋରି କରିଥିବା ବାଇକ୍‌କୁ ମଧ୍ୟ ପୋଲିସ ଉଦ୍ଧାର କରିଥିଲା। ହେଲେ ଏକ ଚୋରା ବାଇକର ମାଲିକ ଏ ସମ୍ପର୍କରେ ଜାଣିବା ପରେ ଥାନାକୁ ଆସିଥିଲେ। ମାମଲାର ତଦନ୍ତ କରୁଥିବା ଅଧିକାରୀ ସୁଧାଂଶୁଙ୍କୁ ଭେଟି ତାଙ୍କ ବାଇକ୍ ନେବାକୁ କହିଥିଲେ। ହେଲେ ସୁଧାଂଶୁ ଏଥିପାଇଁ ୭ ହଜାର ଟଙ୍କା ମାଗିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ପୋଲିସ କମିଶନରଙ୍କୁ ଭେଟି ଜଣାଇଥିଲେ। କମିଶନର ଅଭିଯୋଗର ସତ୍ୟତା ଜାଣିବା ପରେ ଏସ୍‌ଆଇ ସୁଧାଂଶୁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ମୋବାଇଲ ଚୋରି: ଅଭିଯୁକ୍ତ ଗିରଫ

**କଟକ ଅଫିସ,୩୧।୮:** ମୋବାଇଲ ଚୋରି ଅଭିଯୋଗରେ ଆରପିଏଫ୍ ପୋଲିସ ଶନିବାର ଯୋବ୍ରା ଚୂନଭାଟି ଅଞ୍ଚଳର ରବି ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କଲେଜ ଛକ ଗୋର୍ଖା କଲୋନୀର ଡି. ସଞ୍ଜୟ ରେଳ ଷ୍ଟେଶନର ଗେଟ୍ ନଂ.୧ରେ ଯାଉଥିବାବେଳେ ରବି ତାଙ୍କ ହାତରୁ ମୋବାଇଲ ଫୋନକୁ ଛଡାଇ ନେଇ ଦୌଡି ପଳାଉଥିଲେ। ଏହି ସମୟରେ ସଞ୍ଜୟ ପାଟି କରିବାରୁ ସେଠାରେ ଥିବା ଆରପିଏଫ କର୍ମଚାରୀ ରବିଙ୍କୁ କାବୁ କରିଥିଲେ। ସଞ୍ଜୟଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି।


Tender Notice No.2697 **TENDER CALL NOTICE** Date.30.08.2019

No.57-MM :- Sealed tenders are invited in two Bid systems for established / reputed / registered / experienced and accredited manufacturers for supply of following items for use in Hirakud Wildlife Division, Sambalpur.

| Item | Quantity | Cost of tender paper | EMD to be deposited | Dimension |
|---|---|---|---|---|
| Supply, Installation and commissioning of 10 (Ten) Seater FRP Boat | 4 (Four) | Rs.1,000/- | 2% of the quoted price | Length : 5.60 Mtrs, Breadth: 1.80 Mtrs Engine :1 no. 25 HP Four Stroke Yamaha make outboard Engine(Imported) with remote control. Steering: Front Steering System |

Non transferable tender documents for supply of the items stated above will be available and can be available and can be collected in person from the office of the Divisional Forest Officer, Hirakud Wildlife Division, Sambalpur, Odisha on payment of tender document cost specified above.
The tender document cost which is non- refundable, should be payable in shape of crossed Demand Draft drawn in favour of the Divisional Forest Officer, Hirakud Wildlife Division, Sambalpur.
1. Sale of Tender papers / documents will be available in the O/o the DFO, Hirakud Wildlife Division, Sambalpur from dt.11/09/2019 to dt.21/09/2019 (during office hours).
2. Receiving of Tender papers will be within dt.11/09/2019 until 03.00 PM of dt.23/09/2019.
3. Tender opening 04.00 PM of dt.24/09/2019.

Divisional Forest Officer,
Hirakud Wildlife Division,
Sambalpur

08078/11/0004/1920



ନିର୍ବାହୀ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ
(ରାସ୍ତା ଓ ଗୃହ) ବିଭାଜନ ନଂ ୧, ଭୁବନେଶ୍ୱର
145-B

**OFFICE OF THE EXECUTIVE ENGINEER**
**BHUBANESWAR (R & B) DIVISION NO. I, BHUBANESWAR**
Email: - eebbsr1@yahoo.co.in Phone/Fax: 06742597096

**INVITATION FOR BIDS (IFB)**
Bid Identification No. CC (R&B)-01 Tender Call Notice No. 09/2019-20

1. The Executive Engineer, Bhubaneswar (R & B) Division No. I, Bhubaneswar on behalf of Governor of Odisha invites Percentage Rate bids in **Double Cover System** for the work(s) as detailed below from eligible Contractors registered with the State Government and Contractors of equivalent grade/ Class registered with Central Government/ MES/ Railway or Other Licensing Authority for execution of Road works on production of definite proof from the appropriate authority.

| Sl. No | Name of work | Value of the work. (In Rs.) | Class of Contractor | Bid Security (In Rs.) | Cost of bid documents (Non-refundable) (In Rs.) | Period of Completion (in Calendar months) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | S/R to Kuakhai River Right Embankment road from NH-16 (Hi-tech Chhak) to Daya Bridge via Lingipur, Bhubaneswar such as providing periodical renewal coat with BM & SDBC from 7/000 to 12/300 Km. for the year 2019-20. | 77,84,231/- | B' & A' | 77,900/- (Online) | 10,000/- (Online) | 02 (Two) |
| 2 | S/R to Kuakhai River Right Embankment road from NH-16 (Hi-tech Chhak) to Daya Bridge via Lingipur, Bhubaneswar such as Construction of Cement Concrete Pavement from 4/473 to 4/973 Km. for the year 2019-20. | 86,94,935/- | B' & A' | 87,000/- (Online) | 10,000/- (Online) | 03 (Three) |

2. The bidders have to participate in "**online**" bidding only.
3. Bidding documents will be available in website https//tendersodisha.gov.in with effect from **11.00** hrs of **16.09.2019** to **17.00** hrs of **30.09.2019** and the tender will be opened on **01.10.2019** at **11.00** hrs.
4. The bidder must possess compactable Digital Signature Certificate (DSC)

**Note: Corrigendum/ Addendum/ Amendments/ Clarifications etc. with respect to the works, if any shall be hosted in the above portal. Interested Bidders/ Agencies are advised to visit the above e-procurement site regularly as no separate information/ advertisement shall be published in the Newspaper in this regard including any postponement of tender opening date.**

34076/11/0002/1920 - Sd - Executive Engineer Bhubaneswar (R&B) Division No. I



**GOVT. OF ODISHA**
**OFFICE OF THE EXECUTIVE ENGINEER**
**MAHANADI SOUTH DIVISION NO.I, JOBRA, CUTTACK**
**PHONE NO-0671 -2414425**

**"e" Procurement Notice.**

**E Mail id : eemsdcuttack@gmail.com**

**BID IDENTIFICATION IFB NO.01 M.S.D./ (On –line) 2019-20**

No.208-A :- Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in
1. Name of the work :- Civil construction work
2. No of works :- 1 No
3. Estimated cost:- Approximately Rs.6.32 lakh
4. Period of completion:- Three months
5. Date & time of availability of bid documents in the portal :- From 06.09.19 (10.00 AM) to 16.09.19 (05.00 P.M)
6. Last date & time for receipt of bids in the portal:- 16.09.19 (5.00 P.M.)
7. Date of opening of bid:- 17.09.19 at 11.00 A.M. onwards
8. Date, time & place of lottery if required:- 23.09.19 at 11.00 A.M in the office of the Executive Engineer, Mahanadi South Division No.I, Cuttack
9. Name of the officer inviting Bid:- Executive Engineer, Mahanadi South Division No.I, Cuttack

Further details can be seen from the e-procurement portal https://tendersodisha.gov.in

Executive Engineer
32024/11/0001/1920 Mahanadi South Division No.I Cuttack



**GOVERNMENT OF ODISHA**
**"e" PROCUREMENT NOTICE**

Bid Identification No.05 of 2019 – 20

No.296-O :- The Executive Engineer RWS&S Division, Balangir on behalf of Governor of Odisha invites Percentage bid through e – Procurement in double cover system according to norm of e – Procurement system in online mode for the different work in different blocks under Balangir District.

01. Nature of Work : Construction of Pump House , ESR, OGR, Laying of rising main, distribution system, single mouth stand post, SV/ AV/NRV chamber, including supplying of necessary materials in different villages of Balangir District.
02. Total No of work : 18 Nos.
03. Estimated Cost : Rs. 52.91 Lakh to 142.64 Lakh
04. Eligible Class of Contractor : "B & A" Contractor.
05. Period of Completion : Eight Months to Twelve Month.
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 05 of 2019 -20 | Dt. 18.09.2019 At. 11.00 Hrs | Dt. 09.10.2019 upto. 17.00 Hrs |

Further details can be had in the DTCN available in the website www.tendersorissa.gov.in

Sd./- Executive Engineer
25033/11/0003/1920 RWS&S Division, Balangir



**e-Procurement Notice for Road works Identification No. Online-04/RWD-II/ BLS of 2019-20**

No. 304-O:

1. Name of the Work :- Building works
2. Total No.of works :- 02 Nos..
3. Estimated cost :- Approx. Estimated cost of Rs.06.00 to 20.00 lakh
4. Class of contractor :- D & C class as per eligibility criteria
5. Period of completion :- 1 to 6 calendar months as per financial eligibility
6. Other details :- The bidders shall transfer online the cost of bid document as specified in Col.7 of Annexure and EMD/Bid Security @1% of the estimated Cost put to Tender.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/O EE RW Divn-II, Balasore. |
|---|---|---|---|---|---|
| | | From | To | | |
| Executive Engineer, R.W. Division-II, Balasore | 04 of 19-20 | 07.09.19 at 11.00 A.M. | 17.09.19 up to 3.00 PM | 16.09.19 up to 5.00 PM | 19.09.19 at 4.00 PM |

Further details can be seen from the web site www.tendersorissa.gov.in

25052/11/0004/1920 Executive Engineer, R.W.Division-II, Balasore



**STATE POLLUTION CONTROL BOARD, ODISHA**
[DEPARTMENT OF FOREST & ENVIRONMENT, GOVERNMENT OF ODISHA]
ParibeshBhawan, A/118, Nilakantha Nagar, Unit – VIII
**Bhubaneswar – 751 012, INDIA**
EPABX : 2561909/2562847, Tel : 2562822/2560955, E-mail:paribesh1@ospcboard.org, Website: www.ospcboard.org

No. 9090 / IND-IV-PCP(MISC)-93 Dt. 30.08.2019 /

**NOTICE**

**Kind Attention : E-Waste Generators and Producers/Manufacturer of Electronic and Electrical Equipment (EEE)**

This is brought to the notice of all concerned that Ministry of Environment, Forest & Climate Change, Govt. of India has notified the E-Waste Management Rules, 2016 and E-Waste Management Amendment Rules2018 under Environmental (Protection) Act, 1986 in supersession of the E-Waste (Management & Handling) Rules, 2011. The Rules shall apply to every manufacturer, producer, consumer, bulk consumer, dealers, e-retailer, refurbisher, dismantler and recycler involved in manufacture, sale, transfer, purchase, collection, storage and processing of E-Waste of electrical and electronic equipment including their components, consumables, parts and spares.

The copy of the E-Waste Management Rules, 2016 and Amendment Rules, 2018 are available in Boards' Website:**www.ospcboard.org** and website of MoEF&CC: **www.envfor.nic.in**. As per the provisions of the Rules, the producers of electrical and electronic equipment will collect the 'end-of-life' electronic equipmentand channelize them to authorized dismantlers/recyclers under Extended Producer Responsibility (EPR). The producers will collect E-Waste by implementing take back system, E-Waste exchange or through Producer Responsibility Organization (PRO) engaged by them. The producers are to implement Deposit Refund Scheme (DRS) for effective collection of E-Waste through their dealers.

The bulk consumers of electronic equipment such as Central Government, State Government Departments, Public Sector Undertakings, Banks, Educational institutions, Multinational Organizations, International Agencies, Partnerships and Public or Private Companies that are registered under the Factories Act, 1948 (63 of 1948) and the Companies Act, 2013 (18 of 2013) and health care facilities which have turnover of more than one crore or have more than twenty employees shall ensure that the E-Waste generated by them is channelized through Dealer of authorized Producer or Dismantler or Recycler or through the designated take back Service Provider. Bulk consumers shall maintain records of E-Waste generation and submit Annual Return in Form-III to the State Pollution Control Board on or before the 30th June following the financial year.

30/8/19
MEMBER SECRETARY



ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମାଆକୁ ମାଡ଼ ମାରି ପୁଅ ଗିରଫ

**କଟକରୋଡ,୩୧।୮(ଡି.ଏନ୍.ଏ.):** ମାଆକୁ ମାଡ଼ ମାରିବା ଅଭିଯୋଗରେ ବଡଗଡ଼ ପୋଲିସ ଶନିବାର ପୁଅକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବିଜୟଲକ୍ଷ୍ମୀ ବସ୍ତିରେ ରହୁଥିବା ରମା ବେହେରାଙ୍କ ପୁଅ ଶଙ୍କର ବେହେରା(୨୯)। ପୋଲିସ ସୂଚନା ମୁତାବକ, ଶୁକ୍ରବାର ଅପରାହ୍ଣ ପ୍ରାୟ ୩ଟାରେ ଅଭିଯୁକ୍ତ ତାଙ୍କ ମାଆଙ୍କୁ ୧୦୦ଟଙ୍କା ଓ ଏକ ମୋବାଇଲ ଫୋନ ମାଗିଥିଲେ। ଏଥିରେ ରମା ଅରାଜି ହେବାରୁ ଶଙ୍କର ତାଙ୍କୁ ମାଡ଼ ମାରିଥିଲେ। ସେହି ସମୟରେ ରମାଙ୍କ ଘରକୁ ଆସିଥିବା ତାଙ୍କ ସାନ ଭଉଣୀ ଉଷା ନାୟକ ପ୍ରତିରୋଧ କରିବାରେ ଶଙ୍କର ତାଙ୍କୁ ମଧ ଏକ ପ୍ଲାଷ୍ଟିକ ପାଇପରେ ନିସ୍ତୁକ ପିଟିଥିଲେ। ଏ ନେଇ ଉଷାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ନଂ ୨୨୮/୧୯ରେ ରୁଜୁ ହୋଇଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମୁହାଁମୁହିଁ
### ଛୁରା ମାଡ଼, ଗୋଟିଏ ଗୋଷ୍ଠୀର ୩ ଆହତ

**ଭୁବନେଶ୍ୱର,୩୧।୮(ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର ଖଣ୍ଡଗିରି ଥାନା ବରମୁଣ୍ଡା ଗଣେଶ ପୂଜା ମଣ୍ଡପ ନିକଟରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗୋଟିଏ ଗୋଷ୍ଠୀର ୨୫ରୁ ଉର୍ଦ୍ଧ୍ୱ ଯୁବକମାନେ ଅନ୍ୟ ଗୋଷ୍ଠୀର ୩ଜଣ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ଛୁରାମାଡ଼ କରିଛନ୍ତି। ଏଥିରେ ୩ଜଣ ଆହତ ହେବା ସହ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଗୁରୁତର ଜଣକ ହେଲେ ବରମୁଣ୍ଡା ପ୍ରଧାନସାହିର ଜଗନ ରାଉତରାୟ ଏବଂ ସିଲୁ ଓ ବିଜୁ ନାମକ ଦୁଇ ଯୁବକ ଆହତ ହୋଇଛନ୍ତି। ସେମାନଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚଢାଉ ଚଳାଇଛି। ସୂଚନା ଅନୁଯାୟୀ, ଆହତ ୩ଜଣ ଯୁବକଙ୍କ ସହ ଖଣ୍ଡଗିରି ମଦ ଦୋକାନ ନିକଟ ହାଉସିଂବୋର୍ଡ କଲୋନୀ ପିଲାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଶନିବାର ରାତି ପ୍ରାୟ ୯ଟାରେ ବରମୁଣ୍ଡା ଗଣେଶ ପୂଜା ମଣ୍ଡପ ନିକଟରେ ଜଗନ ସହ ଅନ୍ୟ ପିଲାମାନେ ବସି ପୂଜା ପାଇଁ ଟେଣ୍ଟ୍ ବାନ୍ଧୁଥିଲେ। ଏହି ସମୟରେ ହାଉସିଂବୋର୍ଡର ୨୦ରୁ ୨୫ ପିଲା ମାରଣାସ୍ତ୍ର ଧରି ବାଇକରେ ଆସି ପହଞ୍ଚିଥିଲେ। ସେମାନେ ପୂଜା ପାଇଁ ହୋଇଥିବା ଟେଣ୍ଟ୍ ହାଉସ୍‌କୁ ଭାଙ୍ଗିବା ସହ ଆକ୍ରମଣ କରିଥିଲେ।

### ନିବେଶକ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩୧।୮(ବ୍ୟୁରୋ):** ଫିନ୍ ଷ୍ଟ୍ରାଟେଜି କନସଲଟାନ୍ସି ପକ୍ଷରୁ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ହୋଇଛି। ନିବେଶ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଜୀବନରେ ଆର୍ଥିକ ଲକ୍ଷ୍ୟ, ନିବେଶ ଯୋଜନା, ସମ୍ପତ୍ତି ସୃଷ୍ଟି ନେଇ ରହିଥିବା ବିଭିନ୍ନ ଦିଗରେ ବକ୍ତାମାନେ ଆଲୋଚନା କରିଥିଲେ। ପରିବର୍ତ୍ତିତ ବଜାର ସ୍ଥିତିରେ ନିବେଶ ନେଇ ନିବେଶକ କିଭଳି ପଦକ୍ଷେପ ନେବା ଆବଶ୍ୟକ ସେ ଦିଗରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ସିଓ୍ୱାଇଏସ୍‌ଡି ଜଗଦାନନ୍ଦ, ପୂର୍ବତନ ଏମ୍‌ଏଲ୍‌ଏ ଦାମୋଦର ରାଉତ, ପୂର୍ବତଟ ରେଳପଥ ସିଏଓ ବିଜୟ ମିଶ୍ର, ସିଏଓ ମହାପାତ୍ର, ଫିନ ଷ୍ଟ୍ରାଟେଜି ନିର୍ଦ୍ଦେଶକ ଏସ୍‌ପି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ■ ନିରାଡ଼ମ୍ବରରେ ପ୍ରତିଷ୍ଠା ଦିବସ ପାଳିବ ବିଡିଏ
# ଉଦ୍‌ଘାଟନ ପାଇଁ କୌଣସି ପ୍ରକଳ୍ପ ନାହିଁ

**ସ୍ଥିତପ୍ରଜ୍ଞ ମିଶ୍ର**
**ଭୁବନେଶ୍ୱର, ୩୧।୮**

ଲୋକଙ୍କ ଉନ୍ନତ ଜୀବନଶୈଳୀକୁ ଦୃଷ୍ଟିରେ ରଖି ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣ କରିବା ସହ ସବୁଜିମାକୁ ବଜାୟ ରଖିବା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ମଧ ବିଗତ ବର୍ଷଗୁଡ଼ିକରେ ଏନେଇ ବହୁ ପ୍ରତିଶ୍ରୁତି ଦେଇଛି। କିନ୍ତୁ ପ୍ରତିଶ୍ରୁତିକୁ ପୂରଣ କରିବାରେ ବିଫଳ ହୋଇଥିବା ଲୋକେ ଅଭିଯୋଗ କରୁଛନ୍ତି। ସେହିପରି ଭୁବନେଶ୍ୱରକୁ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ପ୍ରୟାସ କରାଯାଇଛି ସତ, କିନ୍ତୁ ଏଥିରେ ବେପରୁଆ କାର୍ଯ୍ୟ ଦେଖିବାକୁ ମିଳିଛି। ଗତବର୍ଷ ହକି ବିଶ୍ୱକପ୍ ସମୟରେ ହୋଇଥିବା ସହର ସୌନ୍ଦର୍ଯ୍ୟକରଣର ମାସେ ମଧ୍ୟରେ ଫୁଟପାଥରୁ ରଙ୍ଗ ଲିଭିଗଲା। କଳିଙ୍ଗନଗରରେ ହୋଇଥିବା ବର୍ଜ୍ୟବସ୍ତୁ ସଂଗ୍ରହାଳୟର ସ୍ଥିତି ଏବେ ନକହିବା ଭଲ। ସେହିପରି ସହରବାସୀଙ୍କୁ ଭଲ ବିଲ୍ଡିଂ ପ୍ଲାନ ଦେବା ବାହାନାରେ ଲକ୍ଷ ଲକ୍ଷ ଲୋକଙ୍କ ଘର କରିବା ସ୍ୱପ୍ନ ନାଲି ଫିତା ତଳେ ବନ୍ଦ ହୋଇପଡ଼ିଛି। କୌଣସି ପ୍ରକଳ୍ପ ହେଉ ଅଥବା ବିକାଶମୂଳକ କାର୍ଯ୍ୟ, ଯାହାବି ବିଡିଏ ହାତକୁ ନେଇଛି ତା'ର ସଫଳ ରୂପାୟନ କରିପାରିନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି।

ରବିବାର ବିଡିଏ ତା'ର ୩୭ ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି। ହେଲେ ଚଳିତବର୍ଷ ଏହାକୁ ନିରାଡ଼ମ୍ବରରେ ପାଳନ କରାଯିବ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି। ବିଡିଏ ପାଖରେ ବର୍ତ୍ତମାନ ଉଦ୍‌ଘାଟନ କରିବା ଲାଗି କିଛି ପ୍ରକଳ୍ପ ନଥିବା ବେଳେ ପୁରୁଣା ଯୋଜନା ଓ ପ୍ରକଳ୍ପଗୁଡ଼ିକ ଅଧାପନ୍ତରିଆ ହୋଇ ଅଟକି ରହିଛି। ବିଡିଏ ଅନେକ ସ୍ୱପ୍ନ ଦେଖାଇଥିବାବେଳେ ତା'ର କାର୍ଯ୍ୟଧାରା ଉପରେ ରାଜଧାନୀ ବାସିନ୍ଦା ଅନେକ ପ୍ରଶ୍ନ ଉଠାଇଛନ୍ତି।

### ବସ୍ ଟର୍ମିନାଲ କୁଆଡ଼େ ଗଲା



ବରମୁଣ୍ଡାରେ ଅନ୍ତର୍ଜାତୀୟ ବସ୍ ଟର୍ମିନାଲ କରିବା ଲାଗି ବିଡିଏ ପ୍ରତିଶ୍ରୁତି ଦେଇଥିଲା। ଏହାକୁ ୨୦୧୯ ମାର୍ଚ୍ଚ ମଧ୍ୟରେ ସାରିବାକୁ କହିଥିଲା। ଅନ୍ତର୍ଜାତୀୟ ତ ଛାଡ଼ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବେ ଗାଁ ବସ୍‌ଷ୍ଟାଣ୍ଡରୁ ବି ହୀନ ହୋଇଗଲାଣି। ଖାଲି କଥାରେ ନୁହେଁ, ସହର ପାଇଁ ଟିକେ କାମ ବି କରିବା ଜରୁରୀ।

**– ରାଧାଗୋବିନ୍ଦ ରାଉତରାୟ, ବରମୁଣ୍ଡା ବାସିନ୍ଦା**

### ଘର ପ୍ଲାନ୍ ଆପ୍ରୁଭ୍ କରିବାରେ ମାସ ମାସ ଲଗାଉଛନ୍ତି



ଘର ଲାଗି ଗୋଟିଏ ପ୍ଲାନ ଆଣିବାକୁ ହେଲେ ବାରମ୍ବାର ବିଡିଏ ଅଫିସ୍‌କୁ ଦୌଡ଼ିବାକୁ ପଡୁଛି। ତା ପରେ ବି ସେମାନଙ୍କୁ କିଛି ଫରକ ପଡୁନି। ଆମ ପ୍ଲାନ ସେମାନଙ୍କୁ ଭଲ ଲାଗୁନି କିମ୍ବା ସେମାନେ ମଧ କିଛି ନୂଆ ପ୍ଲାନ ଦେଉନାହାନ୍ତି। ବହୁ ଦିନ ଅଟକାଇ ରଖିବା ପରେ ଯେତେବେଳେ ଆମେ ଘର କରିବାକୁ ଯାଉଛୁ, ମଝିରେ ଆସି ବାଟ ଓଗାଳୁଛନ୍ତି।

**– ସୁଶାନ୍ତ ରାଉତ, ବ୍ୟବସାୟୀ**

### ଉଚ୍ଛେଦ କରିବାରେ ବିଫଳ

ଘର ପାଚେରିକୁ ଲଗେଇ ପାନଦୋକାନ କରିଛନ୍ତି। ରାତି ଅଧଯାଏ ଖୋଲା ରହୁଛି, ଅଶ୍ଳୀଳ ଭାଷାରେ ମଦ ପିଇ ଲୋକେ ଗାଳିଗୁଲଜ କରୁଛନ୍ତି। ଦୋକାନ ଉଚ୍ଛେଦ କରିବାକୁ ବାରମ୍ବାର ଦରଖାସ୍ତ ଦେଲେ ବି କେହି ଆମ କଥା ଶୁଣିବାକୁ ନାରାଜ। ଯାହାକୁ ପଚାରିଲେ ସେ କହୁଛି



ଅଞ୍ଚଳରେ କାମ କରୁଥିବା ବିଏମ୍‌ସି ଅଧିକାରୀଙ୍କୁ ଜଣାଅ, ତା ପରେ କାର୍ଯ୍ୟ ହେବ। ହେଲେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି।

**– ପବିତ୍ର ବ୍ରହ୍ମପୁତ୍ର ନାୟକ, ୟୁନିଟ–୪ ବାସିନ୍ଦା**

### ରକ୍ଷଣାବେକ୍ଷଣର ଅଭାବ



ବହୁ ପ୍ରକଳ୍ପର ଉଦ୍‌ଘାଟନ ବିଡିଏ କରୁଛି। ହେଲେ ତା'ର ରକ୍ଷଣାବେକ୍ଷଣ ଠିକ୍ ଭାବେ କରିପାରୁନାହିଁ। ଉଦାହରଣ ସ୍ୱରୂପ ପାର୍କରେ ଲାଗିଥିବା ଉପକରଣଠାରୁ ଆରମ୍ଭ କରି ହକି ବିଶ୍ୱକପ୍ ସମୟରେ ସହରରେ ଲାଗିଥିବା 'ଆଇ ଲଭ୍ ଭୁବନେଶ୍ୱର'ର ବୋର୍ଡ ଯାଏ, ସବୁକୁ ଉଦ୍‌ଘାଟନ କରିଛନ୍ତି। ପରେ ତା'ର ଯତ୍ନ ନେବା କଥା ଆସିଲେ ବିଡିଏ ଅଧିକାରୀ ପଛଘୁଞ୍ଚା ଦେଉଛନ୍ତି।

**– ବଳରାମ ବେହେରା, ୟୁନିଟ–୬ ବାସିନ୍ଦା**

# ରେଳ ଷ୍ଟେଶନରେ 'ରେଲ ନିର' ବାଧ୍ୟତାମୂଳକ

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

- ଭୁବନେଶ୍ୱରରେ ହେବ ପ୍ଲାଣ୍ଟ
- ୨୦୨୦ ସୁଦ୍ଧା ଖୋଲିବ ଆହୁରି ୬ ପ୍ଲାଣ୍ଟ

ଭାରତୀୟ ରେଳପଥର ନିଜସ୍ୱ ବୋତଲ ପିଇବା ପାଣି 'ରେଲ ନିର' ସମସ୍ତ ରେଳ ଷ୍ଟେଶନରେ ବାଧ୍ୟତାମୂଳକ କରାଯାଇଛି। ଟ୍ରେନରେ ଓ ଷ୍ଟେଶନରେ ପିଇବା ପାଣିର ଆବଶ୍ୟକତା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଆହୁରି ଅଧିକ ରେଲ ନିର ପ୍ଲାଣ୍ଟ ତିଆରି କରାଯିବ। ଏ ନେଇ ଆଇଆରସିଟିସି ଦ୍ରୁତଗତିରେ କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଚାହିଦାର ୫୦ପ୍ରତିଶତ ଆଇଆର୍‌ସିଟିସି ରେଲ ନିର ଯୋଗାଉଛି। ଆଗକୁ ବିଜୟଓ୍ୱାଡା, ବିଶାଖାପାଟଣା ଓ ଭୁବନେଶ୍ୱରରେ 'ରେଲ ନିର' ପ୍ଲାଣ୍ଟ ତିଆରି କରାଯିବ ବୋଲି ଆଇଆରସିଟିସି ପକ୍ଷରୁ ସୂଚନା ମିଳିଛି। ବିଶାଖାପାଟଣାରେ ନିର୍ମାଣ ହେବାକୁ ଥିବା ପ୍ଲାଣ୍ଟ ପାଇଁ ଏନଟିପିସି(ନ୍ୟାଶନାଲ ଥର୍ମାଲ ପାଓ୍ୱାର କର୍ପୋରେଶନ) ସହ ସହଭାଗିତା ପାଇଁ ଚୁକ୍ତି କରିଛି। ଯେଉଁଠି ବ୍ୟବହୃତ ପାଣିକୁ ଟେଷ୍ଟ କରାଯାଇ ପୁନଃବ୍ୟବହାର ଯୋଗ୍ୟ କରାଯିବ। ବର୍ତ୍ତମାନ ନିର୍ମାଣ ଚାଲୁଥିବା ୬ଟି ପ୍ଲାଣ୍ଟ ନାଗପୁର, ସଂକ୍ରାଲି(ହାଓ୍ୱଡା), ଜାଗିରୋଡ(ଗୁଆହାଟି), ଭୁଶାଓ୍ୱଲ, ଜବଲପୁର ଓ ଉନାଓରେ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା କାମ ସରିଯିବ। ଏହି ୬ଟି ପ୍ଲାଣ୍ଟରୁ ଉତ୍ପାଦନ ଆରମ୍ଭ ହେଲେ ରେଳପଥରେ ଆବଶ୍ୟକ ହେଉଥିବା ବୋତଲ ପିଇବା ପାଣିର ୭୫ରୁ ୮୦ ପ୍ରତିଶତ ପୂରଣ ହୋଇପାରିବ ବୋଲି ଆଇଆରସିଟିସି କହିଛି। ବର୍ତ୍ତମାନ ପ୍ଲାଣ୍ଟ ଖୋଲିବା ଲାଗି ଆଇଆରସିଟିସି ଜମି ସହ ୧୦ କୋଟି ଟଙ୍କା ପୁଞ୍ଜି, ସର୍ବନିମ୍ନ ଉତ୍ପାଦନ ଗ୍ୟାରେଣ୍ଟି ଦେଉଛି। ସୂଚନାଯୋଗ୍ୟ, ୨୦୦୩ରେ 'ରେଲ ନିର' ଦିଲ୍ଲୀର ନଙ୍ଗଲୋଇଠାରେ ପ୍ରଥମ ପ୍ଲାଣ୍ଟ ଖୋଲିଥିଲା। ଏହିଭଳି ଆଉ ୧୦ଟି ପ୍ଲାଣ୍ଟ ଖୋଲାଯାଇଛି। ଯେଉଁଠାରୁ ଦୈନିକ ଏକ ଲକ୍ଷ ବୋତଲ ଉତ୍ପାଦନ ହେଉଛି।






ଭୁବନେଶ୍ୱରସ୍ଥିତ ସୂଚନା ଭବନରେ କଳା ଓ ସଂସ୍କୃତି ଭିତ୍ତିକ ସାମାଜିକ ସଙ୍ଗଠନ 'ସାଧନା'ର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର ବୁଲି ଦେଖୁଛନ୍ତି।

### କ୍ୟାପିଟାଲ ହସ୍ପିଟାଲରେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲରେ ଶୁକ୍ରବାର ରାତିରେ ଜଣେ ଅସାମାଜିକ ଯୁବକ ପାଥୋଲୋଜି ବିଭାଗ ସମ୍ମୁଖରେ ହୋହାଲ୍ଲା କରିବା ସହ ଭିତରକୁ ପଶି ସେଠାରେ କାର୍ଯ୍ୟରତ ଜଣେ ସୁରକ୍ଷା କର୍ମୀ ଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସୁରକ୍ଷାକର୍ମୀ ଜଣକ ଶନିବାର ସକାଳେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ବଦଳରେ ଉଭୟଙ୍କୁ ଡାକି ଆପୋସ ସମାଧାନ କରିଛି। ପରେ ଉକ୍ତ ଯୁବକ ପୁଣି ସୁରକ୍ଷାକର୍ମୀଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି।

### ବ୍ୟବସାୟିକ ପ୍ରତିଷ୍ଠାନ ଆଗରେ ବେଆଇନ ପାର୍କିଂ ମନା

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ରାଜଧାନୀରେ ଟ୍ରାଫିକ ବ୍ୟବସ୍ଥାକୁ ନେଇ କମିଶନରେଟ ପୋଲିସ କଡ଼ା ପଦକ୍ଷେପ ଆରମ୍ଭ କରିଛି। ବିଶେଷକରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖ ରାସ୍ତା ଓ ଫୁଟ୍‌ପାଥରେ ଗାଡ଼ି ରଖାଯାଉଥିବାରୁ ସହରରେ ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ଘରୋଇ ସଂସ୍ଥା, ଶିକ୍ଷାନୁଷ୍ଠାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଗରେ ବେଆଇନ ପାର୍କିଂ ଥିଲେ ଗାଡ଼ି ମାଲିକ ଏବଂ ଉକ୍ତ ସଂସ୍ଥାଠାରୁ ଜରିମାନା ଆଦାୟ କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏବେ ପୋଲିସ ପକ୍ଷରୁ ଏନେଇ ବିଭିନ୍ନ ଲାଭ ପାଉଥିବା ବାଣିଜ୍ୟିକ ସଂସ୍ଥା ଓ ପ୍ରତିଷ୍ଠାନଗୁଡିକୁ ନୋଟିସ କରାଯାଇଛି।

## ■ ଓଡିଏମ୍ ପବ୍ଲିକ ସ୍କୁଲ୍‌ରେ 'ସାଇକନ'
# ବିଜ୍ଞାନର ଉଦ୍ଭାବନ, ଗବେଷଣାକୁ ଆପଣେଇବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ଓଡିଏମ୍ ପବ୍ଲିକ୍ ସ୍କୁଲରେ ଶନିବାର ବାର୍ଷିକ ବିଜ୍ଞାନ ସମ୍ମିଳନୀ 'ସାଇକନ୍' ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱରର ଆଇସିଟି –ଆଇଓସିର ନିର୍ଦ୍ଦେଶକ ପ୍ରଫେସର ଭାସ୍କର ନାରାୟଣ ଥୋରାଟ୍ ମୁଖ୍ୟ ଅତିଥି ଓ ବୈଜ୍ଞାନିକ ଡ. ଅନନ୍ତ କାପ୍‌ଡି ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ କୁନି କୁନି ବୈଜ୍ଞାନିକଙ୍କୁ ବିଜ୍ଞାନର ଉଦ୍ଭାବନ ଓ ଗବେଷଣା ପଥକୁ ଆପଣେଇ ପରିବେଶ ସନ୍ତୁଳନ, ସଂରକ୍ଷଣ ଏବଂ ବିଭିନ୍ନ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ମାଧ୍ୟମରେ ନିଜ ପ୍ରତିଭାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଶୁତୋଷ ବେହୁରା, ଆଇଆଇଏମ୍‌ଟିର ବୈଜ୍ଞାନିକ ଡ. ସନ୍ତୋଷ କୁମାର ମିଶ୍ର, ନାଇଜରର ପ୍ରଫେସର ଡ. ମଞ୍ଜୁସା ଦୀକ୍ଷିତ, ଏମ୍ସର ଡ. ତୁଷାର ମିଶ୍ର ପ୍ରମୁଖ ବିଚାରକ ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ, ଚାର୍ଟ ଏବଂ ମଡେଲ୍‌ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଏହି ପ୍ରଦର୍ଶନୀରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପିଲାଙ୍କ ଦ୍ୱାରା ବିଜ୍ଞାନ ସମ୍ବନ୍ଧିତ କୁଇଜ୍ 'ଜଷ୍ଟ ଏ ମିନିଟ୍' ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ବିବେଚିତ ପ୍ରକଳ୍ପଗୁଡ଼ିକୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ୩ରେ ଦ୍ୱିତୀୟ ଦଧୀଚି ପ୍ରତିଭା ସମ୍ମାନ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

**ଭିନ୍ନ ଭିନ୍ନ କ୍ଷେତ୍ରରୁ ୧୧ ଜଣଙ୍କୁ ଦିଆଯିବ ସମ୍ବର୍ଦ୍ଧନା**

ଦଧୀଚି ଏଜୁକେଶନାଲ ଟ୍ରଷ୍ଟ 'ଦ୍ୱିତୀୟ ଦଧୀଚି ପ୍ରତିଭା ସମ୍ମାନ–୨୦୧୯' ଆସନ୍ତା ୩ ତାରିଖରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହେବ। ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଅବସରରେ ଏହି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଏହି ଅବସରରେ ଭିନ୍ନ ଭିନ୍ନ କ୍ଷେତ୍ରରେ ନିଜର ପାରିଦର୍ଶିତା ହାସଲ କରିପାରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ଶନିବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ (ଦଧୀଚି ଶିକ୍ଷା ଜ୍ୟୋତି ସମ୍ମାନ), ଏମ୍ସର୍ ଏନ୍‌ଥେସିଓଲୋଜି ବିଭାଗୀୟ ମୁଖ୍ୟ ତଥା ପ୍ରଫେସର ଡା. ସୁକଦେବ ନାୟକ (ଦଧୀଚି ଚିକିତ୍ସା ଜ୍ୟୋତି ସମ୍ମାନ), ବିଶିଷ୍ଟ ଉଦ୍ୟୋଗପତି ତଥା ରୁଚିର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ (ଦଧୀଚି ଶିଳ୍ପ ଜ୍ୟୋତି ସମ୍ମାନ) ଏବଂ ବୈଜ୍ଞାନିକ ତଥା ଆଇ.ଟି.ଆର. ଚାନ୍ଦିପୁରର ନିର୍ଦ୍ଦେଶକ ବିନୟ କୁମାର ଦାସଙ୍କୁ (ଦଧୀଚି ବିଜ୍ଞାନ ଜ୍ୟୋତି ସମ୍ମାନ) ସମ୍ମାନିତ କରାଯିବା ସହ ଅନ୍ୟ ୭ ଜଣଙ୍କୁ ବିଭିନ୍ନ କ୍ଷେତ୍ର ଲାଗି ସମ୍ବର୍ଦ୍ଧନା ଦିଆଯିବ। କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଜଳ ସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେବେ ବୋଲି ସହମତି ପ୍ରକାଶ କରିଛନ୍ତି। ସମ୍ମିଳନୀରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ, ପରିଚାଳନା ଟ୍ରଷ୍ଟି ବବିତା ଦାଶ, ଉପଦେଷ୍ଟା ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀ, ନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ, ନିର୍ଦ୍ଦେଶକ ସୀମାଞ୍ଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ମିଶ୍ରଣ ବିରୋଧରେ ୟୁଏଫ୍‌ବିୟୁର ବିକ୍ଷୋଭ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ଓଡ଼ିଶା ଶାଖା ପକ୍ଷରୁ ବିରୋଧ କରାଯାଇଛି। ସ୍ଥାନୀୟ ଖାରବେଳ ନଗରସ୍ଥିତ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଏ ନେଇ ଶନିବାର ସଂଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆବାହକ ସମ୍ବିତ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ବ୍ୟାଙ୍କ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘର ପି.କେ. ତ୍ରିପାଠୀ, ଏନ୍‌ସିବିଇ ପକ୍ଷରୁ ଏ.ଏସ୍.ଜେନା, ଏଆଇବିଓସିର ଦାମୋଦର ନନ୍ଦ, ବିଇଏଫ୍‌ଆଇ ପକ୍ଷରୁ ପ୍ରକାଶ ରାଏ ପ୍ରମୁଖ ଯୋଗ ଦେଇ ସରକାରଙ୍କ କର୍ମଚାରୀ ମାରଣ ଏବଂ ଜନସ୍ୱାର୍ଥ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ସରକାରଙ୍କ ଉକ୍ତ ନିଷ୍ପତ୍ତି ସାଧାରଣ ଲୋକଙ୍କ ଲାଗି କ୍ଷତିକାରକ ହେବ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣକୁ ପ୍ରୋତ୍ସାହିତ କରିବ ବୋଲି ଏଠାରେ କୁହାଯାଇଛି। ସଙ୍ଗଠିତ ଭାବେ ଏହି ନିଷ୍ପତ୍ତିକୁ ବିରୋଧ କରିବାକୁ ସଂଘର ଲିଡରମାନେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଏଆଇବିଇଏ ପକ୍ଷରୁ ସଞ୍ଜୀବ ପତି ଏବଂ ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।



## ■ ବାଲୁଖଣ୍ଡ ଅଭୟାରଣ୍ୟକୁ ମନ୍ତ୍ରୀଙ୍କ ଅଚାନକ ଗସ୍ତ
# ନଭେମ୍ବର ସୁଦ୍ଧା ପ୍ରକୃତି ନିବାସକୁ କାର୍ଯ୍ୟକ୍ଷମ କର

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ନୂଆନଈଠାରେ ଅବସ୍ଥିତ ପ୍ରକୃତି ନିବାସ ବାତ୍ୟା 'ଫନୀ' ରେ କ୍ଷତିଗ୍ରସ୍ତ ହୋଇଥିବାରୁ ତୁରନ୍ତ ଏହାର ମରାମତି, ପୁନରୁଦ୍ଧାର ଓ ନବୀକରଣ କରାଯିବ। ନଭେମ୍ବର ସୁଦ୍ଧା ଏହାର କାର୍ଯ୍ୟ ସାରିବା ସହ ପର୍ଯ୍ୟଟକଙ୍କ ନିମନ୍ତେ କାର୍ଯ୍ୟକ୍ଷମ କରିବାକୁ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ପୂର୍ବାହ୍ନରେ ମନ୍ତ୍ରୀ ଆରୁଖ ପୁରୀ–କୋଣାର୍କ ବେଳାଭୂମିରେ ଅବସ୍ଥିତ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଅଚାନକ ଗସ୍ତ ସମୟରେ ନୂଆନଈଠାରେ ସମୀକ୍ଷା ବୈଠକ କରି ବନବିଭାଗର ଅଧିକାରୀମାନଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଆରୁଖ ଅଭୟାରଣ୍ୟ ଭିତରେ ବୁଲିବା ସହ ହରିଣମାନଙ୍କ ରହିବା ସ୍ଥାନ ଦେଖିଥିଲେ। ହରିଣମାନଙ୍କ ବର୍ତ୍ତମାନ ଅବସ୍ଥା ବିଷୟରେ ପଚାରି ବୁଝିବା ସହ ସେମାନଙ୍କ ସୁରକ୍ଷା ଏବଂ ଆବଶ୍ୟକ ଯତ୍ନ ନେବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ହରିଣମାନଙ୍କ ପାଇଁ ବର୍ତ୍ତମାନ ଥିବା ୧୨ଟି ଚାରଣ ଭୂମି ଯଥେଷ୍ଟ ହେଉ ନାହିଁ। ଅଧିକ ଚାରଣ ଭୂମି ସୃଷ୍ଟି କରିବା ସହ ତାରବାଡ଼ ଘେରାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଫେବୃୟାରୀ ସୁଦ୍ଧା ଗଣନା ଅନୁଯାୟୀ ଅଭୟାରଣ୍ୟରେ ୪୦୦୦ ହରିଣ ଥିଲେ। କିନ୍ତୁ ଫନୀ ଯୋଗୁ ବାଲୁଖଣ୍ଡରେ ବହୁ ଉପୁଡା ଗଛ ପଡି ରହିଥିବାରୁ ତୁରନ୍ତ ଏହାକୁ ସଫା କରି ପୁଣି ହରିଣ ଗଣନା କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବେଳାଭୂମି ଅଞ୍ଚଳରେ ହରିଣମାନେ ରାସ୍ତା ଅତିକ୍ରମ କରିବାବେଳେ ଯାନବାହନ ଦ୍ୱାରା ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦୀର୍ଘସ୍ଥାୟୀ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ହରିଣଙ୍କ ସୁରକ୍ଷା ପାଇଁ ଶିକାର ନିରୋଧ ସ୍କ୍ୱାଡ ଗଠନ କରିବାକୁ କହିଥିଲେ। ହରିଣମାନଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଚିକିତ୍ସା ଗୃହକୁ ନିୟମିତ ଭାବେ ପ୍ରାଣୀ ଚିକିତ୍ସକ ଆସୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ହରିଣମାନଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ଉପଲବ୍ଧ ହେଉଥିବାରୁ ଖୁସି ପ୍ରକଟ କରିଥିଲେ। ବାଙ୍ଗର ବିଟ୍ ହାଉସ୍‌ରେ ଅବସ୍ଥିତ ନର୍ସରିକୁ ମଧ ସେ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ହର୍ଷବର୍ଦ୍ଧନ ଉଦ୍‌ଗାତା, ବନବିଭାଗ ଓ ଅଭୟାରଣ୍ୟର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅଭୟାରଣ୍ୟ ପରିଦର୍ଶନ କରୁଛନ୍ତି।

# ଅଭୁଲା ଗଣେଶ ପୂଜା

ଆସନ୍ତା କାଲି ଅଗ୍ରପୂଜ୍ୟ ଦେବତା ଶ୍ରୀଗଣେଶଙ୍କ ପୂଜା। ଯଦିଓ ଘରଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ଦୋକାନ ବଜାର, ବିଭିନ୍ନ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ସବୁଠାରେ ବେଶ୍ ଆଡମ୍ବରରେ ପାଳନ ହେବ ହେଲେ ଛାତ୍ର ଜୀବନରେ ଏହି ପୂଜା କରିବାର ଖୁସି ସତରେ ନିଆରା। ଆଉ ଏହି ସମୟର କିଛି ଅଭୁଲା ଅନୁଭୂତିକୁ ନେଇ ଆଜିର ବିଶେଷ ଉପସ୍ଥାପନା...







## ନଡ଼ିଆ ଖାଇବା ନିଶାରେ ବିଗିଡ଼ିଗଲା ପ୍ଲାନିଂ

*– କମଳାକାନ୍ତ ଜେନା, ସହକାରୀ ପ୍ରଫେସର, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ରେମୁଣା*



ହାଇସ୍କୁଲରେ ମୁଁ ଦଶମ ଶ୍ରେଣୀରେ ପଢୁଥାଏ। ଗଣେଶ ପୂଜାରେ ସଜେଇବା ଦାୟିତ୍ୱ ଦଶମ ଶ୍ରେଣୀ ପିଲାଙ୍କର ଥାଏ। ଆମେ ୬ଜଣ ସାଙ୍ଗ ସେହି ଦାୟିତ୍ୱ ନେଲୁ। ପୂଜା ଆଗ ଦିନ ସନ୍ଧ୍ୟାରେ ସଜେଇବା ପାଇଁ ଯୋଜନା କଲୁ। ପ୍ଲାନ୍ ଥିଲା – ଫାଟକର ଦୁଇ ପାଖରେ ବଡ ବଡ ନଡିଆ ବାହୁଙ୍ଗା ବାନ୍ଧି ତୋରଣ କରିବା, ତୋରଣ ଭିତରେ ଚୁମ୍‌କିର ହାର ରହିବ, ଠାକୁର ଗୁମ୍ଫା ଭିତରେ ରହିବେ, ଛିଣ୍ଡା ଅଖାରେ ପାହାଡ ଓ ଗୁମ୍ଫା କରିବା, ରଙ୍ଗିନ୍ କାଗଜର ଝାଲେରି କାଟି ଗୁମ୍ଫାର ଦୁଆରକୁ ସଜେଇବା, ମଣ୍ଡପର ଉଭୟ ପାଖରେ ଝାଉଁ ଡାଳ ରହିବ, ପୂଜା ଦିନ ସକାଳେ ସୂତୁଳି ବାନ୍ଧି ସେଥିରେ ଆମ୍ବଡାଳ ଗୁଞ୍ଛିବା ଇତ୍ୟାଦି।

ପୂଜା ଆଗ ଦିନ ସବୁ ସାଙ୍ଗ ସଞ୍ଜ ବେଳକୁ ପହଞ୍ଚିଗଲୁ ସ୍କୁଲରେ। ତୋରଣ ପାଇଁ ଦରକାର ନଡିଆ ବାହୁଙ୍ଗା। ଯାହାକୁ କାଟିବା ଲାଗି ଜଣେ ସାଙ୍ଗ ଅନ୍ଧାରରେ ସ୍କୁଲ୍ ନଡିଆ ଗଛରେ ଚଢିଲା। କିନ୍ତୁ ବାହୁଙ୍ଗା କାଟିବା ବଦଳରେ ଦୁଇଟା ବଡ ବଡ ନଡିଆ ତୋଳି ତଳକୁ ପକେଇଲା। ସାର୍ ଜାଣିଲେ ଆମ ସମସ୍ତଙ୍କ ଉପରେ ମାଡ ବସିବା ଡରରେ ଆମେ ତାକୁ ମନା କଲୁ। ହେଲେ ସାର୍ ଖବର ପାଇବେ ନାହିଁ ବୋଲି ସେ ଆମକୁ ବୁଝେଇଦେଲା। ତା'ପରେ ବାହୁଙ୍ଗା ସହିତ ୮-୧୦ଟା ନଡିଆ ବି ତଳକୁ ପକେଇଲା। ଆମେ ସମସ୍ତେ ସଜେଇବା କଥା ଭୁଲି ନଡିଆ ଖାଇବାରେ ମାତିଲୁ। ସାଙ୍ଗସାଥୀମେଳରେ ଲୁଚି ଲୁଚି ନଡିଆ ତା' ପୁଣି ସ୍କୁଲ୍ ଗଛର ଖାଇବାରେ ଯେଉଁ ମଜା ତାହା ଅବର୍ଣ୍ଣନୀୟ। ନଡିଆ ଖାଇବା ପର୍ବ ସରିଲା ବେଳକୁ ରାତି ୮ଟା। ସେତେବେଳକୁ ସଜେଇବା କାମ ଆରମ୍ଭ ବି ହୋଇ ନ ଥାଏ। ତରବର ହୋଇ ରଙ୍ଗକାଗଜରୁ ଝାଲେରି କାଟିବା ଆରମ୍ଭ କଲୁ। କିନ୍ତୁ ସମୟ ଅଭାବରୁ ବେଶି କାଟିବା ସମ୍ଭବ ହେଲା ନାହିଁ। ଯୋଜନା ପାହାଡ ଓ ଗୁମ୍ଫା କରିବା ପାଇଁ ବି ସମୟ ନ ଥିଲା। ଶେଷରେ ଝାଉଁ ଡାଳ ଓ ରଙ୍ଗିନ୍ କାଗଜରେ କାମଚଳା ଡେକୋରେଶନ୍ କରିସାରିଲା ବେଳକୁ ରାତି ୧୦ଟା। ମନ ଦୁଃଖରେ ସମସ୍ତେ ଘରକୁ ଫେରିଲୁ। ପୁଣି ସକାଳୁ ସକାଳୁ ଯାଇ ଫାଟକରେ ତୋରଣ ବାନ୍ଧିଲୁ ଓ ସୂତୁଳି ବାନ୍ଧି ଆମ୍ବଡାଳ ଗୁଞ୍ଛିଦେଲୁ।

ଦିନ ୯ଟା ବେଳକୁ ସମସ୍ତେ ସ୍କୁଲକୁ ଆସିଲେ। ଆମେ ବି ନୂଆ ଡ୍ରେସ୍ ପିନ୍ଧି ସ୍କୁଲକୁ ଗଲୁ। ପୂଜା ଦାୟିତ୍ୱରେ ଥିବା ସାର୍ ଆମକୁ ଦେଖି ହସିଦେଲେ ଓ କହିଲେ, 'କଥା କ'ଣ ? ଛଅଟା ହିରୋ ସଜେଇବା ଦାୟିତ୍ୱ ନେଇଥିଲ। ତୁମ ପ୍ଲାନ୍ ଶୁଣି ଭାବିଥିଲି କିଛି ଗୋଟେ ସ୍ପେଶାଲ ହେବ ଏଥର, ହେଲେ କାହିଁ କିଛି ତ କଲନି। ସରସ୍ୱତୀ ପୂଜାକୁ ତ ନବମ ଶ୍ରେଣୀ ପିଲା ସଜାଇବେ, ତୁମେମାନେ ଲାଷ୍ଟ ଚାନ୍ସକୁ ବି ମିସ୍ କଲ।' ଏମିତି କହି ସାର୍ ଯେତେବେଳେ ହସିଦେଲେ ଲାଜରେ ଆମ ମୁଣ୍ଡ ତଳକୁ ହୋଇଗଲା। ମନେ ମନେ ଭାବୁଥିଲୁ, ଖାଲି ଯୋଜନା କରିଦେଲେ ହେବନି, ଠିକ୍ ସମୟରେ କାମଟା ନ କଲେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡିବ। ସେବେଠୁ ପ୍ରତି ଗଣେଶ ପୂଜାରେ ସେ ଅନୁଭୂତି ଆଖି ଆଗରେ ନାଚିଉଠେ।

## ଯଦି ଗଣେଶ ନ ଥାନ୍ତେ...

*ଲକ୍ଷ୍ମୀ ଚାନ୍ଦ, ଲେଖିକା*

ଗଣେଶଙ୍କୁ ଦେଖିଲେ ଆଜି ବି କୋହ ମୋହ ହୋଇଯାଏ। କ୍ଲାସ୍ ପରୀକ୍ଷା ସରିଥାଏ। ନୂଆ ଶ୍ରେଣୀର ପାଠ ଆରମ୍ଭ ହେଉଥିବାରୁ ପଢାର ବୋଝ ବି ଏତେ ନ ଥାଏ। ପାଖେଇ ଆସୁଥାଏ ଗଣେଶ ପୂଜା। ପୂଜା ଧୁମ୍‌ଧାମ୍‌ରେ ପାଳିବାକୁ ମନରେ ଉତ୍ସାହ ଭରି ରହିଥାଏ। ମୋର ସେତେବେଳକୁ ୫ମ ଶ୍ରେଣୀ। ସମସ୍ତେ ନିଜ ନିଜ ଘରୁ ଆଣିଥିବା ଶାଢିରେ ସ୍କୁଲ୍‌ରେ ପୂଜା ସ୍ଥାନ ସଜାହୁଏ। ପୂଜା ପୂର୍ବଦିନ କିଏ କିଏ ଶାଢି ଆଣିବେ ଯୋଜନା ହେଲା। ମା'କୁଆଡେ ବାହାରକୁ ଯାଇଥିବାରୁ ତରତର ହୋଇ କାହାକୁ ନ କହି ଟ୍ରଙ୍କ୍‌ରୁ ମ'ର ଏକ ସୁନ୍ଦର ଶାଢି ନେଇ ସ୍କୁଲରେ ହାଜର। ସାଙ୍ଗମାନେ ମିଶି ଖୁବ୍ ସୁନ୍ଦର ଭାବେ ଗଣେଶ ପୂଜା ପାଇଁ ସ୍କୁଲ ଘର ସଜାଇ ଚାଲିଆସିଲୁ। ମୁଁ ନେଇଥିବା ଶାଢିଟି ସବୁଠୁ ସୁନ୍ଦର ଥିବାରୁ ଏହାକୁ ମୁଖ୍ୟ ଅର୍ଥାତ୍ ଠିକ୍ ଗଣେଶ ମୂର୍ତ୍ତି ପଛପଟେ ସଜା ହୋଇଥିଲା। ପରଦିନ ସକାଳେ ପୂଜା ପାଇଁ ଭଲ ଭାବେ ସଜବାଜ ହୋଇ, ଭୋଗ ଧରି



ସ୍କୁଲ୍‌ରେ ପହଞ୍ଚିଲା ବେଳକୁ ଜଣେ ସାଙ୍ଗ ଦୌଡି ଆସି କହିଲା– ଜାଣିଛୁ କାଲି ରାତିରେ ଆମେ ଯେଉଁ ଶାଢିଗୁଡିକରେ ପୂଜା ସ୍ଥାନ ସଜାଇଥିଲେ ସେଥିରୁ କେତେଟା ଶାଢି ମୂଷା କାଟି ଦେଇଛି। ତା' ଭିତରୁ ସବୁଠୁ ଅଧିକ କାଟିଛି ତୋ ଶାଢି। ତା'କୁ ଖୋଲି ରଖିଦିଆ ଯାଇଛି, ଫେରିବା ବେଳେ ସାଙ୍ଗରେ ନେଇଯିବୁ।

ମୋ ମୁଣ୍ଡରେ ଚଡକ ପଡିଗଲା। ମା'କୁ ନ କହି ଆଣିଥିଲି। ଏବେ କ'ଣ କରିବି। ଗଣେଶଙ୍କ ଆଗକୁ ଯାଇ ଲୁଚେଇ ଲୁଚେଇ ବହୁତ କାନ୍ଦିଲି ଆଉ ମନେ ମନେ ଅନେକ ଅଭିଯୋଗ ବି କଲି। ତୁମ ବାହାନକୁ ପଠାଇ ଶେଷରେ ମୋ ଶାଢିଟିକୁ କାଟିଦେଲ। ମୋ ମା'ର ଏଇଟା ସବୁଠୁ ପ୍ରିୟ ଶାଢି, ସେ କିପରି ରାଗି ତ ତୁମେ ଜାଣିଛ। ସବୁ କଥା ଜାଣିଲେ ସେ ମୋତେ ପିଟିବ। ଆଜି ମୁଁ ତୁମ ଭୋଗ ଖାଇବିନି କି ତୁମ ସହ କଥା ବି ହେବିନି। ଭାରି ମନସ୍ତାପରେ ଝର ଝର ଆଖି କରି ଶାଢିଟି ଧରି ଘରକୁ ଫେରିଲି। ମାଡ ଖାଇଲେ କେମିତି ସମ୍ଭାଳିବି ଭାବି ଭାବି ଘରେ ପାଦ ଦେଇଛି ତ ମା' ଦେଖା ହୋଇଗଲା। ଏତେ ଶୀଘ୍ର ପୂଜା ସରିଗଲା ? ଏ ଶାଢିଟି କାହିଁକି ଧରିଛୁ ? ଡର ଆଉ କୋହ ଚାପି କହିଲି ଗଣେଶ ପୂଜାରେ ସଜାଇବା ପାଇଁ ନେଇଥିଲି, ମାତ୍ର..। ମା' କହିଲା ଆଲୋ ଓଲି, ନେବା ପୂର୍ବରୁ ମତେ ଟିକେ ପଚାରିଲୁନି, ସେ ଶାଢିକୁ ପରା ମୂଷା କାଟି ଦେଇଥିଲା। ମା'ର ଏଇ ପଦଟା କାନରେ ବାଜିଲା ବେଳକୁ ଓଃ.... ମା' ହାତରେ ଶାଢି ଧରେଇ ଦେଇ ମୁଁ ଯାଇ ସ୍କୁଲ୍‌ରେ। ଲାଗୁଥିଲା ସତରେ ଗଣେଶ ଠାକୁର ମୋତେ ଆଜି ବଞ୍ଚେଇ ଦେଲେ।

## ପୁସ୍ତକ ପୂଜାରୁ ପୁସ୍ତକାଳୟ

*ଡା. ରମାରମଣ ଷଡ଼ଙ୍ଗୀ, ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ*

ସ୍କୁଲ ଓ କଲେଜ ବେଳରୁ ହିଁ ପ୍ରତ୍ୟେକ କାର୍ଯ୍ୟରେ ସର୍ବଦା ଆଗରେ ଥାଏ। ବିଶେଷ କରି ପୂଜା ସମୟରେ ମୂର୍ତ୍ତି କିଣାଠୁ ସାଜସଜ୍ଜା ଏବଂ ଭୋଜି ପର୍ଯ୍ୟନ୍ତ ସବୁ କିଛି ଆୟୋଜନର ଦାୟିତ୍ୱ ବି ନିଏ। ତେଣୁ ପୂଜା ଯେତେ ଯେତେ ପାଖେଇ ଆସେ ଉତ୍କଣ୍ଠା ସେତେ ସେତେ ବଢିଯାଏ। ପୂଜାଦିନ ନୂଆ ପ୍ୟାଣ୍ଟ-ଶାର୍ଟ ପିନ୍ଧି ପୁଷ୍ପାଞ୍ଜଳି ଦେବା ପର୍ଯ୍ୟନ୍ତ ଉପବାସ ରହେ, ନଡ଼ିଆ ଓ ରାଶିଲଡ୍ଡୁ ଭୋଗ କରି ପ୍ରସାଦ ପାଏ ଏବଂ ପରୀକ୍ଷାରେ ଭଲ ମାର୍କ ରଖିବା ପାଇଁ ଗଣପତିଙ୍କୁ ପ୍ରଣତି ଜଣାଇ ବହି, ଖାତା, କଲମ ଆଦି ପୂଜା କରେ। ତେବେ ଏସବୁରେ ଯେତିକି ମଜା ଲାଗେ ତା'ଠୁ ଅଧିକ ଖୁସି ଲାଗେ ଫୁଟ୍‌ବଲ୍ ଖେଳ। ଯଦିଓ ପ୍ରତିଦିନ ସକାଳୁ ନିଜ ଫୁଟ୍‌ବଲରେ ପମ୍ପ ଦେଇ ସେଥିରେ ଖେଳେ, ହେଲେ ଗଣେଶ ପୂଜାରେ ଆୟୋଜିତ ଫୁଟବଲ୍ କମ୍ପିଟିଶନ୍‌ରେ ଖେଳିବାର ମଜା ନିଆରା। ନିଜେ ଜଣେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳାଳି, ହେଲେ ମୋ ଫୁଟ୍‌ବଲ୍‌ରେ ଖେଳି ଆଉ ୭ ଜଣ ରାଜ୍ୟସ୍ତରୀୟ ଖେଳାଳି ବାହାରିବା ମୋ ପାଇଁ ବଡ ଆନନ୍ଦର କଥା। ତେବେ ପାଠ ପଢା ସମୟରେ ଗଣେଶପୂଜାର ଏଭଳି ଅନେକ ଅନୁଭୂତି ତ ରହିଛି ହେଲେ କଲେଜରେ ପଢ଼ିବା ବେଳର ଏକ ସ୍ୱତନ୍ତ୍ର ଗଣେଶପୂଜା କଥା ମୋର ବିଶେଷ ଭାବରେ ମନେପଡୁଛି – କେନ୍ଦୁଝରେ କଲେଜରେ ପଢ଼ିବା ବେଳେ କଲେଜର ଜେନେରାଲ ସେକ୍ରେଟାରି ଥିଲି। ସ୍କୁଲ୍ ବେଳୁ ନିଜର ଏକ ଲାଇବ୍ରେରି କରିବାର ଲକ୍ଷ୍ୟ ମନ ଭିତରେ ଥିଲା। ଯାହାକୁ ସଫଳ କରିବା ପାଇଁ ଜୋର୍ ଲାଗିପଡ଼ିଥିଲି। ହରକ୍ୟୁଲେସ୍ ଚଳଚ୍ଚିତ୍ରଟି ଆଣି କେନ୍ଦୁଝରର 'ତାରିଣୀ ଛବିଘର' ସିନେମା ହଲ୍‌ରେ ପ୍ରଦର୍ଶିତ କରାଇଲି। ଏହାକୁ ବହୁ କଷ୍ଟରେ ଆମୋଦ କର ମୁକ୍ତ କରାଇଥିଲି ଏବଂ କେବଳ ଟିକେଟ୍‌ରୁ ସଂଗୃହୀତ ଅର୍ଥରେ କେତେ ଗୁଡିଏ ବହି



କିଣିଲି। ଆଉ ସବୁଠୁ ଖୁସିର କଥା ହେଉଛି ଠିକ୍ ଗଣେଶ ପୂଜା ଦିନ ହିଁ ସେ ସବୁ ବହି ରଖି ନିଜ ଲାଇବ୍ରେରିର ଶୁଭ ଉନ୍ମୋଚନ ଓ ଅୟମାରମ୍ଭ କରିଥିଲି। ଯାହା ଅନେକ ଦିନ ଯାଏ ଛାତ୍ରୀଛାତ୍ରଙ୍କୁ ଜ୍ଞାନର ଆଲୋକ ବିତରଣ କରିଥିଲା। ଗଣେଶ ପୂଜାରେ ହିଁ ମୋ ଛାତ୍ର ଜୀବନର ଏକ ସ୍ୱପ୍ନ ସାକାର ହୋଇଥିବାରୁ ମୋ ମନ ଭାରି ଖୁସି ହୋଇଥିଲା।

**– ପୌର୍ଣ୍ଣମାସୀ**

---

କଲେଜ ଖଟି

# ଭାଇରାଲ୍ ଭିଡିଓକୁ ନେଇ ଚର୍ଚ୍ଚା ଜୋର୍

ଏମିତିରେ ତ ବିଭିନ୍ନ ଟପିକ୍‌କୁ ନେଇ ଆଲୋଚନା ହୁଏ, ହେଲେ ସୋସିଆଲ୍ ମିଡିଆରେ ଯେଉଁ ସମୟରେ ଯାହା ଭାଇରାଲ୍ ହୁଏ ତାକୁ ନେଇ ଅଧିକ ଚର୍ଚ୍ଚା ହୁଏ...

ମେଘୁଆ ପାଗ। ସୁଲୁସୁଲିଆ ବାଆ। ତା' ଭିତରେ କେତେବେଳେ ଶୁଭୁଥାଏ ଅନେକଙ୍କ କଥାବାର୍ତ୍ତାର ସ୍ୱର ତ କେବେ ଖେଳିଯାଉଥାଏ ହସର ଲହରି। ଆଉ ଏସବୁ ଭିତରେ ସବୁଠୁ ଅଧିକ ଶୁଭୁଥାଏ ଗୋଟିଏ ନାଁ। ତାହା ହେଉଛି ରାନୁ ମଣ୍ଡଳ। କିଏ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ପ୍ଲାଟ୍‌ଫର୍ମରେ ଗାଉଥିବା ତାଙ୍କ ଭିଡିଓ ବିଷୟରେ ଚର୍ଚ୍ଚା କରୁଥିଲେ ତ ଆଉ କିଏ ତାଙ୍କ ବଲିଉଡ୍ ଏଣ୍ଟ୍ରିକୁ ନେଇ ପ୍ରଶଂସା କରୁଥିଲେ। ପୁଣି କାହା ମୋବାଇଲ୍‌ରେ ବି ରିଙ୍ଗ୍‌ଟୋନ୍‌ରେ ବାଜି ଉଠୁଥିଲା ତାଙ୍କରି ଗୀତ। ପୁଣି ମୋଦି ସରକାରଙ୍କ ନୂଆ ନୂଆ ପଦକ୍ଷେପରେ ଜନସାଧାରଣ କେତେ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ବି କଥା ପଡିଥିଲା। ଏହା ବ୍ୟତୀତ ପାଠ ପଢାଠୁ ଆରମ୍ଭ କରି ବିଭିନ୍ନ ଟପିକ୍‌କୁ ନେଇ ଆଲୋଚନା ଜୋର ଧରିଥିଲା। ଏହା ଥିଲା ପୁରୀ ଜିଲା, ଗୋପ ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ବର୍ଷର କେତେଜଣ ଛାତ୍ରୀଙ୍କ ମଧ୍ୟରେ ଚାଲିଥିବା ଖଟିର ଦୃଶ୍ୟ। ଶେଫାଳି ପ୍ରିୟଦର୍ଶିନୀ ଜେନା କୁହନ୍ତି, ଏହିପରି ପ୍ରତିଦିନ କ୍ଲାସ୍ ସରିବା ପରେ କ୍ୟାମ୍ପସ୍ ଭିତରେ ଆମେ ଏକାଠି ହେଉ। ଆଉ ତା'ପରେ ଆରମ୍ଭ ହୋଇଯାଏ ଖଟି। ଏମିତିରେ ତ ଆମେ ବିଭିନ୍ନ ଟପିକ୍‌କୁ ନେଇ ଆଲୋଚନା କରୁ ହେଲେ ସୋସିଆଲ୍ ମିଡିଆରେ ଯେଉଁ ସମୟରେ ଯାହା ଭାଇରାଲ୍ ହୁଏ ତାକୁ ନେଇ ଅଧିକ ଚର୍ଚ୍ଚା ହୁଏ ବୋଲି କୁହନ୍ତି ଲକ୍ଷ୍ମୀପ୍ରିୟା ବେହେରା। ତେବେ ଝିଅମାନେ ଏକାଠି ହେଲେ ଫ୍ୟାଶନ୍ ଆଉ ସୌନ୍ଦର୍ଯ୍ୟକୁ ନେଇ ଚର୍ଚ୍ଚା ନ ହେଲେ ଖଟିର ଚାର୍ମ ଅଧୁରା ବୋଲି ପ୍ରକାଶ କରନ୍ତି ଜ୍ୟୋତିର୍ମୟୀ ମହାରଣା। ଆଗକୁ ଗଣେଶ ପୂଜା ଥିବାରୁ କିଏ କିଭଳି ନୂଆ ଡ୍ରେସ୍ କିଣିଛି, ତା' ସହ ମ୍ୟାଚିଂ ଆସେସରିଜ୍ କ'ଣ ପିନ୍ଧିବ, ମାର୍କେଟ୍‌ରେ ହେଉ ଅବା ଅନ୍‌ଲାଇନ୍ ଶପିଂ ସାଇଟ୍ ଗୁଡିକରେ ନୂଆ ଟ୍ରେଣ୍ଡ କ'ଣ ଚାଲିଛି ଏବଂ ରାଖୀପୂର୍ଣ୍ଣିମାରେ କାହାକୁ କ'ଣ ଉପହାର ମିଳିଥିଲା ଏସବୁକୁ ନେଇ ଗପିବାରେ ମସଗୁଲ୍ ଥା'ନ୍ତି ସୁଶ୍ରୀ ଦେବସ୍ମିତା ଏବଂ ପୂଜା ଦାସ। ଖରାଛୁଟି ପରେ ଅଳ୍ପଦିନ ହେବ ଆମେ ଦେଖା ହୋଇଥିବା ସହ ବର୍ତ୍ତମାନ ପାଠ ପଢା ଟେନ୍‌ସନ୍ ବି ସେତେ ବେଶି ନ ଥିବାରୁ ଆମ ଖଟି ଅଧିକ ମଜା ଲାଗୁଥିବା ମତ ଦିଅନ୍ତି ସୁଶ୍ରୀ ସୁନୀତା ବିଶ୍ୱାଳ। ହେଲେ ଖଟିର ଟପିକ୍ ଯାହା ଥାଉନା କାହିଁକି ଏକାଠି ସାଙ୍ଗମାନଙ୍କ ଜନ୍ମଦିନ ପାଳିବା, ଜବରଦସ୍ତ ଟ୍ରିଟ୍ ମାଗିବା, କେବେ କେବେ କିଛି ଚଟ୍‌ପଟା ଖାଇବା ଏବଂ କଲେଜ୍ ଗେଟ୍ ବାହାରେ ଏକାଠି ଗୁପ୍‌ଚୁପ୍ ଖାଇବା ଖଟିର ମଜାକୁ ଦ୍ୱିଗୁଣିତ କରିଦିଏ ବୋଲି ପ୍ରକାଶ କରନ୍ତି ଗାୟତ୍ରୀ ସ୍ୱାଇଁ ଏବଂ ଅର୍ପିତା ବେହେରା।



ଗୋପ ମହାବିଦ୍ୟାଳୟର ଛାତ୍ରୀମାନେ ଖଟିରେ ମସ୍‌ଗୁଲ।

---

## ଏ ସପ୍ତାହର ପ୍ରଶ୍ନ

୧– ୭ମ 'କମ୍ୟୁନିଟି ରେଡିଓ ସମ୍ମିଳନୀ'....... ସହରରେ ଆୟୋଜିତ ହୋଇଯାଇଛି ?
୨– ଭାରତର ପ୍ରଥମ ମହିଳା ଫ୍ଲାଇଟ୍ କମାଣ୍ଡର.......... ?
୩– ନ୍ୟାଶନାଲ୍ ଡିଜିଟାଲ୍ ଲାଇବ୍ରେରି ଅଫ୍ ଇଣ୍ଡିଆ........ ମନ୍ତ୍ରଣାଳୟ ଦ୍ୱାରା ପ୍ରାରମ୍ଭ କରାଯାଇଛି ?
୪– ଭାରତର ପ୍ରଥମ ମକା ଉତ୍ସବ.......... ଠାରେ ପାଳିତ ହୋଇଯାଇଛି ?
୫– .............ମସିହାରେ ପ୍ରଥମେ ଭାରତୀୟ ରେଳରେ ଟଏଲେଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ଚାଇନା
୨ ପ୍ରଧାନମନ୍ତ୍ରୀ ଲଘୁ ବ୍ୟାପାର ମନ୍ ଧନ୍ ସ୍କିମ୍
୩ ଭାରତ
୪ ଲକ୍ଷ୍ନୌ
୫ ଲମ୍ବା

## ଉତ୍ତର ଦାତା



ଶ୍ରୀନିବାସ ସାହୁ, ଖୋର୍ଦ୍ଧା



ଶେଖ୍ ୟାକୁବ୍, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

ପୃଥିବୀର ସବୁଠୁ ଶକ୍ତିଶାଳୀ ରାଜନେତା-୨୦୧୯

୧. ଡୋନାଲ୍ଡ ଟ୍ରମ୍ପ........ ଆମେରିକା
୨. ଜି ଜିନ୍‌ପିଙ୍ଗ........ ଚାଇନା
୩. ଭ୍ଲାଡିମିର୍ ପୁଟିନ୍........ ରୁଷିଆ
୪. ଆଞ୍ଜେଲା ମର୍କେଲ୍........ ଜର୍ମାନୀ
୫. ନରେନ୍ଦ୍ର ମୋଦି........ ଭାରତ
୬. ମହମ୍ମଦ ବିନ୍ ସଲମାନ୍........ ସୌଦି ଆରବ
୭. ଏମାନୁଏଲ୍ ମାର୍କନ୍........ ଫ୍ରାନ୍ସ
୮. ଶିଞ୍ଜୋ ଆବେ........ ଜାପାନ
୯. ଥେରେସା ମେ........ ଲଣ୍ଡନ
୧୦. ବେଞ୍ଜାମିନ୍ ନେତନ୍ୟାହୁ........ ଇସ୍ରାଏଲ୍



ଡୋନାଲ୍ଡ ଟ୍ରମ୍ପ

ୟୁଥ ଫ୍ୟାଶନ

# ମେସେଜ୍ ଟି-ଶାର୍ଟ

ଯୁବପିଢ଼ି ସର୍ବଦା ଫ୍ୟାଶନ ପ୍ରିୟ। ଆଉ ଏମିତିରେ ସେମାନେ ବେଶ୍ ଗୁରୁତ୍ୱ ଦେଇଥାନ୍ତି ଲାଟେଷ୍ଟ ଟ୍ରେଣ୍ଡ ଉପରେ। ଠିକ୍ ଯେମିତି ବିଭିନ୍ନ ମେସେଜ୍ ପ୍ରିଣ୍ଟ ଥିବା ଟି-ଶାର୍ଟ ପାଲଟିଛି ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ...

**ଲଭ୍ ଏବଂ ଫ୍ଲର୍ଟ ମେସେଜ୍ ଟି-ଶାର୍ଟ:** ବର୍ତ୍ତମାନ ବିଭିନ୍ନ ଲଭ୍ କୋଟ୍, ମେସେଜ୍, ସାଏରି ଆଦି ପ୍ରିଣ୍ଟ ହୋଇଥିବା ଟି-ଶାର୍ଟର ଡିମାଣ୍ଡ ବଢୁଛି। ବିଶେଷ କରି ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ନିଜର ପ୍ରିୟ ମଣିଷ ପାଖରେ ମନର ଅକୁହା କଥା ପହଞ୍ଚାଇବା ଲାଗି ବର୍ତ୍ତମାନ ଯୁବପିଢ଼ିଙ୍କ ଲାଗି ଏକ ଭଲ ମାଧ୍ୟମ ସାଜିଛି।

**ଫନି ମେସେଜ୍ ଟି-ଶାର୍ଟ:** ନିଜେ ହସିବା ସହ ଅନ୍ୟମାନଙ୍କୁ ହସାଇବା ଲାଗି ବିଭିନ୍ନ ପ୍ରକାର ମଜା କଥା ବା ଫନି କୋଟ୍ ସହିତ କାର୍ଟୁନ୍ କିମ୍ବା ଇମୋଜି ଥିବା ଟି-ଶାର୍ଟ ପିନ୍ଧିବାକୁ ବର୍ତ୍ତମାନ ଅଧିକାଂଶ ଯୁବପିଢି ବେଶ୍ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି।

**ଆୱାରନେସ୍ ମେସେଜ୍ ଟି-ଶାର୍ଟ:** ସ୍ୱାସ୍ଥ୍ୟ ସଚେତନତା ଠାରୁ ପରିବେଶ ସୁରକ୍ଷା, ଜଙ୍ଗଲ ରକ୍ଷା, ପଶୁ ସମ୍ପଦ ସୁରକ୍ଷା ଭଳି ବିଭିନ୍ନ ପ୍ରକାର ସଚେତନତାମୂଳକ ସାମାଜିକ ବାର୍ତ୍ତା ଥିବା ଟି- ଶାର୍ଟ ଜରିଆରେ ସମସ୍ତଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ଅଧିକାଂଶ ଯୁବପିଢି ଏଭଳି ଟି-ଶାର୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ସ୍ଲୋଗାନ୍ ଟି-ଶାର୍ଟ:** ବିଭିନ୍ନ ସ୍ଲୋଗାନଗୁଡିକ ମଧ୍ୟ ବର୍ତ୍ତମାନ ଟି-ଶାର୍ଟରେ ପ୍ରିଣ୍ଟ ହୋଇ ଆସୁଥିବାର ଦେଖିବାକୁ ମିଳୁଛି। ତେବେ ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡିକରେ ଆୟୋଜିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଖରେ ସାମାଜିକ ବାର୍ତ୍ତା ପହଞ୍ଚାଇବା ଲାଗି ଏଭଳି ମେସେଜ୍ ଟି-ଶାର୍ଟ ସାମୂହିକ ଭାବେ ସମସ୍ତେ ପିନ୍ଧୁଥିବାର ଦେଖିବାକୁ ମିଳୁଛି।

**ଇନ୍ସପିରେଶ୍‌ନାଲ ଏବଂ ମୋଟିଭେଶ୍‌ନାଲ ମେସେଜ୍ ଟି-ଶାର୍ଟ:** ବର୍ତ୍ତମାନ ବିଭିନ୍ନ ପ୍ରେରଣାଦାୟକ ବର୍ତ୍ତାଥିବା ଟି-ଶାର୍ଟର ଡିମାଣ୍ଡ ଅନ୍ୟ ମେସେଜ୍ ଟି-ଶାର୍ଟଗୁଡିକ ତୁଳନାରେ ସର୍ବାଧିକ। ଏହାକୁ ଯୁବପିଢିଙ୍କ ସମେତ ପ୍ରତ୍ୟେକ ବୟସର ଲୋକେ ପସନ୍ଦ କରୁଛନ୍ତି।



# SUNDAY classifieds




## BRIDE WANTED

Wanted a widow/ divorcee (40 to 45) for a widower (60yr. 50,000 pension / p.m) for rest of the life. Phone No.- 7326037796, 9853151643. D-14100

**Wanted Karana/ Khandayat girl (MSC, BSC, B.com, BA) for 34 age textile Engineer, 6ft., working in reputed textile firm. Contact: 9937571552, 8658811742.** D-14124

Dhoba boy 1990, M.Tech, production Engineer, Bangalore, 30LPA. 9853366347. D-67223

Khandayat boy 1991, 5.8, B.Tech, serving Imfosys, Bangalore, Sunsansar. 9937512659. D-66778

Looking bride for Brahmin son age-29, B.Tech, CET, M.Tech, IIT Guwahati, working at Delhi as Manager, (Caste-no-bar) 7008986005. D-14092

## GROOM WANTED

34 ବୟସ୍କା divorcee ନିଃସନ୍ତାନ SBI PO ଚାକିରୀ କରୁଥିବା ସୁନ୍ଦର Gudia ଝିଅଙ୍କ ପାଇଁ ପୁଅ ଦରକାର। 7381460016. D- 14163

Looking groom for Khandayat girl, B.Tech, NIT Rourkela, MBA, MDI Gurugram working on MNC, at Mumbai. 7008986003. D-14093

Now Matrimonial ads. only on Wednesday & Sunday Book 1 Get 1 FREE




## SALE

A1 Bullet running condition motor cycle model-1992, 350cc, 43,000/-, 12,000kms. 7735821217, 9861657954. D-67221

**White colour Volkswagen Vento 1.6 CR MT-HIGHLINE Car (Diesel) (September 2012) in excellent condition is for sell for INR 6 Lkhs. Navigator, tracking ete are installed. So far ran less than 40K kilometers, Contact: 9437180218.** D-14122




## SALE

**4800 sqft gharabari plot for sale at Pokhariput, Bhubaneswar. Contact Deepak: 9937329999 (Broker excuse).** D-66291

**Gharabari boundary plot Infocity-2 near 100ft. road side. Direct owner-8144391451.** D-66768

Property Sale: (Area-5300 sqft. land) At-Madan Mohan Pada, Angul, near Main Bazar, Contact: Shakti Dwibedy, Ph. No: 9350035896. D-14082

Gharabari Plot Balianta 6.5km. from Hanspal NH-5 @ 220/- P.Sqft. 8763499150, 7064994691. D-14123

Selling big patch of land @ low price, Bhubaneswar. 6371090682. D-14101

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

Good Investment/ Residential Govt. approved plots in Vishakhapatnam, Andhra Pradesh Contact Gopala Krishna: 9642406518. D-14102

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

Stithiban plot sale 10 guntha near firestation Nuagada, Jajpur Road. 9348282843, 9437226098. D-66953

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

Ready to move 2BHK flats near (KEC College), Puri bypass road, Bhubaneswar. 9861037729, 9040337729. D-63956

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

**କଟକ–ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

Gharabari plot at Atala near Hanspal square 30' road & plot at AMRI Hospital near Khandagiri square. 9438419823, 9437286655. D-67047

**ଭୁବନେଶ୍ୱର–ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ Road, Electricity ପାଚେରୀ ଥାଇ plot ମିଳୁଅଛି। 9937749564, 9090142564.** D-66771

2BHK simplex 26,00,000/- finishing Hanspal, Plot- Atala, Rangabazar. Contact: 9556318785. D-67055

**Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564.** D-66770

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/-outrightରେ ମିଳୁଅଛି। 9348847649, 8249243709.** D-66772

4BHK duplex with gated community at Balianta (Land 1400 construction 2200 @ 55,00,000/- and 2600 @ 65,00,000/-) Contact Mplanets: 9938219397, 9861022055. D-14113

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66773

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**BDA approved, Housing Board GF flat with garage and 1200 sqft. open space at Chandrasekharpur, BBSR is for sale (200 meters walking distance from main road). Owner: 7978116070.** D-14088

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ ବାସୋପଯୋଗୀ BDA plot sqft. 650/-ରେ କିଣନ୍ତୁ। Contact: 6371719107, 9777449397. D-14161

2400 sqft. plot near Apollo Hospital and 4000 sqft. at Sahidnagar for sale. 9439177563. D-14126

**Flat for sale of 2&3BHK flat at Patrapada (Walkable distance from NH), Bhubaneswar. Contact: 9861882233, 9437231479.** D-66185

**1500sqft. gharabari boundarywall plot near Hanspal 12,75,000/- Owner: 7008351926.** D-67054

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

**21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse).** D-67376

**Fully furnished commercial office space near Ravi Talkies square, main road side, Lewies road. 7978584549.** D-67375

Bhubaneswar new railway station ପାଖରେ 7,00,000/- ରେ ଘରବାରି ପ୍ଲଟ ମିଳୁଛି। M: 8249038833. D-66186

**3000sqft. residential plot sale at Satabdinagar near Unit-8 Boys' High School, Bhubaneswar. Price- 1.80cr. Contact: 9937097791.** D-66777

2BHK flat near Ravi Talkies bus stop towards Lewis road, Bhubaneswar. 8328890345. D-65685

**A high commercial building for sale at Bhubaneswar near Kalpana area, land area 2200 sqft., constructed area 4615sqft. rental income 1.10 lakh per month. Please call: 9437068886.** D-14156

## PURCHASE

Land requires on basis of outright/ sharing/ marketing. 9937816565, 9937568585. D-14121

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767




3BHK apartment with garage for family only at Bomikhal, Bhubaneswar: 9238574993. D-14112

**Duplex house 1BHK & 2BHK at Basera Complex, near Palamandap, Dumuduma, Bhubaneswar for office cum Residence/ Residence Contact: 9880105537.** D-66776

For Bank / Office purpose 1700sqft. area, route no- 60, at- Hatisala, Lokanath road, near Teddy Kid Play School, Puri-752001. Contact No: 6370020695. D-64088

DBHK with all facilities at Gangamandir, Cuttack. Contact: 0671-2204615. D-14164

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

Studio apartment at Rajendra Enclave, Kumbharapada, Puri. Contact: 7008613550, 9861085302. D-67217

2BHK apartment in Nandan Vihar, near Patia Big bazar. 9437205577. D-62200

3 Bedroom house with drawing, dining, kitchen, balcony, ground floor. Plot: 961/2415, Forest park, Bhubaneswar. Contact: 9437008476. D-67220

Single furnished room for office near BDA, Keshari talkies, plot-5, Bhubaneswar. Contact: 9238579309. D-66187

2000 sqft. each in 1st and 2nd floor, behind Durgamandap, Bomikhal for office/ residence available. Contact: 9437179626. D-66183




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14119




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Newly open Herbal full body massage ladies & gents. 8018246332. D-66948

Ayurvedic full body massage ladies & gents smart therapist. 9040900385. D-66950

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372

Mostly experienced highly trends male therapist for full body massage. 9938579108, 8480233423. D-67373




Shivam logistic packers movers. Household/ car relocation countrywide. 9777044177, 9338461133. D-13903




ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

## ନିରୁଦ୍ଦିଷ୍ଟ



ଅନୁଗୋଳ, ତୁରଙ୍ଗ ସ୍ଥିତ ଥିବା ଦୁର୍ଗା ହୋଟେଲ ମେସ୍‌ରେ (କଲିକତା ମେଦିନପୁର, ମଇନା ଗ୍ରାମର) ଭୋଳାନାଥ ଭୂୟାଁ(୨୩) ରହୁଥିଲେ। ସେ ଗତ ୨୮.୦୮.୨୦୧୯ ରାତ୍ରି ୭ ଘଟିକାରୁ କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କର ଉଚ୍ଚତା ୫ ଫୁଟ ୩ ଇଞ୍ଚ, ରଙ୍ଗ କଳା। ଯେଉଁ ବ୍ୟକ୍ତି ଭୋଳାନାଥଙ୍କ ସମ୍ପର୍କରେ ସୂଚନା ପାଆନ୍ତି ଦୟାକରି ୭୬୮୩୯୫୩୪୦୬ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୪୧୬୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



ପଙ୍କଜିନୀ ବେହେରା
(ବେବି)
ଶ୍ରୀ ଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛାସହ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୪୦୮୯

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଶ୍ରେୟାଂଶୀ ମହାପାତ୍ର
(ପ୍ରିୟୁ)
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛାସହ:
ବାବା, ମାମା, ପରିବାରବର୍ଗ ଏବଂ ସିଲୁ
ଧ-୬୬୯୫୫

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

### ଜନ୍ମଦିନ ଶୁଭେଚ୍ଛା



ବଂଶିକା ବିଶ୍ୱଜିତା (ହନି)
ନୟାଗଡ଼, ପାନନଗର
ତୋର ଏହି ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ
ଜେଜେବାପା, ଜେଜେମା, ବାବା, ମାମା, ହିରୋଚାଚୁ, ସୋନୁ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୧୪୧୫୭

## CLASSIFIED BOOKING STATIONS

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**AGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

ଧରିତ୍ରୀ
DHARITRI
Bhubaneswar, Sunday, 1 September 2019



## ସଂକ୍ଷେପରେ

### ମୋବାଇଲ ୱାଲେଟ କେୱାଇସି
# ୬ ମାସ ସମୟ ବଢ଼ାଇଲା ଆର୍‌ବିଆଇ



**ନୂଆଦିଲ୍ଲୀ,୩୧-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମୋବାଇଲ ୱାଲେଟ ଲାଗି କେୱାଇସି(ନୋ ୟୋର କଷ୍ଟମର) ଦାଖଲ କରିବା ସମୟସୀମାକୁ ଆହୁରି ୬ ମାସ ବଢ଼ାଇ ଦେଇଛି। ପୂର୍ବରୁ ଏହା ଚଳିତ ମାସ ୩୧ ଯାଏ ଥିଲା। ଏହାଦ୍ୱାରା ପ୍ରିପେଡ୍ ୱାଲେଟ ଜାରି କରୁଥିବା କମ୍ପାନୀ ଆଶ୍ୱସ୍ତ ହୋଇଛନ୍ତି। ଆର୍‌ବିଆଇ ସମୟସୀମା ବଢ଼ାଇ ନ ଥିଲେ ଲକ୍ଷ ଲକ୍ଷ ମୋବାଇଲ ୱାଲେଟ ଗ୍ରାହକଙ୍କ ଆକାଉଣ୍ଟ ବନ୍ଦ ହୋଇଯାଇଥା'ନ୍ତା। ସେମାନେ ଆଉ ନେଣଦେଣ କରିପାରି ନ ଥାନ୍ତେ। ଆର୍‌ବିଆଇର ଉକ୍ତ ନିଷ୍ପତ୍ତି ଯୋଗୁ ପେଟିଏମ୍, ମୋବିକ୍ୱିକ୍, ଏୟାରଟେଲ ମନି, ଆମାଜନ ପେ, ଓଲା ମନି, ପେୟୁ, ଫୋନ୍‌ପେ, ଆଇସିଆଇସିଆଇ ପକେଟ, ଏଚ୍‌ଡିଏଫ୍‌ସି ପେଜେପ୍,ଗୁଗଲ ପେ ଆଦି ଉପକୃତ ହେବେ। ସୂଚନାଥାଉ କି, ଆର୍‌ବିଆଇ କେୱାଇସି କରିବା ଅବଧିକୁ ଚଳିତବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିଲା। ପରେ କମ୍ପାନୀଗୁଡ଼ିକର ଅନୁରୋଧ କ୍ରମେ ଏହାକୁ ଅଗଷ୍ଟ ୩୧ ଯାଏ ବଢ଼ାଇଥିଲା। ଅଦ୍ୟାବଧି ୩୦ରୁ ୪୦ ପ୍ରତିଶତ ଗ୍ରାହକ ୱାଲେଟ୍‌ର କେୱାଇସି ଦାଖଲ ସମ୍ପୂର୍ଣ୍ଣ କରିନାହାନ୍ତି।

### ଏୟାର ଇଣ୍ଡିଆରେ ଅର୍ଥ ସଙ୍କଟ
# ତେଲ ନ ଦେବାକୁ ତୈଳ କମ୍ପାନୀଙ୍କ ଧମକ



**ନୂଆଦିଲ୍ଲୀ,୩୧-୮:** ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରେ ଅର୍ଥ ସଙ୍କଟ ଅତ୍ୟନ୍ତ ଗମ୍ଭୀର ହୋଇଛି। ବିମାନ ଇନ୍ଧନ ବାବଦରେ କମ୍ପାନୀ ତୈଳ ମାର୍କେଟିଂ କମ୍ପାନୀ(ଓଏମ୍‌ସି)କୁ ବକେୟା ବାବଦରେ ଅର୍ଥ ଦେଇ ପାରୁନାହାନ୍ତି। ଏହି କାରଣରୁ ସେମାନେ ସେପ୍ଟେମ୍ବର ୯ରୁ ଆହୁରି ଦୁଇଟି ଏୟାରପୋର୍ଟ ରାୟପୁର ଓ ହାଇଦ୍ରାବାଦ୍‌ରେ ଏୟାର ଇଣ୍ଡିଆ ଗ୍ରୁପ୍‌ର ବିମାନକୁ ଇନ୍ଧନ ଯୋଗାଇବେ ନାହିଁ ବୋଲି ଧମକ ଦେଇଛନ୍ତି। ଏ ସଂକ୍ରାନ୍ତରେ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ଏୟାର ଇଣ୍ଡିଆକୁ ପତ୍ର ଲେଖାଯାଇଛି। ସୂଚନାଥାଉ କି, ତୈଳ କମ୍ପାନୀଗୁଡ଼ିକ ଇତିମଧ୍ୟରେ ୬ ଏୟାରପୋର୍ଟ ପାଟନା, ରାଞ୍ଚି, ପୁଣେ, ମୋହାଲି, ଭାଇଜାଗ ଏବଂ କୋଚିରେ ଏୟାର ଇଣ୍ଡିଆ ବିମାନକୁ ଇନ୍ଧନ ଯୋଗାଣ ବନ୍ଦ କରିଦେଇଛି। ଏୟାର ଇଣ୍ଡିଆର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କମ୍ପାନୀ ବିମାନ ଇନ୍ଧନ ବାବଦରେ ତୈଳ କମ୍ପାନୀଗୁଡ଼ିକୁ ଦୈନିକ ୧୮ କୋଟି ଟଙ୍କା ପ୍ରଦାନ କରୁଛି। କମ୍ପାନୀ ଉପରେ ଜୁଲାଇ ୩୧ ସୁଦ୍ଧା ତୈଳ କମ୍ପାନୀଙ୍କ ୪୬୦୦ କୋଟି ଟଙ୍କା ବକେୟା ରହିଥିବା ବେଳେ ଅଗଷ୍ଟ ୩୧ ସୁଦ୍ଧା ଏହା ୪୩୦୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ସରକାର ଏୟାର ଇଣ୍ଡିଆକୁ ସମ୍ପୂର୍ଣ୍ଣ ବିକ୍ରି କରିଦେବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଏହି କାରଣରୁ ଏହାକୁ କୌଣସି ଇକ୍ୱିଟି ଜାରି କରାଯାଇନାହିଁ। ତେବେ ସରକାର ଏୟାର ଇଣ୍ଡିଆର ୨୯ ହଜାର କୋଟି ଟଙ୍କା ବକେୟା ଋଣ ବୋଝକୁ ନିଜ ମୁଣ୍ଡକୁ ନେଇଛନ୍ତି।

> ଅଫ୍‌ଲାଇନ ଷ୍ଟୋର ପ୍ରତିଷ୍ଠା ନ କରି ଦେଶରେ ଅନ୍‌ଲାଇନ କାରବାର କରିବାକୁ ସିଙ୍ଗଲ ବ୍ରାଣ୍ଡ ରିଟେଲରଙ୍କୁ ଅନୁମତି ମିଳିବା ଏହା ବିଶ୍ୱସ୍ତରୀୟ କମ୍ପାନୀଙ୍କ ପାଇଁ ଲାଭଦାୟକ ହେବ।
> – ଅନିଲ ତଲ୍‌ରେଜା, ଡେଲଏଟ୍ ଇଣ୍ଡିଆ ପାର୍ଟନର



> ଉପଭୋକ୍ତା ବ୍ୟୟ ଏବଂ ନିବେଶ ଚାହିଦା ହ୍ରାସ ପାଇବାରୁ ଚଳିତ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଆର୍ଥିକ ବିକାଶ ହାର ୫%କୁ ଖସି ଆସିଛି।
> – ସନ୍ଦୀପ ସୋମାନୀ, ଫିକି ପ୍ରେସିଡେଣ୍ଟ



## ବ୍ୟାଙ୍କ ମହାମିଶ୍ରଣ

# ପ୍ରଯୁକ୍ତି, ମାନବସମ୍ବଳ ପରିଚାଳନା ଏବେ ସବୁଠୁ ବଡ଼ ଆହ୍ୱାନ

ନୂଆଦିଲ୍ଲୀ,୩୧-୮




କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମହାମିଶ୍ରଣ ଘୋଷଣା କରିଛନ୍ତି। ନେକ୍ସଟ ଜେନେରେଶନ ବ୍ୟାଙ୍କ ବା ପରବର୍ତ୍ତୀ ପିଢ଼ିର ବ୍ୟାଙ୍କ ପ୍ରତିଷ୍ଠା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କିନ୍ତୁ ମହାମିଶ୍ରଣ କାମରେ ନିୟୋଜିତ ଅଧିକାରୀଙ୍କ ମତରେ ଏହା ଏତେଟା ସହଜ ବ୍ୟାପାର ନୁହେଁ। ପ୍ରଯୁକ୍ତି ଏକୀକରଣ ଏବଂ ମାନବ ସମ୍ବଳ ପରିଚାଳନା ଏ ଦିଗରେ ସବୁଠାରୁ ବଡ଼ ଆହ୍ୱାନ ହୋଇ ଦେଖାଦେବ।

### କର୍ମଚାରୀ, ଗ୍ରାହକଙ୍କ ସମସ୍ୟା ସମାଧାନ ଲୋଡ଼ା

ସହଯୋଗୀ ବ୍ୟାଙ୍କଗୁଡ଼ିକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହ ମିଶ୍ରଣ ବେଳେ ଏହାର ଅଧ୍ୟକ୍ଷା ଥିଲେ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ। ସେତେବେଳେ ସେ କହିଥିଲେ ଯେ, ଏସ୍‌ବିଆଇ ସହ ସହଯୋଗୀ ବ୍ୟାଙ୍କଗୁଡ଼ିକ ଯୋଡି ହୋଇ ରହିଥିଲେ ସୁଦ୍ଧା ସେମାନଙ୍କର କାର୍ଯ୍ୟ ସଂସ୍କୃତି ଭିନ୍ନ ଥିଲା। ନିଜ ନିଜ ଭିତରେ ୨୪୨ ପ୍ରକାର ପ୍ରଯୁକ୍ତି ବ୍ୟବହାର କରାଯାଉଥିଲା। ଏସବୁକୁ ମିଶାଇବା ଲାଗି ଉଦ୍ୟମ ହୋଇଥିଲା। ଏସ୍‌ବିଆଇ କର୍ମଚାରୀ ସମସ୍ୟାର ସମାଧାନ ଲାଗି ଏକ ପୋର୍ଟାଲ ଆରମ୍ଭ କରିଥିଲା। ଏଥିରେ ଦୈନିକ ପ୍ରାୟ ୨୦୦ ପ୍ରଶ୍ନ ପଚରାଯାଉଥିଲା। ତେବେ ମହାମିଶ୍ରଣ ବେଳେ ଗ୍ରାହକଙ୍କ ସହ ଆଲୋଚନା କରିବା ଜରୁରୀ। କାରଣ ସେମାନଙ୍କ ମନରେ ଥିବା ଭୟକୁ ଦୂର କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ବ୍ୟାଙ୍କଗୁଡ଼ିକର ମିଶ୍ରଣର ଫାଇଦା ମିଳିବାରେ ପ୍ରାୟ ୨ ବର୍ଷ ଲାଗିଯିବ। ବ୍ୟାଙ୍କଗୁଡ଼ିକରେ ନୂତନ ପ୍ରଯୁକ୍ତି ଆପଣାଯିବା ଯୋଗୁ ସରକାରଙ୍କ ପକ୍ଷରୁ ଆଇଟି କ୍ଷେତ୍ରରେ ନିବେଶ ବୃଦ୍ଧି ପାଇବ ବୋଲି ଅରୁନ୍ଧତୀ କହିଛନ୍ତି। ସେହିପରି ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କ ମିଶ୍ରଣକୁ ଉଦାହରଣ ଭାବେ ନେଇ ବ୍ୟାଙ୍କ ଅଫ୍ ବରୋଦା ଏମ୍‌ଡି ପି.ଏସ୍.ଜୟକୁମାର କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକର ପ୍ରଯୁକ୍ତି ମିଶ୍ରଣରେ ପ୍ରାୟ ୧୨ରୁ ୧୮ ମାସ ସମୟ ଲାଗିବ। ସମସ୍ତ ବ୍ୟାଙ୍କ ଫିନାକଲ(ଇନ୍‌ଫୋସିସ୍‌ର କୋର୍ ବ୍ୟାଙ୍କିଙ୍ଗ୍ ପ୍ରଡକ୍ଟ) ବ୍ୟବହାର କରୁଛନ୍ତି। ସମସ୍ତଙ୍କର ଭିନ୍ନ ଭର୍ସନ ରହିଛି। ଏବର ୧୦ ବ୍ୟାଙ୍କ ମହାମିଶ୍ରଣରେ ଶାଖା ପରିଚାଳନା ସବୁଠୁ ବଡ଼ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି । କେଉଁ ଶାଖା ଚାଲୁ ରହିବ, କେଉଁଟା ବନ୍ଦ ହେବ ସେ ସମ୍ପର୍କରେ ପ୍ରଥମେ ନିଷ୍ପତ୍ତି ନେବାକୁ ହେବ। ଉଦାହରଣ ସ୍ୱରୂପ କାନାରା ବ୍ୟାଙ୍କ ଓ ସିଣ୍ଡିକେଟ ବ୍ୟାଙ୍କକୁ ମିଶାଇ ଦିଆଯିବ। ଏହି ଦୁଇଟି ବ୍ୟାଙ୍କର ମୁଖ୍ୟ ଶାଖା କର୍ନାଟକରେ ରହିଛି। ସେହି ରାଜ୍ୟରେ ଏହି ଦୁଇ ବ୍ୟାଙ୍କର ଏକାଧିକ ଶାଖା ଗୋଟିଏ ସ୍ଥାନରେ ରହିଛି। ଏଭଳି ସ୍ଥିତିରେ ସେମାନଙ୍କୁ ଅନ୍ୟ ଶାଖାକୁ ସ୍ଥାନାନ୍ତର କରିବା ସହଜ ହେବ ନାହିଁ।

### ଭିନ୍ନ ଭିନ୍ନ କାର୍ଯ୍ୟ ସଂସ୍କୃତି

ବ୍ୟାଙ୍କ ଅଫ୍ ମଦୁରାଇ ଓ ଆଇସିଆଇସିଆଇ ବ୍ୟାଙ୍କକୁ ୨୦୦୦ରେ ମିଶ୍ରଣ କରିଦିଆଯାଇଥିଲା। ଏହି ସମୟରେ ଏମାନଙ୍କ ଭିତରୁ ଗୋଟିଏ ବ୍ୟାଙ୍କରେ କାର୍ଯ୍ୟରତ ଜଣେ କର୍ମଚାରୀ କହିଥିଲେ ଯେ, କାର୍ଯ୍ୟ ସଂସ୍କୃତି ମିଶ୍ରଣ ଏକ ବଡ଼ ଆହ୍ୱାନ ହେବ। ଏହି ସମୟରେ ବ୍ୟାଙ୍କ ଅଫ୍ ମଦୁରାଇରେ ବହୁ ସଂଖ୍ୟାରେ କର୍ମଚାରୀ ରହିଥିଲେ। ତାଙ୍କ ମତରେ ମିଶ୍ରଣ ବେଳେ ଅନେକ ରଣନୀତି ପ୍ରସ୍ତୁତ କରାଯାଇଥାଏ। କିନ୍ତୁ କାର୍ଯ୍ୟ ସଂସ୍କୃତିକୁ ମିଶାଇବା କଠିନ ବ୍ୟାପାର। ଏଥିପାଇଁ ସମୟ ଲାଗିବ ବୋଲି ସେ କହିଥିଲେ।

### ପ୍ରଯୁକ୍ତି ମିଶ୍ରଣ କଷ୍ଟସାଧ୍ୟ

ବ୍ୟାଙ୍କ ମହାମିଶ୍ରଣରେ ବ୍ୟାଙ୍କଗୁଡ଼ିକର ବାଲାନ୍ସ ଶିଟ୍‌କୁ ମିଶାଇବା ସବୁଠୁ ସହଜ କାମ। ଏହାପରେ ଜମା ଅର୍ଥକୁ ଏକାଠି ମିଶାଇବା ଓ ଏଟିଏମ୍ ନେଟ୍‌ୱର୍କକୁ ଏକତ୍ରୀକରଣ କରିବା ସହଜ ହୋଇଯିବ। ତେବେ ବିଶେଷଜ୍ଞଙ୍କ କହିବାନୁଯାୟୀ, ଦୁଇଟି ଆଇଟି ପ୍ଲାଟଫର୍ମକୁ ଗୋଟିଏ ନେଟ୍‌ୱର୍କରେ ଯୋଡିବା ଅସମ୍ଭବ ବ୍ୟାପାର ହେବ। ଏହା ବଦଳରେ ନୂଆ ନେଟ୍‌ୱର୍କ ଆପଣାଇବା ବ୍ୟାଙ୍କଗୁଡ଼ିକ ପାଇଁ ସହଜ ଉପାୟ ହେବ। ତେବେ ସରକାରଙ୍କ ପଦକ୍ଷେପରୁ ଏହା ସ୍ପଷ୍ଟ ହେଉଛି ଯେ, ଗୋଟିଏ ପ୍ରକାର ଆଇଟି ପ୍ଲାଟଫର୍ମ ଥିବା ବ୍ୟାଙ୍କଗୁଡ଼ିକୁ ସମ୍ଭବତଃ ମିଶ୍ରଣ ପ୍ରକ୍ରିୟାରେ ସାମିଲ କରାଯାଇଛି।

### ଚାକିରି ଛଟେଇ ଭୟ
# ଆଶ୍ୱାସନା ସତ୍ତ୍ୱେ ବିକ୍ଷୋଭରେ ସାମିଲ ହେଲେ କର୍ମଚାରୀ

ନୂଆଦିଲ୍ଲୀ,୩୧-୮

କେନ୍ଦ୍ର ସରକାର ଶୁକ୍ରବାର ବ୍ୟାଙ୍କିଙ୍ଗ୍ ସେକ୍ଟରରେ ବଡ଼ ଧରଣର ସଂସ୍କାର କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ୪ ବୃହତ୍ ବ୍ୟାଙ୍କ ଗଠନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପ୍ରକାଶ କରିଛନ୍ତି। ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୧୨କୁ ହ୍ରାସ ପାଇବ ବୋଲି ସେ କହିଛନ୍ତି। ତେବେ ଏହି ମହାମିଶ୍ରଣ ଯୋଗୁ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅର୍ଥ ସଚିବ ରାଜୀବ କୁମାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଥିରେ ବ୍ୟାଙ୍କ କର୍ମଚାରୀ ପ୍ରଭାବିତ ହୋଇଥିବା ମନେହେଉନାହିଁ। ଶନିବାର ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ ଆସୋସିଏଶନ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଅର୍ଥମନ୍ତ୍ରୀ ସୀତାରାମନ୍ ବ୍ୟାଙ୍କ ମହାମିଶ୍ରଣ ସମ୍ପର୍କରେ ଘୋଷଣା କରିବା ପରେ ଅର୍ଥ ସଚିବ ରାଜୀବ କୁମାର କହିଥିଲେ ଯେ, ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରେ ମହାମିଶ୍ରଣ କରାଯିବା ଦ୍ୱାରା କୌଣସି କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ଗତବର୍ଷ ଦେନା ବ୍ୟାଙ୍କ ଏବଂ ବିଜୟ ବ୍ୟାଙ୍କକୁ ବ୍ୟାଙ୍କ ଅଫ୍ ବରୋଦା ସହ ମିଶାଇ ଦିଆଯାଇଥିଲା। ଫଳରେ ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ପ୍ରତିଷ୍ଠା ହୋଇପାରିଛି। ଏହି ମିଶ୍ରଣ ପରେ କୌଣସି କର୍ମଚାରୀଙ୍କୁ ଛଟେଇ କରାଯାଇ ନାହିଁ। ଏହାକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି।

ତେବେ ସରକାରଙ୍କ ପ୍ରତିଶ୍ରୁତିକୁ ବ୍ୟାଙ୍କ କର୍ମଚାରୀମାନେ ସହଜ ଭାବେ ଗ୍ରହଣ କରିପାରିନାହାନ୍ତି। ସମସ୍ତ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ କର୍ମଚାରୀମାନେ ହାତରେ କଳା ବ୍ୟାଜ୍ ପରିଧାନ କରି ବ୍ୟାଙ୍କ ମହାମିଶ୍ରଣକୁ ବିରୋଧ କରିଛନ୍ତି। ସେମାନେ ନିଜ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନିଷ୍ପତ୍ତି ପ୍ରତ୍ୟାହାର କରିନେବା ଲାଗି ଦାବି ଜଣାଇଛନ୍ତି। ଆସୋସିଏଶନ ସାଧାରଣ ସମ୍ପାଦକ ସି.ଏଚ୍.ଭେଙ୍କଟଚଲମ୍ କହିଛନ୍ତି ଯେ, ସରକାରଙ୍କ ପଦକ୍ଷେପ ଅସମୟରେ ହୋଇଛି। ଏଣୁ ଏହାର ପୁନଃସମୀକ୍ଷା ହେବା ଉଚିତ। ଆଗାମୀ ଦିନରେ ଆସୋସିଏଶନ ପକ୍ଷରୁ ଏକ ବିଶାଳ ର୍‍ୟାଲିର ଆୟୋଜନ କରାଯିବ ବୋଲି ସେ ଚେତାବନୀ ଶୁଣାଇଛନ୍ତି। ସେ କହିଛନ୍ତି ଯେ, ୬ ବ୍ୟାଙ୍କକୁ ଅନ୍ୟ ୪ ବ୍ୟାଙ୍କ ସହ ମିଶାଇ ଦିଆଯିବା ଅର୍ଥ ସେମାନଙ୍କୁ ବନ୍ଦ କରିଦିଆଯିବ। ତାଙ୍କର କହିବାନୁଯାୟୀ ସରକାର ଏହାକୁ ବ୍ୟାଙ୍କ ମିଶ୍ରଣ କହୁଛନ୍ତି ସତ, କିନ୍ତୁ ଦୀର୍ଘ ବର୍ଷରୁ କାର୍ଯ୍ୟ କରିଆସୁଥିବା ୬ ବ୍ୟାଙ୍କ, ବ୍ୟାଙ୍କିଙ୍ଗ୍ ସେକ୍ଟରରୁ ଉଭାନ ହୋଇଯିବ। ୨୦୦୮ରେ ସାରା ବିଶ୍ୱରେ ମାନ୍ଦାବସ୍ଥା ଛାଇ ଯାଇଥିବା ବେଳେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଯୋଗୁ ଘରୋଇ ବ୍ୟାଙ୍କିଙ୍ଗ୍ ସେକ୍ଟର ଏଥିରୁ ରକ୍ଷା ପାଇଯାଇଥିଲା ବୋଲି ଭେଙ୍କଟଚଲମ୍ କହିଛନ୍ତି। ଆସନ୍ତା ୧୧ରେ ଆସୋସିଏଶନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଓଡ଼ିଶା ବଜାରରେ କନେକ୍ଟ ଗ୍ୟାଜେଟ




ଭୁବନେଶ୍ୱର, ୩୧-୮(ବ୍ୟୁରୋ)

କନେକ୍ଟ ଗ୍ୟାଜେଟ ପକ୍ଷରୁ ଏହାର ପ୍ରଡକ୍ଟ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଟ୍ରେଡ ପାର୍ଟନରଙ୍କ ସମ୍ମିଳନୀ ଅବସରରେ ପ୍ରଡକ୍ଟଗୁଡ଼ିକୁ ଉନ୍ମୋଚନ କରାଯାଇଛି। ଏହା ଗତ ବର୍ଷ ବଜାରକୁ ଆସିଥିବା ବେଳେ ଗୋଟିଏ ବର୍ଷ ମଧ୍ୟରେ ପ୍ରମୁଖ ମୋବାଇଲ ଆସେସୋରିଜ ବ୍ରାଣ୍ଡ ଭାବେ ବଜାରରେ ଏହା ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀର ପ୍ରଡକ୍ଟ ଶୃଙ୍ଖଳା ମଧ୍ୟରେ ଉଚ୍ଚ ଗୁଣବତ୍ତାଯୁକ୍ତ ପାୱାର ବ୍ୟାଙ୍କ, ନେକ ବ୍ୟାଣ୍ଡ, ଇୟରଫୋନ କଲେକ୍ସନ, ଚାର୍ଜର, କେବଲ ସହ ବ୍ଲୁ ଟୁଥ୍ କିବୋର୍ଡ ଏବଂ କାର୍ ମାଉଣ୍ଟସ ଭଳି ଲାଇଫ ଷ୍ଟାଇଲ ପ୍ରଡକ୍ଟ ଏହା ମଧ୍ୟରେ ସାମିଲ ରହିଛି। ପ୍ରଡକ୍ଟଗୁଡ଼ିକ ଓଡ଼ିଶା ବଜାରରେ ଭଲ ରେସପନ୍ସ କରିବ ବୋଲି ବିକ୍ରି ବିଭାଗ ଏଜିଏମ୍ ଏମ୍.ଆର୍.ଏଲ୍. କୁମାର କହିଛନ୍ତି। ପ୍ରଡକ୍ଟଗୁଡ଼ିକ ଭଲ ରେସପନ୍ସ ପାଉଥିବାରୁ ଆଗାମୀ ଦିନରେ ନୂଆ ପ୍ରଡକ୍ଟ ଆଣିବାକୁ ଯୋଜନା ରଖାଯାଇଥିବା କୁମାର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ଇନାମୁର ରହେମାନ, ବିତରକ ଗର୍ଗ ଆସୋସିଏଟସ୍‌ର ଅଙ୍କିତ ଅଗ୍ରୱାଲ, କମ୍ପାନୀର ରାଜ୍ୟ ମୁଖ୍ୟ ଭବାନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସେମିଳିଗୁଡ଼ାରେ ଖୋଲିଲା ରିଲାଏନ୍ସ ସ୍ମାର୍ଟ

Reliance SMART

ଭୁବନେଶ୍ୱର, ୩୧-୮

ରିଲାଏନ୍ସ ସ୍ମାର୍ଟ ପକ୍ଷରୁ କୋରାପୁଟର ସେମିଳିଗୁଡାଠାରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ସେମିଳିଗୁଡା ବସଷ୍ଟାଣ୍ଡ ନିକଟସ୍ଥ ବିଶ୍ୱାଳ କମ୍ପ୍ଲେକ୍ସରେ ଏହି ଷ୍ଟୋର ୧୨,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଏଠାରେ ଗ୍ରାହକମାନେ ଗୋଟିଏ ଛାତତଳେ ଗ୍ରୋସରି, ପନିପରିବା, ଫଳ, ଦୁଗ୍ଧ ଜାତୀୟ ସାମଗ୍ରୀଠାରୁ ଆରମ୍ଭ କରି କିଚେନୱେର, ହୋମୱେର ଭଳି ବିସ୍ତୃତ ଶୃଙ୍ଖଳାରେ ସାମଗ୍ରୀ ଲାଭ କରିପାରିବେ। ଏହି ଷ୍ଟୋର ୱାନଷ୍ଟପ ଶପିଂ ଅଭିଜ୍ଞତା ପ୍ରଦାନ କରୁଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି। ଏମ୍‌ଆର୍‌ପି ସର୍ବନିମ୍ନ ୫% ନିଶ୍ଚିତ ରିହାତି, ୧୪୯୯ ଟଙ୍କାର କ୍ରୟ ଉପରେ ୯ ଟଙ୍କାରେ ୧ କିଲୋ ଚିନି, ଆକର୍ଷଣୀୟ ଅଫର ମଧ୍ୟ ରହିଛି। ନୂଆ ଷ୍ଟୋର ଦ୍ୱାରା ରିଲାଏନ୍ସ ସ୍ମାର୍ଟ ଷ୍ଟୋର ସଂଖ୍ୟା ରାଜ୍ୟରେ ୬ରେ ପହଞ୍ଚିଛି।

# ଆୟୁଷ୍ମାନ ଖୁରାନା ଏସ୍‌ପ୍ଲାନେଡ ୱାନ୍‌ର ହାପିନେସ ଆମ୍ବାସାଡର

ଭୁବନେଶ୍ୱର, ୩୧-୮(ବ୍ୟୁରୋ)



ନେକ୍ସସ ମଲ୍ ପକ୍ଷରୁ ଏହାର ଏସ୍‌ପ୍ଲାନେଡ ୱାନ୍ ମଲ୍ ଏବଂ ଅନ୍ୟାନ୍ୟ ମଲ୍‌ଗୁଡ଼ିକ ଲାଗି ବଲିଉଡ୍ ଷ୍ଟାର ଆୟୁଷ୍ମାନ ଖୁରାନାଙ୍କୁ ହାପିନେସ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ପ୍ରଥମ ଭାରତୀୟ ମଲ୍ କମ୍ପାନୀ ଭାବେ ଏହା ବଲିଉଡର ଜଣେ ସେଲିବ୍ରିଟିଙ୍କ ନିଜ ସହ ଯୋଡି ପାରିଛି। ଏହା ଭାରତରେ ପରିଚାଳନାରେ ସଫଳତା ସହ ତୃତୀୟ ବର୍ଷ ପାଳନ କରିଛି। କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପ ମଧ୍ୟରେ ଖୁସିକୁ ସର୍ବଦା ପ୍ରାଥମିକତା ଦିଆଯାଇଛି। ଆମର ମୂଲ୍ୟବୋଧକୁ ପରିପ୍ରକାଶ କରିବା ଭଳି ଚେହେରା ସନ୍ଧାନରେ ରହିଥିଲା ବେଳେ ଆୟୁଷ୍ମାନଙ୍କୁ ଏଥିଲାଗି ବାଛିଥିବା କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ନିଶଙ୍କ ଯୋଷୀ କହିଛନ୍ତି। ଆମର କାର୍ଯ୍ୟଧାରା ସହ ତାଙ୍କୁ ଜଡିତ କରି ନିଜକୁ ଏକ ନୂତନ ସ୍ତରରେ ପହଞ୍ଚାଇ ପାରିବୁ ବୋଲି ଆଶା ରଖିଥିବା ଯୋଷୀ କହିଛନ୍ତି।

# ଇଣ୍ଡିଆନ୍ ଅଏଲ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୩୧-୮

ଇଣ୍ଡିଆନ୍ ଅଏଲ ପକ୍ଷରୁ ବାଲେଶ୍ୱରସ୍ଥିତ ସୋମନାଥପୁରର ଅଏଲ ଡିପୋ ଏବଂ କୁରୁଡାରେ ଥିବା ଏହାର ବଟଲିଂ ପ୍ଲାଣ୍ଟଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାପାତ୍ର ଏହି ଅବସରରେ ଟ୍ରକ ଚାଳକଙ୍କ ସହ ବାର୍ତ୍ତାଳାପ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ଏବଂ ପରିବେଶ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଏବଂ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା କାର୍ଯ୍ୟାଳୟର ସିଜିଏମ୍ ଶୁଭଜିତ ଘୋଷ ସ୍ୱଚ୍ଛତା ପ୍ରଥମେ ନିଜଠାରୁ ଆରମ୍ଭ ହେବା ଆବଶ୍ୟକ ବୋଲି କହିଛନ୍ତି। ଏଥିରେ ୨୦୦ରୁ ଅଧିକ ଟ୍ରକ ଚାଳକ ଭାଗ ନେଇଥିଲେ। ଏଥିରେ ତାରାରୋପଣ କରାଯିବା ସହ ସ୍ୱଚ୍ଛତା ରଥର ଶୁଭାରମ୍ଭ କରାଯାଇଛି।

# ଆଜିଠୁ ଇ-ଟିକେଟରେ ଆଦାୟ ହେବ ସର୍ଭିସ ଚାର୍ଜ

ନୂଆଦିଲ୍ଲୀ,୩୧-୮

### ଅଣ ଏସିରେ ୧୫, ଏସିରେ ୩୦ ଲାଗିବ

ରବିବାରଠାରୁ ଆଇଆର୍‌ସିଟିସିରୁ ଇ-ଟିକେଟ କିଣିବା ମହଙ୍ଗା ହେବ। ସେପ୍ଟେମ୍ବର ପହିଲାରୁ ଇ-ଟିକେଟ ଉପରେ ସର୍ଭିସ ଚାର୍ଜ ଆଦାୟ କରାଯିବ ବୋଲି ରେଲୱେ ପକ୍ଷରୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଛି। ଆଇଆର୍‌ସିଟିସି ପକ୍ଷରୁ ଗତ ୩୦ରେ ଏ ସମ୍ପର୍କରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ତଦନୁଯାୟୀ ଅଣ ଏସି ଶ୍ରେଣୀ ଲାଗି ୧୫ ଓ ଏସି ପାଇଁ ୩୦ ଟଙ୍କା ସର୍ଭିସ ଚାର୍ଜ ଆଦାୟ କରାଯିବ। ଏହା ଉପରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ସ୍ୱତନ୍ତ୍ର ଭାବେ ଆଦାୟ କରାଯିବ। ସୂଚନାଥାଉ କି, ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ଯାଇ ମୋଦି ସରକାର ୩ ବର୍ଷ ପୂର୍ବେ ସର୍ଭିସ ଚାର୍ଜକୁ ପ୍ରତ୍ୟାହାର କରିନେଇଥିଲେ। ପୂର୍ବରୁ ଅଣ ଏସି ଶ୍ରେଣୀରେ ଇ-ଟିକେଟ ଉପରେ ୨୦ ଟଙ୍କା ଓ ସମସ୍ତ ପ୍ରକାର ଏସି ଶ୍ରେଣୀ ପାଇଁ ୪୦ ଟଙ୍କା ଆଦାୟ କରାଯାଉଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ କୁହାଯାଇଥିଲା ଯେ, ସର୍ଭିସ ଚାର୍ଜ ପ୍ରତ୍ୟାହାର କରିବା ଅସ୍ଥାୟୀ ନିଷ୍ପତ୍ତି। ଏହାକୁ ଯେକୌଣସି ସମୟରେ ଲାଗୁ କରାଯିବ। ଅଧିକାରୀଙ୍କ କହିବାନୁଯାୟୀ, ସର୍ଭିସ ଚାର୍ଜ ପ୍ରତ୍ୟାହାର କରାଯିବା ପରେ ଆର୍ଥିକ ବର୍ଷ ୨୦୧୬-୧୭ରେ ଆଇଆର୍‌ସିଟିସିର ଇଣ୍ଟରନେଟ ଟିକେଟ ରାଜସ୍ୱ ଆଦାୟ ୨୬% ହ୍ରାସ ପାଇଥିଲା।

# ଫର୍ନିଚର ଗୋଡାଉନ୍‌ର ଏକ୍ସଚେଞ୍ଜ ଅଫର

ଭୁବନେଶ୍ୱର, ୩୧-୮(ବ୍ୟୁରୋ)

ପୂର୍ବ ଭାରତର ମୋଷ୍ଟ ପ୍ରମିଜିଂ ତଥା ପ୍ରମୁଖ ଶୋ'ରୁମ୍ ଫର୍ନିଚର ଗୋଡାଉନ ପକ୍ଷରୁ ଏକ୍ସଚେଞ୍ଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଶୋ'ରୁମ ପକ୍ଷରୁ ପ୍ରଥମଥର ଲାଗି ଅବିଶ୍ୱସନୀୟ ଅଫର ପ୍ରଦାନ କରାଯାଉଥିବା ଫର୍ନିଚର ଗୋଡାଉନ ପକ୍ଷରୁ କୁହାଯାଇଛି। ଏହି ସମୟରେ କ୍ରୟ ଉପରେ ଗ୍ରାହକମାନେ ସାଗୁଆନ କାଠର କିଙ୍ଗବେଡ୍ ୨୧,୯୯୯ ଟଙ୍କାରୁ ୨.୫ ଲକ୍ଷ ଟଙ୍କା ମଧ୍ୟରେ ପାଇପାରିବେ। ସେହିଭଳି ୫,୬୯୯ ଟଙ୍କାର ଆରମ୍ଭ ମୂଲ୍ୟରେ ବ୍ରାଣ୍ଡେଡ ମ୍ୟାଟ୍ରେସ, ୩,୯୦୦ ଟଙ୍କାରୁ ବ୍ରାଣ୍ଡେଡ ଅଫିସ ଟେବୁଲ, ୧୯,୯୯୯ ଟଙ୍କାରୁ ଡାଇନିଂ ଟେବୁଲ, ୯୯୯୯ ଟଙ୍କାରୁ ୨ ଡୋର ୱାର୍ଡରୋବ ରହିଛି। ସେହିଭଳି ୧୩ ହଜାର ଟଙ୍କାର ଆରମ୍ଭ ମୂଲ୍ୟରୁ ୩ ଡୋର ୱାର୍ଡରୋବ, ୯,୪୯୯ ଟଙ୍କାରେ ଗ୍ରାହକମାନେ ଭାରି ଡ୍ରେସିଂ ଟେବୁଲ ପାଇ ପାରିବେ। ଏଠାରେ ଟିକ୍ ଉଡ୍ ଡିଜାଇନର ବେଡ୍‌ର ଦାମ ୩୫,୦୦୦ ଟଙ୍କା ରହିଛି। ଏଗୁଡିକ ୧୦୦ଗୁଣ ଅଧିକ ଦୀର୍ଘସ୍ଥାୟୀ। ଫିଟିଙ୍ଗକୁ ଅନେକ ଥର ଖୋଲିଲା ପରେ ଏହା ଦୃଢତା ହରାଇ ନ ଥାଏ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ସମୟରେ ଗ୍ରାହକ ୭୫ ହଜାର ଟଙ୍କାର ସଦ୍ୟତମ ଡିଜାଇନର ସୋଫା ପାଇପାରିବେ। ଶୋ'ରୁମ ପକ୍ଷରୁ କୁଶଳୀ ସର୍ଭିସ ଟିମ୍‌ଙ୍କ ଦ୍ୱାରା ସେବା ଯୋଗାଇ ଦିଆଯାଉଛି। ଏହାବାଦ ସଦ୍ୟତମ ଡିଜାଇନର ଟିକ୍ ୪ ସିଟ୍‌ର ଡାଇନିଂ ୨୫ ହଜାର ଟଙ୍କାରେ ଉପଲବ୍ଧ। ୦% ଫାଇନାନ୍ସ ସୁବିଧା ଉପଲବ୍ଧ ହେଉଛି। ପ୍ରତି କ୍ରୟରେ ବ୍ରାଣ୍ଡେଡ କାର୍ପେଟ ମାଗଣା ଦିଆଯାଉଛି। ଏହି ଅଫର ସୀମିତ ସମୟ ଲାଗି ରହିଛି। ବାପୁଜୀନଗର ଏବଂ ସୌଭାଗ୍ୟ ନଗର ଶୋ'ରୁମ୍‌ରେ ଏହି ଅଫର ଗ୍ରାହକ ଲାଭ କରିପାରିବେ ବୋଲି ଫର୍ନିଚର ଗୋଡାଉନର ସ୍ୱତ୍ୱାଧିକାରୀ ଶଶାଙ୍କ ଆଚାର୍ଯ୍ୟ କହିଛନ୍ତି।



" ସ୍ୱଳ୍ପ ବୟସ୍କା କୋକୋ ଗଫ୍ ହେଉଛନ୍ତି ଟେନିସ୍‌ର ନୂଆ ସୁପର ଷ୍ଟାର। ଇତିମଧ୍ୟରେ ମୁଁ ତାଙ୍କର ଜଣେ ପ୍ରଶଂସକ ପାଲଟିଯାଇଛି ।

– ସେରେନା ୱିଲିୟମ୍ସ, ବିଶିଷ୍ଟ ଟେନିସ ଖେଳାଳି



" ଫ୍ଲାଟ୍ ଟ୍ରାକ୍‌ରେ ତୁଳନାତ୍ମକ ଭାବେ ଅଧିକ ନିୟନ୍ତ୍ରଣ ସହିତ ଉନ୍ନତ ବ୍ୟାଟିଂ ପାଇଁ ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ସ୍ପିନରଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜାଙ୍କୁ ଦଳରେ ନିଆଯାଇଛି ।

–ରବି ଶାସ୍ତ୍ରୀ,ଭାରତୀୟ ଦଳର ମୁଖ୍ୟ କୋଚ୍



## ସଂକ୍ଷେପରେ

ଫର୍ମୁଲା-୨ ରେସ୍ ବେଳେ ଦୁର୍ଘଟଣା

### ଫ୍ରେଞ୍ଚ ରେସରଙ୍କ ମୃତ୍ୟୁ



**ବେଲଜିୟମ, ୩୧।୮ (ଏଏଫ୍‌ପି):** ବେଲଜିଆନ ଗ୍ରାଁ ପ୍ରି ଫର୍ମୁଲା ୱାନ ପୂର୍ବରୁ ଶନିବାର ଫର୍ମୁଲା-୨ରେସ୍ ବେଳେ ଦୁର୍ଘଟଣା ଯୋଗୁ ରେସିଂ ଡ୍ରାଇଭର ଆନ୍ଥୋନୀ ହବର୍ଟଙ୍କ ମୃତ୍ୟୁ ଘଟିଛି। ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ ଫେଡେରେଶନ (ଏଫଆଇଏ) ତରଫରୁ ସୂଚନା ଦିଆଯାଇଛି। ସ୍ପା-ଫ୍ରାଙ୍କୋରଚାମ୍ପ୍ସଠାରେ ଲାପ୍-୨ ରେସ୍ ବେଳେ ଅନୁଷ୍ଠିତ ଏହି ଦୁର୍ଘଟଣାରେ ତିନୋଟି କାର୍ ଉପରକୁ ଉପର ଚଢ଼ିଯାଇଥିଲେ। ଜରୁରିକାଳୀନ ଓ ମେଡିକାଲ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁତର ଭାବେ ଆହତ କାର ନମ୍ବର-୧୯ର ଡ୍ରାଇଭର ଆଣ୍ଟୋନି ହବର୍ଟ (ଫ୍ରାନ୍ସ)ଙ୍କ ଅବସ୍ଥା ସଂକଟାପନ୍ନ ଥିଲା। ଅଳ୍ପ ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଜୁଆନ ମାନୁଏଲ କୋରିଆ (ଆମେରିକା)ନାମକ ଅନ୍ୟ ଜଣେ ଡ୍ରାଇଭର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଗୋଡ ହାଡ ଭାଙ୍ଗିଯାଇଛି। ରେସ୍‌କୁ ସଙ୍ଗେ ସଙ୍ଗେ ବନ୍ଦ କରାଯାଇଥିଲା ଏବଂ ପରେ ବାତିଲ କରାଯାଇଥିଲା।

### ଅଳ୍ପକେ ବର୍ତ୍ତିଲେ ହାମିଲଟନ

**ସ୍ପା-ଫ୍ରାନ୍‌କରଚାମ୍ପସ, ୩୧।୮(ଏଏଫ୍‌ପି):** ଏଠାରେ ବେଲଜିୟମ ଫର୍ମୁଲା ୱାନ ଗ୍ରାଁ ପ୍ରି ରେସ୍ ପାଇଁ ଚାଲିଥିବା ପ୍ରାକ୍ଟିସ ସେସନ ବେଳେ ମର୍ସିଡିଜର ଲୁଇସ ହାମିଲଟନଙ୍କ କାର ଦୁର୍ଘଟଣାର ଶିକାର ହୋଇଛି। ୫ ଥର ବିଶ୍ୱ ଚାମ୍ପିୟନ କିନ୍ତୁ ଏଥିରେ ଆହତ ହୋଇ ନାହାନ୍ତି। ରେସ୍‌ର ୩ୟ ପ୍ରାକ୍ଟିସ ସେସନକୁ ବନ୍ଦ କରିବା ପାଇଁ ରେଡ୍ ଫ୍ଲାଗ୍ ଦେଖାଯାଇଥିଲା। ଏଣୁ ଦ୍ରୁତ ଗତିରେ ଥିବା ମର୍ସିଡିଜ କାର ଉପରୁ ହାମିଲଟନ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଗାଡ଼ି ସିଧା କାନ୍ଥରେ ମାଡ଼ ହୋଇଥିଲା। ଏହି ଦୁର୍ଘଟଣାରେ ତାଙ୍କ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି।

### ଆଣ୍ଡରସନ ବାଦ୍

**ଡର୍ବି, ୩୧।୮ (ଏଏଫ୍‌ପି):** ଇଂଲଣ୍ଡର ଜେମ୍ସ ଆଣ୍ଡରସନ ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଆଶେସ ସିରିଜର ବଳକା ଟେଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେ ମାଂସପେଶୀଜନିତ ଆଘାତ ସମସ୍ୟା ଯୋଗୁ ପ୍ରଥମ ଟେଷ୍ଟରେ ମାତ୍ର ୪ ଓଭର ବୋଲିଂ କରିଥିଲେ।

# ଭାରତ ୪୧୬ରେ ଅଲଆଉଟ

## ବିହାରୀଙ୍କ ଶତକ, ବୁମ୍‌ରାଙ୍କ ହ୍ୟାଟ୍ରିକ, ୱେଷ୍ଟଇଣ୍ଡିଜ୍‌ର ବିପର୍ଯ୍ୟୟ


ହନୁମା ବିହାରୀ

**ଦ୍ୱିତୀୟ ଟେଷ୍ଟ**

**କିଙ୍ଗଷ୍ଟନ,୩୧।୮(ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ଯୁବ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କ ଶତକ ଓ ଟେଲ ଏଣ୍ଡର ଇଶାନ୍ତ ଶର୍ମାଙ୍କ ଅର୍ଦ୍ଧଶତକ ସହାୟତାରେ ପ୍ରଥମ ଇନିଂସରେ ୧୪୦.୧ ଓଭରରେ ୪୧୬ ରନ କରି ଅଲଆଉଟ ହୋଇଛି।

ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଖବର ନେବା ବେଳକୁ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ସମ୍ମୁଖୀନ ହୋଇ ନ ପାରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବୁମ୍‌ରା ହ୍ୟାଟ୍ରିକ ନେବା ସହ ୪ ଉଇକେଟ ହାସଲ କରିଛନ୍ତି। ୧୦ ଓଭରରେ ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୧୪ ରନ ସଂଗ୍ରହ କରିଛି। ନବମ ଓଭରରେ କ୍ରମାଗତ ୩ଟି ବଲ୍‌ରେ ବୁମ୍‌ରା ଡାରେନ ବ୍ରାଭୋ, ଶମରା ବ୍ରୁକ୍ସ ଓ ରୋଷ୍ଟନ ଚେଜ୍‌ଙ୍କୁ ଆଉଟ କରିଥିଲେ। କ୍ରେଗ୍ ବ୍ରାଥୱେଟ ୩ ଓ ଶିମରନ ହେଟମେୟର ୧ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ଜନ୍ କ୍ୟାମ୍ପବେଲ ୨, ବ୍ରାଭୋ ୪ ରନ କରି ଆଉଟ ହୋଇଥିବାବେଳେ ବ୍ରୁକ୍ସ ଓ ଚେଜ୍ ଖାତା ଖୋଲପାରି ନ ଥିଲେ। କ୍ୟାମ୍ପବେଲ ମଧ୍ୟ ବୁମ୍‌ରାଙ୍କ ଦ୍ୱାର ଆଉଟ ହୋଇଛନ୍ତି। ବିହାରୀ ୨୨୫ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ସହ ୧୧୧ ରନର ଲଢୁଆ ଶତକୀୟ ପାଳି ଖେଳି ଆଉଟ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

■ ଭାରତ ପ୍ରଥମ ଇନିଂସ- ୧୪୦.୧ ଓଭରରେ ୪୧୬ ଅଲ୍‌ଆଉଟ, (ବିହାରୀ- ୧୧୧, କୋହଲି- ୭୬, ଇଶାନ୍ତ- ୫୭, ଅଗ୍ରୱାଲ- ୫୫, ପନ୍ତ- ୨୭, ରାହାନେ- ୨୪, ହୋଲ୍ଡର- ୫/୭୭, କର୍ନୱାଲ- ୩/୧୦୫, ରୋଚ୍- ୧/୭୭, ବ୍ରାଥୱେଟ- ୧/୮)

ବିହାରୀ ଜାସନ ହୋଲ୍ଡରଙ୍କ ବଲ୍‌ରେ ଶଟ୍ ଖେଳିବାକୁ ଯାଇ ମିଡ୍ ଅଫ୍‌ରେ କେମର ରୋଚ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୧୯୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୫ ଚୌକା ସହାୟତାରେ ସେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ପୂରଣ କରିଥିଲେ। ବିହାରୀଙ୍କୁ ସହଯୋଗ କରିଥିବା ଇଶାନ୍ତ ୮୦ଟି ବଲ ଖେଳି ୭ ଚୌକା ସହ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଅଷ୍ଟମ ଉଇକେଟ ଯୋଡିରେ ବିହାରୀ ଓ ଇଶାନ୍ତ ୧୧୨ ରନ ସଂଗ୍ରହ କରି ଦଳର ସ୍କୋରକୁ ୪୦୦ ରନ ପାର କରାଇଥିଲେ। ଇଶାନ୍ତଙ୍କ ପରେ ମହମ୍ମଦ ସାମି ଖାତା ଖୋଲିବା ପୂର୍ବରୁ ଅଫ୍ ସ୍ପିନର ରଖିମ କର୍ନୱାଲଙ୍କ ବଲ୍‌ରେ ଉଇକେଟକିପର ଜହମାର ହାମିଲଟନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଯଶପ୍ରୀତ ବୁମ୍‌ରା ବିନା ସ୍କୋରରେ ଅପରାଜିତ ରହିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୬୪/୫ରୁ ଖେଳ ଆରମ୍ଭ କରିଥିଲା ଭାରତ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ବିହାରୀ ୪୨ରନରୁ ଖେଳ ଆରମ୍ଭ କରି ଶତକ ହାସଲ କରି ଭାରତୀୟ ଇନିଂସର ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଥିଲେ। ଗତ ଟେଷ୍ଟ ବିହାରୀ ୯୩ ରନ କରି ଆଉଟ ହୋଇ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ତେବେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୭ ରନରୁ ବ୍ୟାଟିଂ ଆରମ୍ଭ କରିଥିଲେ ଓ ଆଉ ଅଧିକ ରନ ସଂଗ୍ରହ କରିପାରି ନ ଥିଲେ। ସେ ଦ୍ୱିତୀୟ ଦିନର ପ୍ରଥମ ବଲ୍‌ରେ ଲାଇନ୍ ମିସ୍ କରି ଜାସନ ହୋଲ୍ଡରଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ରବୀନ୍ଦ୍ର ଜାଡେଜା ୧୬ ରନ କରିଥିବା ବେଳେ ମିଡ୍ ଅନ୍‌ରେ ଡାରେନ୍ ବ୍ରାଭୋଙ୍କୁ କ୍ୟାଚ୍ ଦେଇ ଅଫ୍ ସ୍ପିନର କର୍ନୱାଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ଇଶାନ୍ତ ଓ ମହମ୍ମଦ ସାମି ଆଉଟ ହୋଇଥିଲେ। ୯ ନମ୍ବରରେ ବ୍ୟାଟିଂ କରିବାକୁ ଆସି ଇଶାନ୍ତ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। ନିଜର ୯୨ତମ ଟେଷ୍ଟ ଖେଳିବା ଅବସରରେ ସେ ଏହି ସଫଳତା ପାଇଛନ୍ତି। ଏହା ପୂର୍ବରୁ ଇଶାନ୍ତଙ୍କ ସର୍ବାଧିକ ସ୍କୋର ଥିଲା ଅପରାଜିତ ୩୧।

ଶୁକ୍ରବାର ପ୍ରଥମ ଦିନରେ ଅଧିନାୟକ କୋହଲି ୭୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେ ଜାସନ ହୋଲ୍ଡରଙ୍କ ବଲକୁ ଖେଳିବାକୁ ପ୍ରୟାସ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ହୋଲ୍ଡର ସର୍ବାଧିକ ୫, କର୍ନୱାଲ ୩ ଉଇକେଟ ଅକ୍ତିଆର କରିଥିଲେ।

**ଟେଷ୍ଟରେ ଭାରତୀୟ ବୋଲରଙ୍କ ହ୍ୟାଟ୍ରିକ**

- ▶▶ହରଭଜନ ସିଂ ବନାମ ଅଷ୍ଟ୍ରେଲିଆ (୨୦୦୧, କୋଲକାତା)
- ▶▶ଇର୍ଫାନ ପଠାନ ବନାମ ପାକିସ୍ତାନ (୨୦୦୪,କରାଚୀ)
- ▶▶ଯଶପ୍ରୀତ୍ ବୁମ୍‌ରା ବନାମ ୱେଷ୍ଟଇଣ୍ଡିଜ (୨୦୧୯, କିଙ୍ଗଷ୍ଟନ)

# ନଭେମ୍ବର ୩ରେ ଫାଓ କର୍ମକର୍ତ୍ତା ନିର୍ବାଚନ


ଶନିବାର ଅନୁଷ୍ଠିତ ଓସିଏ କାଉନ୍‌ସିଲ ବୈଠକ।

**କଟକ ଅଫିସ,୩୧।୮**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର କାଉନସିଲ ବୈଠକ ଶନିବାର ସନ୍ଧ୍ୟାରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ) ହର୍ଷଗେଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ଫାଓ ସଭାପତି ଦେବାଶିଷ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଫାଓ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ନଭେମ୍ବର ୩ରେ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେପ୍ଟେମ୍ବର ୨୫ ସୁଦ୍ଧା ଫାଓ ସହ ଅନୁବନ୍ଧିତ ୟୁନିଟ ଗୁଡ଼ିକ ନିଜ ପ୍ରତିନିଧି ତାଲିକା ପଠାଇବେ। ଗତ ୨୫ ତାରିଖରେ ଫାଓ ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରା ପଦବୀରୁ ଇସ୍ତଫା ଦେଇଥିବାରୁ ଏହି ପଦବୀରେ ଯୁଗ୍ମ ସମ୍ପାଦକ ଅଭିଜିତ ପାଲଙ୍କୁ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱରେ ରଖାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ୨୦୧୮–୧୯, ୨୦୧୯–୨୦ର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ବୈଠକ ପ୍ରାରମ୍ଭରୁ ସ୍ୱର୍ଗତ ଏମ.ଏ ଆଲାମ, ଏସ୍.ଏସ୍ ପୁରୁସେଠ, ଜୟଦୀପ ବୋଷ, ବିନୋଦ ସାହୁ, ଅଶ୍ୱିନୀ ମହାନ୍ତି, ଲାଜରୁସ ବାର୍ଲା, ସେଖ ସାମସେଦଙ୍କ ସ୍ମୃତି ଚାରଣ କରାଯାଇଥିଲା। ବୈଠକରେ ଫାଓ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ବରିଷ୍ଠ କ୍ରୀଡ଼ା ସଂଗଠକ ଆଶୀର୍ବାଦ ବେହେରା, ଉପସଭାପତିବିଜୟ ଦାସ, ସୁବ୍ରତ କୁମାର ପଣ୍ଡା, ରବିନାରାୟଣ ପଣ୍ଡା, ତଡ଼ିତ କୁମାର ରାଉତ, ଦିଲ୍ଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଜୟ କୁମାର ଦାସ, ସଙ୍ଗୀତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଜିଲା, ସ୍କୁଲ, କ୍ଲବ ସଦସ୍ୟ ଉପସ୍ଥିତ ଥିଲେ।

## ଶଶୀ ମୁକୁନ୍ଦ ଫାଇନାଲରେ

**ବାଓଟୋ (ଚାଇନା), ୩୧।୮ (ପି.ଟି.):** ଭାରତୀୟ ଟେନିସ ଖେଳାଳି ଶଶୀ କୁମାର ମୁକୁନ୍ଦ ତାଙ୍କ କ୍ୟାରିୟରରେ ପ୍ରଥମ ଥର ଏକ ଏଟିପି ଚ୍ୟାଲେଞ୍ଜର ଟୁରରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ନିକଟରେ ଭାରତୀୟ ଡେଭିସ୍ କପ୍ ଦଳରେ ଜଣେ ରିଜର୍ଭ ଖେଳାଳି ଭାବେ ସ୍ଥାନ ପାଇଥିବା ମୁକୁନ୍ଦ ଚାଲିଥିବା ୫୪,୧୬୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ କ୍ଲେ-କୋର୍ଟ ଇଭେଣ୍ଟରେ ୧୨ତମ ସିଡ୍ ମାନ୍ୟତା ପାଇଛନ୍ତି। ଶନିବାର ଏକ ସେମିଫାଇନାଲରେ ସେ ଟଙ୍ଗ୍ ଲିନ୍ ଉ'ଙ୍କୁ ୭–୫, ୬–୩ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ଟେନିସ ଖେଳାଳି ପୁରୁଷ ଡବଲ୍ସ ଫାଇନାଲରେ ମଧ୍ୟ ପ୍ରବେଶ କରିଛନ୍ତି। ସେ ଓ ତାଙ୍କ ରୁଷୀୟ ପାର୍ଟନର ତେମୁରାଜ ଗାବାସ୍ୱିଲି ସେମିଫାଇନାଲରେ ଟପ୍ ସିଡ୍ ଗୋନାକାଲୋ ଓଲିଭିରା ଏବଂ ଲ୍ୟୁକ୍ ସାଭିଲେଙ୍କୁ ୬–୩, ୩–୬, ୧୩–୧୧ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ଇଭେଣ୍ଟରେ ଭାଗ ନେବା ପୂର୍ବରୁ ମୁକୁନ୍ଦ ଚେନ୍ନାଇ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଚଳିତ ସିଜନରେ ୨୧ ବର୍ଷୀୟ ମୁକୁନ୍ଦଙ୍କ ପ୍ରଦର୍ଶନ ଆଭରେଜ ରହିଛି। ଚ୍ୟାଲେଞ୍ଜର ସର୍କିଟରେ ସେ ଦ୍ୱିତୀୟ ରାଉଣ୍ଡ ତଳୁ ବିଦା ହୋଇ ନାହାନ୍ତି।

# ପ୍ରମୋଦଙ୍କୁ ସମ୍ବର୍ଦ୍ଧନା


ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୩୧।୮(ସ୍ପୋର୍ଟ୍ସ ବ୍ୟୁରୋ)**

**୩୦ ଲକ୍ଷ ୯୫ ହଜାର ଟଙ୍କା ପୁରସ୍କାର**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପାରା ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ଓଡ଼ିଶାର ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ନିଜ ପ୍ରଦର୍ଶନ ବଳରେ ପ୍ରମୋଦ କେବଳ ରାଜ୍ୟ ନୁହଁ ସାରା ଦେଶ ପାଇଁ ଗୌରବ ଆଣିଦେଇଛନ୍ତି ବୋଲି ସେ କହିଛନ୍ତି। ତାଙ୍କର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ଦେଶର ଯୁବସମାଜ ପାଇଁ ପ୍ରେରଣା ଓ ଆଦର୍ଶ ବୋଲି କହିଛନ୍ତି। ପ୍ରମୋଦଙ୍କୁ ତାରକସି କାରୁକାର୍ଯ୍ୟର ଏକ ଉପହାର ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀ ୩୦ ଲକ୍ଷ ଓ ୯୫ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ଉଲ୍ଲେଖଥାଉ କି, ପାରା ବ୍ୟାଡମିଣ୍ଟନରେ ଅସାଧାରଣ ସଫଳତା ପାଇଁ ପ୍ରମୋଦ ଗତ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅର୍ଜୁନ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଗ୍ରହଣ କରିଥିଲେ।

# ଲୋମରରଙ୍କ ଶତକ: ଇଣ୍ଡିଆ ରେଡ୍‌ର ଦୃଢ଼ ଜବାବ

**ବେଙ୍ଗାଲୁର, ୩୧।୮ (ପି.ଟି.):** ଏଠାରେ ଚାଲିଥିବା ଇଣ୍ଡିଆ ଗ୍ରୀନ ବିପକ୍ଷ ଦୁଲୀପ ଟ୍ରଫି ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ମହିପାଲ ଲୋମରରଙ୍କ ଶତକୀୟ ଇନିଂସ ବଳରେ ଦୃଢ଼ ଜବାବ ଦେଇଛି। ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ ପ୍ରଥମ ଇନିଂସରେ ୧୩୧.୩ ଓଭରରେ ୪୪୦ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ରେଡ୍ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୩୫ ଓଭରରେ ୯ ଉଇକେଟ ହରାଇ ୪୦୪ ରନ ସଂଗ୍ରହ କରିଛି। ହାତରେ ଆଉ ମାତ୍ର ଗୋଟିଏ ଉଇକେଟ ବାକିଥିବା ବେଳେ ରେଡ ୩୬ ରନ ପଛରେ ପଡିଛି। ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୦/୨ରୁ ରେଡ୍ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ନାୟାର ୭୭ ଓ ଲୋମରର ୨୨ ରନରୁ ଖେଳ ଆରମ୍ଭ କରିଥିଲେ। ଅଭିଜ୍ଞ ନାୟାର ୧୬ ଚୌକା ସହ ୯୦ ରନ ଓ ରାଜସ୍ଥାନ ବ୍ୟାଟ୍ସମ୍ୟାନ ଲୋମରର ୧୨୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଇଣ୍ଡିଆ ଗ୍ରୀନ୍ ତରଫରୁ ଜାଡେଜା ସର୍ବାଧିକ ୪ଉଇକେଟ ଅକ୍ତିଆର କରିଥିଲେ।

# ରାଜ୍ୟ ଭାରୋତ୍ତୋଳନ ପାଇଁ ଖୋର୍ଦ୍ଧା ଦଳ ଚୟନ


କର୍ମକର୍ତ୍ତାଙ୍କ ସହ ଖୋର୍ଦ୍ଧା ଭାରୋତ୍ତୋଳନ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୩୧।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ସେପ୍ଟେମ୍ବର ୭ରୁ ଦୁଇଦିନ ଧରି ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବ। ଜୁନିୟର ଓ ସବ୍-ଜୁନିୟର ବିଭାଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶନିବାର ଖୋର୍ଦ୍ଧା ଦଳ ଚୟନ କରାଯାଇଛି। କିରଣ କୁମାରୀ ଦିଗଲ, ପି. ଧର୍ମାରାଓ, ଚନ୍ଦ୍ରଶେଖର ସାହୁ, ସୌମ୍ୟ ଖୁଣ୍ଟିଆ, କାଜିମ୍, ଦୀନେଶ, ଶୁଭକାନ୍ତ ମଲିଆ, କିରାଣୀ ପାତ୍ର ଏହି ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ ବୋଲି ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି। **ଖୋର୍ଦ୍ଧା ବାଳିକା ଦଳ:** ବାସନ୍ତୀ ମାଝି, ଚମ୍ପାରୀ ମୁଣ୍ଡା, ରଞ୍ଜିତା ମାଝି, ଦିବ୍ୟାବତୀ ରାଇକା, ଯସ୍ମିତା ପ୍ରଧାନ, ଅପରାଜିତା ଭୂୟାଁ, ଶଙ୍ଖାଲି ମାଝି, ସୁମିତ୍ରା ମଲ୍ଲିକ, ମୋତି ଜାନୀ, ନିକି ଶ୍ରମୁତିକା, ଯୁବତୀ ଦେହୁରୀ, ବୀଣା ସୋରେନ, ଭାରତୀ ପାଡିଆମୀ, ସମ୍ବାରୀ ଶାମାଦ୍, ଦେବକୀ ଖିଲୋ, ଅଞ୍ଜୀଳା ଗଣ୍ଡ, ସିଲାବତୀ ପଟ୍‌ମାଝି, ରଙ୍ଗିଲା ମାଝି, ସ୍ୱାଗତିକା ବିଶ୍ୱାଳ, ଏମ୍. କ୍ରିତି, ମୋନାଲି ସାହୁ ଓ କେ. ଅଭିସିକ୍ତା। **ଖୋର୍ଦ୍ଧା ବାଳକ ଦଳ:** ରାମ ଟୁଡୁ, ଶିଖର ହାଁସଦା, ବିଭୂତିଭୂଷଣ ସାହୁ, ରାଜେଶ କୁମାର ବେହେରା, ଶୁଭେନ୍ଦୁ କୁମାର ନାୟକ ଓ ପୁନିତ୍ ଚନ୍ଦ୍ର ସାହୁ।

# ଓଜନିଆକିଙ୍କୁ ହରାଇଲେ ଆଣ୍ଡ୍ରେସ୍କୁ

**ନ୍ୟୁୟର୍କ, ୩୧।୮**

**ୟୁଏସ୍ ଓପନ**

ଚଳିତ ୟୁଏସ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ୧୫ତମ ସିଡ୍ ତଥା କାନାଡାର ବିନାକା ଆଣ୍ଡ୍ରେସ୍କୁ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶନିବାର ଏକ ମହିଳା ସିଙ୍ଗଲ୍ସରେ ଏହି ୧୯ ବର୍ଷୀୟା ଖେଳାଳି ୬–୪, ୬–୪ ସେଟ୍‌ରେ ପୂର୍ବତନ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଡେନମାର୍କର କାରୋଲିନ୍ ଓଜନିଆକିଙ୍କୁ ହରାଇ ଦେଇଛନ୍ତି। ଆଣ୍ଡ୍ରେସ୍କୁ ପରବର୍ତ୍ତୀ ରାଉଣ୍ଡରେ ଆମେରିକାର ଟେଲର ଟାଉନ୍‌ସେଣ୍ଡଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ବିଶ୍ୱର ୧୧୬ ନମ୍ବର ଖେଳାଳି ଟାଉନ୍‌ସେଣ୍ଡ ରୋମାନିଆର ସୋରାନା ସିରଷ୍ଟିଙ୍କୁ ୭–୫, ୬–୨ ସେଟ୍‌ରେ ପରାସ୍ତ କରିଛନ୍ତି। ପୂର୍ବରୁ କାରୋଲିନା ମୁଚୋଭାଙ୍କ ବିପକ୍ଷରେ ସେରେନା ୱିଲିୟମ୍ସ ୬–୩, ୬–୨ ସିଧାସଳଖ ସେଟ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ଆଶଲେ ବାର୍ଟିଙ୍କର ମଧ୍ୟ ବିଜୟ ଧାରା ଜାରି ରହିଛି। ଦ୍ୱିତୀୟ ସିଡ୍ ଖେଳାଳି ମାରିଆ ସାକାରିଙ୍କୁ ୭–୫, ୬–୩ ସେଟ୍‌ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ୭ମ ସିଡ୍ କେଇ ନିଶିକୋରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଅଷ୍ଟ୍ରେଲିଆର ଆଲେକ୍ସ ମିନାଉର ତାଙ୍କୁ ଏକ ୪ ସେଟ୍ ବିଶିଷ୍ଟ ମ୍ୟାଚରେ ୬–୨, ୬–୪, ୨–୬, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। କାରୋଲିନା ପ୍ଲିସକୋଭାଙ୍କୁ ୬–୧, ୪–୬, ୬–୪ ସେଟ୍‌ରେ ଓନସ ଜାବେଉରଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ବ୍ରିଟିଶ ନମ୍ବର ୱାନ ଖେଳାଳି ଜୋହାନ କୋଣ୍ଟା ତାଙ୍କ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି। ସେ ୬–୨, ୬–୩ ସିଧାସଳଖ ସେଟ୍‌ରେ ଶୁଆଇ ଝାଙ୍ଗ୍‌ଙ୍କୁ ପରାସ୍ତ କରିଛି।


ବିନାକା ଆଣ୍ଡ୍ରେସ୍କୁ

## ଦ୍ୱିତୀୟ ରାଉଣ୍ଡରେ ବୋପାନ୍ନା–ଡେନିସ

ୟୁଏସ୍ ଓପନରେ ଶୁକ୍ରବାର ଭାରତ ପାଇଁ ମିଶ୍ରିତ ସଫଳତା ମିଳିଛି। ରୋହନ ବୋପାନ୍ନା ଓ ଡେନିସ ଶାପୋଭାଲୋଭଙ୍କ ଯୋଡ଼ି ପୁରୁଷ ଡବଲ୍ସ ବର୍ଗରେ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାବେଳେ ଲିଆଣ୍ଡର ପେସ ବିଦାୟ ନେଇଛନ୍ତି। ବୋପାନ୍ନା ଓ ତାଙ୍କ କାନାଡିଆନ ସାଥୀ ପ୍ରଥମ ରାଉଣ୍ଡରେ ୪ର୍ଥ ସିଡ୍ ଫ୍ରାନ୍ସର ପିଏରେ ହ୍ୟୁଗୁସ ହର୍ବଟ ଓ ନିକୋଲାସ ମାହୁତଙ୍କୁ ୬–୩, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ଇଣ୍ଡୋ–କାନାଡିଆନ ଯୋଡ଼ିକୁ ମ୍ୟାଚ୍ ଜିତିବା ପାଇଁ ୫୫ ମିନିଟ ସମୟ ଲାଗିଥିଲା। ଅନ୍ୟପକ୍ଷରେ ପେସ ଓ ଆର୍ଜେଣ୍ଟିନାର ଗୁଇଲେର୍ମୋ ଡୁରାନଙ୍କୁ ୫–୭, ୨–୬ ସେଟ୍‌ରେ ସର୍ବିୟା ମିଓମିର କେମାନୋଭିକ୍ ଓ ନରୱେର କାସପର ରୁଡ ପରାସ୍ତ କରିଛନ୍ତି। ଡିଭିଜ ଶରନ ଓ ମୋନାକୋର ହୁଗୋ ନ୍ୟସ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି।

ଜାତୀୟ ଦଳକୁ ଫେରିବା ନେଇ ମୁଁ ଚାପରେ ନାହିଁ, କାରଣ ଯେଉଁ ଟିମ୍‌ରୁ ପ୍ରତିନିଧିତ୍ୱ କରେ ଭଲ ପ୍ରଦର୍ଶନ କରି କ୍ରିକେଟର ମଜା ନିଏ ।

–ମୁରଲୀ ବିଜୟ, ଭାରତୀୟ ବ୍ୟାଟ୍ସମ୍ୟାନ



ଆଲେକ୍ସିସ୍ ସାଞ୍ଚେଜ ହୁଏତ ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ବିଫଳ ହୋଇପାରନ୍ତି, କିନ୍ତୁ ଇଣ୍ଟର ମିଲାନରେ ତାଙ୍କ ପ୍ରଦର୍ଶନ ଭଲ ରହିବ ବୋଲି ଆଶା ।

–ପେପ୍ ଗର୍ଡିଓଲା, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର



# ଲଞ୍ଚ୍ ହେଲା ରାଜ୍ୟର ନିଜ କ୍ଲବ୍ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୩୧ା୮ (ସ୍ପୋର୍ଟ୍ସ ବ୍ୟୁରୋ)

ହାଇପ୍ରୋଫାଇଲ ଫୁଟବଲ ଲିଗ୍ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଏଥର ନିଜର କ୍ଲବ୍ ଖେଳାଇବ। ଫଳରେ ରାଜ୍ୟର ଫୁଟବଲ ପ୍ରଶଂସକଙ୍କ ପାଇଁ ଏହା ଏକ ଖୁସି ଖବର ସାବ୍ୟସ୍ତ ହୋଇଛି। ରାଜ୍ୟର ଏହି ଫୁଟବଲ କ୍ଲବର ନାମ 'ଓଡ଼ିଶା ଏଫ୍‌ସି' ରଖାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପସ୍ଥିତିରେ ରାଜ୍ୟ କ୍ରୀଡ଼ା

## ଇଣ୍ଡିଆନ ସୁପର ଲିଗ୍

ଓ ଯୁବବ୍ୟାପାର ବିଭାଗ ଏବଂ ଦିଲ୍ଲୀ ସକର ପ୍ରାଇଭେଟ ଲିମିଟେଡ ମଧ୍ୟରେ ଶନିବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ନୂଆ ଆଇଏସ୍ଏଲ୍ କ୍ଲବ୍ 'ଓଡ଼ିଶା ଏଫ୍‌ସି' ଆନୁଷ୍ଠାନିକ ଭାବେ ଲଞ୍ଚ୍ ହୋଇଛି।

ଏହି ନୂଆ କ୍ଲବ ଓଡ଼ିଶାରେ ପର୍ଯ୍ୟବସିତ ହେବ ଓ ଭୁବନେଶ୍ୱରକୁ ଏହି କ୍ଲବ ତା'ର ଘରୋଇ ସହର ରୂପେ ଗ୍ରହଣ କରିବ। ରାଜ୍ୟ ସରକାର ମଧ୍ୟ କ୍ଲବ୍‌କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବେ। ଭୁବନେଶ୍ୱରରେ ଆଇଏସ୍ଏଲ୍‌ରେ ଘରୋଇ ମ୍ୟାଚ୍ ଆୟୋଜନ ପାଇଁ ସରକାର କ୍ଲବ୍‌କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବେ। କେବଳ ସେତିକି ନୁହଁ, ଅଭ୍ୟାସ ପାଇଁ ଓ କ୍ଲବ୍‌ର ସୁପରିଚାଳନାଲାଗି ମଧ୍ୟ ସବୁ ପ୍ରକାର ସୁବିଧାସୁଯୋଗ ଦିଆଯିବ। ରାଜ୍ୟରେ ଫୁଟବଲର ଉନ୍ନତି, ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ ମଧ୍ୟ ସରକାରଙ୍କ ଏହି ପଦକ୍ଷେପ ବେଶ୍ ସହାୟ ହେବ।

ଓଡ଼ିଶା ଏଫ୍‌ସି ଓ ଆଇଏସ୍ଏଲ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟରେ ଫୁଟବଲର ବିକାଶ ପାଇଁ ଏହି ବୁଝାମଣା ବେଶ୍ ସହାୟ ହେବ। ଏହା ଦ୍ୱାରା ରାଜ୍ୟର ଫୁଟବଲ ପ୍ରତିଭା ପ୍ରେରଣା ପାଇବେ ଓ ଅଧିକ ଉତ୍ସର୍ଗୀକୃତ ମନୋଭାବ ସହ ଫୁଟବଲ ଖେଳିବାକୁ ଓ ଫୁଟବଲ୍‌କୁ ନେଇ କ୍ୟାରିୟର କରିବାକୁ ଆଗେଇ ଆସିବେ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ ନିଜର ଏକ ଫୁଟବଲ କ୍ଲବ୍ ପାଇଥିବାରୁ ଆମେ ଗର୍ବିତ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଫୁଟବଲର ବିକାଶକୁ ଆମେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛୁ। ଚଳିତ ସପ୍ତାହ ପ୍ରାରମ୍ଭରେ ଆମେ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ ୨୦୨୦ର କେତୋଟି ମ୍ୟାଚ୍ ଭୁବନେଶ୍ୱରରେ ଆୟୋଜନ କରିବାକୁ ଅନୁମତି ପାଇଛୁ। ଭାରତ ୧୬ ଓ ୧୯ ବର୍ଷରୁ କମ୍ ଦଳ ପାଇଁ ଭୁବନେଶ୍ୱର ଘରୋଇ ସହରର ମାନ୍ୟତା ପାଇଛି। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ସହ ଭାଗୀଦାରି କ୍ରମେ ଆମେ ଏହି ଅଧିକାର ହାସଲ କରିଛୁ। ଏହା ଦ୍ୱାରା ରାଜ୍ୟରେ ଫୁଟବଲ ପ୍ରତିଭାର ବିକାଶ ସମ୍ଭବ ହେବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଥାଉ କି, ଓଡ଼ିଶା ପୂର୍ବରୁ ଏଆଇଏଫ୍ଏଫ୍ ଓ ଅନ୍ୟ ଫୁଟବଲ କ୍ଲବ୍ ସହ ଅଙ୍ଗାଙ୍ଗୀ ଭାବେ ଜଡିତ ରହିଆସିଛି। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଆଇଏସ୍ଏଲ୍ ପାଇଁ ଜାମ୍‌ସେଦପୁର ଏଫ୍‌ସିର ଏକ ଘରୋଇ ମ୍ୟାଚ୍ ମଧ୍ୟ ଆୟୋଜନ ହୋଇଛି। ସେହିପରି ଆଇ- ଲିଗ୍ ପାଇଁ ଇଣ୍ଡିଆନ ଆରୋଜ୍‌ର କେତୋଟି ଘରୋଇ ମ୍ୟାଚ୍ ମଧ୍ୟ ସଫଳତାର ସହ ଏଠାରେ ଆୟୋଜନ ହୋଇଛି। ହିରୋ ସୁପର କପ୍‌ର ଦୁଇଟି ସଂସ୍କରଣ, ଭାରତର ପ୍ରଥମ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ସିନିୟର ଫୁଟବଲ ଟୁର୍ନାମେଣ୍ଟ 'ହିରୋ ଗୋଲ୍ଡ କପ୍' ମଧ୍ୟ ଏଠାରେ ସଫଳତାର ସହ ଆୟୋଜନ ହୋଇଛି। ଏହା ବ୍ୟତୀତ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ପୁରୁଷ ହକି ବିଶ୍ୱକପ୍ ସହ ବିଭିନ୍ନ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ, ଏସିଆନ୍ ଆଥଲେଟିକ ଚାମ୍ପିୟନଶିପ୍ ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ଆଥଲେଟିକ ଇଭେଣ୍ଟ ମଧ୍ୟ ଏଠାରେ ସଫଳତାର ସହ ଆୟୋଜନ ହୋଇପାରିଛି।



ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଦିଲ୍ଲୀ ସକର ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ବୁଝାମଣା।

### ରାଜ୍ୟ ଫୁଟବଲ୍‌ରେ ଏକ ନୂଆ ଯୁଗ ଆରମ୍ଭ

*ନୂଆ କ୍ଲବ୍ ଓଡ଼ିଶା ଏଫ୍‌ସି ମାଲିକ ଅନିଲ ଶର୍ମା ଏହି ବୁଝାମଣା ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଫୁଟବଲ ଓ ଅନ୍ୟ କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ଏଫ୍‌ସି ବେଶ୍ ସହାୟ ହେବ। କୀଡ଼ା ପ୍ରତି ଅଙ୍ଗୀକାରବଦ୍ଧତାକୁ ଓଡ଼ିଶା ପୁଣି ଥରେ ପ୍ରମାଣ କରିଛି। ରାଜ୍ୟ ନିଜର ଏକ ଫୁଟବଲ କ୍ଲବ ହାସଲ କରିଥିବାରୁ ଆମେ ଗର୍ବିତ। ଦେଶର ଶ୍ରେଷ୍ଠ ଫୁଟବଲ ଲିଗ୍ ଆଇଏସ୍ଏଲ୍‌ରେ ଓଡ଼ିଶା ଏଫ୍‌ସି ସାମିଲ୍ ହୋଇ ରାଜ୍ୟ ଫୁଟବଲ ଇତିହାସରେ ଏକ ନୂଆ ଯୁଗ ଆରମ୍ଭ କରିବ। ଅକୁଣ୍ଠିତ ସାହାଯ୍ୟ ସମର୍ଥନ ପାଇଁ ଆମେ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଉଛୁ। କେବଳ ଓଡ଼ିଶା ନୁହଁ, ସାରା ଦେଶରେ ଫୁଟବଲର ଉନ୍ନତି ପାଇଁ ଆମେ କାର୍ଯ୍ୟ କରିବୁ। ଭାରତକୁ ଏକ ବିଶ୍ୱସ୍ତରୀୟ ଫୁଟବଲ ସୁପରପାୱାର କରାଇବାରେ ଓଡ଼ିଶା ଏଫ୍‌ସି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ଅନିଲ କହିଛନ୍ତି।*

■ ସିନିୟର ପୁରୁଷ ହକି କ୍ୟାମ୍ପ୍

# ଜାତୀୟ ଶିବିରରେ ୬ ଓଡ଼ିଆ



ବୀରେନ୍ଦ୍ର ଲାକ୍ରା | ଅମିତ୍ ରୋହିଦାସ | ଆଶିଷ କୁମାର ଟପ୍ପୋ
ଦୀପସାନ ତିର୍କୀ | ନୀଲମ ସଞ୍ଜୀପ ଖେସ୍ | ଶିଳାନନ୍ଦ ଲାକ୍ରା

ନୂଆଦିଲ୍ଲୀ, ୩୧ା୮ (ପି.ଟି.)

ଆଗାମୀ ବେଲ୍‌ଜିୟମ ଓ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ଜାତୀୟ ସିନିୟର ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ୍ ସେପ୍ଟେମ୍ବର ୨ରୁ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପରିସରରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୩୩ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଓଡ଼ିଶାର ୬ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର୍ସ ତଥା ବରିଷ୍ଠ ଖେଳାଳି ବୀରେନ୍ଦ୍ର ଲାକ୍ରା, ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଦୀପସାନ ତିର୍କୀ, ମିଡ୍‌ଫିଲ୍ଡର ଆଶିଷ କୁମାର ଟପ୍ପୋ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା।

ତିନି ସପ୍ତାହବ୍ୟାପୀ ହେବାକୁ ଥିବା ଏହି କ୍ୟାମ୍ପ୍ ମୁଖ୍ୟ କୋଚ୍ ଗ୍ରାହମ୍ ରେଡ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ନିକଟରେ ଡିଫେଣ୍ଡର ହରମନପ୍ରୀତ୍ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଅଲିମ୍ପିକ ଟେଷ୍ଟ ଇଭେଣ୍ଟର ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଚାମ୍ପିୟନ ହୋଇଥିଲା। କ୍ୟାମ୍ପରେ ମଧ୍ୟ ଖେଳାଳିମାନେ ସେମାନଙ୍କ ଏହି ପ୍ରଦର୍ଶନ କିଭଳି ବଜାୟ ରଖିବେ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ମୁଖ୍ୟ କୋଚ୍ ରେଡ୍ କହିଛନ୍ତି। ଏଫ୍ଆଇଏଚ୍ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ସେପ୍ଟେମ୍ବରରେ ହେବାକୁଥିବା ବେଲ୍‌ଜିୟମ ଗସ୍ତ ଦଳର ପ୍ରସ୍ତୁତି ପାଇଁ ଭଲ ହେବ ବୋଲି ସେ ଏହି ଅବସରରେ କହିଛନ୍ତି। ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଅକ୍ଟୋବର ଓ ନଭେମ୍ବରରେ ଅନୁଷ୍ଠିତ ହେବ।

**ଭାରତୀୟ ସମ୍ଭାବ୍ୟ ଦଳ:** ପି.ଆର୍. ଶ୍ରୀଜେଶ, ସୁରଜ କେରକେରା, କ୍ରିଷ୍ଣା ବାହାଦୁର ପାଠକ (ସମସ୍ତେ ଗୋଲ୍‌କିପର), ହରମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ୍ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, କୋଥାଜିତ୍ ସିଂ ଖଡଙ୍ଗବାମ, ନୀଲମ ସଞ୍ଜୀପ ଖେସ୍, ଜରମନପ୍ରୀତ୍ ସିଂ ଓ ଦୀପସାନ ତିର୍କୀ (ସମସ୍ତେ ଡିଫେଣ୍ଡର୍ସ), ମନ୍‌ପ୍ରୀତ୍ ସିଂ, ସୁମିତ୍, ନୀଳକାନ୍ତ ଶର୍ମା, ଜସକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ସୟଦ ନିୟାଜ ରହିମ, ରାଜକୁମାର ପାଲ୍ (ସମସ୍ତେ ମିଡ୍‌ଫିଲ୍ଡର), ମନଦୀପ୍ ସିଂ, ଆକାଶଦୀପ୍ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ୍ ସିଂ, ସିମରନଜିତ୍ ସିଂ, ଏସ୍.ଭି. ସୁନୀଲ, ଗୁର୍‌ଜାନ୍ତ ସିଂ, ରମନଦୀପ ସିଂ, ଶମଶେର ସିଂ ଓ ଲଳିତ କୁମାର ଉପାଧ୍ୟାୟ (ସମସ୍ତେ ଫରୱାର୍ଡ)।

■ ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆ

# ଭାରତ ଏ' ୨–୦ରେ ଅଗ୍ରଣୀ

ଥିରୁବନନ୍ତପୁରମ,୩୧ା୮ (ପି.ଟି.)

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଭାରତ ଏ' ଗୋଟିଏ ଓଭର ବାକି ରଖି ୨ ଉଇକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଏ'କୁ ପରାସ୍ତ କରିଛି। ଏଥିସହିତ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ୨–୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୨୧ ଓଭରରେ ୫ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୩ ରନ କରି ବିଜୟ ହାସଲ କରିଛି। ବର୍ଷା ଯୋଗୁ ମ୍ୟାଚ୍‌ର ଓଭର ସଂଖ୍ୟା କମାଇ ଦିଆଯାଇଥିଲା।

୧୬୩ ରନ ଟାର୍ଗେଟର ପିଛା କରି ଭାରତ ୫୭ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷାନ ୨୪ ବଲରୁ ୫ ଚୌକା ଓ ୪ ଛକା ସହ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନମୋଲପ୍ରୀତ ସିଂ ୧୯ ବଲରୁ ୨ ଚୌକା ଓ ୨ ଛକା ସହ ୩୦, ଶୁବମନ ଗିଲ ୨୪ ବଲରୁ ୧ ଛକା ସହ ୨୧, ଅଧିନାୟକ ମନୀଷ ପାଣ୍ଡେ ୧୩, ଅକ୍ଷର ପଟେଲ ୧୦ ରନ କରି ଆଉଟ ହୋଇଥିବା ବେଳେ କ୍ରୁନାଲ ପାଣ୍ଡ୍ୟା ୧୫ ବଲରୁ ୧ ଛକା ଓ ୧ ଚୌକା ସହ ୨୩ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଜୁନିୟର ଡାଲା ୨, ବର୍ଜର୍ନ ଫର୍ଚ୍ୟୁଇନ୍, ବେଉରାନ ହେଣ୍ଡ୍ରିକ୍ସ, ଅନରିଚ୍ ନୋର୍ଜ, ଜର୍ଜ ଲିଣ୍ଡେ ଓ ମାର୍କୋ ଜାନେସେନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଜର୍ଜ ଲିଣ୍ଡେ ୨୫ଟି ବଲର ସମ୍ମୁଖୀନ ହୋଇ ୧ ଚୌକା ଓ ୫ ଛକା ସହ ସର୍ବାଧିକ ଅପରାଜିତ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସ୍କୋରକୁ ଦେଢ଼ଶହ ପାର କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ହେନରିଚ୍ କ୍ଲାସେନ୍ ୩୧, ଖାୟା ଜୋଣ୍ଡୋ ୨୪, ଅଧିନାୟକ ଟେମ୍ବା ବଭୁମା ୩୩ ବଲରୁ ୬ ଚୌକା ସହ ୪୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଦୀପକ ଚହର, ଖଲିଲ ଅହମ୍ମଦ, ୟୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଇଶାନ କିଷନ

## ଡିଫେଣ୍ଡିଂ ଚାମ୍ପିୟନକୁ ହରାଇଲା ଗୁଜରାଟ

**ବେଙ୍ଗାଲୁରୁ, ୩୧ା୮ (ପି.ଟି.):** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଗୁଜରାଟ ଫରଚ୍ୟୁନଜିଆଣ୍ଟ୍ସ ୩୨–୨୩ ପଏଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ବୁଲ୍ସକୁ ପରାସ୍ତ କରିଛି। ସଚିନଙ୍କ ୫ ର୍‌ୟାପିଡ୍ ପଏଣ୍ଟ ସାଙ୍ଗକୁ ଡିଫେଣ୍ଡର୍ସଙ୍କ ଦମ୍‌ଦାର ପ୍ରଦର୍ଶନ ଯୋଗୁ ଗୁଜରାଟ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଥିଲା।

# ଭାରତକୁ 'ସାଫ୍' ଟାଇଟଲ




ସାଫ୍ କପ୍ ବିଜୟୀ ଭାରତୀୟ ଦଳର ଖେଳାଳିମାନେ।

କଲ୍ୟାଣୀ, ୩୧ା୮ (ପି.ଟି.)

ନେପାଳକୁ ୭–୦ ଗୋଲରେ ପରାସ୍ତ କରି ଭାରତ ୧୫ ବର୍ଷରୁ କମ୍ ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଶନିବାର କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଏକତରଫା ଫାଇନାଲରେ ଷ୍ଟ୍ରାଇକର ଶ୍ରୀଦାର୍ଥ ନଙ୍ଗମିକାପମ୍ (୫୧ତମ, ୭୬ତମ ଓ ୮୦ତମ) ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ମହେସନ ସିଂ (୧୫ତମ), ଅମନଦୀପ (୪୨ତମ), ଶିବଜିତ୍ ସିଂ (୪୫ତମ) ଏବଂ ହିମାଂଶୁ ଜାଙ୍ଗ୍ରା (୬୫ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭାରତ ରେକର୍ଡ ତୃତୀୟ ଥର ପାଇଁ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ

## ୧୫ ବର୍ଷରୁ କମ୍ ଫୁଟ୍‌ବଲ

ଦଳ ୨୦୧୩ ଏବଂ ୨୦୧୭ରେ ଚାମ୍ପିୟନ ହୋଇଥିଲା। କୋଚ୍ ବିବିଆନୋ ଫର୍ନାଣ୍ଡିଜଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଟୁର୍ନାମେଣ୍ଟରେ ୫ଟି ମ୍ୟାଚ ଖେଳି ମୋଟ ୨୮ଟି ଗୋଲ ସ୍କୋର କରିଥିବାବେଳେ ଗୋଟିଏ ହେଲେ ଗୋଲ ବରଣ କରି ନ ଥିଲା। ଆମେ ଚାମ୍ପିୟନ ହେବା ଲକ୍ଷ୍ୟ ନେଇ ଏଠାକୁ ଆସିଥିଲୁ ଏବଂ ସଫଳ ହେଲୁ ମଧ୍ୟ। ଏଏଫ୍‌ସି କ୍ୱାଲିଫାୟର୍ସ ପାଇଁ ଏହି ଟୁର୍ନାମେଣ୍ଟ ଆମ ଲାଗି ଏକ ପ୍ରସ୍ତୁତି ଭଳି ଥିଲା। ଆମର ପରବର୍ତ୍ତୀ ନଜର ୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ ୨୦୨୦ କ୍ୱାଲିଫାୟର୍ସ ଉପରେ ରହିଛି। ଏହା ସେପ୍ଟେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଭାରତ ଏଥିରେ ଉଜ୍‌ବେକିସ୍ତାନ, ବାହାରିନ ଏବଂ ତୁର୍କମେନିସ୍ତାନ ସହ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି।


# ମନେ ପଡ଼ନ୍ତି

**ସ୍ମୃତିରେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଅଯୋଧା ମେହେର (୩୭)
(ସ୍ୱାମୀ: ଅଶୋକ ମେହେର)
ଗ୍ରାମ: ଖୁଣ୍ଟୁଲିପାଲି, ପୋଷ୍ଟ: ଦେଶଭଟିଲି, ବ୍ଲକ: ଭେଡ଼େନ, ଜିଲ୍ଲା: ବରଗଡ଼
ଆବିର୍ଭାବ: ୦୫।୦୮।୧୯୮୨
ତିରୋଧାନ: ୨୯।୦୮।୨୦୧୯
ଅଫେରା ବାଟରେ ଯାଉଅଛ ତୁମେ ମୋହମାୟା ସବୁ ତେଜି, ତୁମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ ଆଜି। ଏବେ ଏଇ ତୁମ ଅବର୍ତ୍ତମାନରେ ଆଉକିଛି ଲୋଡ଼ା ନାହିଁ, ସବୁଦିନପରି କରୁଅଛୁ ଅଳି ଆଶୀର୍ବାଦ ଟିକେ ପାଇଁ।
ଶୋକସନ୍ତପ୍ତ:
ପୁତ୍ର: ଅନିଲ ମେହେର, ଝିଅ: ସୀମା ମେହେର, ପ୍ରୀତି, ମାନସ ଓ ପରିବାରବର୍ଗ।
ଧ-୧୪୧୬୨

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ପ୍ରମିଳା ଭୋଳ
(କେତକୀ ପାଟଣା, ପୁରୀ)
ତିରୋଧାନ: ବାଲି ତୃତୀୟା, ୨୦୧୫
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାଆନ୍ତୁ।
ଶୋକସନ୍ତପ୍ତ:
ସ୍ୱାମୀ, ପୁତ୍ର, ପୁତ୍ରବଧୂ ଓ ନାତି
ଧ-୬୫୬୮୪

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦୁର୍ଗା ପ୍ରସାଦ ବହିଦାର
(ଅବସରପ୍ରାପ୍ତ ପୋଲିସ୍ ଅଫିସର)
ଝାଡୁଆପଡା, ସମ୍ବଲପୁର
(୧୯୧୦ – ୧୯୯୭)
ବାଲିତୃତୀୟା
ଦ୍ୱାବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁସ୍ୱଜନ।
ଧ-୧୪୦୨୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶାନ୍ତିଲତା ପାଇକରାୟ
ପିପିଲି, କଣ୍ଟି, ପୁରୀ, ମୁକୁନ୍ଦନଗର
ଆବିର୍ଭାବ: ଶ୍ରୀଗୁଣ୍ଡିଚା
ତିରୋଧାନ: ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା
ପ୍ରତି ସମୟରେ ତୋର ଅନୁପସ୍ଥିତିକୁ ଅନୁଭବ କରି ଝୁରି ହେଉଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ:
ବିଚିତ୍ରାନନ୍ଦ, ଆଶିଷ, ପ୍ରଦ୍ୟୁମ୍ନ, ନିଲେଶ୍, ତନୁଶ୍, ବିଜ୍ଞା, ପ୍ରଜ୍ଞା, ସରିତା, ଗୁଗୁଲ୍
ଧ-୧୪୦୦୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୌମେନ୍ଦ୍ର ସାହୁ
(ଦୋରବାଙ୍ଗ)
ଆବିର୍ଭାବ: ୨୦।୦୬।୧୯୮୧
ତିରୋଧାନ: ୨୨।୦୮।୨୦୦୯
(ବାଲିତୃତୀୟା)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୧୪୧୨୫

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ଵ ହରପ୍ରିୟା ମହାନ୍ତି
ସ୍ୱାମୀ: ଶ୍ରୀ ପୂର୍ଣ୍ଣଚନ୍ଦ୍ର ପରିଡ଼ା
ବ୍ୟାଙ୍କ କଲୋନି, ଟଙ୍କାପାଣିରୋଡ଼, ଭୁବନେଶ୍ୱର
ତିରୋଧାନ : ୧୮.୦୯.୨୦୧୨
(ବାଲିତୃତୀୟା)
ମମି, ଚାହୁଁ ଚାହୁଁ ସାତ ବର୍ଷ ବିତିଗଲା, ତୁ ଆମକୁ ଛାଡ଼ି ଚାଲିଗଲୁ, କିନ୍ତୁ ପ୍ରତି ମୁହୂର୍ତ୍ତରେ ତୋ ଅନୁପସ୍ଥିତି, ସ୍ନେହ, ଶ୍ରଦ୍ଧା ଆମେ ଅନୁଭବ କରୁଛୁ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର
କପୁ (ପୁଅ), ମାମି (ବୋହୂ)
ଗୁଡ଼ି (ଝିଅ), ଜଗନ୍ନାଥ (ଜ୍ୱାଇଁ)
ତୁତୁଲୁ (ନାତି), କୁନ୍‌ମୁନ୍ (ନାତୁଣୀ)
ଧ-୧୪୧୬୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ସରୋଜ କୁମାର ସୁବୁଦ୍ଧି
ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ, କନ୍ଦରପୁର ମହାବିଦ୍ୟାଳୟ, କଟକ ସଦର
ତିରୋଧାନ: ୨୨।୦୮।୨୦୧୯
ତୁମେ ଚାଲିଗଲା ପରେ ଏକ ବିରାଟ ଶୂନ୍ୟତା, ତୁମର ସେ ଭାବଗମ୍ଭୀର ସ୍ୱର, ସ୍ନେହ ମମତାର ମାନ ସରୋବର ଆଜି ଆମେ ଖୋଜୁଛୁ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ। ଆଉତ ଫେରିବନି, ଯେଉଁଠି ଥାଅ, ଶାନ୍ତିରେ ଥାଅ। ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏହାହିଁ କାମନା।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ, କନ୍ଦରପୁର ମହାବିଦ୍ୟାଳୟ।
ଧ-୧୪୫୬୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଡ଼ଃ ନିରୁପମା ପଟ୍ଟନାୟକ
ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୬୭୨୧୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧/୨୦୧୯ Bhubaneswar, Sunday, September 1 /2019




■ ମାନସିକ ବିକାରଗ୍ରସ୍ତଙ୍କ ଥଇଥାନ ଓ ଚିକିତ୍ସା ବ୍ୟବସ୍ଥା କରାଯାଉ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ, ୩୧।୮**

ମାନସିକ ବିକାରଗ୍ରସ୍ତ ଲୋକଙ୍କୁ ଥଇଥାନ କରିବା ଓ ସେମାନଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ନେଇ ଓଡ଼ିଶା ଲିଗାଲ ଆଣ୍ଡ ସୋସିଆଲ ଆସୋସିଏଶନ(ଓଲ୍‌ସା) ପକ୍ଷରୁ ଆଇନଜୀବୀ ବିପିନ କୁମାର ଚୌଧୁରୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ପିଟିଶନ୍‌ରେ ଦର୍ଶାଯାଇଛି, ଆବଶ୍ୟକ ଚିକିତ୍ସା ଶେଷ ହେବା ପରେ ମାନସିକ ବିକାରଗ୍ରସ୍ତ ଲୋକଙ୍କୁ ସେମାନଙ୍କ ପରିବାର ଲୋକେ ଅନେକ ସମୟରେ ଘରକୁ ନେଉନାହାନ୍ତି। କେତେକ ସ୍ଥଳରେ ସେମାନଙ୍କୁ ବାହାରେ ଛାଡ଼ି ଦେଉଥିବାବେଳେ ଆଉ କେତେକ ସ୍ଥଳରେ ଘରକୁ ନେଇ ବାନ୍ଧି ରଖୁଛନ୍ତି। ଯେଉଁଥିରେ ମାନବିକ ଅଧିକାର ଉଲ୍ଲଂଘନ ହେଉଛି। ଏହି ବ୍ୟକ୍ତିମାନେ ବିଭିନ୍ନ ସମୟରେ ଅନ୍ୟମାନଙ୍କ ପାଇଁ ସମସ୍ୟାର କାରଣ ହେଉଛନ୍ତି। ସେହିପରି ମାନସିକ ବିକାରଗ୍ରସ୍ତ ମହିଳାମାନେ ଅନେକ ସମୟରେ ବଳାତ୍କାରର ଶିକାର ହେଉଛନ୍ତି, ଯେଉଁଥିପାଇଁ ସରକାର ଅସୁବିଧାରେ ପଡୁଛନ୍ତି। ତେଣୁ ଏମାନଙ୍କର ମଧ୍ୟ ସମାଜରେ ବଞ୍ଚିବାର ଅଧିକାର ରହିଛି। ୨୦୧୭ ଅଗଷ୍ଟ ୮ରେ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଧାରଗୃହରେ କୌଣସି ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ନ ରଖିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଫଳରେ ଏହି ବ୍ୟକ୍ତିମାନେ ବାହାରେ ବୁଲି ବିଭିନ୍ନ ସମସ୍ୟା ସୃଷ୍ଟି କରୁଛନ୍ତି। ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଆଇନ ଅନୁଯାୟୀ, ଏହି ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଭାବେ ଥଇଥାନ କରିବା ଏବଂ ସେମାନଙ୍କ ଚିକିତ୍ସା କରିବା ସରକାରଙ୍କ ଦାୟିତ୍ୱ ତଥା କର୍ତ୍ତବ୍ୟ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇନାହିଁ। ଦୁଇମାସ ତଳେ ଓଲ୍‌ସା ପକ୍ଷରୁ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ବିଭାଗକୁ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ଥଇଥାନ ବ୍ୟବସ୍ଥା କରାଇବାକୁ ଅବଗତ କରାଯାଇଥିଲା। ମାତ୍ର ବିଭାଗ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଓଲ୍‌ସା ପକ୍ଷରୁ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି।

ଆବେଦନରେ ଦର୍ଶାଯାଇଛି, ରାସ୍ତାରେ ବୁଲୁଥିବା ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ସହ ଥଇଥାନ କେନ୍ଦ୍ରରେ ପହଞ୍ଚାଇବା ଓଡ଼ିଶାର ପ୍ରତ୍ୟେକ ଥାନାର ଅଧିକାରୀଙ୍କ ଦାୟିତ୍ୱ ରହିବା ଉଚିତ। ତେଣୁ ପ୍ରତ୍ୟେକ ଥାନା ଅଧିକାରୀଙ୍କୁ ଏହି ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ପ୍ରତି ଜିଲାର ମୁଖ୍ୟାଳୟରେ ଅତି କମ୍‌ରେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଗୋଟିଏ ଥଇଥାନ କେନ୍ଦ୍ର ପ୍ରତିଷ୍ଠା କରାଯିବାକୁ ଆବେଦନକାରୀ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ ରଞ୍ଜନ ମହାନ୍ତି, ପ୍ରଦୀପ ପଟ୍ଟନାୟକ, ଅନାମ ଚରଣ ପଣ୍ଡା, ନୀହାର ରଞ୍ଜନ ମହାନ୍ତି ମାମଲା ଦାଏର କରିଛନ୍ତି। ଏହି ଆବେଦନରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ପକ୍ଷଭୁକ୍ତ କରାଯାଇଛି।

# ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ

## ଅସୁସ୍ଥ ମହିଳାଙ୍କୁ ଭାରରେ ଡାକ୍ତରଖାନା ନେବା ଘଟଣା

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ରାୟଗଡା ଜିଲା ମୁନିଗୁଡା ବ୍ଲକ ଡେଙ୍ଗୁଣି ଗ୍ରାମରେ ଆମ୍ବୁଲାନ୍ସ ନ ମିଳିବାରୁ ଜଣେ ଡଙ୍ଗରିଆ ମହିଳାଙ୍କୁ ୧୫ କିମି ଭାରରେ ବୋହି ହସ୍ପିଟାଲ ନିଆଯାଇଥିଲା। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ଆସିଥିଲା। ଏନେଇ ଶନିବାର ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ମହିଳାଙ୍କୁ ସମ୍ପୂର୍ଣ୍ଣ ରୂପେ ମାଗଣାରେ ଚିକିତ୍ସା କରାଯାଉ। ତାଙ୍କୁ ଯିବା ଆସିବା ପାଇଁ ବାଟଖର୍ଚ୍ଚ ଦିଆଯାଉ। ଏହାସହ ଯେଭଳି ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରିବ ସେଥିଲାଗି ବ୍ୟବସ୍ଥା କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଡେଙ୍ଗୁଣି ଗ୍ରାମର ହୁଣ୍ଡାରି ସିକ୍କା ଦୁଇ ସପ୍ତାହ ହେବ ଅସୁସ୍ଥ ଥିଲେ। ଲଗାଣ ବର୍ଷା ଓ ଗମନାଗମନର ସୁବିଧା ନ ଥିବାରୁ ଡାକ୍ତରଖାନା ନେବା ସମ୍ଭବ ହୋଇ ନ ଥିଲା। ହେଲେ ଗତ ଶୁକ୍ରବାର ହୁଣ୍ଡାରିଙ୍କ ଦେହ ଅଧିକ ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ଭାରରେ ୧୦ କିମି ବୋହି ନେବା ପରେ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ହେଲେ ଆମ୍ବୁଲାନ୍ସ ନ ଆସିବାରୁ ବାଧ୍ୟ ହୋଇ ମୁନିଗୁଡା ସହର ଦେଇ ଆଉ ୫ କି.ମି. ବୋହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ଭିସୁଟ୍‌ରେ ଛାତ୍ରଙ୍କୁ ର୍‌ୟାଗିଂ ମାମଲା

# ୩୦ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ):**

ସମ୍ବଲପୁରର ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ଛାତ୍ରଙ୍କୁ ର୍‌ୟାଗିଂ ମାମଲାକୁ ନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଶନିବାର କମିଶନ ଏହି ମାମଲାର ଶୁଣାଣି କରି ସମ୍ବଲପୁର ଆର୍‌ଡିସିପି, ଏସ୍‌ପି ଓ ଭିସୁଟ୍ କୁଳପତିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୩୦ ଦିନ ମଧ୍ୟରେ ତଦନ୍ତ କରି କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ଓଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୨ ତାରିଖରେ କଲେଜର ସିନିୟର ଛାତ୍ରମାନେ ପ୍ରାୟ ୪୦ରୁ ୫୦ଜଣ ଜୁନିୟର ଛାତ୍ରଙ୍କୁ ର୍‌ୟାଗିଂ କରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ସିନିୟର ଛାତ୍ରମାନେ ଜୁନିୟର ଛାତ୍ରଙ୍କ ଶାର୍ଟ ଚିରି କାନ ଧରି ଉଠବସ୍ କରାଉଥିଲେ। ଅନ୍ତଃବସ୍ତ୍ର ପିନ୍ଧି ଏକସଙ୍ଗେ ନାଚିବାକୁ କୁହାଯାଉଥିଲା। ଏହାକୁ ଜୁନିୟର ଛାତ୍ର ବିରୋଧ କରିବାକୁ ସିନିୟର ଛାତ୍ର ମାଡ଼ ମାରୁଥିଲେ। ଏପରିକି କଲେଜ ଶିଡିରେ ବିପଦପୂର୍ଣ୍ଣ ଅବସ୍ଥାରେ ଦୌଡିବାକୁ ନିର୍ଦ୍ଦେଶ ଦିଆଯାଉଥିଲା। କିଛି ସିନିୟର ଛାତ୍ର ବାଡିରେ ଜୁନିୟରଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଥିଲେ। ଭୟରେ ଛାତ୍ରମାନେ ସିନିୟରଙ୍କ ନିର୍ଦ୍ଦେଶକୁ ମାନି ନେଉଥିବା ଦୃଶ୍ୟ ଉକ୍ତ ଭିଡିଓରେ ଦେଖିବାକୁ ମିଳିଥିଲା। ଏହି ଘଟଣା ପଦାକୁ ଆସିବା ପରେ ବିଶ୍ୱବିଦ୍ୟାଳୟ କୁଳପତି ତୁରନ୍ତ ଏକ ଜରୁରୀ ବୈଠକ ଡକାଇଥିଲେ। ତଦନ୍ତ ପରେ ୧୦ ଜଣ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେମାନଙ୍କୁ ଗୋଟିଏ ବର୍ଷ ପାଇଁ ପରୀକ୍ଷାରୁ ବଞ୍ଚିତ କରିଥିଲେ। ଏହାସହ ୫୨ ଜଣ ଛାତ୍ରଙ୍କୁ ୨ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମହାନଦୀରୁ ମୃତ କୁମ୍ଭୀର ଉଦ୍ଧାର



**ଟିଗିରିଆ,୩୧।୮(ଡି.ଏନ.ଏ.):** ଟିଗିରିଆ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗାଠାରେ ମହାନଦୀରୁ ଏକ ମୃତ କୁମ୍ଭୀର ଶନିବାର ପୂର୍ବାହ୍ନରେ ଉଦ୍ଧାର ହୋଇଛି। ମହାନଦୀ ବନ୍ଧବାଡ଼ଠାରୁ ନଦୀ ଭିତରକୁ ପ୍ରାୟ ୩ଶହ ମିଟର ଦୂର ଏକ ବେଣାବୁଦା ମଧ୍ୟରେ କୁମ୍ଭୀର ମରି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଟିଗିରିଆ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ଟିଗିରିଆ ବନପାଳ ସୁଚରିତା ସାମନ୍ତରାୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି କୁମ୍ଭୀରକୁ ଜବତ କରି ଆଠଗଡ଼ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇଥିଲେ। ଏ ସମ୍ପର୍କରେ ସାତକୋଶିଆ ବନଖଣ୍ଡକୁ ସୂଚନା ଦିଆଯାଇଥିଲା। ସାତକୋଶିଆ ବନଖଣ୍ଡ କର୍ମଚାରୀ ପହଞ୍ଚିବା ପରେ କୁମ୍ଭୀରର ବ୍ୟବଚ୍ଛେଦ କରାଯାଇ ସେମାନଙ୍କୁ ହସ୍ତାନ୍ତର କରାଯାଇଥିଲା। କୁମ୍ଭୀରଟିର କିପରି ମୃତ୍ୟୁ ହୋଇଛି ସେ ସମ୍ପର୍କରେ ଜଣା ପଡ଼ିନାହିଁ।

### ସାପ କାମୁଡ଼ାରେ ଯୁବକ ମୃତ

**ନରସିଂହପୁର,୩୧।୮(ଡି.ଏନ.ଏ.):** ସାପ କାମୁଡ଼ାରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ଥାନା ଅନ୍ତର୍ଗତ ବାଲିକିଆରୀ ଗ୍ରାମର ସଦାଶିବ ଜେନା(୩୫)। ସଦାଶିବ ଶୋଇଥିବାବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ପରିବାର ଲୋକେ ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଡାକ୍ତର କଟକ ବଡଡାକ୍ତରଖାନାକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସଦାଶିବ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପାଣିରେ ବୁଡ଼ି ଯୁବତୀ ଗୁରୁତର

**ସାଲେପୁର,୩୧।୮(ଡି.ଏନ.ଏ.):** ସାଲେପୁର ବ୍ଲକ ରାଇସୁଙ୍ଗୁଡ଼ା ପଞ୍ଚାୟତ କୁସମ୍ଭୀ ଗ୍ରାମର ଜଣେ ଯୁବତୀ ପାଣିରେ ବୁଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ସାମିରାନ୍ ଖାତୁନ୍ (୧୮)। କୌଣସି କାର୍ଯ୍ୟରେ ସାଲେପୁର ଆସି ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ସ୍କୁଟିସହ ଏକ ପୋଖରୀକୁ ପଶି ଯାଇଥିଲେ। ସେ ପୋଖରୀ ପାଣିରେ ବୁଡ଼ିଯାଉଥିବା ବେଳେ ଲୋକେ ଉଦ୍ଧାର କରି ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନା ପଠାଇ ଦିଆଯାଇଛି।

### ବାଙ୍କୀ ପ୍ରେସ୍ କ୍ଲବ ପକ୍ଷରୁ ୩୨ ୟୁନିଟ୍ ରକ୍ତ ସଂଗ୍ରହ

**ବାଙ୍କୀ,୩୧।୮(ସ୍ୱ.ପ୍ର.):** ବାଙ୍କୀ ପ୍ରେସ୍‌କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ବିଦ୍ୟାରତ୍ନଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉପଜିଲାପାଳ ଅରୁଣ ବିଶ୍ୱାଳ, ଜୁଡ଼ା ପ୍ରକଳ୍ପ ନିର୍ଦ୍ଦେଶିକା ସୁମିତ୍ରା ସରକାର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ, ସଭ୍ୟ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ଅରବିନ୍ଦ ବୀରବର ହରିଚନ୍ଦନ, ବିଭୂପ୍ରସାଦ ସାମଲ, ଶରତ ଚନ୍ଦ୍ର ବାରିକ, ଆଶିଷ ମହାପାତ୍ର ଓ ଗୌରାଙ୍ଗ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଟକ ରେଡ୍‌କ୍ରସ ଡା. ରଘୁନାଥ ବେଉରା, ଲାବୋଟାରି ଆସିଷ୍ଟାଣ୍ଟ୍ ସନ୍ଦୀପ ସ୍ୱାଇଁ, ଟେକ୍ନିସିଆନ ଶରଦା ଓଝା, କୋଅର୍ଡିନେଟର ଅବିନାଶ ଦାଶ, ରମେଶ ରାଉତ, ବିଜୟ ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

■ କେନାଲରେ ଆସୁନି ପାଣି

# ଉପଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ଆଠଗଡ଼,୩୧।୮(ସ୍ୱ.ପ୍ର.)**



ଲକ୍ଷ୍ମୀବନ୍ଧ କେନାଲ ଶୁଖିଲା ପଡ଼ିଥିବା ବେଳେ ଅନାବନା ଗଛ ଉଠିଛି।

■ଉପକାର ନ ପାଇ ମଧ୍ୟ ଜଳକର ଦେଉଛନ୍ତି

■ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ କରିବେ ଚାଷୀ

ଆଠଗଡ଼ ସହର ନିକଟ ସାପୁଆ ନଦୀର ଲକ୍ଷ୍ମୀବନ୍ଧରୁ ବାହାରିଥିବା ୨ଟି କ୍ଷୁଦ୍ର ଜଳସେଚନ କେନାଲରେ ଜଳ ପ୍ରବାହିତ ହେଉନାହିଁ। ଫଳରେ ଏହାକୁ ନେଇ ଚାଷୀ ହତାଶ ହୋଇ ପଡିଛନ୍ତି। ଏ ସମ୍ପର୍କରେ ସେମାନେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ନ ପାଇବାରୁ ଶନିବାର କରିକୋଲ ଗ୍ରାମର ବହୁଚାଷୀ ଉପଜିଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଫେରାଦ ହୋଇଥିଲେ। ବର୍ଷା ଅଭାବ ସମୟରେ ଜମିରେ ଜଳର ଆବଶ୍ୟକତା ଥିବା ବେଳେ କେନାଲରେ ଟୋପାଏ ପାଣି ଆସୁନାହିଁ। ଲକ୍ଷ୍ମୀବନ୍ଧରୁ ବାହାରି ଥିବା ୧ନଂ କେନାଲ କରିକୋଲ, ହରିଡାଗହିର ହୋଇ ମଞ୍ଜାରୀପଦା ପର୍ଯ୍ୟନ୍ତ ଏବଂ ୨ନଂ କେନାଲ ଯୋରନ୍ଦା ଓ ତରଡିଙ୍ଗ ପର୍ଯ୍ୟନ୍ତ ରହିଥିବା ବେଳେ ସେଥିରେ ମାଟି ପଶି ପୋତି ହୋଇପଡିବା ସହିତ ଘାସ ଓ ଅନାବନା ଗଛ ପରିପୂର୍ଣ୍ଣ ହୋଇପଡିଛି। ସାପୁଆ ନଦୀରେ ପାଣି ରହିଥିବା ବେଳେ ଲକ୍ଷ୍ମୀବନ୍ଧର ସ୍ଲୁଇସଗେଟ ଖୋଲିବା ପରେ ବି କେନାଲରେ ଜଳ ପ୍ରବାହିତ ହେଉନାହିଁ। ଚାଷୀ କେନାଲର ଉପକାର ନ ପାଇ ମଧ୍ୟ ଜଳକର ଦେଇ ଆସୁଛନ୍ତି। କରିକୋଲ ଗ୍ରାମର ଗୋକୁଳାନନ୍ଦ ସ୍ୱାଇଁ, ପତିତପାବନ ସ୍ୱାଇଁ, ଦିବାକର ବେଉରା, ବିଶ୍ୱନାଥ ସ୍ୱାଇଁ ଓ ବିଜୟ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ଉପଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ଅଭିଯୋଗ କରିଥିଲେ।

ଉପଜିଲାପାଳ ଅମୀୟ ସାହୁ ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଉଦୟ ପାତ୍ରଙ୍କୁ ଡକାଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାବେଳେ ସାପୁଆନଦୀ ଉପରେ ଥିବା ଲକ୍ଷ୍ମୀବନ୍ଧ ଓ ତତ୍‌ସଂଲଗ୍ନ ୨ଟି ଯାକ କ୍ଷୁଦ୍ର କେନାଲକୁ ପ୍ରାୟ ୧ବର୍ଷ ପୂର୍ବରୁ ରେଙ୍ଗାଲି ଦକ୍ଷିଣ କେନାଲର ୩ନଂ ଡିଭିଜନକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଥିଲା। ପରେ ଉପଜିଲାପାଳ ସାହୁ ତୁରନ୍ତ ଢେଙ୍କାନାଳ ମହିଷାପାଟସ୍ଥିତ ରେଙ୍ଗାଲି ଦକ୍ଷିଣ କେନାଲର ୩ନଂ ଡିଭିଜନ ନିର୍ବାହୀଯନ୍ତ୍ରୀ କରୁଣାକର ସାହୁଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେଲେ ଚାଷୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

■ ମରଣାନ୍ତକ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

**ଆଠଗଡ଼,୩୧।୮(ସ୍ୱ.ପ୍ର.)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ନୂଆସାହିରେ ୨୩।୧୨।୨୦୧୮ରେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ମାମଲାର ଶନିବାର ରାୟ ପ୍ରକାଶ ପାଇଛି। ଆଠଗଡ଼ର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ୍ ଶରତ କୁମାର ଜେନା ଏହାର ବିଚାର କରି ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ୫ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକମାସ ଜେଲ ଦଣ୍ଡ ଭୋଗିବା ପାଇଁ ପ୍ରକାଶିତ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ, ନୂଆସାହିର ଦୋଳଗୋବିନ୍ଦ ଆଚାର୍ଯ୍ୟ ୨୩।୧।୧୮ ଦିନ ୧୧ଟାରେ ରାହାଙ୍ଗୋଳ ଗ୍ରାମକୁ ଶ୍ରମିକଙ୍କ ପାଉଣା ଦେବାକୁ ଯାଇ ଫେରୁଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ରାହାଙ୍ଗୋଳ ଗ୍ରାମର ସୁଧାକର ଦେହୁରୀ ଓରଫ ରାଜା ଦୋଳଗୋବିନ୍ଦଙ୍କଠାରୁ ଟଙ୍କା ଛଡାଇବା ବେଳେ ସେ ବିରୋଧ କରିବାରୁ ରାଜା ପାଖରେ ରଖିଥିବା ଏକ କଟୁରୀରେ ତାଙ୍କ ମୁଣ୍ଡ, ପେଟ, ହାତ ଓ ଶରୀରର ଅନ୍ୟସ୍ଥାନକୁ ଆକ୍ରମଣ କରିଥିଲେ। ଫଳରେ ଦୋଳଗୋବିନ୍ଦ କ୍ଷତାକ୍ତ ହୋଇ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୋଳଗୋବିନ୍ଦଙ୍କ ପୁଅ ସୁବ୍ରତ ଏ ନେଇ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସହକାରୀ ଦୌରାଜଜ୍‌ଙ୍କ ଅଦାଲତରେ ମାମଲାଟି ବିଚାର ଚାଲିଥିବା ବେଳେ ପୋଲିସର ଅଭିଯୋଗ ଫର୍ଦ୍ଦ ଓ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ରଞ୍ଜନ ନାୟକ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ନିଯୁକ୍ତ ଆଇନଜୀବୀ ହିମାଂଶୁ ଭୂଷଣ ମହାନ୍ତି ପରିଚାଳନା କରୁଥିଲେ।

## ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ

**ଆଠଗଡ଼,୩୧।୮(ସ୍ୱ.ପ୍ର.)**

ଆଠଗଡ଼ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟଶାଖା ପକ୍ଷରୁ ଶନିବାର ସ୍ଥାନୀୟ ଶୁଭଦୀପା କଲ୍ୟାଣ ମଣ୍ଡପଠାରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କ ପାଇଁ ଏକ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶାଖା ମୁଖ୍ୟ ପ୍ରବନ୍ଧକ ହରପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ କଟକସ୍ଥିତ ଷ୍ଟେଟବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଦିବ୍ୟେନ୍ଦୁ ଦାସ ଯୋଗଦେଇ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ସ୍ୱାବଲମ୍ବୀ କରିବା ଷ୍ଟେଟବ୍ୟାଙ୍କ ପ୍ରାଥମିକତା ଦେଇଆସିଛି ବୋଲି ପ୍ରକାଶ କରିଥିଲେ। କେବଳ ମହିଳା ନୁହନ୍ତି ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ମଧ୍ୟମ, କ୍ଷୁଦ୍ର ଓ ଅତିକ୍ଷୁଦ୍ର ପ୍ରକଳ୍ପ ଲାଗି ମଧ୍ୟ ଷ୍ଟେଟବ୍ୟାଙ୍କ ଋଣ ଯୋଗାଣକୁ ଅଗ୍ରାଧିକାର ଦେଉଥିବା ଦାସ କହିଥିଲେ। ମେଳାରେ ଆଠଗଡ଼ ଅଞ୍ଚଳର ୩୨ ଗୋଷ୍ଠୀଙ୍କୁ ୭୦ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର କୃଷି ବ୍ୟବସାୟ ବିଭାଗ ସହକାରୀ ମହାପ୍ରବନ୍ଧକ ବିଜନ ପାଢ଼ୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହିଳାଙ୍କ ଆର୍ଥିକ ବିକାଶ ହେଲେ ଦେଶର ବିକାଶ ହୋଇପାରିବ ବୋଲି ଷ୍ଟେଟବ୍ୟାଙ୍କ ଅନୁଭବ କରି ଋଣ ପ୍ରଦାନ କ୍ଷେତ୍ରରେ କୋହଳ ମନୋଭାବ ପୋଷଣ କରୁଥିବା ପ୍ରକାଶ କରିଥିଲେ। ଆଠଗଡ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ଋଣବିଭାଗ ଉପପ୍ରବନ୍ଧକ ଗିରିଜା ଶଙ୍କର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃଷି ବିଭାଗର ସହକାରୀ ପ୍ରବନ୍ଧକ ସୌମ୍ୟା ସାହୁ ଧନ୍ୟବାଦ ଦେଇଥିଲେ।

### ସାଲେପୁର କଲେଜ ଅଧ୍ୟକ୍ଷଙ୍କ ଅବସର

**ସାଲେପୁର,୩୧।୮(ଡି.ଏନ.ଏ.)**

ସାଲେପୁର କଲେଜ ଅଧ୍ୟକ୍ଷ ପ୍ରଫେସର ସରୋଜ ମହାନ୍ତି ଶନିବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କଲେଜ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। କଲେଜ ଜାତୀୟ ସେବାସଂସ୍ଥା, ଏନସିସି, ରୋଭର୍ସ ରେଞ୍ଜରର୍ସ, ଷ୍ଟାଫ୍ ଆସୋସିଏଶନ୍, ଅଣଶିକ୍ଷକ କର୍ମଚାରୀ, ବାଳିକାବାଳକ ଛାତ୍ରାବାସ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ କଲେଜ ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧାପକ ବସନ୍ତ ରାଉତଙ୍କୁ ମହାନ୍ତି ଦାୟିତ୍ୱ ହସ୍ତାନ୍ତର କରିଥିଲେ।

## କାଳିଆ ଯୋଜନା: ଟିଗିରିଆରେ ୧୪୪୯ ଅଯୋଗ୍ୟ ହିତାଧିକାରୀ

**ଟିଗିରିଆ,୩୧।୮(ଡି.ଏନ.ଏ.)**

ଟିଗିରିଆ ବ୍ଲକ ଅଞ୍ଚଳର ୧୮,୬୬୧ଜଣ ହିତାଧିକାରୀ କାଳିଆ ଯୋଜନାରେ ସାମିଲ ହୋଇଥିଲେ। ଏବେ ଏହାର ଯାଞ୍ଚ ହେବାପରେ ୧୪୪୯ଜଣ ଅଯୋଗ୍ୟ ହିତାଧିକାରୀ ଥିବା ଚିହ୍ନଟ କରାଯାଇଛି। ବ୍ଲକ ଅଧ୍ୟକ୍ଷ, ବିଡିଓ ଓ ଆବାହକ ସହକାରୀ କୃଷି ଅଧିକାରୀଙ୍କ ମିଳିତ ନେତୃତ୍ୱରେ ପଞ୍ଚାୟତସ୍ତରୀୟ ଏବଂ ବ୍ଲକସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କରାଯାଇ ଏହି ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଉକ୍ତ ଯାଞ୍ଚ ପରବର୍ତ୍ତୀ ତାଲିକାକୁ ଜିଲାସ୍ତରୀୟ କମିଟିର ଅନୁମୋଦନ ଲାଗି ପଠାଇ ଦିଆଯାଇଛି। ଜିଲାସ୍ତରୀୟ କମିଟିର ଅନୁମୋଦନ ପରେ ତାହା ରାଜ୍ୟସ୍ତରୀୟ କମିଟିକୁ ପଠାଯିବ ବୋଲି ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି ସୂଚନା ଦେଇଛନ୍ତି। କାଳିଆ ଯୋଜନାର ନୀତି ନିୟମକୁ ଉଲ୍ଲଙ୍ଘନ କରି ହିତାଧିକାରୀ ତାଲିକାରେ ସରକାରୀ ଚାକିରିଆ, ପେନସନ୍ ଭୋଗୀ ଏବଂ ଗୋଟିଏ ପରିବାରରୁ ଏକାଧିକ ଆବେଦନକାରୀ ତାଲିକାଭୁକ୍ତ ହୋଇଥିଲେ ବୋଲି ପୃଷ୍ଟି କହିଛନ୍ତି।

## ବାଙ୍କୀରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ବାଙ୍କୀରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସରେ ଯୋଗଦେଇଥିବା ଅତିଥି।

**ବାଙ୍କୀ,୩୧।୮(ସ୍ୱ.ପ୍ର.)**

ବାଙ୍କୀ ଟାଉନ କ୍ଲବ ପରିସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ବାଙ୍କୀବାସୀଙ୍କ ଦୃଢ଼ ଇଚ୍ଛାଶକ୍ତିରେ ବାଙ୍କୀ ଆଜି ପ୍ରଥମ ବାହ୍ୟ ମଳମୁକ୍ତ ସହର ହୋଇଥିବା କହିଥିଲେ। ଏଥିପାଇଁ ସେ ବାଙ୍କୀ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏନଏସି ପ୍ରଶାସକ ତଥା ଉପଜିଲାପାଳ ଅରୁଣ ବିଶ୍ୱାଳ ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟରଞ୍ଜନ ମହାପାତ୍ର ବିବରଣୀ ପାଠ କରିଥିଲେ। ପ୍ରତ୍ୟୁଷରୁ ପୌରାଞ୍ଚଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଏନଏସି କାର୍ଯ୍ୟାଳୟରେ ଜାତୀୟ ପାତାକାକୁ ଉପଜିଲାପାଳ ଉତ୍ତୋଳନ କରିବା ସହ ଉପଖଣ୍ଡ ଚିକିତ୍ସାଳୟ ଓ ଉପାକାରାଗାରରେ କଏଦୀଙ୍କୁ ଫଳବଣ୍ଟନ କରିଥିଲେ। ଏହାପରେ ପୁରାତନ କଲ୍ୟାଣମଣ୍ଡପ ନିକଟରେ ବିଧାୟକ ତ୍ରିପାଠୀ, ଜୁଡ଼ା ପ୍ରକଳ୍ପ ନିର୍ଦ୍ଦେଶିକା ସୁମିତା ସରକାର, ଉପଜିଲାପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପଦାର୍ଥ ପୃଥକୀକରଣ ସହାୟତା କେନ୍ଦ୍ର ଏବଂ ଶ୍ମଶାନ ଘାଟ ନିକଟରେ କ୍ଷୁଦ୍ର କମ୍ପୋଷ୍ଟ କେନ୍ଦ୍ରର ଭିତ୍ତିପ୍ରସ୍ତରର ସ୍ଥାପନ କରିଥିଲେ। ଏହି ଅବସରରେ ଏନ୍‌ଏସିର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପରିବେଶବିତ୍ ଗୌତମ ମିଶ୍ର, ଶ୍ରେଷ୍ଠ କର୍ମଚାରୀ ମଧୁସ୍ମିତା ଦାସ, ଶ୍ରେଷ୍ଠ କର ସଂଗ୍ରାହକ ଗଗନବିହାରୀ ପଲେଇ, ଶ୍ରେଷ୍ଠ କନଷ୍ଟେବଲ ରଖିଉଦ୍ଦିନ୍ ଖାଁ, ମଧୁସ୍ମିତା ସାହୁ, ୨୦୧୯ର ମାଟ୍ରିକ ଶ୍ରେଷ୍ଠ ଛାତ୍ର ଆଦିତ୍ୟ ମୁଦୁଲି, ପ୍ରତିକ୍ଷା ପ୍ରିୟଦର୍ଶିନୀ, ଶ୍ରେଷ୍ଠ ଇଲେକ୍ଟ୍ରିସିଆନ ସୁରେନ୍ଦ୍ର ମୋହନ ନାୟକ ପ୍ରମୁଖ ୧୨ଜଣଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ କର୍ମଚାରୀ ସଞ୍ଜୟ ପ୍ରଧାନ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ। ଆଇନଜୀବୀ ପ୍ରସନ୍ନ ମିଶ୍ର, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ପୂର୍ବତନ ନଗରପାଳ ନଗେନ ମହାପାତ୍ର, ଆଥେଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ ରଣା, ବହୁ ବୁଦ୍ଧିଜୀବୀ ଏବଂ ସ୍ୱୟଂସ୍ୱହାୟକ ଗୋଷ୍ଠୀ ସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।

### ୨ ବର୍ଷ ପରେ ପୂଜା ପାଇଲେ ଗଣେଶ

**ରଘୁନାଥପୁର,୩୧।୮(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ୨ ବର୍ଷ ହେଲା ଥିବା ଗଣେଶ ମୂର୍ତ୍ତି ଶନିବାର ବିଧିବଦ୍ଧ ଭାବେ ପ୍ରତିଷ୍ଠା କରାଯାଇଛି। ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଗଜାନନଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ତତ୍‌କାଳୀନ ବ୍ଲକ ଅଧ୍ୟକ୍ଷ ରଜତ କୁମାର ପାତ୍ର ଏହି ସୁନ୍ଦର ମୂର୍ତ୍ତି ଆଣି ରଖିଥିଲେ। ତେବେ ତାଙ୍କ କାର୍ଯ୍ୟକାଳ ସରିଯିବା ପରେ ମୂର୍ତ୍ତି ପ୍ରତିଷ୍ଠା କରିବାକୁ କେହି ମନ ଦେଇ ନ ଥିଲେ। ସୌଭାଗ୍ୟକ୍ରମେ ବିଧାୟକ ବିଷ୍ଣୁ ଦାସଙ୍କ ଉପସ୍ଥିତିରେ ଏହାର ପ୍ରତିଷ୍ଠା କରାଯାଇଛି। ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ବିଡିଓ ପଞ୍ଚାନନ ପଟ୍ଟନାୟକ, ଜଗନ୍ନାଥପୁର ସଭ୍ୟ ମେହେବୁବ ବେଗ୍‌ଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜନମଙ୍ଗଳ ଯୋଜନା ସମ୍ପର୍କରେ ସଚେତନତା

**ଆଠଗଡ଼,୩୧।୮(ସ୍ୱ.ପ୍ର.)**

ଆଠଗଡ଼ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ସମ୍ପର୍କରେ ଏକ ସଚେତନତା ଶିବିର ଶନିବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଏଥିରେ ଅଧ୍ୟକ୍ଷତା କରି ଜନସାଧାରଣ ଅଜ୍ଞତା ଯୋଗୁ ସରକାରଙ୍କ ବହୁ ଜନ କଲ୍ୟାଣକାରୀ ଯୋଜନାର ଲାଭ ଉଠାଇ ନ ପାରି ସେଥିରୁ ବଞ୍ଚିତ ହେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ସରକାରଙ୍କ ଯୋଜନାର ସଫଳ ରୂପାୟନ ଏବଂ ଜନସାଧାରଣ ଏହାର ସୁଫଳ କିପରି ପାଇବେ ସେଥିପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ନନ୍ଦ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ବକ୍ତା ଉପଜିଲାପାଳ ଅମୀୟ ସାହୁ ବ୍ଲକ ଓ ପଞ୍ଚାୟତସ୍ତରରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଶରତ ଜେନା, ଏସଡିଜେଏମ ଶାଶ୍ୱତୀ ମିଶ୍ର, ଜେଏମଏଫସି ସୌମ୍ୟଶେଖର ମହାନ୍ତ, ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଓକିଲ ସଂଘ ସଭାପତି ପ୍ରସନ୍ନ ରାଉତ, ସିଭିଲବାର ସମ୍ପାଦକ ପ୍ରଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାର ସୁଫଳ ଲୋକେ କିପରିପାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ସମେତ ବହୁ ସରକାରୀ ଅଧିକାରୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦାନ କରିଥିଲେ। ଆଇନଜୀବୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯଶୋବନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

## କଲେଜ ନୂତନ ଅଧ୍ୟକ୍ଷାଙ୍କ ଯୋଗଦାନ

**ବାଙ୍କୀ,୩୧।୮(ସ୍ୱ.ପ୍ର.)**

ବାଙ୍କୀ କଲେଜ ନୂତନ ଅଧ୍ୟକ୍ଷା ଭାବେ ଡ.ନିବାସିନୀ ପଣ୍ଡା ଶନିବାର ଯୋଗଦାନ କରିଛନ୍ତି। ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ଅବସର ଗ୍ରହଣ କରୁଥିବାରୁ ଅପରାହ୍ନ ୫ଟାରେ ନୂତନ ଅଧ୍ୟକ୍ଷା ଡ.ପଣ୍ଡାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଡ.ପଣ୍ଡା ବାଙ୍କୀ କଲେଜର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଓ ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଛନ୍ତି। କଲେଜ ଅଧ୍ୟପାକ ଡ. ଶ୍ରୀକାନ୍ତ ଦାଶ, ବିଶ୍ୱରଞ୍ଜନ ସାହୁ, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ରାଜକିଶୋର ପାଲ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଏନଏସ ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ମନୋରଞ୍ଜନ ସାହୁ, ଜିତେନ୍ଦ୍ର କାନୁନ୍‌ଗୋ, ଭୂପତି ଭୂଷଣ ପ୍ରଧାନ, ଅଧ୍ୟାପିକା ଅବନ୍ତିକା କର, ପ୍ରାଧ୍ୟାପିକା କଳାବତୀ ଶତପଥୀ, ମୀନତି ଧୀର, ଅଧ୍ୟାପକ ଡ. ଶ୍ୱେତାଲିନ୍ ତ୍ରିପାଠୀ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, ଶୈଳେନ୍ଦ୍ର ଦେଓଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷା ଡ.ପଣ୍ଡାଙ୍କୁ ସ୍ୱାଗତ ଓ ପୂର୍ବତନ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।



ନୂତନ ଅଧ୍ୟକ୍ଷା ଡ. ନିବାସିନୀ ପଣ୍ଡାଙ୍କୁ ପୂର୍ବତନ ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରୁଛନ୍ତି।

## ଆଠଗଡ଼କୁ ସୁନ୍ଦର, ବିକଶିତ କରିବାକୁ ଏନଏସି ପ୍ରତିବଦ୍ଧ

**ଆଠଗଡ଼,୩୧।୮(ସ୍ୱ.ପ୍ର.)**

ଆଠଗଡ଼ ସହରକୁ ସୁନ୍ଦର ଓ ବିକଶିତ ସହରଭାବେ ପରିଣତ କରିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରତିବଦ୍ଧ ବୋଲି ପରିଷଦ ପ୍ରଶାସକ ତଥା ଉପଜିଲାପାଳ ଅମୀୟ ସାହୁ ପ୍ରକାଶ କରିଛନ୍ତି। ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଏନଏସି କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହୁ ଏକଥା କହିଛନ୍ତି।

ସେ ସକାଳ ୮ଟାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ, ସମବେତ ଏନଏସି କର୍ମଚାରୀ, ସ୍କୁଲ ଛାତ୍ରୀଛାତ୍ର ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ସହରାଞ୍ଚଳର ବିକାଶ ପାଇଁ ଆବଶ୍ୟକ ଅର୍ଥର ଅଭାବ ରହିଥିଲେ ମଧ୍ୟ ସ୍ୱଳ୍ପ ଆୟ ଏବଂ ସରକାରୀ ଅନୁଦାନର ସଦୁପଯୋଗକରି ସବୁକ୍ଷେତ୍ରରେ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ଏହାକୁ ଏକ ବିକଶିତ ସହରରେ ପରିଣତ କରିବା ପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ପରିଷଦ ପକ୍ଷରୁ ସହରାଞ୍ଚଳ ଆବାସ ଯୋଜନା ଏବଂ ସ୍ୱଚ୍ଛ ଭାରତ ଯୋଜନାରେ ସର୍ବାଧିକ ହିତାଧିକାରୀଙ୍କୁ ପକ୍କାଘର ଏବଂ ଶୌଚାଳୟ ନିର୍ମାଣ ଲାଗି ଅନୁଦାନ ପ୍ରଦାନ କରାଯାଇଥିବା କହିଥିଲେ। ପ୍ରତ୍ୟୁଷରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୂନ ଗାନ କରାଯିବା ସହ ପ୍ରଭାତଫେରିରେ ସ୍କୁଲ ଛାତ୍ରୀଛାତ୍ର, ଏନଏସି କର୍ମଚାରୀ ସହର ପରିକ୍ରମାକରି ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଜନସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଅତିଥି ସହରର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉପଖଣ୍ଡ ଡାକ୍ତରଖାନା ଓ ଉପକାରାଗାରର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏନଏସିର କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀଙ୍କୁ ନୂତନ ସେବା ପୋଷାକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏନଏସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ସ୍ୱାୟତ୍ତ ଶାସନ ଦିବସ**



ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଚୌଦ୍ୱାରରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

**ଚୌଦ୍ୱାର, ୩୧।୮(ଡି.ଏନ୍.ଏ.):** ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରେ ୧ କୋଟି ୪ଲକ୍ଷ ୭୫ ହଜାର ବ୍ୟୟ ଅଟକଳରେ ପ୍ରସ୍ତାବିତ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ୱାର୍ଡ଼ରେ କଂକ୍ରିଟ ରାସ୍ତା ଓ ଡ୍ରେନ୍ ଆଦି ମୋଟ ୧୮ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କୈଳାସ ଚନ୍ଦ୍ର ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ, ମ୍ୟୁନିସିପାଲ ଇଞ୍ଜିନିୟର ମହେଶ ପ୍ରସାଦ ମିଶ୍ରଙ୍କ, ପୂର୍ବତନ ପୌର ଉପାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୂର୍ବତନ କାଉନସିଲର ବିଷ୍ଣୁ ଚରଣ ପରିଡ଼ା, କରୁଣାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ନୂତନ ଟ୍ରାନ୍ସଫର୍ମର ବସାଇବାକୁ ଦାବି

**ଖୁଣ୍ଟୁଣୀ, ୩୧।୮(ଡି.ଏନ୍.ଏ.):** ଫନୀରେ ଖୁଣ୍ଟୁଣୀ ସେସୁ ଅଧୀନ ଶଶାଙ୍କ ଗ୍ରାମର ଶିବମନ୍ଦିର ପାର୍ଶ୍ୱରେ ଥିବା ୧୦୦ କେଭି ଟ୍ରାନ୍ସଫର୍ମର ଖରାପ ହୋଇପଡ଼ିଛି। ଟ୍ରାନ୍ସଫର୍ମରଟି ଖୁଣ୍ଟର ଗୋଟିଏ ପାର୍ଶ୍ୱକୁ ଢଳି ରହିଥିବାରୁ ସେଥିରୁ ତେଲ ବୋହିବା ସହିତ ଏକ ଶବ୍ଦ ବାହାରୁଛି। ବେଳେ ବେଳେ ହାଇ ଭୋଲଟେଜ୍ ଆସିଯାଉଛି। ଫଳରେ ଉପଭୋକ୍ତାଙ୍କର ଟିଭି, ଫ୍ରିଜ୍, ବଲ୍‌ବ ପ୍ରଭୃତି ଖରାପ ହୋଇଯାଉଛି। ଏନେଇ ସ୍ଥାନୀୟ ଗ୍ରାମବାସୀ ଆଠଗଡ଼ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀ ଓ ଖୁଣ୍ଟୁଣୀ ସେସୁ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଗତ ୨୭।୭।୨୦୧୯ରେ ଏକ ପତ୍ରରେ ଏହି ଟ୍ରାନ୍ସଫର୍ମରକୁ ହଟାଇ ନୂତନ ଟ୍ରାନ୍ସଫର୍ମର ବସାଇବାକୁ ଅନୁରୋଧ କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଲ ମନବୃତ୍ତି ଯୋଗୁ ଏହା ହୋଇପାରି ନ ଥିଲା। ଶଶାଙ୍କ ଗ୍ରାମବାସୀ ବାରମ୍ବାର ଖୁଣ୍ଟୁଣୀ, ଆଠଗଡ଼ ଧାଇଁ ନୟାନ୍ତ ହୋଇ ଶେଷରେ ଟ୍ରାନ୍ସଫର୍ମର ହଟା ନ ଗଲେ ବିଦ୍ୟୁତ୍ ବିଲ୍ ନ ଦେବାକୁ ଧମକ ଦେଇଛନ୍ତି। ଏ ସମ୍ପର୍କରେ ସେସୁ କନିଷ୍ଠ ଯନ୍ତ୍ରୀ ନେପାଳସେନ୍ ତାର୍ଜନ କୁହନ୍ତି, ବର୍ଷା ଓ କର୍ମଚାରୀ ଅଭାବ ଜନିତ ସମସ୍ୟା ଯୋଗୁ ଏହି ଟ୍ରାନ୍ସଫର୍ମରଟି ବଦଳାଯିବାରେ ବିଳମ୍ବ ଘଟିଛି। ତେବେ ଉପଭୋକ୍ତାଙ୍କ ସମସ୍ୟା ଖୁବ୍ ଶୀଘ୍ର ସମାଧାନ କରାଯାଇ ସ୍ୱାଭାବିକ ବିଦ୍ୟୁତ ଯୋଗାଇ ଦେବାକୁ ଉଦ୍ୟମ ଚାଲିଥିବା କହିଥିଲେ।

### ସୌରଶକ୍ତି ଉପଯୋଗିତାର ଆଲୋଚନାଚକ୍ର

**ବାରଙ୍ଗ/ନରାଜ,୩୧।୮(ଡି.ଏନ୍.ଏ.)-** ବାରଙ୍ଗସ୍ଥିତ କୁଞ୍ଜବିହାରୀ ମହାବିଦ୍ୟାଳୟରେ ଅକ୍ଷୟ ଶକ୍ତିର ବିକାଶ ଓ ଉପଯୋଗିତା ସମ୍ପର୍କିତ ଆଲୋଚନାଚକ୍ର କଲେଜର ଅଧକ୍ଷ ପ୍ରଫେସର ବିମଳ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଲେଜର ବିଜ୍ଞାନ ବିଭାଗ ତରଫରୁ ଆୟୋଜିତ ଏହି ସଭାରେ ଭାରତର ସୌରଶକ୍ତି ସୋସାଇଟିର ଉପସଭାପତି ପ୍ରଫେସର ଡ. ଏସ୍.ଏମ୍.ଅଲ୍ଲୀ ଯୋଗଦେଇ ଅକ୍ଷୟ ଶକ୍ତିର ଉପକାରିତା ଓ ବ୍ୟାପକ ଉପଯୋଗର ବିକଳ୍ପ ପ୍ରସ୍ତାବ ଉପରେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରର ଆବାହକ ଡ.ନୟୀମୁଦ୍ଦିନ ଅତିଥି ପରିଚୟ, ପ୍ରଫେସର ଅନିଲ ପାଢୀ ସଭା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ବିଭାଗର ଉପସଭାପତି ଡ.ମାନସ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭାରତର ସୌର ଶକ୍ତି ସଂସ୍ଥାର ସର୍ବପ୍ରଥମ ଅଣବୈଷୟିକ ଡିଗ୍ରୀ କଲେଜର ସଭ୍ୟଭୁକ୍ତ ଛାତ୍ର ୟୁନିଟ ଉନ୍ମୋଚନ ହୋଇଥିଲା। ଖୁବଶୀଘ୍ର କଲେଜରେ ସୌରଶକ୍ତି ସଂରକ୍ଷଣ ଓ ବିନିଯୋଗ ପାଇଁ କାର୍ଯ୍ୟକ୍ରମ ନିଆଯିବ ବୋଲି କଲେଜ ଅଧକ୍ଷ କହିଥିଲେ।

### ଉଦୟଭାନୁ ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିସଭା

**କଟକ ଅଫିସ, ୩୧।୮:** ମଧୁପାଟଣାସ୍ଥିତ ଓଡ଼ିଶା ଶିଳ୍ପୋଦ୍ୟୋଗ ସଙ୍ଘ ସଭାଗୃହଠାରେ ଉଦୟଭାନୁ ସାହିତ୍ୟ ସଂସଦ ପକ୍ଷରୁ ପ୍ରତିଷ୍ଠାତା ଡ. ସନ୍ଧ୍ୟାରାଣୀ ସିଂହଙ୍କ ସ୍ମୃତି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଡ.ବିଜୟ କୁମାର ଶତପଥୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟକ ଡ. ଶ୍ୟାମା ପ୍ରସନ୍ନ ମିଶ୍ର, ମୁଖ୍ୟବକ୍ତା ଭାବେ ମାହାଙ୍ଗା ସାହିତ୍ୟ ସଂସଦର ସଭାପତି ଡ. ଭୁବନାନନ୍ଦ ସାହୁ ଏବଂ ଅନ୍ୟତମ ଅତିଥି ଭାବେ ବସୁନ୍ଧରାର ସମ୍ପାଦିକା ଶୈଳ ମହାପାତ୍ର ଯୋଗଦେଇଥିଲେ। ବିଜୟ କୁମାର ପଢିହାରୀଙ୍କୁ ଡ.ସନ୍ଧ୍ୟାରାଣୀ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହିତ ଉତ୍କଳ ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

# ୩୩-୧୭ ସଂଖ୍ୟା ଛୁଇଁବାକୁ ଉଭୟ ଗୋଷ୍ଠୀର ଉଦ୍ୟମ

**କଟକସଦର, ୩୧।୮(ଡି.ଏନ୍.ଏ.)**

ଗତ ୨୮ତାରିଖରେ କଟକସଦର ପଞ୍ଚାୟତ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ କୋରମ ଅଭାବରୁ ବାତିଲ ହୋଇଯାଇଥିଲା। ବୈଠକରେ ୨୦୧୯-୨୦ଆର୍ଥିକ ବର୍ଷର ବଜେଟ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପ୍ରକଳ୍ପ ମଞ୍ଜୁରୀ ସହ ଫନୀ କ୍ଷୟକ୍ଷତିର ପୁନରୁଦ୍ଧାର, ସମିତି ଅଂଶଧନର ଖର୍ଚ୍ଚ ସମ୍ପର୍କରେ ଆଲୋଚନା ପ୍ରସ୍ତାବ ଗୃହୀତ ହୋଇଥାନ୍ତା। ବିଡିଓଙ୍କ ବିରୋଧରେ ଚାଉଳିଆଗଞ୍ଜ ଥାନାରେ ଅଧକ୍ଷ ଦେଇଥିବା ଏତଲା ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ବୈଠକକୁ ବର୍ଜନ କରାଯିବ ବୋଲି ଦୁଇ ତୃତୀୟାଂଶ ସଭ୍ୟାସଭ୍ୟ ଜିଦ୍ ଧରି ବସିଛନ୍ତି। ବିରୋଧୀ ଗୋଷ୍ଠୀ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ କରାଯିବାର ସମ୍ଭାବନା ଦେଖାଦେଇଛି। ୪୮ସଦସ୍ୟ ମଧ୍ୟରୁ ୩୩ଜଣ ଅର୍ଥାତ୍ ଦୁଇ ତୃତୀୟାଂଶରୁ ଅଧିକ ସପକ୍ଷରେ ଭୋଟଦେଲେ ପ୍ରସ୍ତାବଟି ଗୃହୀତ ହେବ। ସେହିପରି ଏକ ତୃତୀୟାଂଶରୁ ଅଧିକ ଅର୍ଥାତ ୧୭ଜଣ ସଭ୍ୟା ସଭ୍ୟ ପ୍ରସ୍ତାବ ବିପକ୍ଷରେ ଭୋଟଦେଲେ ପଞ୍ଚାୟତ ସମିତି ଅଧକ୍ଷାଙ୍କ ଉପରୁ ବିପଦ ଟଳିଯିବ। ଆଉ ଏକ ବର୍ଷ ପର୍ଯ୍ୟନ୍ତ ଅନାସ୍ଥା ଅଣାଯାଇପାରିବ ନାହିଁ ବୋଲି ଓଡ଼ିଶା ପଞ୍ଚାୟତ ସମିତି ନିୟମରେ ଉଲ୍ଲେଖ ରହିଛି। ବର୍ତ୍ତମାନର ଅଧକ୍ଷା ଶ୍ରୀମନ୍ତିନୀ ବେହେରା ଭାଜପା ସମର୍ଥିତ ଅଟନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ କଟକସଦର ପଞ୍ଚାୟତ ସମିତିର ଅଧିକାଂଶ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ବିଧାୟକ ବିରୋଧୀ ଗୋଷ୍ଠୀରେ ଥିଲେ। ବିଧାୟକ ଚନ୍ଦ୍ରସାରଥୀ ବେହେରା ସାଧାରଣ ନିର୍ବାଚନରେ ଜିଣିବା ପରେ ଅନେକ ଅସନ୍ତୁଷ୍ଟ ଶାସକ ଗୋଷ୍ଠୀର ଆନୁଗତ୍ୟ ହାସଲ କରିବା ପାଇଁ ଉଦ୍ୟମ ଚଳାଇଥିବା କୁହାଯାଉଛି। ଏହି ଆନୁଗତ୍ୟର ପରିଣାମ ଅନାସ୍ଥା ବେଳେ ସପକ୍ଷ ଭୋଟରେ ପ୍ରତିଫଳିତ ହେବ ବୋଲି ସେଥିରେ ସନ୍ଦେହ ସୃଷ୍ଟି ହୋଇଛି। ଅଧକ୍ଷାଙ୍କର ବିପକ୍ଷ ଗୋଷ୍ଠୀର ନେତୃତ୍ୱ ନେଉଥିବା ଉପାଧକ୍ଷ ବିଭୂତିଭୂଷଣ ପରିଡ଼ାଙ୍କୁ ପଚାରିବାରୁ ଏ ସମ୍ପର୍କରେ ସଭ୍ୟାସଭ୍ୟଙ୍କ ସହ ଆଲୋଚନା ହୋଇନାହିଁ ବୋଲି କହିଥିଲେ। ୨୦୦୪ ଜୁଲାଇରେ ତତ୍କାଳୀନ ଅଧକ୍ଷ ସତ୍ୟ ଜେନାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କ୍ରସ ଭୋଟିଂ ଯୋଗୁ କାଟ ଖାଇଯାଇଥିଲା। ତେଣୁ ଉଭୟ ଅନାସ୍ଥା ସପକ୍ଷ ଓ ବିପକ୍ଷବାଦୀ ୩୩-୧୭ ସଂଖ୍ୟାକୁ ଛୁଇଁବା ପାଇଁ ଭିତିରି ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଏଥିରେ ରାଜନୈତିକ ଫାଇଦା ଯାହା ହେଉନା କାହିଁକି କଟକସଦର ବ୍ଲକର ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବ।



ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

## ଚୌଦ୍ୱାରରେ ସ୍ୱାୟତ୍ତ ଶାସନ ଦିବସ

**ଚୌଦ୍ୱାର, ୩୧।୮(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇ ଯାଇଛି। ପୌର ପ୍ରଶାସକ ତଥା ଉପ ଜିଲାପାଳ ଶୁଭ୍ରାଂଶୁ ମିଶ୍ର ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୌର କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀଙ୍କ ପୌରୋହିତ୍ୟରେ ଏହି ଉପଲକ୍ଷେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ସମଗ୍ର ସହରାଞ୍ଚଳକୁ ସ୍ୱଚ୍ଛ ରଖିବା, ବାହ୍ୟମଳତ୍ୟାଗ ମୁକ୍ତ ରଖିବା ଓ ପରିବେଶକୁ ପରିଷ୍କାର ରଖିବାପାଇଁ ସମସ୍ତେ ପ୍ରୟାସ କରିବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ପୂର୍ବତନ ନଗରପାଳ, କାଉନସିଲର, ପୌର କର୍ମଚାରୀ, ଛାତ୍ରୀଛାତ୍ର ଏବଂ ସାଧାରଣ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଭାତରେ ସହରାଞ୍ଚଳରେ ପ୍ରତିଷ୍ଠିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମ୍ୟୁନିସିପାଲ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଓ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଶିଶୁ ସଦନର ପିଲାମାନଙ୍କୁ ଫଳ ଓ ମିଷ୍ଟାନ୍ନ ବିତରଣ କରାଯାଇଥିଲା। ଶିଶୁ ସଦନ ମୁଖ୍ୟ ଦାମୋଦର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇଥିଲେ। ପୌରପାଳିକାର ଜେଇ ଚମ୍ପକ ପ୍ରଧାନ, ବରିଷ୍ଠ କର୍ମଚାରୀ ସେକ୍ ରାଜଉଦ୍ଦିନ୍, ସନ୍ତୋଷ କୁମାର ପାଣି, ଝୁଲେନ୍ଦ୍ର ନାୟକ, ସନ୍ତୋଷ କୁମାର ହୋତା, ଦେବାଶିଷ ମହାପାତ୍ର, ଦେବାଶିଷ ପଣ୍ଡା, ପ୍ରଦୀପ ସାମଲ, ମାନସ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ଥୋରିଆସାହିର ଏକ ଦୋକାନରେ କୋଲକାତାରୁ ଆସିଥିବା ଗଣେଶଙ୍କ ମୃଣ୍ମୟ ପ୍ରତିମା ବିକ୍ରୟ ପାଇଁ ରହିଛି।

## ଅନୁଚ୍ଛେଦ ୩୭୦ ଓ ୩୫ଏ ଉଚ୍ଛେଦ ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୩୧।୮**

କଟକ ବାର ଆସୋସିଏଶନ ପକ୍ଷରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫ଏ ଉଚ୍ଛେଦ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ସୌରଚନ୍ଦ୍ର ମହାପାତ୍ର ଓ ଅରୁପାନନ୍ଦ ଦାସ ଯୋଗଦେଇ ଏହି ଅନୁଚ୍ଛେଦ ଉଚ୍ଛେଦର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କଟକ ବାର ଆସୋସିଏଶନ ସମ୍ପାଦକ ନରେଶ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦିଲ୍ଲୀପ ମହାପାତ୍ର, ଦେବୀ ଥାଟରାଜ ଓ ତପସ୍ୱିନୀ ସିହ୍ନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜଳାଶୟ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତର

**ଫୁଲନଖରା,୩୧।୮(ଡି.ଏନ୍.ଏ.)**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ୫୯ନଂ ୱାର୍ଡରେ ଫୁଲନଖରା ଛକ ନିକଟସ୍ଥ ବନ୍ଧଛଡ଼ା କାଚରାମାଳ ଜଳାଶୟ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତରକୁ ସ୍ଥାପନ କରିଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଅନିଲ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୁଇକୋଟି ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚରେ ଉକ୍ତ ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ସାଙ୍ଗକୁ ଚିଲଡ୍ରେନ୍ସ ପାର୍କ, ପାର୍କିଂସ୍ଥଳ ଆଦି ବିଭିନ୍ନ କାର୍ଯ୍ୟ କରାଯିବ ବୋଲି କମିଶନର ଦାସ କହିଥିଲେ। କଟକ-ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥ କଡ଼ରେ ଏହି ଜଳାଶୟଟି ଥିବାରୁ ଉକ୍ତ ରାସ୍ତାରେ ଯାଉଥିବା ଲୋକେ ଏହାର ସୁବିଧା ପାଇପାରିବେ। ବହୁ ବର୍ଷ ପରେ ଏପରି ଆଖିଦୃଶିଆ କାର୍ଯ୍ୟ ହାତକୁ ନିଆଯାଇଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଖୁସି ଦେଖାଯାଇଛି।

## ପ୍ରାଚୀ ପ୍ରଜ୍ଞା ପରିଷଦର ବୈଠକ



ବୈଠକରେ ଉପସ୍ଥିତ ପରିଷଦର କର୍ମକର୍ତ୍ତା।

**ଫୁଲନଖରା,୩୧।୮(ଡି.ଏନ୍.ଏ.)**

ସାଂସ୍କୃତି ଓ ସାମାଜିକ ସଙ୍ଗଠନ ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ଏକ ଜରୁରୀ ବୈଠକ କୁରାଙ୍ଗ ଶାସନସ୍ଥିତ ହୋଟେଲ ଆମ୍ରପଲ୍ଲୀ ରିସର୍ଟସଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ହେବାକୁ ଥିବା ରକ୍ତଦାନ ଶିବିର ସୁପରିଚାଳନା ଓ ସଫଳ କରିବା ପାଇଁ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସଭାପତି ଅଶ୍ୱିନୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁରେନ୍ଦ୍ରନାଥ ଛୋଟରାୟ, କବିନାରାୟଣ ମହାନ୍ତି, ରାଧାଶ୍ୟାମ ମହାନ୍ତି ଓ କଳ୍ପତରୁ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ଓ ଚାରା ରୋପଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ୫୯ନଂ ୱାର୍ଡର ଜଳାଶୟ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତର


**ଫୁଲନଖରା,୩୧।୮(ଡି.ଏନ୍.ଏ.)**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ୫୯ନଂ ୱାର୍ଡରେ ଫୁଲନଖରା ଛକ ନିକଟସ୍ଥ ବନ୍ଧଛଡ଼ା କାଚରାମାଳ ଜଳାଶୟ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତରକୁ ସ୍ଥାପନ କରିଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଅନିଲ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୁଇକୋଟି ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚରେ ଉକ୍ତ ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ସାଙ୍ଗକୁ ଚିଲଡ୍ରେନ୍ସ ପାର୍କ, ପାର୍କିଂସ୍ଥଳ ଆଦି ବିଭିନ୍ନ କାର୍ଯ୍ୟ କରାଯିବ ବୋଲି କମିଶନର ଦାସ କହିଥିଲେ। କଟକ-ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥରେ ଯାଉଥିବା ଲୋକେ ଏହାର ସୁବିଧା ପାଇପାରିବେ।


# ପରିବେଶ ବଞ୍ଚାଅ ସଚେତନତା ରାଲି




ପରିବେଶ ସଚେତନତା ପାଇଁ ସିଡିଏ ସେଣ୍ଟ ଜାଭିୟର ସ୍କୁଲର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ରାଲି।

**କଟକ ଅଫିସ, ୩୧।୮**

ସିଡିଏ ସେଣ୍ଟ ଜାଭିୟର ସ୍କୁଲ ପକ୍ଷରୁ ଶନିବାର ପରିବେଶ ବଞ୍ଚାଅ ସଚେତନା ରାଲି ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଛାତ୍ରୀଛାତ୍ରମାନେ ଚାରାରୋପଣ, ପଲିଥିନ ବର୍ଜନ ସମସ୍ୟାଗୁଡ଼ିକୁ ନେଇ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରି ଲୋକମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ସତ୍ୟମ୍ ସରାଫ, ଅଧକ୍ଷ ସୁବ୍ରତ ଦାସଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**କଟକ ଅଫିସ, ୩୧।୮**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ୍‌ଠାରେ ଶନିବାର ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁଳସଚିବ ଅଶୋକ କୁମାର ଦାସ ଯୋଗଦେଇ କିଭଳି ଟ୍ରାନ୍ସଜେଣ୍ଡରମାନଙ୍କର ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପୂର୍ଣ୍ଣାର ପ୍ରତିଷ୍ଠାତା ସତ୍ୟରାଜ ନାଗପାଲ ଯୋଗଦେଇ ବର୍ତ୍ତମାନ ଟ୍ରାନ୍ସଜେଣ୍ଡରମାନେ ଅତ୍ୟାଚାରିତ ଓ ଅବହେଳାର ଶିକାର ହେଉଥିବା କହିଥିଲେ। ସେହିପରି ସାଧନା ମିଶ୍ର କହିଥିଲେ, ଟ୍ରାନ୍ସଜେଣ୍ଡରମାନଙ୍କ ଉଭୟ ପୁରୁଷ ଓ ମହିଳାମାନଙ୍କ ପରି ସମାନତା ମିଳିବା ଆବଶ୍ୟକ। ପ୍ରଫେସର ହିରନମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ, ଅସୀମା ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଯଜ୍ଞେଶ୍ୱର ସେଠୀ ଧନ୍ୟବାଦ ଦେଇଥିଲେ। ଏଥିରେ ଡ. ଜ୍ଞାନ ରଞ୍ଜନ ସାହୁ , ସମୀକ୍ଷା ବେହେରା, ମେଘନା ସାହୁ, ଐଶୋରିଆ ଋତୁପର୍ଣ୍ଣା ପ୍ରଧାନଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଅଙ୍ଗଦାନ ସମ୍ପର୍କିତ ସଚେତନତା ଶୋଭାଯାତ୍ରା

**କଟକ ଅଫିସ, ୩୧।୮**

ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ 'ଅଙ୍ଗଦାନ ଏକ ମହତ ଦାନ' ସମ୍ପର୍କିତ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ, ମାରୱାଡ଼ି ମହିଳା ସମ୍ମେଳନର ଅଲ ଇଣ୍ଡିଆ ସଭାପତି ଉଷା କିରଣ ଟିକରୱାଲ ଓ ଅଲ ଇଣ୍ଡିଆ ଆଇ ଡୋନେସନ ସଂଯୋଜିକା ସନ୍ଧ୍ୟା ଅଗ୍ରୱାଲା ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ଜୟ ପ୍ରକାଶ ନାରାୟଣ ପାର୍କ ଠାରୁ ବାହାରି ରୋଟାରୀ ଆଇ ହସ୍ପିଟାଲ ନିକଟରେ ପହଞ୍ଚିଥିଲା। ମୃତ୍ୟୁ ପରେ ପ୍ରତ୍ୟେକ ଜନସାଧାରଣ ଅଙ୍ଗଦାନ କରିବାକୁ ଅଙ୍ଗୀକାରବଦ୍ଧ ହେବା ପାଇଁ ସିଡ଼ିଏ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ସଭାନେତ୍ରୀ ଡ଼ିମ୍ପଲ ମୁରାକା କହିଛନ୍ତି। ଆଗାମୀ ଦିନରେ ସିଡ଼ିଏର ପ୍ରତ୍ୟେକ ଗଳିକନ୍ଦିରେ ଶୋଭାଯାତ୍ରା କରାଯାଇ 'ଅଙ୍ଗଦାନ ଏକ ମହତଦାନ' ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଯିବ ବୋଲି ଅନୁଷ୍ଠାର ସମ୍ପାଦିକା ରୀତା ବାଗେଡ଼ିଆ ଓ କୋଷାଧକ୍ଷ ମନୀଷା ଅଗ୍ରୱାଲା କହିଛନ୍ତି। ଏହି ଶୋଭାଯାତ୍ରାରେ ମାରୱାଡ଼ି ମହିଳା ସମ୍ମେଳନର ଉପଦେଷ୍ଟା ଉଷା ଚିମନକା, ଗାୟତ୍ରୀ ଅଗ୍ରୱାଲା, ସଙ୍ଗୀତା ସାଙ୍ଗନେରିଆ, ସ୍ୱପ୍ନା ସାଙ୍ଗନେରିଆ, ରୋଜି ଜୈନ, ଲତା ଅଗ୍ରୱାଲା, ଶ୍ୱେତା ଅଗ୍ରୱାଲା, ଉମା ଅଗ୍ରୱାଲା, ନିର୍ମଳା ଅଗ୍ରୱାଲା, ଅର୍ଚ୍ଚନା ଅଗ୍ରୱାଲା ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ସନ୍‌ସାଇନ ପଡିଆଠାରୁ ଏସଜିବିଏଲ ମଲ୍ ପର୍ଯ୍ୟନ୍ତ ଶନିବାର ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଅଙ୍ଗଦାନ ଏକ ମହତ କାର୍ଯ୍ୟ। କିଭଳି ଅଧିକ ଲୋକ ଅଙ୍ଗଦାନ ପାଇଁ ଉତ୍ସାହିତ ହେବେ ସେ ନେଇ ଦୃଷ୍ଟି ଦେବାପାଇଁ କହିଥିଲେ। ଏଥିରେ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇଥିଲେ।




ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ଅଙ୍ଗଦାନ ଏକ ମହତ ଦାନ' ସମ୍ପର୍କିତ ଜନ ସଚେତନତା ଶୋଭାଯାତ୍ରା।



ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।

-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ମାଛ ବଜାର ପାଲଟିଛି ନିଶାଦ୍ରବ୍ୟ ପେଣ୍ଠସ୍ଥଳ

**ଟାଙ୍ଗୀ(ଖୋର୍ଦ୍ଧା),୩୧।୮(ଡି.ଏନ.ଏ.)-** ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ମାଛ ବଜାର ବିଭିନ୍ନ ନିଶା ଦ୍ରବ୍ୟର ପେଣ୍ଠସ୍ଥଳ ପାଲଟିଥିବା ଅଭିଯୋଗ ହେଉଛି । ବଜାରର କିଛି ଦୂରରେ କୁହୁଡି ସରକାରୀ ପ୍ରାଥମିକ ବିଦ୍ୟାଳୟ, କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି । ନିକଟରେ କୁହୁଡିର ଦୈନିକ ହାଟ ମଧ ରହିଛି । ମାଛ ବଜାର ପାଇଁ ଏହି ସ୍ଥାନଟି ଉପଯୋଗୀ ନ ହେଲେ ମଧ ତାହା ଦୀର୍ଘଦିନ ଧରି ଚାଲି ଆସୁଛି। ତେବେ ଏହି ସ୍ଥାନରେ ଚୋରା ଦେଶୀ ଓ ବିଦେଶୀ ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ଇତ୍ୟାଦି କାରବାରର ପେଣ୍ଠ ସ୍ଥଳ ପାଲଟିଥିବା ଦେଖାଯାଉଛି । ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ଯୁବତୀଙ୍କ ମିଳୁନି ପତ୍ତା, ଥାନାରେ ଅଭିଯୋଗ

**ବେଗୁନିଆ,୩୧।୮(ଡି.ଏନ.ଏ.):** ବେଗୁନିଆ ଥାନା ଅଞ୍ଚଳରୁ ଜନୈକା ୨୦ ବର୍ଷୀୟା ଯୁବତୀଙ୍କ ପତ୍ତା ମିଳୁ ନ ଥିବାରୁ ଶନିବାର ଥାନାରେ ଅଭିଯୋଗ ହୋଇଛି। ଯୁବତୀ ଜଣକ ଶୁକ୍ରବାର ମଧ୍ୟାହ୍ନରେ ନିଜ ବାଡି ପଟକୁ ଯାଇଥିଲେ। ମାତ୍ର ଘରକୁ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରି ନିରାଶ ହେବା ପରେ ଥାନାର ଆଶ୍ରୟ ନେଇଥିଲେ।

### ମାରୱାଡି ଯୁବାମଞ୍ଚ ପକ୍ଷରୁ କ୍ୟାନ୍‌ସର ଚିହ୍ନଟ ଶିବିର

**ଜଟଣୀ,୩୧।୮(ଡି.ଏନ.ଏ.):** ମାରୱାଡି ଯୁବାମଞ୍ଚ ଜଟଣୀ ସିଟି ଶାଖା ପକ୍ଷରୁ ସ୍ଥାନୀୟ ଅଗ୍ରୱାଲା ଧର୍ମଶାଳାରେ ଶନିବାର କ୍ୟାନ୍‌ସର ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ମାରୱାଡ଼ି ଯୁବାମଞ୍ଚ କ୍ୟାନସର ରୋଗ ଚିହ୍ନଟ ପାଇଁ ଡା. ଆନନ୍ଦସିଂଙ୍କ ନେତୃତ୍ୱରେ ଏକ ଟିମ୍ ଦ୍ୱାରା ଲୋକଙ୍କୁ ରକ୍ତ ପରୀକ୍ଷା ଓ ନମୁନା ସଂଗ୍ରହ କରାଯାଇ ରୋଗ ଚିହ୍ନଟ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାର ଡାକ୍ତରୀ ଦଳ ଦ୍ୱାରା ଅନ୍ୟାନ୍ୟ ରୋଗର ପରୀକ୍ଷା କରାଯାଇଥିଲା। ଶିବିରରେ ୧୫୦ ଜଣଙ୍କ କ୍ୟାନ୍‌ସର ରୋଗ ହୋଇଛି ନା ନାହିଁ ପରୀକ୍ଷା ଓ ନମୁନା ସଂଗ୍ରହ କରାଯାଇଥିଲା। ୯୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଯୁବାମଞ୍ଚର ସଭାପତି ସତୀଶ ଶର୍ମା, ସମ୍ପାଦକ ଶ୍ୟାମ ଯୋଶୀ, ଦୀପକ ଧର୍ଷୁୱାଲାଙ୍କ ସମେତ ୫୦ରୁ ଅଧିକ ମଞ୍ଚର ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଇଡ୍‌କୋର ପକ୍ଷପାତିତା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ

**ଖୋର୍ଦ୍ଧା ଅଫିସ, ୩୧।୮-** ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ପରିତ୍ୟକ୍ତ ହୋଇ ପଡି ରହିଥିବା ୩୫ ବର୍ଷର ପୁରୁଣା ଅଏଲ ଓଡ଼ିଶା କମ୍ପାନୀର ଉପକରଣ ନିଲାମ ହୋଇଛି। ହେଲେ ନିଲାମ ପାଇଥିବା ବ୍ୟକ୍ତି ଉପକରଣ ନେବା ପୂର୍ବରୁ ଆଉ ଏକ କମ୍ପାନୀ ପୁରୁଣା ଉପକରଣରେ ରଙ୍ଗ ବୋଳି ନୂଆ କମ୍ପାନୀ ଆରମ୍ଭ କରି ଦେଲେଣି। ନିଲାମ ଦେଇଥିବା ଓ ନୂଆ କମ୍ପାନୀକୁ ପୁରୁଣା ଉପକରଣ ବ୍ୟବହାର କରିବାର ପ୍ରୀତି ଦେଖାଇବା ଘଟଣାକୁ ନେଇ ନିଲାମ ପାଇଥିବା ରିଆଜ ଇଣ୍ଟର ପ୍ରାଇଜର୍ସ ହାଇକୋର୍ଟରେ ଆଶ୍ରୟ ହୋଇଛନ୍ତି। ଅଭିଯୋଗ ଅନୁସାରେ ଇଡ୍‌କୋ କର୍ତ୍ତୃପକ୍ଷ ଏମଏସ୍‌ସିସି ଇଣ୍ଟର ପ୍ରାଇଜର୍ସ ଜରିଆରେ ରିଆଜ ଇଣ୍ଟର ଉପକରଣକୁ ଇ' ଟେଣ୍ଡର ମାଧମରେ ନିଲାମ ଦେଇଥିଲେ। ତେବେ ନିଲାମ ପରେ ଦୁଇ ଘରୋଇ କମ୍ପାନୀକୁ ଉକ୍ତ ଜମି ପ୍ରଦାନ କରି ଦେଲେ। ଏଥିରୁ ଗୋଟିଏ କମ୍ପାନୀ ଅଏଲ ଓଡ଼ିଶା କମ୍ପାନୀର ପୁରୁଣା ଉପକରଣକୁ ନେଇ ନୂଆ କମ୍ପାନୀ କାର୍ଯ୍ୟାରମ୍ଭ କରିଛି।

### ଇପିଏଫ୍ ପେନସନ୍ ବୃଦ୍ଧି

**ଖୋର୍ଦ୍ଧା ଅଫିସ, ୩୦।୮:** ଉତ୍କଳ ବୁଣାକାର ସମବାୟ ସୂତାକଳର ମୁକୁନ୍ଦପ୍ରସାଦର ଅବସରପ୍ରାପ୍ତ ଶ୍ରମିକ ଓ କର୍ମଚାରୀଙ୍କୁ ନେଇ ଏକ ପ୍ରତିବାଦ ସଭା ଖୋର୍ଦ୍ଧାରେ ଅନୁଷ୍ଠିତ ହୋଇଯାଇଛି। ବିନାୟକଙ୍କ ଆବାହକତ୍ୱ ଓ ପଞ୍ଚାନନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଲ ଓଡ଼ିଶା ଇପିଏଫ୍ ପେନସନରସ୍ ଆସୋସିଏଶନ୍ର ସଭାପତି ରଞ୍ଜନ ଖୁଣ୍ଟିଆ, ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ପ୍ରମୁଖ ଯୋଗଦେଇଥିଲେ। ଉତ୍କଳ ବୁଣାକାର ସମବାୟ ସୂତାକଳର ମୁକୁନ୍ଦପ୍ରସାଦର ଅବସରପ୍ରାପ୍ତ ଶ୍ରମିକ ଓ କର୍ମଚାରୀମାନେ ୫୦୦ ଟଙ୍କାରୁ ୧୧୦୦ ଟଙ୍କା ଭିତରେ ପେନଶନ୍ ପାଉଛନ୍ତି। ଏଣୁ ସରକାର ୧୫ ହଜାର ମାସିକ ପେନଶନ ଦାବି କରାଯାଉଛି।

---

■ ୫୯ ବର୍ଷର ସହର ଖୋର୍ଦ୍ଧା: ସହରବାସୀ ପାଉନାହାନ୍ତି ମୌଳିକ ସେବା

# ବିକାଶ ଚାଲିଛି, ବଦଳୁନି ଚେହେରା

**ଖୋର୍ଦ୍ଧା ଅଫିସ,୩୧।୮**

କ୍ରମ ବର୍ଦ୍ଧିଷ୍ଣୁ ସହର ଭାବେ ଖୋର୍ଦ୍ଧା ୫୯ ବର୍ଷରେ ପଦାର୍ପଣ କରିଛି। ହେଲେ ବିକାଶ ଚାଲିଛି ବୋଲି କୁହାଯାଉଥିଲେ ହେଁ ଖୋର୍ଦ୍ଧା ସହରର ଚେହେରା ବଦଳୁନାହିଁ। ସ୍ୱାୟତ୍ତ ଶାସନର ଆଭିମୁଖ୍ୟ ଲକ୍ଷ୍ୟଚ୍ୟୁତ ହୋଇଥିବାରୁ ସହରରେ ଥାଇ ଲୋକ ସର୍ବନିମ୍ନ ମୌଳିକ ସୁବିଧା ପାଉନାହାନ୍ତି ବୋଲି ଅଭିଯୋଗ ରହିଛି। ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ସହରରେ ଦିନକୁଦିନ ଲୋକସଂଖ୍ୟା ବୃଦ୍ଧି ପାଉଛି। ଦୂରଦୃଷ୍ଟି ଏବଂ ସମୟୋପଯୋଗୀ ପଦକ୍ଷେପ ଅଭାବରୁ ସମସ୍ୟା ଜଟିଳ ହେବାରେ ଲାଗିଛି। ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଉନାହିଁ। ବୃହତ୍ ଜନସଂଖ୍ୟାକୁ ସର୍ବନିମ୍ନ ପୌର ସୁବିଧା ଯୋଗାଇବାକୁ ହେଲେ ଉତ୍ତମ ଯୋଜନା ସହ ରାଜସ୍ୱ ବଢ଼ାଇବାର ଆବଶ୍ୟକତା ରହିଥିଲେ ହେଁ ଅଣଦେଖା କରାଯାଉଛି।

ଖୋର୍ଦ୍ଧାଗଡର ଭୌଗୋଳିକସ୍ଥିତି ବେଶ୍ ସୀମିତ ଥିଲେ ହେଁ ଏହାର ପ୍ରାକୃତିକ ବୈଭବ, ଐତିହ୍ୟ ସହରକୁ ସ୍ୱତନ୍ତ୍ର କରିଛି। ପ୍ରାୟ ଦଶନ୍ଧି ତଳେ ଆଇଆଇଟି ଦେଇଥିବା ମାଷ୍ଟର ପ୍ଲାନକୁ କାର୍ଯ୍ୟକାରୀ କରାଇ ବିକାଶକୁ ତ୍ୱରାନ୍ୱିତ କରାଯାଉନାହିଁ। ଗଜପତିମାନଙ୍କ ଦ୍ୱାରା ଗଡଖୋର୍ଦ୍ଧାରେ ନିର୍ମିତ ଦୁର୍ଗ, ମନ୍ଦିର, ମଠ ଆଦିର ପ୍ରତ୍ନତାତ୍ତ୍ୱିକ ଖନନ ସହ ଭୂସମ୍ପତ୍ତିର ସୁରକ୍ଷା କରି ହେରିଟେଜ ସିଟି ଭାବେ ମାନ୍ୟତା ଦେବା ଦରକାର। ବରୁଣେଇ ଜଙ୍ଗଲକୁ କଂକ୍ରିଟ ଘେରରୁ ମୁକ୍ତ କରି ସବୁଜିମା କରାଯିବାର ଆବଶ୍ୟକତା ରହିଛି। ଇଡ୍‌କୋ ଅଧିଗ୍ରହଣ କରିଥିବା ପ୍ରାୟ ୩୨୫ ଏକର ଜମିରେ ଅଧିକ ଶିଳ୍ପ ନ କରି ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠା କରାଇଲେ ଭୂମିର ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ହୋଇପାରନ୍ତା। ଏହାକୁ ଅଣଦେଖା କରାଯାଉଥିବାରୁ ଖୋର୍ଦ୍ଧା ପରି ବୀର ଓ ସଂସ୍କୃତି ଭୂମି ଉପେକ୍ଷିତ ହୋଇରହିଛି। ସେହିପରି ସହରର ରାସ୍ତାଘାଟ, ଡ୍ରେନେଜ, ଆଲୋକ, ପରିମଳ ସେବା ବିପର୍ଯ୍ୟସ୍ତ। ଟ୍ରାଫିକ ସମସ୍ୟା ବଢ଼ି ଚାଲିଛି। ଦୀର୍ଘଦିନର ଦାବି ପୁରୁଣା ମାଛ ମାର୍କେଟକୁ କାର୍ଯ୍ୟକ୍ଷମ ହେଲାନାହିଁ। ରାସ୍ତାରେ ଆମିଷ ପାଣି କୁଦି ଯିବା ଆସିବା କରୁଛନ୍ତି ଲୋକେ। ୨ ୱାର୍ଡକୁ ଛାଡି ପରିମଳ ସେବାକୁ ଘରୋଇକରଣ କରାଯାଇଥିଲେ ହେଁ ଏଥିରେ ସହରବାସୀ ସନ୍ତୁଷ୍ଟ ନାହାନ୍ତି। ସହର ସାରା କୁଢ଼ କୁଢ଼ ଅଳିଆ, ନାଳ ନର୍ଦ୍ଦମାର ପଚାଶଢ଼ା ପାଣି ସହରବାସୀଙ୍କୁ ଅଣନିଃଶ୍ୱାସୀ କରି ରଖିଛି। ଫନୀ ବାତ୍ୟାର କାଠଗଣ୍ଡି ବି ପଡି ରହିଛି। ମଶା ବଂଶ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ସହରରେ ପଲିଥିନ ଜନିତ ପ୍ରଦୂଷଣ ମଧ ବଢି ଚାଲିଛି। କେଉଁଠି ବର୍ଜ୍ୟବସ୍ତୁକୁ ମନଇଚ୍ଛା ଫୋପାଡି ଦିଆଯାଉଛି ତ ଆଉ କେଉଁଠାରେ ସ୍ୱରେଜ ନିର୍ମାଣ ନାଁରେ ରାସ୍ତାକୁ ତାଡି ଦିଆଯାଉଛି। ଆଉ କେଉଁଠାରେ ସିମେଣ୍ଟ ଢ଼ଳେଇ ପଡିବା ପରେ ରାସ୍ତାକୁ ଖୋଳି ଟେଲିଫୋନ କେବୁଲ ନିଆଯାଉଛି। ପୁଣି ନରାଜରୁ ସପ୍ଲାଏ ପାଣି ପାଇଁ ରାସ୍ତା ଖୋଳି ମରଣଯନ୍ତା କରି ଦିଆଯାଇଛି। ବ୍ରାଉନସୁଗାର, ମଦ, ଗଞ୍ଜେଇ ଆଦି ମାଦକଦ୍ରବ୍ୟର ଅବାଧ କାରବାର ଚାଲିଛି। ରାସ୍ତା ଉପରେ ଗୃହପାଳିତ ଗୋରୁଙ୍କ ଯୋଗୁ ଦୁର୍ଘଟଣା ବଢୁଛି। ସହରରେ କ୍ୟାବିନ ସମସ୍ୟା ମୁଖ୍ୟ ଭାବେ ଉଭା ହୋଇଛି। ଟ୍ରାଫିକ ସମସ୍ୟା ସହ ସହରର ଉନ୍ନତିମୂଳକ କାର୍ଯ୍ୟରେ କ୍ୟାବିନ ବାଧକ ସାଜିଛି। ୨୩ ବର୍ଷ ତଳର ଏହି ସମସ୍ୟାକୁ ସମାଧାନ କରାଯାଉନାହିଁ। ଡ୍ରେନ ସମସ୍ୟାର ସମାଧାନ ନାହିଁ। ବର୍ଷାଋତୁ ପୂର୍ବରୁ ଡ୍ରେନ ସଫେଇ କରାଯାଇନାହିଁ। ସାମାନ୍ୟ ବର୍ଷାରେ ସହରରେ କୃତ୍ରିମ ବନ୍ୟା ହେଉଛି। ସେହିପରି ମ୍ୟୁନିସିପାଲିଟିର ଯେଉଁ ଦୋକାନ ଘର ଭଡାରେ ଲାଗିଛି ତାହା ମରାମତି ହେଉନି। ବରୁଣେଇ ଅଞ୍ଚଳରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ରହିଛି, ଯାହାକି ସହରର ପରିବେଶକୁ ବହୁ ଗୁଣରେ ପ୍ରଦୂଷିତ କରୁଥିଲେ ହେଁ ନିରାକରଣ ନାହିଁ। ହୋଲ୍ଡିଂ ସମେତ ଅନ୍ୟ ଟିକସ ଲକ୍ଷ୍ୟ ପୂରଣ କରୁନି। ପୁଣି ହୋଲ୍ଡିଂ ଟିକସ ଦେଉଥିବା ଲୋକ ସେବା ପାଉନାହାନ୍ତି। ଚଳନ୍ତା ଗାଡିକୁ ଅଟକାଇ ବେଆଇନ ପାର୍କିଂ ଫି ଆଦାୟ ହେଉଛି। ଏଣୁ ବିଭିନ୍ନ କ୍ଷେତ୍ରରେ ସହରବାସୀ ଅସୁବିଧା ଭୋଗୁଥିଲେ ହେଁ ବିକାଶ ନାଁରେ ପ୍ରତାରଣା ଚାଲିଛି।

---

## ଜଟଣୀ ମ୍ୟୁନିସିପାଲିଟିରେ ସ୍ୱାୟତ୍ତ ଶାସନ ଦିବସ



ଜଟଣୀରେ ମ୍ୟୁନିସିପାଲିଟି ୪ ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଡ୍ରେସ୍ ବଣ୍ଟାଯାଉଛି।

**ଜଟଣୀ,୩୧।୮(ଡି.ଏନ.ଏ.)**

ଜଟଣୀ ମ୍ୟୁନିସିପାଲିଟି ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା। ଭୁବନେଶ୍ୱର ସବ୍‌କଲେକ୍ଟର ଦେବବ୍ରତ ସାହୁ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବା, ଅଳିଆ ଆବର୍ଜନା ଏଣେ ତେଣେ ନ ଫୋପାଡ଼ି ସହରକୁ ସୁନ୍ଦର ରଖିବାକୁ ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନେ ଶପଥପାଠ କରିଥିଲେ। ଏଠାରେ ଥିବା ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, ପୂର୍ବତନ କାଉନ୍‌ସିଲର ଅଞ୍ଜଳି ମହାନ୍ତି, ଲୁସେନ୍ ରାୟ, ବିଷ୍ଣୁ ସାହୁ, ନୌସର ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହାଛଡ଼ା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍‌ସିଂ ମାଧମରେ ହୋଇଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର, ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ୱାର୍ଡ ଅଫିସ ଆଦିର ଭିତ୍ତି ପ୍ରସ୍ତର ଓ ଉଦ୍‌ଘାଟନ ହୋଇଥିଲା।

---

■ ବାଣପୁରରେ ସ୍ୱାୟତ୍ତ ଶାସନ ଦିବସ

## ୧୪୪ ଧାରା ସତ୍ତ୍ୱେ ଉନ୍ମୋଚନ ହେଲା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି

**ଖୋର୍ଦ୍ଧା ଅଫିସ, ୩୧।୮**

ଶନିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୂର୍ବାହ୍ନରେ ବାଣପୁର ପୌରାଞ୍ଚଳରେ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିଆଲଙ୍କ ଉପସ୍ଥିତିରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏ ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ଏବଂ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ୧୪୪ ଧାରା ଜାରି ସତ୍ତ୍ୱେ ଅପରାହ୍ନରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ବାଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟନ ହେଲା। ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ପୂର୍ବତନ ବିଧାୟକ ରଘୁନାଥ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ତେବେ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ପୂର୍ବରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

**ଭାଜପାର ଥାନା ସମ୍ମୁଖରେ ଧାରଣା**



ଅତିଥିଙ୍କ ଦ୍ୱାରା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଉଛି।

ପ୍ରତିମୂର୍ତ୍ତି ନିର୍ମାଣ ସ୍ଥାନ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟର ହୋଇଥିବାରୁ ଉପଜିଲାପାଳଙ୍କ କୋର୍ଟରେ ୧୪୪ ଧାରା ଜାରି ହୋଇଥିଲା। ଉପ ଜିଲାପାଳଙ୍କ ନିର୍ଦ୍ଦେଶନାମା ସ୍ଥାନୀୟ ଲୋକ ପୋଲିସକୁ ହସ୍ତାନ୍ତର କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ପ୍ରତିବାଦରେ ଭାଜପା ନେତା ଦୁଷ୍ମନ୍ତ ହରିଚନ୍ଦନଙ୍କ ନେତୃତ୍ୱରେ ବାଣପୁର ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୋଲିସ ସହଯୋଗ ମିଳି ନ ଥିଲା। ପୂର୍ବରୁ ବିଦ୍ୟାଳୟର ପ୍ରାଚୀର, ପରିସ୍ରାଗାର ଏବଂ ପାଣିପମ୍ପ ପ୍ରଭୃତି ଭାଙ୍ଗି ଦେଇଥିବା ନେଇ ବିଦ୍ୟାଳୟ କତୃପକ୍ଷ ବାଣପୁର ଥାନାରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନଥିଲା। ପ୍ରକାଶଥାଉ କି ପରିଷଦ ପକ୍ଷରୁ ଅନୁଷ୍ଠିତ ଉତ୍ସବର ନିମନ୍ତ୍ରଣ ପତ୍ର ଓ ପ୍ରାଚୀର ପତ୍ରରେ ପୁରୀ ଏମ୍‌ପି ଏବଂ ଜିଲା ପ୍ରଶାସନିକ ଅଧିକାରୀଙ୍କ ନାମ ଥିଲେ ମଧ ସେମାନଙ୍କୁ ଉତ୍ସବ ସ୍ଥଳରେ ଦେଖିବାକୁ ମିଳି ନ ଥିଲା ।

---

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ୩୧୯ ପ୍ରକଳ୍ପ ପ୍ରଦର୍ଶିତ

**ନିରାକାରପୁର,୩୧।୮(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଅପରାହ୍ନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୪ଟି ବିଭାଗରୁ ୩୧୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କ୍ଷେତ୍ରବାସୀ ଡିଏଭି କଲେଜ ଅଧକ୍ଷ ପ୍ରଫେସର ଅଶୋକ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ମେଳା ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ମହାବିଦ୍ୟାଳୟର ଶଙ୍କର୍ଷଣ ପ୍ରଧାନ, ଦୁର୍ଗା ପ୍ରସାଦ ମିଶ୍ର, ବିଜ୍ଞାନ ଶିକ୍ଷୟିତ୍ରୀ ସନ୍ଦୀପନା ବେହେରା ଓ ବିଜ୍ଞାନ ଶିକ୍ଷୟିତ୍ରୀ ଅଙ୍କିତା ପଟ୍ଟନାୟକ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ। ଅନୁଷ୍ଠାନର ସଭାପତି ଉର୍ମିଳା ଦେବୀ, ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

### ବାଙ୍କୋଇ ସାଧନା ଆଇଟିସିର ରିପୋର୍ଟିଂ ସମାରୋହ

**ବୋଲଗଡ଼,୩୧।୮ (ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ସାଧନା ଆଇଟିସି ବର୍ଷର ନୂତନ ତାଲିମଧାରୀଙ୍କ ପାଇଁ ରିପୋର୍ଟିଂ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ମାଧବ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବୋଲଗଡ଼ ଆଇପିଓ ପ୍ରେମାନନ୍ଦ ନାଥ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ଅନ୍ତର୍ଯାମୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କୁମାର ବିଶ୍ୱାଳ, ଅଧକ୍ଷ ସୂର୍ଯ୍ୟକାନ୍ତ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

---

■ ହରିପୁରରେ ଝାଡାବାନ୍ତି ଘଟଣା

## ଗାଁରେ ପହଞ୍ଚିଲା ଡାକ୍ତରୀ ଓ ପ୍ରଶାସନ ଟିମ୍

**ବୋଲଗଡ଼,୩୧।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ହରିପୁର ଆଦିବାସୀ ସାହିରେ ଝାଡ଼ାବାନ୍ତିରେ ଇତି ମଧ୍ୟରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ଜଣ ଆକ୍ରାନ୍ତ ହୋଇଛନ୍ତି। ଖବର ପାଇ ଶନିବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମ୍‌ଓ ଡା. ପ୍ରଫୁଲ୍ଲ ପଣ୍ଡାଙ୍କ ନେତୃତ୍ୱରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ବଳଭଦ୍ର ବେହେରା, ଆୟୁଷ ଡା. ସୁଷମା ବେହେରା, ବିପିଏମ୍‌ଓ ଦିଲୀପ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ଦୀପକ ମହାନ୍ତି ଓ ଆଶାକର୍ମୀମାନେ ଗ୍ରାମରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ବିଡିଓ ମଧୁସୂଦନ ବେହେରାଙ୍କ ନେତୃତ୍ୱରେ ସିଡିପିଓ ବନବାସିନୀ ବିଶ୍ୱାଳ, ବିପିଏମ୍ ପ୍ରକାଶ ବଳିୟାରସିଂ, କନିଷ୍ଠ ଯନ୍ତ୍ରୀ ରଞ୍ଜନ ଘଡ଼େଇ ଓ ଅଙ୍ଗନୱାଡି କର୍ମୀମାନେ ଗ୍ରାମକୁ ଯାଇଥିଲେ। ଟିମ୍ ସ୍ୱାସ୍ଥ୍ୟ ସଚେତନତା କରିବା ସହିତ ଔଷଧ ବଣ୍ଟନ କରିଛି । ପାନୀୟ ଜଳ ଯୋଗାଣ ଉତ୍ସଗୁଡିକରେ କ୍ଲୋରିନେଶନ କରାଯାଇଛି। ଏହି ଗ୍ରାମର ରବି ନାୟକ (୪୦)ଙ୍କ ଝାଡାବାନ୍ତିରେ ମୃତ୍ୟୁ ଘଟିଛି। ରବିଙ୍କର ସ୍ତ୍ରୀ ସୁକାନ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବୋଲଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ



ବାଲୁଗାଁ ଏନଏସିରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନରେ ଦିବସରେ ଉପସ୍ଥିତ ଅତିଥିମାନେ।

**ବାଲୁଗାଁ,୩୧।୮(ଡି.ଏନ.ଏ.)**

ଶନିବାର ବାଲୁଗାଁ ଏନ୍‌ଏସି ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଏନ୍‌ଏସିର ସମସ୍ତ କର୍ମଚାରୀ ଏକ ଶୋଭାଯାତ୍ରାରେ ଯାଇ ବାଲୁଗାଁ ଗାନ୍ଧୀ ଛକଠାରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କାର୍ଯ୍ୟାଳୟ ପରିସରରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗୀରଥି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କନିଷ୍ଠଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର, ପୂର୍ବତନ ଅଧକ୍ଷା ଲକ୍ଷ୍ମୀପ୍ରିୟା ମାଝି, ପୂର୍ବତନ ଉପାଧକ୍ଷ ଅଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଏନ୍‌ଏସିର ଉନ୍ନତୀକରଣ ଉପରେ ଆଲୋକପାତ କରିଥିଲେ। ବିଧାୟକ ଜଗଦ୍ଦେବ ତାଙ୍କ ବକ୍ତବ୍ୟରେ ଏନ୍‌ଏସିରେ ଟାଉନ ହଲ୍ ଓ ଷ୍ଟାଡ଼ିୟମ ନିର୍ମାଣ, ପ୍ରତିଘରକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ, ସରକାରୀ ଡ଼ାକ୍ତରଖାନାର ଭିତ୍ତିଭୂମି ନିର୍ମାଣ ସହ ୨୪ଘଣ୍ଟିଆ ରୋଗୀ ସେବା ଯୋଗାଇବା, ପର୍ଯ୍ୟଟନ କ୍ଷେତ୍ର ଚିଲିକାର ଉନ୍ନତି, ବାଲୁଗାଁ ବଜାର ମୁଖ୍ୟ ରାସ୍ତା ଓ ଗାନ୍ଧୀ ଛକଠାରୁ ଚିଲିକା କୂଳ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଆଦି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଥିଲେ । ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

---

## ଫନୀ କ୍ଷୟକ୍ଷତି: ଦାବି ପୂରଣ ନ ହେଲେ ଆନ୍ଦୋଳନ

**କୃଷ୍ଣପ୍ରସାଦ, ୩୧।୮(ଡି.ଏନ.ଏ.)**

ଫନୀ ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କୃଷ୍ଣପ୍ରସାଦ ଅଞ୍ଚଳର ବହୁ କ୍ଷୟକ୍ଷତି କରିଛି। ଏଭଳି ବିଭିନ୍ନ କାରଣରୁ ଚଳିତବର୍ଷ ହଜାର ହଜାର ଏକର ଚାଷଜମି ପଡ଼ିଆ ପଡ଼ିଛି । ବାତ୍ୟାର ୪ ମାସ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଚାଷୀ ଓ ଅନ୍ୟ ହିତାଧିକାରୀଙ୍କୁ ବିଶେଷ ସହାୟତା ମିଳିପାରି ନାହିଁ। ତେଣୁ କୃଷକ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ଆନ୍ଦୋଳନ ମୁଣ୍ଡ ଟେକୁଛି । ସେମାନଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଧମକ ଦେଇଛନ୍ତି। ଅଧ୍ୟାପକ ଭକ୍ତିରଞ୍ଜନ ପଲାଇଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ ବ୍ଲକ ସାତପଡା ମା'ଗୁରୁବାଇ ମନ୍ଦିର ପରିସରଠାରେ ଶନିବାର ସଭା ଅନୁଷ୍ଠିତ ହୋଇଛି । ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଚାଷୀ ଓ ଅନ୍ୟମାନେ ଯୋଗଦେଇ ଥିଲେ ପ୍ରକାଶ କରିଥିଲେ। ଚାଷଜମି ନଷ୍ଟ ହେବା, ମତ୍ସ୍ୟଜୀବୀଙ୍କ ଡଙ୍ଗା ଓ ଜାଲ କ୍ଷତିଗ୍ରସ୍ତ ହେବା, ପଲିଥିନ୍ ପ୍ରଦାନ, ରିଲିଫ୍ ସହାୟତାରେ ଅନିୟମିତତା, ବିପନ୍ନଙ୍କୁ ଚୁଡା ଦିଆ ନ ଯାଇ ପ୍ରଶାସନ ତରଫରୁ କିଭଳି ମାଟିତଳେ ପୋତାଯିବା ଆଦି ବିଭିନ୍ନ ଘଟଣାକୁ ନେଇ ସମାବେଶରେ ଅଭିଯୋଗ ହୋଇଥିଲା। ତେଣୁ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆଇନଜୀବୀ ପ୍ରଭାସ ଚନ୍ଦ୍ର ରାୟ, କୃଷକ ନେତା ବିଭୁଦତ୍ତ ନାୟକ, ଗଦାଧର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

---

## କଳାବ୍ୟାଜ୍ ପିନ୍ଧି ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ଧାରଣା

**ଜଟଣୀ,୩୧।୮(ଡି.ଏନ.ଏ.)**

ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସରେ କଳାବ୍ୟାଜ୍ ପିନ୍ଧି ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ କଳାଦିବସ ପାଳନ କରିଥିଲେ। ଅବସର ଗ୍ରହଣର ଦୀର୍ଘଦିନ ପରେ ବକେୟା ପ୍ରାପ୍ୟ ଓ ପୂର୍ଣ୍ଣ ପେନ୍‌ସନ ପ୍ରଦାନ କରାଯାଉ ନ ଥିବାରୁ ଏପରି ଉପାୟରେ ସଂଘ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଅନେକ ଥର ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ଓ ଆନ୍ଦୋଳନ ସତ୍ତ୍ୱେ ସେମାନଙ୍କ ଦାବିପୂରଣ ହେଉ ନ ଥିବାରୁ ସ୍ୱାୟତ୍ତ ଶାସନ ଦିବସକୁ କଳାଦିବସ ଭାବେ ପାଳନ କରାଯାଇଥିବା ନେଇ ସଂଘର ସଭାପତି ସୁବ୍ରତ କୁମାର ନନ୍ଦ କହିଛନ୍ତି। ପରେ ଧାରଣାସ୍ଥଳକୁ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ପହଞ୍ଚି ଆନ୍ଦୋଳନକାରୀ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ବୁଝାଶୁଝା କରିବା ସହ ପ୍ରାପ୍ୟ ପ୍ରଦାନ ପାଇଁ ପ୍ରକ୍ରିୟା ଚାଲିଥିବା କହିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଅବସରପ୍ରାପ୍ତ କର୍ମଚାରୀମାନେ କଳା ବ୍ୟାଜ୍ ପିନ୍ଧି ବସିଛନ୍ତି।

---

■ ଖୋର୍ଦ୍ଧାରେ ସ୍ୱାୟତ୍ତ ଶାସନ ଦିବସ

# ପ୍ଲାଷ୍ଟିକମୁକ୍ତ ହେବ ସହର

**ଖୋର୍ଦ୍ଧା ଅଫିସ,୩୧।୮**

■ପରିମଳରେ ଆସିବ ସୁଧାର

■ହାବେଳିଠାରେ ଥଇଥାନ ହେବେ ଉଠା ଦୋକାନୀ

ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତ ଯୋଗଦେଇ କହିଥିଲେ, ଖୋର୍ଦ୍ଧା ସହରରେ ବିକାଶ ଚାଲିଛି। ଉଠାଦୋକାନୀଙ୍କୁ ହାବେଳୀଠାରେ ଥଇଥାନ କରାଯିବାକୁ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବାକୁ ଯାଉଛି। ସେହିପରି ଟିଏଲ୍‌ସି ରୋଡ ସାଇଡରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଛୋଟ ଛୋଟ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ପ୍ଲାଷ୍ଟିକ ମୁକ୍ତ ସହର ରୂପେ ଖୋର୍ଦ୍ଧା ପରିଚିତ ହେବ। ସହରର ପରିମଳ ସେବାରେ ସୁଧାର ଆସିବ। ପିଡି ଡିଆରଡିଏ ଦିଗନ୍ତ ରାଉତରାୟ କହିଥିଲେ, ସ୍ଥାନୀୟ ଲୋକଙ୍କ ସହଯୋଗ ନ ମିଳିଲେ ସରକାରୀ ଉନ୍ନୟନ କାର୍ଯ୍ୟର ସୁଫଳ ମିଳିବ ନାହିଁ। ପୌର ପରିଷଦ ନିର୍ବାହୀ ଅଧିକାରୀ କହିଥିଲେ ପୌରାଞ୍ଚଳରେ ସଫେଇ ଠିକ୍ ଭାବେ ଚାଲିଛି। ସ୍ପ୍ରେ ମେଶିନ ସାହାଯ୍ୟରେ ମଶା ମରାଯାଉଥିବାବେଳେ ଫନୀର ଆବର୍ଜନାକୁ ହଟାଇ ନିଆଯାଇଛି। ପ୍ଲାଷ୍ଟିକ ମୁକ୍ତ ସହରକୁ ଆଖି ଆଗରେ ରଖି ପ୍ଲାଷ୍ଟିକ, ପଲିଥିନ୍ ଜବତ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଖାଦ୍ୟ ସୁରକ୍ଷା ଆଇନ, ଆହାର ଠିକ୍‌ଠାକ ଚାଲିଛି। ବସ୍ତିବାସିନ୍ଦାଙ୍କୁ ଭୂ ଅଧିକାର ଦିଆଯାଇ ଜାଗା ମିଶନରେ ୮୦୪ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ ହୋଇଛି। ବସୁଧା ଯୋଜନାରେ ନରାଜ ପ୍ରକଳ୍ପ ଦ୍ୱାରା ପାନୀୟଜଳର ବ୍ୟବସ୍ଥା, ୪୨୫୭ ଲାଇଟ୍ ପଏଣ୍ଟକୁ ଏଲ୍‌ଇଡି ଲାଇଟ ମାଧମରେ ସମ୍ପୂର୍ଣ୍ଣ ଆଲୋକୀକରଣ କରାଯାଇଛି। ବିଗତ ୫୯ ବର୍ଷ ମଧ୍ୟରେ ପୌର ପରିଷଦ ଯଥା ସମ୍ଭବ ସେବା ଯୋଗାଇ ଆସୁଛି ବୋଲି କହିଥିଲେ। ପରିମଳକୁ ସୁଧାରିବାକୁ ଗୁରୁଜଙ୍ଗଠାରେ ୫୬ ଲକ୍ଷ ଟଙ୍କା ବ୍ୟୟରେ ମ୍ୟାଟେରିଆଲ ରିକୋଭରି ଫାସିଲିଟ୍ ବ୍ୟବସ୍ଥା କରାଯାଉଛି। ଏହି ଅବସରରେ ଟାଉନ ହଲଠାରେ ଏକ ସମ୍ମିଳନୀ କକ୍ଷ ଉଦ୍‌ଘାଟନ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁକୁନ୍ଦପ୍ରସାଦରେ ୨.୬୬ କୋଟି ଟଙ୍କାର ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ସେପ୍ଟେମ୍ବର, ୨୦୧୯




ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
-ସ୍ୱାମୀ ବିବେକାନନ୍ଦ



# ଦିବ୍ୟାଙ୍ଗଙ୍କ ଖୁସି ପାଇଁ 'ପ୍ରଫୁଲ୍ଲ'

## ଜିଲାର ୨୨,୪୦୬ ଦିବ୍ୟାଙ୍ଗଙ୍କ ଜୀବନ ଧାରଣ ମାନ ଉନ୍ନତ ହେବ

ପୁରୀ ଅଫିସ, ୩୧।୮

ଦିବ୍ୟାଙ୍ଗମାନେ ଯେପରି ସ୍ୱାବଲମ୍ବୀ ହୋଇପାରିବେ ସେଥିଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପିଡବ୍ଲ୍ୟୁଡିଏସ୍ ରିହାବିଲିଟେଶନ ଆଫ୍ଟର ଫନୀ ଆଣ୍ଡ ଅନ୍‌ଫୋଲ୍‌ଡିଂ ଲାଇଭ୍‌ସ (ପ୍ରଫୁଲ) ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କ ମୁହଁରେ ହସ ଫୁଟାଇବା ଲାଗି ପ୍ରସ୍ତୁତ ହୋଇଛି ଯୋଜନା। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବଲୱନ୍ତ ସିଂ ଏହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ ଏହା ପୂର୍ବରୁ ଅବା ପରେ ଦିବ୍ୟାଙ୍ଗମାନେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥାନ୍ତି। ତେଣୁ ବାତ୍ୟା ଫନୀ ପୂର୍ବରୁ ଦିବ୍ୟାଙ୍ଗମାନଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାତ୍ୟା ପରେ ମଧ ଦିବ୍ୟାଙ୍ଗମାନଙ୍କୁ ଥଇଥାନ କ୍ଷେତ୍ରରେ ପୁରୀ ଜିଲା ଏକ ଉଦାହରଣ ସୃଷ୍ଟି କରୁ ଏହି ଲକ୍ଷ୍ୟ ରଖାଯାଇ ପ୍ରଫୁଲ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏଥିରେ ଦିବ୍ୟାଙ୍ଗମାନଙ୍କ ଜୀବନ ଧାରଣ ମାନ କିପରି ଉନ୍ନତ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ୪ ପ୍ରକାର ଯେପରି ସାମାଜିକ ନିରାପତ୍ତା ଓ ସହାୟତା ବୃଦ୍ଧି, ଶିକ୍ଷା ଓ ଦକ୍ଷତା ବିକାଶ, ଗୃହ ଓ ଶୌଚାଳୟ ଏବଂ ଜୀବନ ଜୀବିକାର ମାନବୃଦ୍ଧି ଲାଗି ଦିବ୍ୟାଙ୍ଗମାନଙ୍କୁ ସହଯୋଗ କରାଯାଇପାରିବ।

ସାମାଜିକ ନିରାପତ୍ତା ଏବଂ ସହାୟତା ବୃଦ୍ଧି ମଧ୍ୟରେ ଜିଲାର ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ପ୍ରକାର ସାମାଜିକ ନିରାପତ୍ତା ଯୋଜନା ଯେପରି କି ପେନ୍‌ସନରେ ସାମିଲ, ସ୍ୱାସ୍ଥ୍ୟ ଶିବିର, ଆର୍ଥିକ ଦୃଷ୍ଟିକୋଣରୁ ସ୍ୱଚ୍ଛଳ ନ ଥିବା ଦିବ୍ୟାଙ୍ଗଙ୍କ ଲାଗି ଗଣ ବିବାହ ଆୟୋଜନ, ପେନସନ ସ୍କିମ୍‌ରେ ୩,୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବା ଲାଗି ବ୍ୟବସ୍ଥା ହୋଇଛି। ସେହିପରି ଦିବ୍ୟାଙ୍ଗଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ, ବୃତ୍ତି ସୁବିଧା, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇପାରିବ । ଦିବ୍ୟାଙ୍ଗମାନଙ୍କ ଲାଗି ଗୃହ ଓ ଶୌଚାଳୟ ନିର୍ମାଣ ହେବ। ପ୍ରାୟ ୫୦୦୦ ଦିବ୍ୟାଙ୍ଗଙ୍କ ପାଇଁ ଘର ତିଆରି କରାଯିବାକୁ ଯୋଜନା ହୋଇଛି। ସେହିପରି ଜୀବିକା ହରାଇଥିବା ଲୋକଙ୍କୁ ସହାୟତା ଯୋଗାଇ ଦିଆଯିବ। ଯେଉଁମାନେ ନିଜେ କିଛି କରିବାକୁ ଚାହିଁବେ ତେବେ ବ୍ୟାଙ୍କରୁ ସେମାନଙ୍କୁ ଅଳ୍ପ ସୁଧରେ ଟଙ୍କା ମିଳିପାରିବ । ବାତ୍ୟା ପରେ ଯେଉଁମାନେ ତାଙ୍କ ଜୀବିକା ହରାଇଛନ୍ତି ତାଙ୍କୁ ପୁନଶ୍ଚ ଥଇଥାନ କରାଯିବ। ଏଥିରେ ପ୍ରାୟ ୧ ହଜାର ଦିବ୍ୟାଙ୍ଗଙ୍କୁ ସାମିଲ କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ଜିଲାରେ ଚିହ୍ନଟ ହୋଇଥିବା ପ୍ରାୟ ୨୨,୪୦୬ ଦିବ୍ୟାଙ୍ଗଙ୍କ ଜୀବନ ଧାରଣର ମାନ କିପରି ଉନ୍ନତ ହୋଇପାରିବ ତାହା ଲକ୍ଷ୍ୟ ରଖାଯାଇଛି। ଗୋଟିଏ ବର୍ଷରେ ଏହି ପ୍ରକଳ୍ପ ଦ୍ୱାରା ଯେପରି ଦିବ୍ୟାଙ୍ଗମାନେ ଉପକୃତ ହେବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଜିଲାପାଳ କହିଥିଲେ ।

### ଭିକାରିମୁକ୍ତ ହେବ ପୁରୀ ସହର

ପୁରୀ ସହରରେ ପ୍ରାୟ ୫୬୨ଜଣ ଭିକାରି ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ଦିବ୍ୟାଙ୍ଗ। କିନ୍ତୁ ସହରକୁ ଭିକାରିମୁକ୍ତ କରାଯିବ। ବାହାର ରାଜ୍ୟରୁ ଆସିଥିବା ଭିକାରିଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇବାର ବ୍ୟବସ୍ଥା ହେବ ଏବଂ ଅନ୍ୟମାନଙ୍କୁ ଥଇଥାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ କ୍ରୀଡ଼ା ମନ୍ତ୍ରୀ

କୋଣାର୍କ, ୩୧।୮(ଡି.ଏନ୍.ଏ.)

କୋଣାର୍କ ଏନ୍‌ଏସି ପକ୍ଷରୁ ଶନିବାର ଆୟୋଜିତ ସ୍ୱାୟତ୍ତ ଶାସନ ଦିବସରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କୋଣାର୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ବେହେରା ଏନ୍‌ଏସିର ସମସ୍ତ କର୍ମଚାରୀଙ୍କୁ ନୂତନ ବସ୍ତ୍ର ବିତରଣ କରିବାସହ ପରିଷଦର କାର୍ଯ୍ୟାଳୟ ପରିସରରେ ଏକ ସଭାଗୃହର ଶିଳାନ୍ୟାସ କରିଥିଲେ। କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ଓ କୋଣାର୍କ ଏନ୍‌ଏସିର ମିଳିତ ଉଦ୍ୟମରେ ୨୬ଟି ବିଦ୍ୟାଳୟକୁ ଡଷ୍ଟବିନ୍ ଯୋଗାଇ ଦିଆଯାଇଥିଲା। କୋଣାର୍କର ପ୍ରତ୍ୟେକ ୱାର୍ଡରେ ଘରକୁ ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ ଯୋଜନାର କର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ। ଏହାପରେ ମନ୍ତ୍ରୀ ବେହେରା କୋଣାର୍କ ଏନ୍‌ଏସି ପରିସରରେ ୧୦ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲ୍, ବସଷ୍ଟାଣ୍ଡଠାରେ ୧୪ଲକ୍ଷ ଟଙ୍କା ବ୍ୟୟ ଆକଳନରେ ପ୍ରସ୍ତାବିତ ଶୌଚାଳୟର ଶିଳାନ୍ୟାସ କରିଥିଲେ। ଚନ୍ଦ୍ରଭାଗା ବେଳାଭୂମିରେ ଆସିଜେଡ୍‌ଏମ୍‌ଏ ଦ୍ୱାରା ପ୍ରସ୍ତାବିତ ପର୍ଯ୍ୟଟକ ଚିତ୍ତବିନୋଦନ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା

ପୁରୀ ଅଫିସ, ୩୧।୮: ପବିତ୍ର ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥିରେ ଶନିବାର ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମଦନମୋହନ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏହାପରେ ଠାକୁରଙ୍କ ସମ୍ମୁଖରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଥିଲା। ଶୀତଳ ଭୋଗ ବନ୍ଦାପନା ପରେ ମଦନମୋହନ ବାହୁଡ଼ା ବିଜେ କରିଥିଲେ। ରବିବାର ଅନ୍ଧ ଲୀଳା ନୀତି ସମ୍ପନ୍ନ ହେବ। ଦାବାଗ୍ନି ଲୀଳା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଦାବାଗ୍ନି ଶବ୍ଦର ଅର୍ଥ ବନ ବହ୍ନି। ଯେତେବେଳେ ଭଗବାନ ଶ୍ରୀକୃଷ୍ଣ କାଳୀୟଦଳନ କଲେ ସେଦିନ କୌଣସି ଗୋପୀ ଗୋପାଳ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ସମସ୍ତେ ଯମୁନା ନଦୀ କୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହିଦିନି ରାତିରେ ପ୍ରଚଣ୍ଡ ବେଗରେ ଦାବାଗ୍ନି ପ୍ରଜ୍ୱଳିତ ହେଲା। ତାହା ଏତେ ପ୍ରଚଣ୍ଡ ଥିଲା ଯାହାକୁ ଦେଖି ନନ୍ଦ, ଯଶୋଦା, ଗୋପୀ ଗୋପାଳ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ତେଣୁ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ପଶିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ସେହି ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଜଙ୍ଗଲ ରକ୍ଷା ପାଇଯାଇଥିଲା। ମହାପ୍ରଭୁଙ୍କର ଏହା ଅନ୍ୟ ଏକ ଲୀଳା, ଯାହା ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି।

### ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ପୁରୀ ଅଫିସ,୩୧।୮ : କଳିଙ୍ଗ ବୈଶ୍ୟ ସଂଘ ଆନୁକୂଲ୍ୟରେ ନାରାୟଣ ହେଲ୍ଥ ଗ୍ରୁପ୍ ବାଙ୍ଗାଲୋର ଓ କୋଲକାତାସ୍ଥିତ ରବୀନ୍ଦ୍ର ଟାଗୋର ହୃଦ ବିଜ୍ଞାନ କେନ୍ଦ୍ର ସହଯୋଗରେ ଦୋଳମଣ୍ଡପ ସାହି କଳିଙ୍ଗ ବୈଶ୍ୟଭବନ ପରିସରରେ ଶନିବାର ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସଂଘ ସଭାପତି କେ. ଶିବନାରାୟଣ ସେନାପତି, ସମ୍ପାଦକ ଏ. ଜୟଦେବ ନାୟକ ଉଦ୍‌ଘାଟନ କରିଥିଲେ। ଡା. ମହମ୍ମଦ ମାଟିନ୍, ଡା. ଆକାଶ ହରକାଚାନ୍ଦ ଶାହା ଏବଂ ପାରା ମେଡିକାଲ ଷ୍ଟାଫ ହୃଦରୋଗ ସମେତ ମଧୁମେହ, ରକ୍ତଚାପ, ଭେଷଜ, ଅସ୍ଥିଶଲ୍ୟ ଆଦି ରୋଗୀଙ୍କ ଚିକିତ୍ସା କରିଥିଲେ। ସମର୍ପଣ ସମ୍ପାଦିକା ଜୟନ୍ତୀ ମହାପାତ୍ର, ସାମାଜିକ କର୍ମୀ ବଦ୍ରି ମଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରିଚାଳନାରେ ସଂଘ ସଦସ୍ୟ ବିଭୂଦତ୍ତ ସୁବୁଦ୍ଧି, ପ୍ରକାଶ ଚନ୍ଦ୍ର ପାତ୍ର, ବ୍ରଜକିଶୋର ନାୟକ, ଉପେନ୍ଦ୍ର ନାୟକ, ବଦ୍ରୀନାଥ ପାତ୍ର, ଚିତ୍ତରଞ୍ଜନ ପାତ୍ର, ରଘୁନାଥ ପାତ୍ର, ନାରାୟଣ ପାତ୍ର, କେଦାର ନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ସାହିତ୍ୟ ଆସର ଓ କବିତା ପାଠୋତ୍ସବ

ପୁରୀ ଅଫିସ,୩୧।୮: ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଶନିବାର ଚନ୍ଦ୍ରଶେଖର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପରିଷଦର ସଭାପତି ପ୍ରତିମା ମିଶ୍ର ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ବଳରାମ ଦାସ, ସାହିତ୍ୟିକ ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ରମାକାନ୍ତ ମହାପାତ୍ର, ଆର୍ତ୍ତତ୍ରାଣ ମାନସିଂ, ଉଷା ଦେବୀ, ବିଚିତ୍ରା ଦାଶ, ସଦାଶିବ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ନାରାୟଣ ନନ୍ଦ, ଶକୁନ୍ତଳା ଚିନରା, ମଞ୍ଜୁଶ୍ରୀ ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ଆଶାଲତା ପ୍ରଧାନ, ସୁବାସ ଚନ୍ଦ୍ର ମିଶ୍ର, ମୀନତି ପଟ୍ଟନାୟକ, ଆଲୋକ ଦାଶ, ନିରଞ୍ଜନ ମହାରଣା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ସମ୍ପାଦକ ସତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କାର ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

ଖୋର୍ଦ୍ଧା ଅଫିସ, ୩୧।୮: ବାଣପୁର ବାଲୁଗାଁ ରାସ୍ତାର ଅଲାଇଡିହ ଛକ ନିକଟରେ ଶନିବାର ରାତ୍ରି ସାଢ଼େ ୮ଟାରେ କାର ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି। ରାସ୍ତା ଉପରେ ବିଦ୍ୟୁତ ତାର ଛିଣ୍ଡି ଯାଇ ପଡିଛି। ରାତ୍ରି ପ୍ରାୟ ସାଢେ ଆଠଟାରେ (ନଂ. ଓଡି୦୨ଜେ ୭୧୦୦) ବିଶିଷ୍ଟ କାରଟି ବାଣପୁରରୁ ବାଲୁଗାଁ ଅଭିମୁଖେ ଯାଉଥିଲା। ଏ ସମୟରେ ରାସ୍ତାରେ ଥିବା ଅଲାଇଡିହ ଛକ ନିକଟରେ କାର ଚାଳକ ନିୟନ୍ତ୍ରଣ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ କାର ଚାଳକ ଆହତ ହୋଇଥିଲେ।

■ପୁରୀ ଜିଲାର ଅପରାଧ ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ଡିଜିପି

# 'ଲୋକଙ୍କ ଆସ୍ଥାଭାଜନ ହେଉ ପୋଲିସ'





ସମୀକ୍ଷା ବୈଠକରେ ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ଡିଆଇଜି ଆଶିଷ କୁମାର ସିଂ ଏବଂ ଅନ୍ୟ ପୋଲିସ ଅଧିକାରୀମାନେ।

ପୁରୀ ଅଫିସ, ୩୧।୮

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ବିଜୟ କୁମାର ଶର୍ମା ଶନିବାର ପୁରୀ ଗସ୍ତରେ ଆସି ଜିଲା ପୋଲିସ ମୁଖ୍ୟାଳୟରେ ଅପରାଧ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲାରେ ଆପରାଧିକ ହାର ଓ ଏହା ରୋକିବା ସମେତ 'ମୋ ସରକାର' କାର୍ଯ୍ୟକ୍ରମ ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି। ଜିଲାରେ ଚଳିତବର୍ଷ କେତେ ସଂଖ୍ୟକ କେସ୍ ରୁଜୁ ହୋଇଛି, କେତୋଟିର ତଦନ୍ତ ସରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ କେତେ କେସ୍ ପଡ଼ିରହିଛି ସେ ସଂକ୍ରାନ୍ତରେ ବିଭିନ୍ନ ଥାନା ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। 'ମୋ ସରକାର' କାର୍ଯ୍ୟକ୍ରମ କିପରି ଫଳପ୍ରଦ ହୋଇପାରିବ ସେନେଇ ମଧ ଆଲୋଚନା କରିଥିଲେ। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଭଲ ବ୍ୟବହାର ଦେଖାଇବା, ଲୋକଙ୍କ ନିକଟତର ଓ ଆସ୍ଥାଭାଜନ ହେବା ଲାଗି ସେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଏସ୍‌ପି ଉମାକାନ୍ତ ଦାଶ କହିଥିଲେ, ବର୍ତ୍ତମାନ ଏକ ପରିବର୍ତ୍ତନର ସମୟ ଆସିଛି। ସମସ୍ତଙ୍କୁ ଏହି ସ୍ରୋତରେ ସାମିଲ ହେବାକୁ ପଡ଼ିବ। ପୋଲିସ ହେଉଛି ଜନତାର ବନ୍ଧୁ, ଏହି ଆଶା ଓ ବିଶ୍ୱାସ ଲୋକଙ୍କ ମଧ୍ୟରେ ଜାଗ୍ରତ କରିବାକୁ ହେବ। ତାହାହେଲେ ପୋଲିସ ପ୍ରତି ଲୋକଙ୍କ ଭଲ ମନୋଭାବ ସୃଷ୍ଟି ହୋଇପାରିବ। ସେହିପରି ଡିଆଇଜି ଆଶିଷ କୁମାର ସିଂ କହିଥିଲେ, ସେବା ମନୋଭାବ ନେଇ କାର୍ଯ୍ୟ କଲେ ଲୋକଙ୍କ ହୃଦୟ ଜିଣିହେବ। ଅଭିଯୋଗକାରୀଙ୍କ ପାଖକୁ ଯାଇ ସମସ୍ୟା ବୁଝିଲେ ଜନ ଆକ୍ରୋଶକୁ ଏଡ଼ାଯାଇପାରିବ। ଏହି ସମୀକ୍ଷା ବୈଠକରେ ଡିଆଇଜି, ଏସ୍‌ପିଙ୍କ ସମେତ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ପରେ ଡିଜିପି ଶର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ରାଜ୍ୟ ସରକାର ସମ୍ପ୍ରତି 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଥାନାରେ ଅଭିଯୋଗକାରୀଙ୍କ ପ୍ରତି ପୋଲିସର କିପରି ବ୍ୟବହାର ରହୁଛି, କୌଣସି କେସ୍‌ର ତଦନ୍ତକୁ ନେଇ ଅଭିଯୋଗକାରୀ କେତେ ସନ୍ତୁଷ୍ଟ ତାହାର ସମୀକ୍ଷା ଓ ମାର୍କିଂ କରାଯିବ। ଅଭିଯୋଗକାରୀମାନେ ପୋଲିସକୁ ମାର୍କ ଦେବେ। ଏହାକୁ ଆଧାର କରି ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଥାନାକୁ ଅଭିଯୋଗ ନେଇ ଆସୁଥିବା ଅଭିଯୋଗକାରୀଙ୍କ ସହ ପରବର୍ତ୍ତୀ ସମୟରେ ଯୋଗାଯୋଗ କରାଯିବ। ପରେ ରାଜ୍ୟ ପୋଲିସ କାର୍ଯ୍ୟାଳୟରୁ ତାଙ୍କ ଫୋନ୍‌କୁ ଏକ କଲ ଯିବ। ଥାନାରେ ତାଙ୍କ ପ୍ରତି ବ୍ୟବହାର, ତଦନ୍ତର ଦିଗ, କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ କରାଯିବ। ପ୍ରତି ପ୍ରଶ୍ନରେ ସେ ୧ରୁ ୫ ମାର୍କ ଦେବେ। ଏହି ମାର୍କ ମାପିବ ଥାନାଧିକାରୀଙ୍କ ଦକ୍ଷତା। ଏଣିକି ଅନଲାଇନରେ ଏତଲା ମଧ ଦାଖଲ କରାଯାଇପାରିବ ବୋଲି ଡିଜିପି ସୂଚନା ଦେଇଥିଲେ।

### ଭାଜପା ସମବାୟ ସେଲ୍ ବୈଠକ

ପୁରୀ ଅଫିସ,୩୧।୮

ଭାରତୀୟ ଜନତା ପାର୍ଟି ପୁରୀ ଜିଲା ସମବାୟ ସେଲର ବୈଠକ ଏକ ହୋଟେଲରେ ଶନିବାର ଅନୁଷ୍ଠିତ ହୋଇଥିଲା। ସେଲ୍ ସଭାପତି ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ରାଜ୍ୟ ସଂଯୋଜକ ପବିତ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମବାୟ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସମବାୟ ପ୍ରେମୀଙ୍କୁ ଏକତ୍ରିତ କରିବା ଲାଗି ସଂକଳ୍ପ ନେଇଥିଲେ। ଫନୀରେ କ୍ଷତିଗ୍ରସ୍ତ ସମବାୟ ସଂସ୍ଥାକୁ ଅନୁଦାନ ଯୋଗାଇଦେବା ଲାଗି ଦାବି ଉପସ୍ଥାପନ ହୋଇଥିଲା। ବୈଠକରେ ଶଙ୍କର ପରିଡ଼ା, ପ୍ରଭଞ୍ଜନ ମହାପାତ୍ର, ଚଣ୍ଡିପ୍ରସାଦ ସିଂ,ପର୍ଶୁରାମ ମହାପାତ୍ର, ଜ୍ୟୋତି ମହାପାତ୍ର, ସଚ୍ଚିନ୍ଦ୍ର ବାନାର୍ଜୀ, ବିଶ୍ୱନାଥ ରାଓ, ମାନସୀ ଶ୍ରୀଚନ୍ଦନ, ଧୀରେନ ରାୟ, ରବି ନାରାୟଣ ଦାଶ, ବୃନ୍ଦାବନ ବେହେରା, ସୁରଥ ଦଳେଇ, ବିଶ୍ୱମ୍ବର ସାମନ୍ତରାୟ ଉପସ୍ଥିତ ଥିଲେ।

### ଯୁବତୀ ନିଖୋଜ ଅଭିଯୋଗ

ବେଗୁନିଆ,୩୧।୮(ଡି.ଏନ.ଏ.)

ବେଗୁନିଆ ଥାନା ଅଞ୍ଚଳରୁ ଜଣେ ଯୁବତୀଙ୍କ ପତ୍ତା ମିଳୁ ନ ଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଯୁବତୀ ଜଣକ ଶୁକ୍ରବାର ମଧ୍ୟାହ୍ନରେ ନିଜ ବାଡି ପଟକୁ ଯାଇଥିଲେ। ମାତ୍ର ଘରକୁ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜା ଖୋଜିକରି ନିରାଶ ହେବା ପରେ ଥାନାର ଆଶ୍ରୟ ନେଇଥିଲେ।

# ୫ ମାସ ହେଲା ଦରମା ମିଳିନି

## ମେଡିକାଲ କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ





ଖବରଦାତା ସମ୍ମିଳନୀରେ ମେଡିକାଲ ଠିକା କର୍ମଚାରୀ ସଂଘର ସଦସ୍ୟମାନେ।

ପୁରୀ ଅଫିସ, ୩୧।୮

୧୩ ଦଫା ଦାବି ନେଇ ମେଡିକାଲ ଠିକା କର୍ମଚାରୀ ସଂଘ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଶନିବାର ଜିଲା ମୁଖ୍ୟଚିକିତ୍ସାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ସଭାପତି ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ କହିଲେ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସାକ୍ଷୀଗୋପାଳ, ନିମାପଡ଼ା, ଚନ୍ଦନପୁର, ଅସ୍ତରଙ୍ଗ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦୩ରୁ ଜିଲା ସ୍ୱାସ୍ଥ୍ୟ ସମିତି(ଜିଏସ୍‌ଏସ୍) ରୋଗୀ କଲ୍ୟାଣ ସମିତି (ଆର୍‌କେଏସ୍)ରେ ୬୨ଜଣ କର୍ମଚାରୀ କାମ କରି ଆସୁଛନ୍ତି। ଆଉଟ ସୋର୍ସିଂ ଠିକାଦାର ସଂସ୍ଥା ଅଧୀନରେ ୧୦୩ଜଣ କାମ କରୁଛନ୍ତି। ସେମାନଙ୍କୁ ଇପିଏଫ୍/ଇଏସ୍‌ଆଇ ଓ ଡ୍ରେସ କୋର୍ଡ ଦିଆଯାଉନାହିଁ। ସେମାନେ ଦୈନିକ ମାତ୍ର ୧୫୦ଟଙ୍କାରେ ଖଟୁଛନ୍ତି। କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ୫ମାସର ଦରମା ଦିଆଯାଇନାହିଁ। ୧୬ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମେଡିକାଲରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରଙ୍କ ମଞ୍ଜୁରପ୍ରାପ୍ତ ୬୨ଟି ପଦବୀରେ ଠିକା ଓ ଅସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଗଲାନାହିଁ। ଅନ୍ୟପଟେ ୮ଜଣ କର୍ମଚାରୀଙ୍କୁ ଉତ୍କୋଚ ନିଆଯାଇ ବିଭିନ୍ନ ବିଭାଗରେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର। ନିର୍ମଳ ଯୋଜନାରେ ଠିକା କର୍ମଚାରୀଙ୍କୁ ସୁଯୋଗ ଦିଆ ନ ଯାଇ ଏକ କଳା ତାଲିକାଭୁକ୍ତ କମ୍ପାନୀକୁ ଠିକା ଦିଆଯାଇଛି। ଆଉଟ୍ ସୋର୍ସିଂ କମ୍ପାନୀଗୁଡ଼ିକ ଠିକା କର୍ମଚାରୀଙ୍କ ବକେୟା ଟଙ୍କା ନ ଦେଇ କାମରେ ଖଟାଉଛନ୍ତି। ପ୍ରତିବାଦ କଲେ, ଚାକିରିରୁ ଛଟେଇ ଧମକ ଚମକ ଦେଉଛନ୍ତି ବୋଲି ସଂଘ ସଭାପତି ରାୟଗୁରୁ କହିଛନ୍ତି। ପୂର୍ବରୁ ଠିକା ନେଇଥିବା କମ୍ପାନୀଠାରୁ ଇପିଏଫ ଓ ଇଏସଆଇ ଆଦାୟ, ବକେୟା ଦରମା, କଳାତାଲିକା ଭୁକ୍ତ କମ୍ପାନୀର ଟେଣ୍ଡର ବାତିଲ, ସମାନ କାମକୁ ସମାନ ମଜୁରି, ଚିକିତ୍ସାଳୟରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଲାଗି ସଂଘ ଦାବି କରିଛି। ଖବରଦାତା ସମ୍ମିଳନୀରେ ସଂଘ କାର୍ଯ୍ୟକାରୀ ସଭାପତି ତ୍ରିନାଥ ଭୋଇ ଓ ସାଧାରଣ ସମ୍ପାଦକ ଅନିଲ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ୧୦ରୁ କାର୍ଯ୍ୟକ୍ଷମ ହେବ ୱାର୍ଡ ଅଫିସ୍

ନିମାପଡ଼ା,୩୧।୮(ଡି.ଏନ୍.ଏ.)

ନିମାପଡ଼ା ଏନଏସି ପକ୍ଷରୁ ଶନିବାର ସ୍ୱାୟତ୍ତ ଶାସନ ଦିବସ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଆସନ୍ତା ୧୦ତାରିଖରୁ ଏନଏସିରେ ନବଗଠିତ ୱାର୍ଡ ଅଫିସର ଅଫିସ କାର୍ଯ୍ୟକ୍ଷମ ହେବା ସହ ନୂତନ ଭାବେ ନିଯୁକ୍ତ ୱାର୍ଡ ଅଫିସରମାନେ ପୌରବାସୀଙ୍କ ବିଭିନ୍ନ ସମସ୍ୟାକୁ ବୁଝି ଠିକ କାର୍ଯ୍ୟରେ ରୂପାନ୍ତରିତ କରିବେ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟ ଅତିଥି ଭାବେ ଶିକ୍ଷାବିତ ଅନିଲ ବିଶ୍ୱାଳ ଯୋଗଦେଇଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ ଦାସ ଉତ୍ସବରେ ଅଧକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବାରବାଟୀ ପଡିଆରେ ବୃକ୍ଷରୋପଣ କରାଯାଇଥିବାବେଳେ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳବଣ୍ଟନ, ଜାତିର ପିତା ମହାତ୍ମା ଗାନ୍ଧୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତି ଓ ଶହୀଦସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ସ୍କୁଲ କଲେଜର ଏନସିସି, ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ମୁକ୍ତ ସମ୍ପର୍କରେ ଏକ ସଚେତନତା ରାଲି କରିଥିଲେ। ଉତ୍ସବରେ ୨୩ଜଣ ଦିବ୍ୟାଙ୍ଗଙ୍କୁ ମନ୍ତ୍ରୀ ଦାଶ ଭତ୍ତା ପ୍ରଦାନ କରିଥିଲେ। ଏହି ସମାରୋହରେ ପୂର୍ବତନ ଏନଏସି ଅଧକ୍ଷ, ଉପାଧକ୍ଷା, କାଉନସିଲରମାନଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟବ୍ୟକ୍ତିମାନେ ଯୋଗଦେଇଥିଲେ।

■ ବାଲୁଖଣ୍ଡ ଅଭୟାରଣ୍ୟକୁ ମନ୍ତ୍ରୀଙ୍କ ଅଚାନକ ଗସ୍ତ

# ନଭେମ୍ବରର ସୁଦ୍ଧା ପ୍ରକୃତି ନିବାସ କାର୍ଯ୍ୟକ୍ଷମ କର

ଭୁବନେଶ୍ୱର, ୩୧।୮(ବ୍ୟୁରୋ)



ବାଲୁଖଣ୍ଡ ଅଭୟାରଣ୍ୟ ପରିଦର୍ଶନ କରୁଛନ୍ତି ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।

ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ନୂଆନଇଠାରେ ଅବସ୍ଥିତ ପ୍ରକୃତି ନିବାସ ବାତ୍ୟା 'ଫନୀ' ରେ କ୍ଷତିଗ୍ରସ୍ତ ହୋଇଥିବାରୁ ତୁରନ୍ତ ଏହାର ମରାମତି, ପୁନରୁଦ୍ଧାର ଓ ନବୀକରଣ କରାଯିବ। ନଭେମ୍ବର ସୁଦ୍ଧା ଏହାର କାର୍ଯ୍ୟ ସାରିବା ସହ ପର୍ଯ୍ୟଟକଙ୍କ ନିମନ୍ତେ କାର୍ଯ୍ୟକ୍ଷମ କରିବାକୁ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ପୂର୍ବାହ୍ନରେ ମନ୍ତ୍ରୀ ଆରୁଖ ପୁରୀ–କୋଣାର୍କ ବେଳାଭୂମିରେ ଅବସ୍ଥିତ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଅଚାନକ ଗସ୍ତ ସମୟରେ ନୂଆନଇଠାରେ ସମୀକ୍ଷା ବୈଠକ କରି ବନବିଭାଗର ଅଧିକାରୀମାନଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଆରୁଖ ଅଭୟାରଣ୍ୟ ଭିତରେ ବୁଲିବା ସହ ହରିଣମାନଙ୍କ ରହିବା ସ୍ଥାନ ଦେଖିଥିଲେ। ହରିଣମାନଙ୍କ ବର୍ତ୍ତମାନ ଅବସ୍ଥା ବିଷୟରେ ପଚାରି ବୁଝିବା ସହ ସେମାନଙ୍କ ସୁରକ୍ଷା ଏବଂ ଆବଶ୍ୟକ ଯତ୍ନ ନେବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ହରିଣମାନଙ୍କ ପାଇଁ ବର୍ତ୍ତମାନ ଥିବା ୧୨ଟି ଚାରଣ ଭୂମି ଯଥେଷ୍ଟ ହେଉ ନାହିଁ। ଅଧିକ ଚାରଣ ଭୂମି ସୃଷ୍ଟି କରିବା ସହ ତାରବାଡ଼ ଘେରାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଫେବୃୟାରୀ ସୁଦ୍ଧା ଗଣନା ଅନୁଯାୟୀ ଅଭୟାରଣ୍ୟରେ ୪୦୦୦ ହରିଣ ଥିଲେ। କିନ୍ତୁ ଫନୀ ଯୋଗୁ ବାଲୁଖଣ୍ଡରେ ବହୁ ଉପୁଡା ଗଛ ପଡି ରହିଥିବାରୁ ତୁରନ୍ତ ଏହାକୁ ସଫା କରି ପୁଣି ହରିଣ ଗଣନା କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବେଳାଭୂମି ଅଞ୍ଚଳରେ ହରିଣମାନେ ରାସ୍ତା ଅତିକ୍ରମ କରିବାବେଳେ ଯାନବାହନ ଦ୍ୱାରା ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦୀର୍ଘସ୍ଥାୟୀ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ହରିଣଙ୍କ ସୁରକ୍ଷା ପାଇଁ ଶିକାର ନିରୋଧ ସ୍କ୍ୱାଡ ଗଠନ କରିବାକୁ କହିଥିଲେ। ହରିଣମାନଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଚିକିତ୍ସା ଗୃହକୁ ନିୟମିତ ଭାବେ ପ୍ରାଣୀ ଚିକିତ୍ସକ ଆସୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ହରିଣମାନଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ଉପଲବ୍ଧ ହେଉଥିବାରୁ ଖୁସି ପ୍ରକଟ କରିଥିଲେ। ବାଙ୍ଗର ବିଟ୍ ହାଉସ୍‌ରେ ଅବସ୍ଥିତ ନର୍ସରିକୁ ମଧ ସେ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ହର୍ଷବର୍ଦ୍ଧନ ଉଦ୍‌ଗାତା, ବନବିଭାଗ ଓ ଅଭୟାରଣ୍ୟର କର୍ମଚାରୀମାନେ ଉପସ୍ଥିତ ଥିଲେ।